

ଘରୋଇ କମ୍ପାନୀକୁ କ୍ଷେପଣାସ୍ତ୍ର ହସ୍ତାନ୍ତର

ପୃଷ୍ଠା ୫


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 155 ଭାଗ ୩୪ | ସଂଖ୍ୟା ୧୫୫ | Wednesday 26 August 2026 | Page 8 Rs. 5.00 | ଭୁବନେଶ୍ୱର ବୁଧବାର, ୨୬ ଅଗଷ୍ଟ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


ଗୁଣିଗାରେଡ଼ି ବିଶ୍ୱାସର କରୁଣ ପରିଣତି

## ନିଃସନ୍ତାନ ଦୁଃଖ ଦୂର କରିବାକୁ ଯାଇ ଜୀବନ ଗଲା





ଗୁଣିଆ ଔଷଧ ଖାଇ ସ୍ୱାମୀ ଓ ସ୍ତ୍ରୀଙ୍କ ମୃତ୍ୟୁ

ଫୁଲବାଣୀ,୨୫।୮ (ସଂଚାର ବ୍ୟୁରୋ): ବ୍ୟାପକ ସରକାରୀ ସଚେତନତା ସତ୍ତ୍ୱେ ଗୁଣିଗାରେଡ଼ି ଉପରୁ ଲୋକଙ୍କ ବିଶ୍ୱାସ ତୁଟୁନି। ଆଉ ଏହାର କରୁଣ ପରିଣତି ମଧ୍ୟ ଦେଖିବାକୁ ମିଳୁଛି। ନିଃସନ୍ତାନ ଦୁଃଖ ଦୂର କରିବାକୁ ଯାଇ ଗୁଣିଆ ଔଷଧ ଖାଇ ସ୍ୱାମୀ ଓ ସ୍ତ୍ରୀଙ୍କ ଜୀବନ ଚାଲିଯାଇଛି। ଏଭଳି ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଅଞ୍ଚଳରେ।

ମିଳିଥିବା ତଥ୍ୟ ଅନୁସାରେ, ଉକ୍ତ ଅଞ୍ଚଳର ଏକ ଦମ୍ପତି ବିବାହର ୪ ବର୍ଷ ପରେ ମଧ୍ୟ କୌଣସି ସନ୍ତାନ ଲାଭ କରି ନ ଥିବାରୁ ସେମାନେ ଜଣେ ଗୁଣିଆକୁ ଭେଟି ଏହାର ଉପଚାର ମାଗିଥିଲେ ଏବଂ ପରେ ଗୁଣିଆ ଜଣଙ୍କ ଉପଚାର ପାଇଁ ଦେଇଥିବା ଔଷଧ ଖାଇ ସନ୍ତାନ ପ୍ରାପ୍ତି ସୁଖ ତ ମିଳିଲାନି, ବରଂ ଦମ୍ପତିଙ୍କ ଜୀବନ ଚାଲିଗଲା। ଘଟଣା ଦିନ ଗୁଣିଆ ଦେଇଥିବା ଔଷଧ ଖାଇ ପ୍ରଥମେ ସ୍ୱାମୀ ଓ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇଥିଲା ଏବଂ ଦୁଇ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବା ପରେ ଉଭୟଙ୍କୁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା, ଯେଉଁଠାରେ ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଦୁଇଟି ଆମ୍ବୁଲାନ୍ସରେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଥିଲା। କିନ୍ତୁ ବିଡ଼ମ୍ବନାର ବିଷୟ ଯେ ଏମକେସିଜି ହସ୍ପିଟାଲରେ ପହଞ୍ଚିବା ପରେ ସେଠାରେ ଉଭୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସାଧାରଣତଃ ଚିକିତ୍ସା ଓ ବିଜ୍ଞାନ କ୍ଷେତ୍ରରେ ମଣିଷ ଦିନକୁ ଦିନ ପାରଦର୍ଶିତା ଲାଭ କରୁଥିବା ବେଳେ ଗୁଣିଗାରେଡ଼ି ପରି କୁପ୍ରଥା ତଥା ଅନ୍ଧବିଶ୍ୱାସ ଉପରେ ଭରସା କରି ଅକାଳରେ ଏଭଳି ଜୀବନ ଯାଉଥିବା କୁହାଯାଉଛି। ସରକାରଙ୍କ ପକ୍ଷରୁ ଅନ୍ଧବିଶ୍ୱାସ ଉପରେ ଭରସା ନ କରିବାକୁ ବାରମ୍ବାର ସଚେତନତାର ବାର୍ତ୍ତା ଦିଆଯାଉଥିଲେ ମଧ୍ୟ ଏଭଳି ଘଟଣା ଘଟିବା ଏବେ ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।

# ଫୁଲୁଛି ମହାନଦୀ, ପୁଣି ବନ୍ୟା ଆଶଙ୍କା

୧୬ ଗେଟ୍‌ରେ ନିଷ୍କାସିତ ହେଉଛି ବନ୍ୟା ଜଳ

ଉତ୍ତର ଓଡ଼ିଶା ପରେ ଉପକୂଳ ଜିଲ୍ଲାକୁ ଭୟ

କମୁଛି ବୈତରଣୀ ଓ ସୁବର୍ଣ୍ଣରେଖା, ବଢୁଛି ବିପତ୍ତି



ଭୁବନେଶ୍ୱର,୨୫।୮ (ସଂଚାର ବ୍ୟୁରୋ): ରାଜ୍ୟବାସୀଙ୍କ ପାଇଁ ଏକ ବଡ଼ ଆଶ୍ୱସ୍ତିର ଖବର। ଉତ୍ତର ଓ ଦକ୍ଷିଣ ଓଡ଼ିଶାର ପ୍ରମୁଖ ନଦୀଗୁଡ଼ିକରେ ବର୍ତ୍ତମାନ ବନ୍ୟା ବିପଦ ଟଳିଯାଇଛି। ବୈତରଣୀ, ସାଳନ୍ଦୀ, ସୁବର୍ଣ୍ଣରେଖା ଓ ବ୍ରାହ୍ମଣୀ ନଦୀରେ ବନ୍ୟା ସ୍ଥିତି ନ ଥିବା ବେଳେ ବଂଶଧାରାର ଉପର ମୁଣ୍ଡରେ ସୃଷ୍ଟି ହୋଇଥିବା ଆକସ୍ମିକ ବନ୍ୟା ସ୍ଥିତିରେ ସୁଧାର ଆସିଛି। ତେବେ ଛତିଶଗଡ଼ରେ ପ୍ରବଳ ବର୍ଷା ଯୋଗୁଁ ମହାନଦୀରେ ଜଳସ୍ତର କ୍ରମଶଃ ବୃଦ୍ଧି ପୃଷ୍ଠା-୬

## ବୃଦ୍ଧଙ୍କୁ ଟାଣିନେଲା କୁମ୍ଭୀର



ଅଗ୍ନିଶମ ବାହିନୀ ପକ୍ଷରୁ ଖୋଜା ଚାଲିଛି

ରାଜକନିକା: ପୁଣି କେନ୍ଦ୍ରାପଡ଼ାରେ କୁମ୍ଭୀର ଆତଙ୍କ। ବିଗତ ଦିନରେ କୁମ୍ଭୀର ଆକ୍ରମଣ ନେଇ ଜିଲ୍ଲାରୁ ନିୟମିତ ଖବର ଆସୁଥିବା ବେଳେ ଆଜି ମଧ୍ୟ ଏପରି ଅଘଟଣ ଘଟିଛି। ଜଣେ ବୃଦ୍ଧ ଡଙ୍ଗାକୁ ଅପେକ୍ଷା କରି ଘାଟକୂଳେ ଥିବା ବେଳେ ତାଙ୍କୁ କୁମ୍ଭୀର ଟାଣିନେଇଛି। କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ଗଙ୍ଗାଧର ପ୍ରସାଦଡ଼ିଆ ଗାଁ ଖରସ୍ରୋତା ନଦୀକୂଳରେ ଅଘଟଣ ଘଟିଛି। ନିଖୋଜ ବୃଦ୍ଧ ହେଲେ ୬୦ ବର୍ଷୀୟ ପାରେଶ୍ୱର ବେହେରା। ନଦୀ ପାର ହେବାକୁ ଘାଟରେ ଡଙ୍ଗା ପାଇଁ ଠିଆ ହୋଇଥିବା ବେଳେ ଅଚାନକ ତାଙ୍କୁ କୁମ୍ଭୀର ଟାଣିନେଇଥିବା ଜଣାପଡ଼ିଛି। ଗଙ୍ଗାଧର ପ୍ରସାଦଡ଼ିଆ ପୃଷ୍ଠା-୬

ଓଡ଼ିଶା ପୁନର୍ବାସ ଓ ଥଇଥାନ ନୀତିରେ ସଂଶୋଧନ

## ବଢ଼ିଲା ପୁନର୍ବାସ ଅନୁଦାନ ହାର

ସଂଶୋଧିତ ସହାୟତା ପିଛିଲା ଭାବେ ଏପ୍ରିଲ ୧ରୁ ଲାଗୁ

ଭୁବନେଶ୍ୱର,୨୫।୮ (ସଂଚାର ବ୍ୟୁରୋ): ଓଡ଼ିଶା ପୁନର୍ବାସ ଓ ଥଇଥାନ ନୀତି, ୨୦୦୬ର ଧାରା ୧୩ ଅନୁଯାୟୀ ରାଜ୍ୟ ସରକାର ପୁନର୍ବାସ ଅନୁଦାନର ବିଭିନ୍ନ ଆର୍ଥିକ ହାରରେ ସଂଶୋଧନ କରିଛନ୍ତି। ଏହି ସଂଶୋଧିତ ହାର ଗତ ଏପ୍ରିଲ ୧ ତାରିଖରୁ ଆରମ୍ଭ ହୋଇ ଆସନ୍ତା ୨୦୨୮ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ। ସଂଶୋଧିତ ହାର ଅନୁଯାୟୀ, ସ୍ୱ-ପୁନର୍ବସତି (ପୁନର୍ବସତି କଲୋନୀ ବାହାରେ) ପାଇଁ ସହାୟତା ୧,୧୩,୧୨୮ ଟଙ୍କାରୁ ବୃଦ୍ଧି ପାଇ ୧,୧୬,୫୫୦ ଟଙ୍କା କରାଯାଇଛି। ସେହିପରି ଘର ନିର୍ମାଣ ସହାୟତା ୩,୩୯,୩୮୩ ଟଙ୍କାରୁ ବୃଦ୍ଧି ପାଇ ୩,୪୯,୬୫୦ ଟଙ୍କା ହୋଇଛି। ଶିଳ୍ପ ପ୍ରକଳ୍ପ ଯୋଗୁଁ ବିସ୍ଥାପିତ ପରିବାରଙ୍କୁ ନିଯୁକ୍ତି ବଦଳରେ ଏକକାଳୀନ ଆର୍ଥିକ ସହାୟତାରେ ମଧ୍ୟ ସଂଶୋଧନ କରାଯାଇଛି। ବର୍ଗ-୧ ପାଇଁ ଏହି ସହାୟତା ୧୧,୬୫,୫୦୦ ଟଙ୍କା, ବର୍ଗ-୨ ପାଇଁ ୬,୯୯,୩୦୦ ଟଙ୍କା, ବର୍ଗ-୩ ପାଇଁ ୪,୬୬,୨୦୦ ଟଙ୍କା ଏବଂ ବର୍ଗ-୪ ଓ ୫ ପାଇଁ ୨,୩୩,୧୦୦ ଟଙ୍କା ଧାର୍ଯ୍ୟ କରାଯାଇଛି।

ସେହିପରି ଖଣି ପ୍ରକଳ୍ପ ଯୋଗୁଁ ବିସ୍ଥାପିତ ପରିବାରଙ୍କୁ ନିଯୁକ୍ତି ବଦଳରେ ଏକକାଳୀନ ଆର୍ଥିକ ସହାୟତା ମଧ୍ୟ ଏହି ସମାନ ହାରରେ ସଂଶୋଧିତ ହୋଇଛି। ବର୍ଗ-୧ ପାଇଁ ୧୧,୬୫,୫୦୦ ଟଙ୍କା, ବର୍ଗ-୨ ପାଇଁ ୬,୯୯,୩୦୦ ଟଙ୍କା, ବର୍ଗ-୩ ପାଇଁ ୪,୬୬,୨୦୦ ଟଙ୍କା ଏବଂ ବର୍ଗ- ପୃଷ୍ଠା-୬

## ୨୨ରୁ ବିଧାନସଭାର ମୌସୁମୀ ଅଧିବେଶନ

ଭୁବନେଶ୍ୱର,୨୫।୮ (ସଂଚାର ବ୍ୟୁରୋ): ଆସନ୍ତା ସେପ୍ଟେମ୍ବର ୨୨ ତାରିଖରୁ ବିଧାନସଭାର ମୌସୁମୀ ଅଧିବେଶନ ଆରମ୍ଭ ହେବ। ଅଧିବେଶନରେ ମୋଟ ୯ଟି କାର୍ଯ୍ୟଦିବସ ରହିଛି। ଏନେଇ ବିଧାନସଭା ସଚିବାଳୟ ପକ୍ଷରୁ ରାଜ୍ୟ ସଂସଦୀୟ ବ୍ୟାପାର ବିଭାଗକୁ ଅବଗତ କରାଯାଇଛି। ସପ୍ତଦଶ ଓଡ଼ିଶା ବିଧାନସଭାର ସପ୍ତମ ଅଧିବେଶନ ଆସନ୍ତା ସେପ୍ଟେମ୍ବର ୨୨ରୁ ଆରମ୍ଭ ହୋଇ ଅକ୍ଟୋବର ୩ ତାରିଖ ପର୍ଯ୍ୟନ୍ତ ଚାଲିବା ପାଇଁ କାର୍ଯ୍ୟସୂଚୀ ଚୂଡ଼ାନ୍ତ ହୋଇଛି। ଏହି ସ୍ୱଳ୍ପକାଳୀନ ମୌସୁମୀ ଅଧିବେଶନରେ ମୋଟ ୮ଟି ସରକାରୀ କାର୍ଯ୍ୟ ଦିବସ ଓ ଗୋଟିଏ ବେସରକାରୀ କାର୍ଯ୍ୟ ଦିବସ ସାମିଲ ରହିଛି। ଆସନ୍ତା ସେପ୍ଟେମ୍ବର ୨୨, ୨୩ ଓ ୨୪ ତିନିଦିନ ସରକାରୀ କାର୍ଯ୍ୟଦିବସ ଧାର୍ଯ୍ୟ ହୋଇଛି। ୨୫ ତାରିଖ ବେସରକାରୀ କାର୍ଯ୍ୟଦିବସ ଭାବେ ଉଦ୍ଦିଷ୍ଟ ରହିବ ଓ ବିଲ୍ ଏବଂ ସଂକଳ୍ପ ଉପରେ ଆଲୋଚନା ହେବ। ସେହିପରି ଆସନ୍ତା ସେପ୍ଟେମ୍ବର ୨୬ ଓ ୨୭ ତାରିଖ ଦୁଇଦିନ ଶନିବାର ଓ ରବିବାର ଯୋଗୁ ଗୃହକାର୍ଯ୍ୟ ବନ୍ଦ ରହିବ। ସେପ୍ଟେମ୍ବର ୨୮, ୨୯ ଓ ୩୦ ସମେତ ଅକ୍ଟୋବର ୧ ତାରିଖରେ ସରକାରୀ କାର୍ଯ୍ୟ ସମ୍ପାଦନ ହେବ। ଅକ୍ଟୋବର ୨ ତାରିଖ ଗାନ୍ଧି ଜୟନ୍ତୀ ପାଇଁ ପୃଷ୍ଠା-୬

## ପନୀର ନୁହେଁ, ବିଷ ଖାଉଛନ୍ତି ଲୋକେ



ପାହାଲ ଛେନାର ମାନ ବି ସନ୍ଦେହରେ

ଧରପଗଡ଼ ବେଳେ ଦୋକାନୀ ଫେରାର୍

ବାଲେଶ୍ୱରରେ ପାଉଡରରୁ ହେଉଛି ପନିର

ଭୁବନେଶ୍ୱର,୨୫।୮ (ସଂଚାର ବ୍ୟୁରୋ): ନକଲି ଓ ଅପମିଶ୍ରିତ ପନିର ଓ ଛେନାକୁ ନେଇ ସାରା ରାଜ୍ୟରେ ଜାରି ରହିଛି ଧରପଗଡ଼। ଆଜି ପାହାଳ ମିଠା ମାର୍କେଟ୍‌ରେ ଅଚାନକ ରେଡ୍ କରିଥିଲା ବିଏମସି ଖାଦ୍ୟ ସୁରକ୍ଷା ଟିମ୍। ସାଥିରେ ଥିଲେ ଫୁଡ୍ ସେଫଟି ମୋବାଇଲ୍ ୟୁନିଟ୍। ଘଟଣାସ୍ଥଳରେ ହିଁ ଅସଲି-ନକଲିର ପରୀକ୍ଷା କରାଯାଇଥିଲା। ସମସ୍ତ ମିଠା ଦୋକାନରୁ ସାମ୍ପୁଲ୍ ସଂଗ୍ରହ କରି ଲାବ୍ କୁ ପଠାଯାଇଛି।

ତେବେ ଗୋଟିଏ ପଟେ ଯାଞ୍ଚ ଚାଲିଥିବା ବେଳେ ଅନ୍ୟପଟେ ଏକାଧିକ ମିଠା ଦୋକାନୀ ସଟର୍ ପକାଇ ଦୋକାନ ବନ୍ଦ କରି ଫେରାର୍ ହୋଇଯାଇଥିଲେ। ଅନେକ ଦୋକାନ ବନ୍ଦ ଥିବା ଦେଖି ସନ୍ଦେହ ପ୍ରକଟ କରିଛି ଖାଦ୍ୟ ସୁରକ୍ଷା ବିଭାଗ। ଆଗକୁ ସରପ୍ରାଇଜ୍ ରେଡ୍ କରାଯିବ ବୋଲି କହିଛନ୍ତି ଫୁଡ୍ ସେଫ୍ଟି ଅଫିସର୍। କେବଳ ପାହାଳ ନୁହେଁ କେନ୍ଦ୍ରାପଡ଼ା ପୃଷ୍ଠା-୬

ଓଡ଼ିଶା ପ୍ରଶାସନିକ ସ୍ତରରେ ଅଦଳବଦଳ

## ସଞ୍ଜୟ ବିଶ୍ୱାଳ ସୂଚନା ଲୋକ ସମ୍ପର୍କ ନିର୍ଦ୍ଦେଶକ

୭ ଆଇଏଏସ ଅଫିସରଙ୍କୁ ମିଳିଲା ନୂଆ ଦାୟିତ୍ୱ

ଭୁବନେଶ୍ୱର,୨୫।୮ (ସଂଚାର ବ୍ୟୁରୋ): ରାଜ୍ୟ ପ୍ରଶାସନିକ ସ୍ତରରେ ସ୍ୱଚ୍ଛତା ଓ ସଫଳତା ଆଣିବା ଲକ୍ଷ୍ୟରେ ଆଜି ରାଜ୍ୟ ସରକାର ଆଇଏଏସ୍ ସ୍ତରରେ ଏକ ଅଦଳବଦଳ କରିଛନ୍ତି। ସ୍ୱରାଷ୍ଟ୍ର, ବିଦ୍ୟାଳୟ ଓ ମାଧ୍ୟମିକ ଶିକ୍ଷା, ସୂଚନା ଓ ଲୋକସମ୍ପର୍କ, ଅବକାରୀ ଓ ଜଙ୍ଗଲ ବିଭାଗ ଭଳି କେତେକ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ୭ ଜଣ ଆଇଏଏସ ଅଫିସରଙ୍କୁ ନୂଆ ଦାୟିତ୍ୱ ପ୍ରଦାନ କରାଯାଇଛି।

ବୀରେନ୍ଦ୍ର କୋରକୋରା ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ପଦରୁ ବଦଳି ହୋଇ ସ୍ୱରାଷ୍ଟ୍ର ବିଭାଗର ଅତିରିକ୍ତ ଶାସନ ସଚିବ ଭାବେ ନିଯୁକ୍ତି ପାଇଛନ୍ତି। ସ୍ୱରାଷ୍ଟ୍ର ବିଭାଗର ଅତିରିକ୍ତ ଶାସନ ସଚିବରୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପୃଷ୍ଠା-୬

## ସୁଜାତା ଗଢୁଛନ୍ତି ନୂଆ ଟିମ୍



ସବୁ ଶାଖାର ନବକଳେବର

ବରିଷ୍ଠ ଓ ନବାଗତଙ୍କୁ ସୁଯୋଗ

ଭୁବନେଶ୍ୱର,୨୫।୮ (ସଂଚାର ବ୍ୟୁରୋ): ବିଜେଡିରେ ଯୋଗ ଦେବାପରେ ପୂର୍ବତନ ଆଇଏଏସ୍ ଅଫିସର ଏବେ ତାଙ୍କର ଟିମ୍ ଗଠନ କରିବାରେ ଲାଗିଛନ୍ତି। ପ୍ରତି ଜିଲ୍ଲାରେ ବିଭିନ୍ନ ଶାଖାର ଚାଲିଛି ପୁର୍ନବିନ୍ୟାସ। ଯୁବ, ଛାତ୍ର, ଶ୍ରମିକ, ସଂଖ୍ୟାଲଘୁ ଠାରୁ ଆରମ୍ଭ କରି ମହିଳା ଶାଖା ପର୍ଯ୍ୟନ୍ତ ପ୍ରାୟ ସବୁ ସ୍ତରରେ ନୂଆ ମୁହଁକୁ ସାମିଲ କରାଯାଉଛି। ସୁଜାତା ରାଉତ ଦଳରେ ଯୋଗ ଦେବାପରେ ସମସ୍ତ ଆଶା କରିଥିଲେ ସେ ନିଶ୍ଚୟ ତାଙ୍କର ଟିମ୍ ଗଠନ କରିବେ। କାରଣ ଦଳରେ ଯୋଗ ଦେବାପରେ ସୁଜାତା ଖୁବଶୀଘ୍ର ଜିଲ୍ଲା ଗସ୍ତ କରିବେ ବୋଲି ଆଲୋଚନା ହୋଇଥିଲା। ତେଣୁ ଜିଲ୍ଲା ସ୍ତରେରେ ମଇଦାନକୁ ଓହ୍ଲାଇବା ପୂର୍ବରୁ ସଂଗଠନକୁ ସକ୍ରିୟ କରିବା ଏକାନ୍ତ ଜରୁରୀ। ୨୦୨୪ ନିର୍ବାଚନ ପରେ ଯଦିଓ ଦଳରେ କେତେକ ପଦପଦବୀ ବଣ୍ଟନ ହୋଇଥିଲା, କିନ୍ତୁ ସେଗୁଡ଼ିକ ସେତେଟା ପ୍ରଭାବଶାଳୀ ହୋଇନଥିଲା। ବିଶେଷକରି ଦଳର ନୂଆ ସଂଗଠକମାନେ ଦଳଡିଆଁକୁ ରୋକିବାରେ ସଫଳ ହୋଇପାରିନଥିଲେ।

ଏବେ ଧୀରେ ଧୀରେ ଦଳରେ ନୂଆ ଓ ପୁରୁଣା ଚେହେରାଙ୍କୁ ସାମିଲ କରାଯାଉଛି। ଇତିମଧ୍ୟରେ କଟକ ମେୟର ସୁବାସ ସିଂହଙ୍କ ପୃଷ୍ଠା-୬

ଡ୍ୟୁଟିରେ ଅବହେଳା କରୁଛନ୍ତି ଶ୍ମଶାନ କର୍ମଚାରୀ!

## ଏଠି ଶବ ଆସିଲେ ଫୋନ୍ କରିବାକୁ ପଡ଼େ




ଅଜଣା ମୃତଦେହ ଦାହ ହେଲେ କିଏ ରହିବ ଦାୟୀ?

ନିଦାବିଷ୍ଟ ସାଜିଛି ଠିକାସଂସ୍ଥା

କଟକ,୨୫।୮ (ସଂଚାର ବ୍ୟୁରୋ): କଟକ ସହରରେ କିଛି ନିର୍ଦ୍ଦିଷ୍ଟ ମୁଖ୍ୟ ଶ୍ମଶାନକୁ ବାଦ୍ ଦେଲେ ଅନେକ ୱାର୍ଡରେ ଥିବା ଛୋଟବଡ଼ ଶ୍ମଶାନର ଉନ୍ନତିକରଣ, ରକ୍ଷଣାବେକ୍ଷଣ ଦାୟିତ୍ୱ କେଏମସି କରୁଥିବା ବେଳେ ଏଥିରେ ସୁରକ୍ଷା ଦାୟିତ୍ୱରେ ଥିବା ଠିକାସଂସ୍ଥା କେବଳ ନାମକୁ ମାତ୍ର କାଗଜପତ୍ରରେ କାର୍ଯ୍ୟ ଦର୍ଶାଇ ସଠିକ କାର୍ଯ୍ୟ ନକରି କେଏମସି ଅଧିକାରୀ, କର୍ମଚାରୀଙ୍କୁ ମୋଟା ଅଙ୍କର ହାତଗୁଞ୍ଜା ଦେଇ କର୍ମଚାରୀଙ୍କ ନାମରେ ବିଲ୍ କରାଇ ନେଉଛନ୍ତି। ଏହାର ତଥ୍ୟ ମଧ୍ୟ ସୂଚନାଧିକାର ଆଇନ (ଆର୍‌ଟିଇ)ରେ ଧାର୍ଯ୍ୟ ପୃଷ୍ଠା-୬






ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଅବସରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା।

ମହାପୁରୁଷ ମହମ୍ମଦଙ୍କ ପବିତ୍ର ଜନ୍ମ ତିଥି ଅବସରରେ ମୁଁ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଆନ୍ତରିକ ଅଭିନନ୍ଦନ ଜଣାଉଛି।

ଏହି ପବିତ୍ର ଅବସର ଆମ ସମାଜରେ ଶାନ୍ତି, ପାରସ୍ପରିକ ସମ୍ମାନ ଓ ସଦ୍‌ଭାବନାକୁ ଅଧିକ ସୁଦୃଢ଼ କରିବ ବୋଲି ମୋର ଆଶା ଓ ବିଶ୍ୱାସ।

(ହରି ବାବୁ କମ୍ଭମପାଟି)

ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ମହାପୁରୁଷ ମହମ୍ମଦଙ୍କ ପବିତ୍ର ଜୟନ୍ତୀ ଅବସରରେ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

DSPL/15001/94/2627

### ନାଞ୍ଜୁଡାରେ ବୃହତ ରାଜସ୍ୱ ମେଳା

# ୩ ଗ୍ରାମକୁ ରାଜସ୍ୱ ଗ୍ରାମ ମାନ୍ୟତା, ୫୩୨ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ



ମହାକାଳପଡ଼ା,୨୫।୮ (ସଂଚାର ବ୍ୟୁରୋ): ମହାକାଳପଡ଼ା ବ୍ଲକ ନାଞ୍ଜୁଡା ପ୍ରାଥମିକ ସମବାୟ ସମିତି ଲିଃ ପରିସରରେ ମଙ୍ଗଳବାର ଏକ ବୃହତ ରାଜସ୍ୱ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ଅଞ୍ଚଳର ୩ଟି ଗ୍ରାମକୁ ଆନୁଷ୍ଠାନିକ ଭାବେ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ କରାଯାଇଥିବା ବେଳେ ୫୩୨ ଜଣ ହିତାଧିକାରୀଙ୍କୁ ଜମି ପଟ୍ଟା ବଣ୍ଟନ କରାଯାଇଛି। ଏଥିସହ ଅନ୍ତୋଦୟ ଗୃହ ଯୋଜନା ଓ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ହିତାଧିକାରୀଙ୍କୁ ମଧ୍ୟ ବିଭିନ୍ନ ସହାୟତା ପ୍ରଦାନ କରାଯାଇଥିଲା।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମହାକାଳପଡ଼ା ବିଧାୟକ ଡଃ. ଦୁର୍ଗା ପ୍ରସନ୍ନ ନାୟକ, ସମ୍ମାନିତ ଅତିଥି ଭାବେ ଉପଜିଲ୍ଲାପାଳ ଅରୁଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ତହସିଲଦାର ରବିନାରାୟଣ ଆଚାର୍ଯ୍ୟ ଓ ଅତିରିକ୍ତ ତହସିଲଦାର ପ୍ରଭଞ୍ଜନ ମିଶ୍ର ଉପସ୍ଥିତ ଥିଲେ।

ଅତିଥିମାନେ ହିତାଧିକାରୀଙ୍କୁ ଜମି ପଟ୍ଟା ଓ ବିଭିନ୍ନ ସରକାରୀ ଯୋଜନାର ସହାୟତା ବଣ୍ଟନ କରିଥିଲେ। ତୃଣମୂଳ ସ୍ତରରେ ସରକାରୀ ସେବା ଓ ଯୋଜନାର ସୁଫଳ ପହଞ୍ଚାଇବା ଏଭଳି ରାଜସ୍ୱ ମେଳାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତିଥିମାନେ କହିଥିଲେ। ମେଳାରେ ଶତାଧିକ ଗ୍ରାମବାସୀ ଉପସ୍ଥିତ ରହି ବିଭିନ୍ନ ସରକାରୀ ସୁବିଧା ଓ ଯୋଜନାର ସୁଫଳ ହାସଲ କରିଥିଲେ।

# ୩ ୱାର୍ଡରେ ବିଧାୟକଙ୍କ ରିଲିଫ ବଣ୍ଟନ



ପଟ୍ଟାମୁଣ୍ଡାଇ, ୨୫।୮ (ସଂଚାର ବ୍ୟୁରୋ): ଚଳିତ ବନ୍ୟାରେ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ୮,୯ ୧୦ନଂ ୱାର୍ଡ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି । ରାଜନଗର ବିଧାୟକ ଧ୍ରୁବ ସାହୁ,ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ ହାଇଟେକ ହସ୍ପିଟାଲ ଉପାଧ୍ୟକ୍ଷ ମନୋଜ କୁମାର, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା ଯୁବନେତା ରାଜୁ ପାତ୍ର କାଉନସିଲର ପ୍ରିୟଙ୍କା ସେଠୀ କାଉନସିଲର ପ୍ରଶାନ୍ତ ବାରିକ ଯୁବନେତା ଚିତ୍ତରଞ୍ଜନ ସେଠୀ (ଦିଲୁ), ବରିଷ୍ଠ ନେତା ସୁରେନ୍ଦ୍ର ଗିରି ଅନିଲ ପଣ୍ଡା ପୁରୁଷୋତ୍ତମ ଗିରି ବାପି ସାମଲ ମେଘଶ୍ୟାମ ସାହୁ ପ୍ରମୁଖ ବନ୍ୟା ବିପନ୍ନ ୮,୯ ଓ ୧୦ନଂ ୱାର୍ଡକୁ ଯାଇ ରିଲିଫ ବଣ୍ଟନ କରିଥିଲେ । ରାଜନଗର ବିଧାୟକଙ୍କ ଅନୁରୋଧରେ ଭୁବନେଶ୍ୱର ହାଇଟେକ ହସ୍ପିଟାଲ କର୍ତ୍ତୃପକ୍ଷ ବନ୍ୟା ବିପନ୍ନଙ୍କ ପାଇଁ ରିଲିଫ ସାମଗ୍ରୀ ପଠାଇ ଥିଲେ ।

# ପୂର୍ବତନ ବିଧାୟକ କିଶୋର ତରାଇଙ୍କ ରିଲିଫ ବଣ୍ଟନ



ପଟ୍ଟାମୁଣ୍ଡାଇ, ୨୫।୮ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଓ ପଟ୍ଟାମୁଣ୍ଡାଇ ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଯୁବନେତା କିଶୋର ଚନ୍ଦ୍ର ତରାଇ ବନ୍ୟା ବିପନ୍ନ କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀ ତଥା ପଟ୍ଟାମୁଣ୍ଡାଇ ବ୍ଲକର ନୀଳକଣ୍ଠପୁର, ବଲୁରିଆ ସିଦ୍ଧବାଲି ଓ ଜଗନ୍ନାଥପୁର ସମେତ ବିଭିନ୍ନ ବନ୍ୟା ବିପନ୍ନ ଅଂଚଳ ପରିଦର୍ଶନ କରି ବିପନ୍ନ ଲୋକମାନଙ୍କୁ ନିଜସ୍ୱ ରିଲିଫ ଆକାରରେ ଚୁଡା ବିସ୍କୁଟ ମହମବତୀ ବଣ୍ଟନ କରିଥିଲେ ।

ପୂର୍ବତନ ବିଧାୟକଙ୍କ ସହିତ ଯୁବନେତା ପୂର୍ବତନ ସରପଞ୍ଚ ରତିକାନ୍ତ ସାହାଣୀ,ପପୁ ଖଣ୍ଡାୟୀ ସୁକାନ୍ତ ଦାସ ଅରବିନ୍ଦ ବିଶ୍ୱାଳ ଓ ହେମନ୍ତ ପାତ୍ର ପ୍ରମୁଖ ବନ୍ୟା ବିପନ୍ନ ଅଂଚଳ ପରିଦର୍ଶନ କରି ରିଲିଫ ବାଣ୍ଟିବାରେ ସହଯୋଗ କରିଥିଲେ । ରାଜ୍ୟ ସରକାର ବନ୍ୟା ବିପନ୍ନ ଲୋକମାନଙ୍କୁ ୧୫ଦିନ ରିଲିଫ, ରନ୍ଧା ଖାଦ୍ୟ ଗୋଖାଦ୍ୟ,ପିଇବା ପାଣି ଓ ଔଷଧ ଯୋଗାଇ ଦେବାକୁ ପୂର୍ବତନ ବିଧାୟକ ଶ୍ରୀତରାଇ ଦାବୀ କରିଛନ୍ତି ।

# ବିଜେଡି ଛାଡ଼ିଲେ ମିନତୀ ପରିଡ଼ା

## ବିଧାୟକ ଗଣେଶ୍ୱର ବେହେରାଙ୍କ କାର୍ଯ୍ୟରେ କ୍ଷୁବ୍ଧ

କେନ୍ଦ୍ରାପଡ଼ା,୨୫।୮ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ନିର୍ବାଚନ ମଣ୍ଡଳୀର ନାରୀ ନେତ୍ରୀ ମିନତୀ ପରିଡ଼ା ବିଧାୟକ ଗଣେଶ୍ୱର ବେହେରାଙ୍କ କାର୍ଯ୍ୟରେ କ୍ଷୁବ୍ଧ ହୋଇ ବିଜେଡି ଛାଡିଛନ୍ତି। ଶ୍ରୀମତୀ ପରିଡ଼ା ତାଙ୍କ ଇସ୍ତଫା ପତ୍ର ଦଳର ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ନିକଟକୁ ପଠାଇ ଦେଇଛନ୍ତି। ବିଧାୟକଙ୍କ ପ୍ରତି ତାଙ୍କର ଯେଉଁ ସବୁ ଅସନ୍ତୋଷ ଥିଲା ତାହାକୁ ସେ ବଖାଣିଛନ୍ତି।

ସେ ତାଙ୍କ ଇସ୍ତଫା ପତ୍ରରେ ଉଲ୍ଲେଖ କରିଛନ୍ତି କେନ୍ଦ୍ରାପଡ଼ା ନିର୍ବାଚନ ମଣ୍ଡଳୀର ମୁଁ ଜଣେ ସକ୍ରିୟ କର୍ମୀ। ମୁଁ ୨୦୦୨ ମସିହାରୁ ବିଜୁ ଜନତା ଦଳ ସହିତ ମୋର ରାଜନୈତିକ ଜୀବନ ଯାତ୍ରା ଆରମ୍ଭ କରିଥିଲି। ଦୀର୍ଘ ୨୪ ବର୍ଷରୁ ଅଧିକ ସମୟ ଧରି ମୁଁ ବିଜୁ ଜନତା ଦଳକୁ ନିଜର ରାଜନୈତିକ ପରିବାର ଭାବେ ଗ୍ରହଣ କରି ଦଳର ନୀତି, ଆଦର୍ଶ ଓ ସଂଗଠନକୁ ମଜବୁତ କରିବା ପାଇଁ ନିଷ୍ଠା ଓ ସମର୍ପଣର ସହିତ କାର୍ଯ୍ୟ କରିଆସିଛି।

ମୋର ରାଜନୈତିକ ଯାତ୍ରାର ପ୍ରାରମ୍ଭିକ ସମୟରେ ତତ୍କାଳୀନ ବିଧାୟକ ଶ୍ରୀ ଦେବାଶିଷ ନାୟକଙ୍କ ସମୟରେ ମୁଁ କେନ୍ଦ୍ରାପଡ଼ା ବ୍ଲକ ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ଥିଲି। ୨୦୧୨ ମସିହାରେ ତତ୍କାଳୀନ ବିଧାୟିକା ଡ଼. ସିପ୍ରା ମଲ୍ଲିକଙ୍କ ସମର୍ଥନ ଓ ଆଶୀର୍ବାଦରେ ମୁଁ ଚାରିଗାଁ ପଞ୍ଚାୟତରୁ ସମିତି ସଭ୍ୟା ଭାବେ ନିର୍ବାଚିତ ହୋଇଥିଲି । ଏହା ମୋର ରାଜନୈତିକ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ଥିଲା। ନିର୍ବାଚିତ ପ୍ରତିନିଧି ହେବା ପରେ ମଧ୍ୟ ମୁଁ ସାଧାରଣ ଲୋକଙ୍କ ସମସ୍ୟା ଓ ବିକାଶକୁ ଅଧିକ ଗୁରୁତ୍ୱ ଦେଇ ଦଳ ପାଇଁ କାର୍ଯ୍ୟ କରିଥିଲି।

ପରବର୍ତ୍ତୀ ସମୟରେ ବିଧାୟକ ଶ୍ରୀ କିଶୋର ଚନ୍ଦ୍ର ତରାଇଙ୍କ ସହିତ ରହି ମଧ୍ୟ ବିଜୁ ଜନତା ଦଳ ପାଇଁ ନିଷ୍ଠାର ସହିତ କାର୍ଯ୍ୟ କରିଥିଲି । ଦଳର ସଂଗଠନକୁ ଆହୁରି ମଜବୁତ କରିବା ପାଇଁ ମୁଁ ମୋର



ସାମର୍ଥ୍ୟ ଅନୁସାରେ ସର୍ବଦା ଉଦ୍ୟମ କରିଛି। ପୁନର୍ବାର ୨୦୧୯ ମସିହାରେ ଶ୍ରୀ ଶଶୀଭୂଷଣ ବେହେରାଙ୍କ ସହିତ ରହି ଦଳୀୟ କାର୍ଯ୍ୟ କରିଥିଲି ।

ମୋର ଦୀର୍ଘଦିନର ଦଳୀୟ କାର୍ଯ୍ୟ ଓ ନିଷ୍ଠାକୁ ଦେଖି ୨୦୨୧ ମସିହାରେ ମୋତେ କେନ୍ଦ୍ରାପଡ଼ା ଜିଲ୍ଲା କମିଟିର ସାଧାରଣ ସମ୍ପାଦିକା ଭାବେ ଦାୟିତ୍ୱ ଦିଆଯାଇଥିଲା । ମୁଁ ସେହି ଦାୟିତ୍ୱକୁ ମଧ୍ୟ ସମ୍ପୂର୍ଣ୍ଣ ନିଷ୍ଠା, ସମୟ ଓ ପରିଶ୍ରମର ସହିତ ପାଳନ କରିଥିଲି। ପରବର୍ତ୍ତୀ ସମୟରେ ମୋତେ ଜିଲ୍ଲା କମିଟିର ଉପସଭାନେତ୍ରୀ ଭାବେ ଦାୟିତ୍ୱ ଦିଆଯାଇଥିଲା। ଏହି ଦାୟିତ୍ୱ ପାଇବା ମୋ ପାଇଁ ଗର୍ବର ବିଷୟ ଥିଲା। ଦଳର ନେତୃତ୍ୱ ମୋ ଉପରେ ରଖିଥିବା ବିଶ୍ୱାସକୁ ସମ୍ମାନ ଦେଇ ଦଳର ପ୍ରତ୍ୟେକ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିଥିଲି ଏବଂ ଦଳୀୟ କର୍ମୀମାନଙ୍କ ସହିତ ମିଶି ସଂଗଠନକୁ ମଜବୁତ କରିବାରେ ନିଜର ଭୂମିକା ନିର୍ବାହ କରିଥିଲି।

କିନ୍ତୁ ଅତ୍ୟନ୍ତ ଦୁଃଖର ବିଷୟ ଯେ, ୨୦୨୪ ମସିହା ନିର୍ବାଚନ ପରେ ଦଳରେ ମତେ ଅଣଦେଖା କରାଯିବାର ମୁଁ ଅନୁଭବ କରୁଛି । ସ୍ଥାନୀୟ ବିଧାୟକ ସବୁଠୁ ଅଧିକ ପାତର ଅନ୍ତର କରିଛନ୍ତି। ତେଣୁ ବର୍ତ୍ତମାନ ପରିସ୍ଥିତିରେ ମୋର ଆତ୍ମସମ୍ମାନ ଓ ଦୀର୍ଘଦିନର ଅନୁଭୂତିକୁ ବିଚାର କରି ମୁଁ ବିଜୁ ଜନତା ଦଳର ପ୍ରାଥମିକ ସଦସ୍ୟାରୁ ଇସ୍ତଫା ପ୍ରଦାନ କରୁଛି।

# କାଦୁଆ ଗ୍ରାମରୁ କେବେ ହଟିବ ଜବରଦଖଲ ?

**ପ୍ରଶାସନର ସ୍ଥାଣୁତାକୁ ନେଇ ପ୍ରଶ୍ନବାଚୀ**



କେନ୍ଦ୍ରାପଡ଼ା, ୨୫।୮ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାର ଡେରାବିଶ ତହସିଲ ଅଧିନ କାଦୁଆ ଗ୍ରାମରେ ପ୍ରାୟ ୫ ବର୍ଷ ଧରି ଜବରଦଖଲ ସମସ୍ୟା ଲାଗି ରହିଛି । ରାସ୍ତାର ଦୁଇପାର୍ଶ୍ୱରେ ଜବରଦଖଲ ସହ ରାସ୍ତା ମଝିରେ ଅଷ୍ଟପ୍ରହରୀ ମଣ୍ଡପ ଥିବାରୁ ଯାତାୟାତ ବାଧାପ୍ରାପ୍ତ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ବିଶେଷକରି ଆମ୍ବୁଲାନ୍ସ ଓ ଦମକଳ ଭଳି ଜରୁରୀକାଳୀନ ଗାଡ଼ି ଯାତାୟାତରେ ଗୁରୁତର ସମସ୍ୟା ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। ଜବରଦଖଲ ହଟାଇବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦୀର୍ଘଦିନ ଧରି ପ୍ରଶାସନ ନିକଟରେ ଦାବି ହୋଇଆସୁଛନ୍ତି ।

ଏହାକୁ ନେଇ ଆଜି କାଦୁଆ ଗ୍ରାମରେ ପ୍ରଶାସନ ପକ୍ଷରୁ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା । ଡେରାବିଶ ତହସିଲଦାର ସରୋଜ କୁମାର ନାୟକ, ଅତିରିକ୍ତ ତହସିଲଦାର ଦୀପକ କୁମାର ବେହେରା ଓ ତହସିଲ କର୍ମଚାରୀ ଏବଂ ପୋଲିସ ଅଧିକାରୀଙ୍କ ଉପସ୍ଥିତରେ ଗ୍ରାମବାସୀଙ୍କ ଅଭିଯୋଗ ଶୁଣାଣି ହୋଇଥିଲା । ଏହି ଅଭିଯୋଗ ଶୁଣାଣିରେ ତହସିଲଦାର ଶ୍ରୀ ନାୟକ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାର କୌଣସି ପ୍ରତିଶ୍ରୁତି ନଦେଇ ଚାଲିଯାଇଥିଲେ। ତେଣୁ ରାସ୍ତା ଜବରଦଖଲ ଓ ଅଷ୍ଟପ୍ରହରୀ ମଣ୍ଡପ ସମ୍ପର୍କରେ ପ୍ରଶାସନ କଣ ପଦକ୍ଷେପ ନେବ ଏବଂ ୫ ବର୍ଷର ସମସ୍ୟା କେତେ ଶୀଘ୍ର ସମାଧାନ ହେବ ତାହାକୁ ନେଇ ଏବେ କାଦୁଆ ଗ୍ରାମବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏହି ଜନଶୁଣାଣି ପାଇଁ ପ୍ରଶାସନ ପକ୍ଷରୁ ସ୍ଥାନୀୟ ସରପଙ୍କୁ ନୋଟିସ କରାଯାଇଥିଲେ ମଧ୍ୟ ସମିତିସଭ୍ୟ ଓ ସଂପୃକ୍ତ ୱାର୍ଡର ୱାର୍ଡସଭ୍ୟଙ୍କୁ କୌଣସି ସୂଚନା ଦିଆଯାଇନଥିବା ଅଭିଯୋଗ ହୋଇଛି। ପ୍ରଶାସନର ଏଭଳି କାର୍ଯ୍ୟ ଦ୍ୱାରା ଆଗାମୀ ଭବିଷ୍ୟତରେ ଗ୍ରାମରେ ଜଟିଳ ସମସ୍ୟା ସୃଷ୍ଟି ହେବାର ସମ୍ଭାବନା ଦେଖାଦେଇଛି ବୋଲି ଗ୍ରାମବାସୀଙ୍କ ପକ୍ଷରୁ ଶକ୍ତିଶ୍ରୀ ଲେଙ୍କା, ସଞ୍ଜୟ ଭଦ୍ର, ପ୍ରମୋଦ ସାମଲ, କ୍ଷୀତିଶ ଭଦ୍ର, ଉମାକାନ୍ତ ଭଦ୍ର, ହିମାଂଶୁ ଲେଙ୍କା ଓ କ୍ଷୀରୋଦ ସାମଲ ପ୍ରମୁଖ ଅଭିଯୋଗ କରିଛନ୍ତି ।

# ନିରାଶ୍ରୟ ହିତାଧିକାରୀଙ୍କୁ ସହାୟତା




କେନ୍ଦ୍ରାପଡ଼ା,୨୫।୮ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ବ୍ଲକ୍ ଜମଧର ପଞ୍ଚାୟତ ଅନ୍ତର୍ଗତ ଯୁଇଦାସପୁର ଗାଁର ଦମୟନ୍ତୀ ରାଉତଙ୍କୁ "ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା" ଯୋଜନାରେ ସହାୟତା ପ୍ରଦାନ କରାଯାଇଛି। କିଛି ଦିନ ପୂର୍ବେ ଦମୟନ୍ତୀ ସ୍ୱାମୀ ଅଜଣା ରୋଗରେ ଆକ୍ରାନ୍ତ ହୋଇ ଅକାଳ ମୃତ୍ୟୁବରଣ କରିଥିଲେ । ସ୍ୱାମୀଙ୍କ ମୃତ୍ୟୁର କିଛି ଦିନ ପରେ ଏକ ଦୁର୍ଘଟଣାରେ ଶିକାର ହୋଇ ଦମୟନ୍ତୀଙ୍କ ଏକମାତ୍ର ପୁଅ ମଧ୍ୟ ଆରପାରିକୁ ଚାଲି ଯାଇଥିଲେ । ପୁଅ ଓ ସ୍ୱାମୀଙ୍କୁ ହରାଇ ଏକାକୀ ଭାଙ୍ଗି ପଡିଥିଲେ ଦମୟନ୍ତୀ । କିନ୍ତୁ ଦମୟନ୍ତୀଙ୍କ ଦିବଙ୍ଗତ ପୁଅ ପ୍ରକାଶ ଚନ୍ଦ୍ର ରାଉତ "ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା" ଯୋଜନାରେ ସାମିଲ ହୋଇଥିଲେ । ପ୍ରକାଶଙ୍କ ମୃତ୍ୟୁପରେ ତାଙ୍କ ମା ଦମୟନ୍ତୀଙ୍କୁ ଏସବିଆଇ କଲେଜରୋଡ ଶାଖା ତରଫରୁ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନାରେ ୨ ଲକ୍ଷ ଟଙ୍କା ବୀମା ରାଶି ପ୍ରଦାନ କରାଯାଇଥିଲା ।

### ପୌରପରିଷଦରେ ଏନଫୋର୍ସମେଣ୍ଟ ଅଭିଯାନ

# ୬୧ ହଜାର ଜରିମାନା ଆଦାୟ

ପଟ୍ଟାମୁଣ୍ଡାଇ, ୨୫।୮ (ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ପୌରପରିଷଦ ଅଧୀନରେ ହୋଟେଲ ଓ ରେଷ୍ଟୁରାଣ୍ଟ ଗୁଡ଼ିକରେ ଅସ୍ୱାସ୍ଥ୍ୟକର ଖାଦ୍ୟ ପ୍ରସ୍ତୁତି, ବିକ୍ରୟ, ନିଷିଦ୍ଧ ଏକକ ବ୍ୟବହାର୍ଯ୍ୟ ପ୍ଲାଷ୍ଟିକର ବ୍ୟବହାର ଏବଂ ବେଆଇନ ଭାବେ ଘରୋଇ ଏଲ୍‌ପିଜି ସିଲିଣ୍ଡରର ବ୍ୟବହାର ବିରୋଧରେ ଆଜି ପୌର ପରିଷଦ ନିର୍ବାହୀ ଅଧିକାରୀ ରଞ୍ଜନ ଦାସଙ୍କ ନେତୃତ୍ୱରେ ଏନଫୋର୍ସମେଣ୍ଟ ଅଭିଯାନ କରାଯାଇଛି। ଏଥିରେ କେନ୍ଦ୍ରାପଡ଼ା ଖାଦ୍ୟ ଅଧିକାରୀ, ମାର୍କେଟିଂ ଇନ୍ସପେକ୍ଟର, ରେଭେନ୍ୟୁ ଇନ୍ସପେକ୍ଟର, ଜେଏସ୍‌ଇଙ୍କ ସହିତ ପଟ୍ଟାମୁଣ୍ଡାଇ ପୌରପରିଷଦର ଏନଫୋର୍ସମେଣ୍ଟ ଟିମ୍ ସାମିଲ ହୋଇ ଏହି ଅଭିଯାନ କରିଥିଲା ।

ଏହି ଅଭିଯାନ ସମୟରେ ୧୦୩ କିଲୋଗ୍ରାମ ଏକକ ବ୍ୟବହାର୍ଯ୍ୟ ପ୍ଲାଷ୍ଟିକ, ୭ଟି ଘରୋଇ ସିଲିଣ୍ଡର ଜବତ କରାଯିବା ସହିତ ଅସ୍ୱାସ୍ଥ୍ୟକର ଖାଦ୍ୟ ପ୍ରସ୍ତୁତି ଓ ନିୟମ ଉଲ୍ଲଂଘନ ପାଇଁ ୩୬,୦୦୦ ଟଙ୍କା ଏବଂ ଏକକ ବ୍ୟବହାର୍ଯ୍ୟ ପ୍ଲାଷ୍ଟିକ ବ୍ୟବହାର ପାଇଁ ୨୫,୦୦୦ ଟଙ୍କା ମିଶାଇ ସର୍ବମୋଟ ୬୧,୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା ଅସ୍ୱାସ୍ଥ୍ୟକର ଖାଦ୍ୟ ପ୍ରସ୍ତୁତି, ନିଷିଦ୍ଧ ଏକକ ବ୍ୟବହାର୍ଯ୍ୟ ପ୍ଲାଷ୍ଟିକର ବ୍ୟବହାର ଏବଂ ବାଣିଜ୍ୟିକ ପ୍ରତିଷ୍ଠାନରେ ଘରୋଇ ଏଲ୍‌ପିଜି ସିଲିଣ୍ଡରର ଅନଧିକୃତ ବ୍ୟବହାର ବିରୋଧରେ ଆଗାମୀ ଦିନରେ ମଧ୍ୟ ଏନଫୋର୍ସମେଣ୍ଟ ଅଭିଯାନ ଜାରି ରହିବ ବୋଲି ସୂଚନା ମିଳିଛି।

# ଏମଏମଡିଆର ଆକ୍ଟ ରଦ୍ଦ ଦାବି, ଇଣ୍ଡିଆ ବ୍ଲକର ଜିଲ୍ଲାପାଳଙ୍କ ଅଫିସ ଘେରାଉ



## ବିଜେପି ସାଂସଦଙ୍କ କୁଶପୁତ୍ତଳିକା ଦାହ

କେନ୍ଦ୍ରାପଡ଼ା, ୨୫।୮ (ସଂଚାର ବ୍ୟୁରୋ): ଓଡ଼ିଶାର ସ୍ୱାର୍ଥ ବିରୋଧୀ ଖଣି ଓ ଖଣିଜ ପଦାର୍ଥ (ବିକାଶ ଓ ନିୟମାବଳୀ) ସଂଶୋଧନ ଆଇନ-୨୦୨୬କୁ ରଦ୍ଦ କରାଯିବା ଦାବିରେ ଇଣ୍ଡିଆ ବ୍ଲକ ଅନ୍ତର୍ଗତ ରାଜନୈତିକ ଦଳମାନଙ୍କ ଆହ୍ୱାନ କ୍ରମେ ରାଜ୍ୟ ବ୍ୟାପି ପ୍ରତିବାଦ ପରିପ୍ରେକ୍ଷୀରେ ମଙ୍ଗଳବାର ଦିନ କେନ୍ଦ୍ରାପଡା ଜିଲ୍ଲାପାଳ ଅଫିସି ସମ୍ମୁଖରେ ଏକ ମିଳିତ ପ୍ରତିବାଦ ସଂଗଠିତ ହୋଇ ଯାଇଛି। କଂଗ୍ରେସ ଜିଲ୍ଲା ସଭାପତି ଦେବସ୍ମିତା ଶର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଭାରତୀୟ ସଂବିଧାନର ସୁରକ୍ଷା, ଦେଶର ସଂଘୀୟ ଢାଞ୍ଚା, ରାଜ୍ୟମାନଙ୍କର ସାମ୍ବିଧାନିକ ଓ ଆର୍ଥିକ ଅଧିକାର, ପ୍ରାକୃତିକ ଓ ଖଣିଜ ସମ୍ପଦ ଉପରେ ଖଣିଜ ସମୃଦ୍ଧ ରାଜ୍ୟମାନଙ୍କର ନ୍ୟାୟସଙ୍ଗତ ଅଧିକାର ଏବଂ ଆଦିବାସୀ ଓ ଖଣି ପ୍ରଭାବିତ ଲୋକଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ଏହି ଜନ ବିରୋଧୀ ଆଇନ ରଦ୍ଦ କରିବା ପାଇଁ ବକ୍ତାମାନେ ଦାବି କରିଥିଲେ ।

ବକ୍ତାମାନେ କହିଥିଲେ ଏହି ଆଇନ ଲାଗୁହେଲେ ରାଜ୍ୟ ଏକ ଲକ୍ଷ ହଜାର କୋଟି ଟଙ୍କା ରାଜସ୍ୱ ହରାଇବ । ଓଡିଶା କେନ୍ଦ୍ରର କରଜ ରାଜ୍ୟ ନହେଉ । ଓଡ଼ିଆ ଅସ୍ମିତାର ଦ୍ୱାହି ଦେଇ କ୍ଷମତାକୁ ଯାଇଥିବା ମୋହନ ସରକାର ରାଜ୍ୟକୁ କର୍ପୋରେଟ ହାଉସ ପାଖରେ ବିକ୍ରି କରିଦେବ । ଏହି ବିଲକୁ ଓଡିଶାରୁ ନିର୍ବାଚିତ ସମସ୍ତ ବିଜେପି ସାଂସଦ ସମର୍ଥନ ଦେଇ ଓଡିଶାବାସୀଙ୍କୁ ଧୋକ୍କା ଦେଇଛନ୍ତି ବୋଲି କହି ବକ୍ତାମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ ।

ସଭା ପରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଓଡିଶାରୁ ନିର୍ବାଚିତ କୋଡିଏ ଜଣ ବିଜେପି ସାଂସଦଙ୍କ କୁଶ ପୁତଳିକା ଦାହ କରାଯାଇ ଥିଲା । ଶେଷରେ ପ୍ରତିବାଦକାରୀ ମାନେ ଏକ ଶୋଭାଯାତ୍ରାରେ ଯାଇ ଅତିରିକ୍ତ ଜିଲ୍ଲାପାଳ ନବକ୍ରୀଷ୍ଣ ଜେନାଙ୍କୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ ।

# ରାସ୍ତାରେ ବନ୍ଧୁକ ଦେଖାଇ ଗୁରୁମା'ଙ୍କ ମୋବାଇଲ ଲୁଟ୍



ନୀଳଗିରି,୨୫/୮ (ସଂଚାର ବ୍ୟୁରୋ): ସନ୍ତରାଗଡ଼ିଆ ସ୍ଥିତ ଶିଶୁ ବିକାଶ ବିଦ୍ୟାମନ୍ଦିରର ଗୁରୁମା କୁମାରୀ ସାଇପ୍ରଭା ପାଣିଗ୍ରାହୀ ଟିଉସନ ସାରି ସନ୍ତରାଗଡ଼ିଆ-ନୟାପାଟଣା ରାସ୍ତାରେନିଜ ଗାଁ କାଣ୍ଡ ଗରଡ଼ି ଯାଉଥିବା ବେଳେ ବନ୍ଧୁକ ଦେଖାଇ ଗୁରୁମାଙ୍କଠାରୁ ମୋବାଇଲ ଲୁଟି ନେଇ ଥିବା ଥାନାରେ ଅଭିଯୋଗ ହୋଇଛି।ସୂଚନା ଯୋଗ୍ୟ ଗୁରୁମା କୁମାରୀ ସାଇପ୍ରଭା ପାଣିଗ୍ରାହୀ ଟିଉସନସାରି ସନ୍ତରାଗଡ଼ିଆ-ନୟାପାଟଣା ରାସ୍ତା ଦେଇ ନିଜ ଗ୍ରାମ କାଣ୍ଡଗରଡ଼ି ଅଭିମୁଖେ ଯାଉଥିବା ବେଳେ କିଛି ଦୁର୍ବୃତ୍ତ ବାଇକ୍‌ରେ ଆସି ତାଙ୍କୁ ଅଟକାଇଥିଲେ। ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ଭୟଭୀତ କରିବା ପରେ ତାଙ୍କଠାରୁ ଏକ ମୋବାଇଲ ଫୋନ୍ ଛଡ଼ାଇ ନେଇ, ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ।ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖା ଦେ ଇଛି। ଉକ୍ତ ରାସ୍ତାରେ ସନ୍ଧ୍ୟା ସମୟରେ ନିରାପତ୍ତା ବ୍ୟବସ୍ଥା ବଢ଼ାଇବା ସହ ଘଟଣାର ତଦନ୍ତ କରି ଦୁର୍ବୃତ୍ତମାନଙ୍କୁ ଶୀଘ୍ର ଧରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ବନ୍ୟା ପ୍ରପୀଡ଼ିତ ପରିବାରକୁ ତୁରନ୍ତ ସହାୟତା ପ୍ରଦାନ ପାଇଁ ଆପ୍‌ର ଦାବି




କେନ୍ଦ୍ରାପଡ଼ା,୨୫।୮ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲା ଆମ୍ ଆଦମୀ ପାର୍ଟି ପକ୍ଷରୁ ଆଜି କେନ୍ଦ୍ରାପଡା ସହରର ଖଡିଅଙ୍ଗସ୍ଥିତ ପାର୍ଟି କାର୍ଯ୍ୟାଳୟରେ ଜିଲ୍ଲାର ବନ୍ୟା ପ୍ରପିଡିତଙ୍କ ସମସ୍ୟାକୁ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଜିଲ୍ଲା ସଭାପତି ସନ୍ଦୀପ୍ତ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପାର୍ଟି ସଭାପତି ଶ୍ରୀ ଦାସ କହିଲେ ଯେ କେନ୍ଦ୍ରପଡ଼ା ଜିଲ୍ଲା ସଂଗଠନର ସଦସ୍ୟବୃନ୍ଦ ବନ୍ୟା ପ୍ରଭାବିତ ଅନେକ ଅଞ୍ଚଳ ଗସ୍ତ କରି ସେମାନଙ୍କ ସ୍ଥିତି ଅନୁଧ୍ୟାନ କରିବା ସହ ଦଳ ପକ୍ଷରୁ ଯାହା ସମ୍ଭବ ଆବଶ୍ୟକତା ଅନୁଯାୟୀ ସହଯୋଗର ପ୍ରୟାସ କରିଛନ୍ତି ।

ପଟ୍ଟାମୁଣ୍ଡାଇ ଅଞ୍ଚଳର ବାଲିପାଟଣା, ତନୁପୁର, ବଙ୍ଗାଳଦିଆ, ବାଛରା, ଅଣ୍ଡରା, ବନ୍ୟା ପ୍ରଭାବିତ ପୌରାଞ୍ଚଳ ୱାର୍ଡ ଆଦି ସ୍ଥାନରେ ବନ୍ୟାଜଳର ପ୍ରଭାବ ଜନସାଧାରଣଙ୍କ ମେରୁଦଣ୍ଡ ଦୋହଲାଇ ଦେଇଛି। ସବୁଠୁ ଦୁଃଖ ଓ ପରିତାପର ବିଷୟ ଉକ୍ତ ପ୍ରପୀଡ଼ିତ ପରିବାର ମାନଙ୍କୁ ସରକାରଙ୍କ ପକ୍ଷରୁ ଘର ପିଛା ଏକ କେଜି ଚୁଡ଼ା ଓ କେଇ ଖଣ୍ଡ ବିସ୍କୁଟ ଦେଇ ପ୍ରଶାସନ ନିଜ ଦାୟିତ୍ୱରୁ ହାତ ଝାଡ଼ି ଦେଇଛି । ଅଞ୍ଚଳବାସୀଙ୍କ ସ୍ୱାସ୍ଥ୍ୟଗତ ଦୁର୍ଗତିର ଆଶଙ୍କା ଅତି ସଙ୍କଟମୟ ପରିସ୍ଥିତିରେ ଥିଲେ ମଧ୍ୟ ସେମାନଙ୍କ ନିକଟରେ କୌଣସି ଡାକ୍ତରୀ ଟିମ୍ କିମ୍ବା ଔଷଧ ପହଞ୍ଚି ନଥିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ଦାସ କହିଛନ୍ତି। ବନ୍ୟା ପ୍ରପୀଡ଼ିତଙ୍କ ଖାଦ୍ୟ ସଙ୍କଟ ଅତି ସଙ୍ଗୀନ ସ୍ଥିତିରେ ପହିଥିଲେ ସୁଦ୍ଧା, ପ୍ରଶାସନ ହାତ ବାନ୍ଧି ବସିବା ନୈରାଶ୍ୟଜନକ।

ବନ୍ୟା ପ୍ରପୀଡ଼ିତ ଅଞ୍ଚଳରେ ତୁରନ୍ତ ଶୁଖୁଲା ଓ ରନ୍ଧା ଖାଦ୍ୟ ସମେତ ଶିଶୁ ଖାଦ୍ୟ ଯଥେଷ୍ଟ ମାତ୍ରାରେ ଯୋଗାଣ ସହ ବାହ୍ୟ ଜଗତରୁ ବିଛିନ୍ନ ବନ୍ୟା ପ୍ରପୀଡ଼ିତଙ୍କ ଯାତାୟତର ବ୍ୟବସ୍ଥା, ଶୁଦ୍ଧ ପାନୀୟ ଜଳ ଯୋଗାଣର ସୁବନ୍ଦୋବସ୍ତ, ଡାକ୍ତରୀ ଟିମ୍ ପଠାଇ ବନ୍ୟାଞ୍ଚଳ ଦୂଷିତ ପରିବେଶ ଯୋଗୁଁ ପ୍ରଭାବିତଙ୍କ ରୋଗ ନିରୂପଣ ଏବଂ ଆବଶ୍ୟକୀୟ ଚିକିତ୍ସା ଓ ଔଷଧର ସୁବନ୍ଦୋବସ୍ତ, ପରିବେଶ ସୁରକ୍ଷା ପାଇଁ ବ୍ଲିଚିଂ ପାଉଡର ଓ ଅନ୍ୟ ରାସାୟନିକ ଦ୍ରବ୍ୟ ପ୍ରୟୋଗ, ଗୃହପାଳିତ ପଶୁ, ପକ୍ଷୀଙ୍କ ନିମନ୍ତେ ଯଥେଷ୍ଟ ଖାଦ୍ୟ ଯୋଗାଣ, ଚିକିତ୍ସା ଓ ସୁରକ୍ଷା ନିମନ୍ତେ ବ୍ୟବସ୍ଥାର ଉପଲବ୍ଧତା ଉପରେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ସଂଗଠନ ସମ୍ପାଦକ ସନ୍ଦୀପ୍ତ ଦାସଙ୍କ ନେତୃତ୍ୱରେ ଏକ ଟିମ୍ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଦାବି ଜଣାଇଥିବା ସଭାପତି ଶ୍ରୀ ଦାସ କହିଥିଲେ।

ଏଭଳି ଦୁଃସ୍ଥିତି ସମୟରେ ମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀ ସିଧାସଳଖ ଜଳବନ୍ଦୀ ଥିବା ଜିଲ୍ଲାବାସୀଙ୍କ ଅସୁବିଧା ସଂପର୍କରେ ଅବଗତ ରହିବା ସହ ବନ୍ୟା ପ୍ରଭାବିତଙ୍କ ସମସ୍ୟା ଗୁଡ଼ିକୁ ତ୍ୱରିତ ସମାଧାନ କରିବାକୁ ଆମ୍ ଆଦମୀ ପାର୍ଟି ଦାବି କରିଛି ।

# ବାଲିଅନ୍ତା ପଞ୍ଚାୟତ ସମିତି ଘେରିଲେ ଜନପ୍ରତିନିଧି



ବାଲିଅନ୍ତା,୨୫।୮ (ସଂଚାର ବ୍ୟୁରୋ): ବାଲିଅନ୍ତା ବ୍ଲକରେ ଉନ୍ନୟନମୂଳକ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇପଡ଼ିବା ସହ ଜନପ୍ରତିନିଧି ମାନଙ୍କୁ କ୍ରମାଗତ ଦୁର୍ବ୍ୟବହାର ଏବଂ ବ୍ୟାପକ ଦୁର୍ନୀତି ପ୍ରତିବାଦରେ ବ୍ଲକର ସମସ୍ତ ସରପଞ୍ଚ, ସମିତି ସଭ୍ୟ, ୱାର୍ଡ ମେମ୍ବର, ବିଜେପି ଜିଲ୍ଲା ସମ୍ପାଦିକା ଝିଲ୍ଲି ସାମନ୍ତରାୟ, ବିଜେପି କୃଷକ ମୋର୍ଚ୍ଚା ସଭାପତି ସଞ୍ଜୟ ତ୍ରିପାଠୀ, ବିଜେପି ଏସି ମୋର୍ଚ୍ଚା ସଭାପତି ପବିତ୍ର ଭୋଇ ବାଲିପାଟଣା ମହିଳା ମୋର୍ଚ୍ଚା ସଭାପତି ତୃପ୍ତିବାଳା ବସ୍ତିଆ ବାଲିଅନ୍ତା ମଣ୍ଡଳ ସଭାପତି ପ୍ରେମାନନ୍ଦ ଖୁଣ୍ଟିଆ, ବାଳକାଟି ମଣ୍ଡଳ ସଭାପତି ବ୍ରହ୍ମାନନ୍ଦ ସ୍ୱାଇଁ, ଭିଙ୍ଗାରପୁର ମଣ୍ଡଳ ସଭାପତି ସୌମ୍ୟରଞ୍ଜନ ଦାଶ ପ୍ରମୁଖ ଏକତ୍ରିତ ହୋଇ ବିଶାଳ ଧାରଣା ଓ ବିକ୍ଷୋଭ ସମାବେଶ କରିଛନ୍ତି। ଏହି ସନ୍ଦର୍ଭରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ୮ ଦଫା ସମ୍ବଳିତ ଏକ ଦାବିପତ୍ର ସ୍ଥାନୀୟ ତହସିଲଦାରଙ୍କୁ ପ୍ରଦାନ କରାଯାଇଛି।

ଜନପ୍ରତିନିଧିମାନଙ୍କ ଅଭିଯୋଗ ଅନୁଯାୟୀ, ବାଲିଅନ୍ତା ବ୍ଲକ ଅଧୀନ ପ୍ରତି ପଞ୍ଚାୟତରେ ଶହ ଶହ ନଳକୂପ ଅଚଳ ହୋଇ ପାନୀୟ ଜଳ ସଙ୍କଟ ଉଗ୍ର ରୂପ ଧାରଣ କରିଛି। ଗ୍ରାମ୍ୟ ରାସ୍ତାଘାଟ ଖାଲଖମାରେ ଭର୍ତ୍ତି ହୋଇ ବର୍ଷା ଦିନରେ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେଉଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଭତ୍ତା ଓ ମନରେଗା ଯୋଜନାରେ ବ୍ୟାପକ ଦୁର୍ନୀତି ଓ ବିଳମ୍ବ ଦେଖାଦେଇଛି। ଅନେକ ଗୁରୁତ୍ୱପୂର୍ଣ୍ଣ ଫାଇଲ ଗାଏବ କରିଦିଆଯାଉଥିବା ଅଭିଯୋଗ ହୋଇଛି। ବିଡିଓ ଏବଂ ବ୍ଲକ କର୍ତ୍ତୃପକ୍ଷ ଜନପ୍ରତିନିଧିମାନଙ୍କୁ ଗାଳିଗୁଲଜ କରି ଦୁର୍ବ୍ୟବହାର କରୁଛନ୍ତି। ତେଣୁ ନିରପେକ୍ଷ ତଦନ୍ତ ସହ ବିଡିଓଙ୍କୁ ତୁରନ୍ତ ବଦଳି କରିବା, ୭ ଦିନ ମଧ୍ୟରେ ସମସ୍ୟାଗୁଡ଼ିକର ସମାଧାନ କରିବାକୁ ଦାବି କରାଯାଇଛି।

# ବନ୍ୟା ପୀଡ଼ିତଙ୍କ ପାଖରେ ପହଞ୍ଚିଲା ଦେମାଳ ଗ୍ରାମପଞ୍ଚାୟତ ମହାସଙ୍ଘ



କେନ୍ଦ୍ରାପଡ଼ା,୨୫।୮ (ସଂଚାର ବ୍ୟୁରୋ): ଲଘୁଚାପଜନିତ ଲଗାଣ ବର୍ଷା ଏବଂ ତୃତୀୟ ଥର ବନ୍ୟା ଯୋଗୁଁ କେନ୍ଦ୍ରାପଡ଼ା ଜିଲ୍ଲାର କନିକା ବ୍ଲକ୍ ଅନ୍ତର୍ଗତ ଧୋୟା ଅଞ୍ଚଳ ସମେତ ବିଭିନ୍ନ ଗାଁ ଏବେ ମଧ୍ୟ ଜଳବନ୍ଦୀ ଅବସ୍ଥାରେ ରହିଛି। ଯଦିଓ କେତେକ ସ୍ଥାନରେ ବନ୍ୟାଜଳ କମିବାରେ ଲାଗିଛି, ତଥାପି ବନ୍ୟା ପୀଡ଼ିତଙ୍କ ଦୁଃଖ ଓ ଦୁର୍ଦ୍ଦଶା କମିନାହିଁ। କେଉଁଠି ଘରେ ପାଣି ପଶିଛି ତ କେଉଁଠି ଚୁଲିରେ ପାଣି ପଶିବା ଯୋଗୁଁ ରୋଷେଇ ବନ୍ଦ ହୋଇଯାଇଛି। ଏହି ବନ୍ୟାରେ ଧାରକରଜ କରି ଚାଷ କରିଥିବା ଚାଷୀମାନଙ୍କ ଅବସ୍ଥା ମଧ୍ୟ ଅତ୍ୟନ୍ତ ଦୟନୀୟ ହୋଇପଡ଼ିଛି। ଅନେକ ପରିବାର ଜୀବନ ଓ ଜୀବିକା ନେଇ ଚିନ୍ତାରେ ଅଛନ୍ତି। ଏଭଳି ଦୁର୍ଦ୍ଦିନରେ ଅସହାୟ ସାହାରା ସାଜିଛନ୍ତି ଦେମାଳ ଗ୍ରାମ ପଞ୍ଚାୟତ ମହାସଙ୍ଘ।।

ଧୋୟା ଅଞ୍ଚଳର ବିଭିନ୍ନ ବନ୍ୟା ପ୍ରଭାବିତ ସ୍ଥାନକୁ ଯାଇ ଲୋକଙ୍କୁ ଶୁଖିଲା ଖାଦ୍ୟ ଓ ଅତ୍ୟାବଶ୍ୟକ ସାମଗ୍ରୀ ବଣ୍ଟନ କରିଛନ୍ତି ଏହି ମାନବିକ ପଦକ୍ଷେପ ଫଳରେ ଦୁର୍ଦ୍ଦିନରେ ଥିବା ଗରିବ ଓ ଅସହାୟ ପରିବାରଗୁଡ଼ିକ କିଛିଟା ଆଶ୍ୱସ୍ତ ହୋଇପାରିଛନ୍ତି। ଏଭଳି ସେବା ଓ ସହଯୋଗକୁ ଅଞ୍ଚଳବାସୀ ପ୍ରଶଂସା କରିବା ସହ ଆଗାମୀ ଦିନରେ ମଧ୍ୟ ବନ୍ୟା ପୀଡ଼ିତଙ୍କ ପାଇଁ ସହାୟତା ଜାରି ରହିବ ବୋଲି ଆଶା ପ୍ରକାଶ କରିଛନ୍ତି ରେଖା ଜେନା, ସ୍ୱାଗତିକା ବେହେରା, ସମିତାରାଣୀ ବେହେରା, ମିନତୀ ସାମଲ ,ମନୋରମା ସେନାପତି, ରଶ୍ମିତା ସେନାପତି, ମଞ୍ଜୁଳତା ସାମଲ, ଉର୍ବଶୀ ସିଂହ ,ଅନୁପମା ଦାସ ,ଗୀତାଞ୍ଜଳି ଲାହା, ରେଣୁକା ମଲ୍ଲିକ ,ବୋଉଳଲତା ଦାସ, ଯଶୋଧା ମଲ୍ଲିକ, ସୌଦାମିନିବେହେରା ,ଗ୍ରିରୀବାଳା ରାୟ, ଅନୁସୟା ନାୟକ ,ସରସ୍ୱତୀ ବିଶ୍ୱାଳ, ଅନ୍ନପୂର୍ଣ୍ଣା ଦାସ ,ଜୟନ୍ତୀ ପୂଜାରୀ, ସଯୁକ୍ତା ରାୟ ,ଶୈଳବାଳା ମହାନ୍ତି ଖରୀଅଷ୍ଟା, ଦଶୀପୁର, ହାବଳଗଣ୍ଡ ,ପରିମୁକୁନ୍ଦପୁର, ଅଞ୍ଚଳର ବିକାଶ ଓ ଲୋକଙ୍କ ସମସ୍ୟା ସମାଧାନ ପାଇଁ ମଧ୍ୟ ସଦସ୍ୟମାନେ ନିଆରା ଢଙ୍ଗରେ ପ୍ରୟାସ ଜାରି ରଖିଥିବା ଦେଖିବାକୁ ମିଳିଛି।"

## ପ୍ରମାଣମ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ନୀଳଗିରି,୨୫।୮ (ସଂଚାର ବ୍ୟୁରୋ): ଗତ ୨୬-୦୫-୨୦୨୨ ରିଖ ରାତି ୧୦: ୧୫ ମିନିଟ ସମୟରେ ନୀଳଗିରି କଚେରୀ ବଜାର ନିକଟରେ ଦୁର୍ଗା ମଣ୍ଡପ ସମ୍ମୁଖରେ ଥିବା ପାନ ଦୋକାନ ସାମ୍ନାରେ ନୀଳଗିରି ଏନଏସି ଅନ୍ତର୍ଗତ ୨ନମ୍ବର ୱାର୍ଡ ଘାଟଘର ସାହି ଗ୍ରାମର ମୁକୁନ୍ଦ ପ୍ରଧାନ ଙ୍କ ପୁତ୍ର ଗିରିଜା ଶଙ୍କର ପ୍ରଧାନ ଙ୍କୁ ବରିସାହି ଗ୍ରାମର ମନୋରଞ୍ଜନ ବିଶ୍ୱାଳ ଙ୍କ ପୁତ୍ର ପ୍ରିତମ ବିଶ୍ୱାଳ ଙ୍କୁ ମାରିଦେବାକୁ ଉଦେଶ୍ୟ ରଖି ମୁଣ୍ଡ ସହିତ ଶରୀର ର ବିଭିନ୍ନ ଜାଗାରେ ଆକ୍ରମଣ ଘଟଣାରେ ଗିରିଜା ଶଙ୍କର ନୀଳଗିରି ହସ୍ପିଟାଲ ରେ ଚିକିତ୍ସିତ ହୋଇଥିଲେ।ଏହି ଘଟଣା କୁ ନେଇ ନୀଳଗିରି ଥାନାରେ କେଶ ନମ୍ବର ୧୯୨/୨୭-୦୫-୨୦୨୨ ରୁଜୁ ହୋଇ ଅଦାଲତ ରେ ବିଚାରଧିନ ଥିଲା।ସାକ୍ଷୀ ଙ୍କ ବୟାନ ଓ ଦସ୍ତାବିଜ ଆଧାର କରି ମାନ୍ୟବର ନୀଳଗିରି ଅତିରିକ୍ତ ଜିଲ୍ଲା ଦୈରାଜଜ ସ୍ରୋତସ୍ୱିନୀ କର ପ୍ରମାଣ ଅଭାବ ରୁ ଅଭିଯୁକ୍ତ ପ୍ରିତମ ବିଶ୍ୱାଳ କୁ ନିର୍ଦ୍ଦୋଷ ରେ ଖୋଲାସ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ପ୍ରିତମ ବିଶ୍ୱାଳ ବରିଷ୍ଠ ଆଇନଜୀବି ଦିଗମ୍ବର ସ, ସାନ୍ତୁନୁ କୁମାର ଖୁଣ୍ଟିଆମାମଲା ପରିଚାଳନା କରୁଥିଲେ।

## ନାମ ଓ ପିତାମାତାଙ୍କ ପରିଚୟ ସମ୍ପର୍କରେ ଘୋଷଣା

ମୁଁ ଅଶୋକ କୁମାର ସାହୁ (ଅନ୍ୟ ନାମ— ଅଶୋକ କୁମାର ପୃଷ୍ଟି), ଗ୍ରାମ-ଖମଗାଁ, ଡାକଘର-ତାଳସଙ୍ଗା, ଥାନା-ପାଟକୁରା, ଜିଲ୍ଲା-କେନ୍ଦ୍ରାପଡ଼ାର ବାସିନ୍ଦା । ମୋ ମାଟ୍ରିକ୍ ସାର୍ଟିଫିକେଟ୍‌ରେ ଭୁଲବଶତଃ ମୋ ନାମ 'ଅଶୋକ କୁମାର ସାହୁ' ଏବଂ ପିତା-ମାତାଙ୍କ ନାମ ବାବାଜୀ ସାହୁ ଓ ଭାରତୀ ସାହୁ ଭାବେ ଲିପିବଦ୍ଧ ହୋଇଛି । ଏହି ତଥ୍ୟକୁ ନେଇ ବାବାଜୀ ସାହୁ ଓ ଭାରତୀ ସାହୁଙ୍କ ପକ୍ଷରୁ କେନ୍ଦ୍ରାପଡ଼ା ସିଭିଲ୍ କୋର୍ଟରେ ଦାୟର ସିଭିଲ୍ ମକଦ୍ଦମା ନଂ-୧୩୦/୨୦୨୫ରେ ମାନ୍ୟବର ଅଦାଲତ ୨୧.୦୬.୨୦୨୫ରେ ରାୟ ପ୍ରଦାନ କରି ମୋତେ ସ୍ୱର୍ଗତ ଧନେଶ୍ୱର ପୃଷ୍ଟି ଓ ଟୁକୁନି ପୃଷ୍ଟିଙ୍କ ଜୈବିକ ପୁତ୍ର ବୋଲି ଘୋଷଣା କରିଛନ୍ତି । ଏଥିସହ ବାବାଜୀ ସାହୁ ଓ ଭାରତୀ ସାହୁଙ୍କ ସହ ମୋର କୌଣସି ପିତାମାତା ସମ୍ପର୍କ ନଥିବା ଏବଂ ସେମାନଙ୍କ ସମ୍ପତ୍ତି ଉପରେ ମୋର କୌଣସି ଅଧିକାର ନଥିବା ସ୍ପଷ୍ଟ ହୋଇଛି । ଅନ୍ୟପକ୍ଷରେ, ମୋ ପିତା ଧନେଶ୍ୱର ପୃଷ୍ଟିଙ୍କ ଆଇନଗତ ଉତ୍ତରାଧିକାରୀ ପ୍ରମାଣପତ୍ର ନଂ E-LHC/202/38751 ଏବଂ ମହମୁଦା ଗ୍ରାମର R.O.R. ନଂ-୧୯୧/୧୪୦ରେ ମୋତେ ଧନେଶ୍ୱର ପୃଷ୍ଟିଙ୍କ ପୁତ୍ର ଭାବେ ଦର୍ଶାଯାଇଛି ।

ତେଣୁ 'ଅଶୋକ କୁମାର ସାହୁ' ଓ 'ଅଶୋକ କୁମାର ପୃଷ୍ଟି' ଦୁଇଟି ନାମ ଜଣେ ବ୍ୟକ୍ତିଙ୍କର ହିଁ ଅଟେ ଏବଂ ମୁଁ ସ୍ୱର୍ଗତ ଧନେଶ୍ୱର ପୃଷ୍ଟି ଓ ଟୁକୁନି ପୃଷ୍ଟିଙ୍କ ପୁତ୍ର ବୋଲି ଘୋଷଣା କରୁଛି। ଉପରୋକ୍ତ ତଥ୍ୟ ମିଥ୍ୟା ପ୍ରମାଣିତ ହେଲେ ଏଥିପାଇଁ ମୁଁ ନିଜେ ଦାୟୀ ରହିବି ।

# ତିନି ପ୍ରମୁଖ ସଂସ୍ଥା ସହ ବାଲ୍‌ମିର ବୁଝାମଣାପତ୍ର ସ୍ୱାକ୍ଷରିତ




■ ଏନ୍‌ଡବ୍ଲ୍ୟୁଏ, ଆଇସିଏଆର୍-ଆଇଆଇଡବ୍ଲ୍ୟୁଏମ୍ ଓ ଓସିସିଏଲ୍ ସହ ଚୁକ୍ତି

■ ଜଳ ସମ୍ପଦ କ୍ଷେତ୍ରରେ ପ୍ରଶିକ୍ଷଣ, ଗବେଷଣା ଓ ଭିତ୍ତିଭୂମି ବିକାଶକୁ ନୂଆ ଗତି

ଭୁବନେଶ୍ୱର,୨୫।୮ (ସଂଚାର ବ୍ୟୁରୋ): ଓଡ଼ିଶାରେ ଜଳ ସମ୍ପଦ ପରିଚାଳନାକୁ ଅଧିକ ବୈଜ୍ଞାନିକ, ପ୍ରଯୁକ୍ତିଭିତ୍ତିକ ଓ ଦକ୍ଷ କରିବା ସହ ଜଳ ଓ ଭୂମି ପରିଚାଳନା ପ୍ରତିଷ୍ଠାନ (ବାଲ୍‌ମି)କୁ ଏକ ଆଧୁନିକ ସେଣ୍ଟର ଅଫ୍ ଏକ୍ସଲେନ୍ସ ଭାବେ ବିକଶିତ କରିବା ଦିଗରେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ଏହି ଉଦ୍ଦେଶ୍ୟରେ ବାଲ୍‌ମି ପକ୍ଷରୁ ଜାତୀୟ ଜଳ ଏକାଡେମୀ (ଏନଡବ୍ଲ୍ୟୁଏ), ପୁଣେ, ଆଇସିଏଆର୍ - ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ (ଆଇସିଏଆର୍-ଆଇଆଇଡବ୍ଲ୍ୟୁଏମ୍), ଭୁବନେଶ୍ୱର ଏବଂ ଓଡ଼ିଶା କନଷ୍ଟ୍ରକ୍ସନ୍ କର୍ପୋରେସନ୍ ଲିମିଟେଡ୍ (ଓସିସିଏଲ୍)ଙ୍କ ସହ ୩ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ବିଭାଗର ସମ୍ମିଳନୀ କକ୍ଷଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଅଧ୍ୟକ୍ଷତା କରିଥିଲେ। ଜାତୀୟ ଜଳ ଏକାଡେମୀ ପକ୍ଷରୁ ମୁଖ୍ୟ ଯନ୍ତ୍ରୀ ଓ୍ୱସିମ ଅସରଫ ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ଜଳ ଶକ୍ତି ମନ୍ତ୍ରଣାଳୟ, ଭାରତ ସରକାର ଅଧୀନସ୍ଥ କେନ୍ଦ୍ରୀୟ ଜଳ ଆୟୋଗର ନ୍ୟାସନାଲ ୱାଟର ଏକାଡେମୀ (ଏନ୍‌ଡବ୍ଲ୍ୟୁଏ), ପୁଣେ ସହ ଏହି ସହଯୋଗ ମାଧ୍ୟମରେ ଯୁଗ୍ମ ଓ ଆବଶ୍ୟକତାଭିତ୍ତିକ ପ୍ରଶିକ୍ଷଣ, ଜ୍ଞାନ ଆଦାନ-ପ୍ରଦାନ ଓ ଜଳ ସମ୍ପଦ ପରିଚାଳନାରେ ସମକାଳୀନ ପଦ୍ଧତି ସମ୍ପର୍କରେ ଅଭିଜ୍ଞତା ହାସଲ ଉପରେ ଗୁରୁତ୍ୱ ଦିଆଯିବ। ଏହା ମାଧ୍ୟମରେ ବାଲ୍‌ମି ଏନ୍‌ଡବ୍ଲ୍ୟୁଏର ଜାତୀୟସ୍ତରୀୟ ବିଶେଷଜ୍ଞତା, ବିଶେଷ ପ୍ରଶିକ୍ଷଣ ସମ୍ବଳ ଓ ଶ୍ରେଷ୍ଠ ଅଭ୍ୟାସ ସମ୍ପର୍କିତ ଅଭିଜ୍ଞତାର ଲାଭ ଉଠାଇପାରିବ।

ସେହିପରି ଆଇସିଏଆର୍- ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ ପକ୍ଷରୁ ନିର୍ଦ୍ଦେଶକ ଭାବେ ଡ. ଏ. ସାରଙ୍ଗୀ ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ଏହି ସହଯୋଗ ମାଧ୍ୟମରେ ଗବେଷଣା, ପ୍ରଯୁକ୍ତି ଓ କ୍ଷେତ୍ରସ୍ତରୀୟ ପ୍ରୟୋଗ ମଧ୍ୟରେ ସମନ୍ୱୟ ଅଧିକ ସୁଦୃଢ଼ ହେବ। ଏଥିରେ ଆଇଓଟି ଓ ସେନ୍ସର୍ ଆଧାରିତ ଜଳ ପରିଚାଳନା, ସଠିକ୍ ସେଚନ ବ୍ୟବସ୍ଥା ଏବଂ ଡିଜିଟାଲ୍ ପ୍ରଯୁକ୍ତିର ପ୍ରୟୋଗ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ଏହାଛଡ଼ା ଓସିସିଏଲ୍ ସହ ହୋଇଥିବା ଚୁକ୍ତି ମାଧ୍ୟମରେ ବାଲ୍‌ମିକୁ ଏକ ସେଣ୍ଟର ଅଫ୍ ଏକ୍ସଲେନ୍ସ ଭାବେ ବିକଶିତ କରିବା ପାଇଁ ଏହାର ଭୌତିକ ଭିତ୍ତିଭୂମିର ଉନ୍ନତି ଓ ସୁଦୃଢ଼ୀକରଣ କରାଯିବ। ଜଳ ସମ୍ପଦ ବିଭାଗର ବରିଷ୍ଠ ଅଧିକାରୀଙ୍କ ମଧ୍ୟରେ ଇଂ. ଦିଲ୍ଲୀପ କୁମାର ରାଉତ, ସର୍ବୋଚ୍ଚ ଯନ୍ତ୍ରୀ, ଜଳ ସମ୍ପଦ; ଇଂ. ବିଘ୍ନରାଜ ପୁରୋହିତ, ସର୍ବୋଚ୍ଚ ଯନ୍ତ୍ରୀ, ଏସ୍ ଆଣ୍ଡ୍ ଏମ୍; ଇଂ. ନିରଞ୍ଜନ ରାଉତ, ସର୍ବୋଚ୍ଚ ଯନ୍ତ୍ରୀ, ପ୍ରୋକ୍ୟୁରମେଣ୍ଟ ଇଂ. ପୂର୍ଣ୍ଣଚନ୍ଦ୍ର ରଥ, ସର୍ବୋଚ୍ଚ ଯନ୍ତ୍ରୀ, ଆଇଭି; ଇଂ. ଅବିନାଶ ରାଉଳ, ସର୍ବୋଚ୍ଚ ଯନ୍ତ୍ରୀ, ଇଣ୍ଟର ଷ୍ଟେଟ୍‌ସ; ଇଂ. ବୈଜିନାଥ ହେମ୍ବ୍ରମ, ନିର୍ଦ୍ଦେଶକ, ବାଲ୍‌ମି; ଏବଂ ଶ୍ରୀ ସୁବ୍ରତ ନାୟକ, ଅତିରିକ୍ତ ଶାସନ ସଚିବ ପ୍ରମୁଖ ଉପସ୍ଥିତ ଥିଲେ।

## ଭୁବନେଶ୍ୱରରେ ହେବ ଅର୍ବାନ୍ ମୋବିଲିଟି ଇଣ୍ଡିଆ ସମ୍ମିଳନୀ



ଭୁବନେଶ୍ୱର,୨୫।୮ (ସଂଚାର ବ୍ୟୁରୋ): କେନ୍ଦ୍ର ଗୃହ ନିର୍ମାଣ ଓ ନଗର ବ୍ୟାପାର ମନ୍ତ୍ରଣାଳୟର ଏକ ତିନିଜଣିଆ ପ୍ରତିନିଧିମଣ୍ଡଳୀ ଆଜି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କୁ ସାକ୍ଷାତ କରିଥିଲେ। ପ୍ରତିନିଧିମଣ୍ଡଳୀରେ ଏସ୍‌ଓ ସୁଧୀର ସିଂହ, ଗାଇଡେଡ୍ ଟ୍ରାନ୍ସପୋର୍ଟ ସ୍ପେସିଆଲିଷ୍ଟ ରଞ୍ଜିଶ କୁମାର ଏବଂ ମ୍ୟାନେଜର୍, ୟୁଏମ୍‌ଆଇ ରୀନା ଆରୋରା ଶ୍ରୀବାସ୍ତବ ରହିଥିଲେ। ଏହି ଅବସରରେ ଆସନ୍ତା ଅକ୍ଟୋବର ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଆୟୋଜିତ ହେବାକୁ ଥିବା ୧୯ତମ ଅର୍ବାନ୍ ମୋବିଲିଟି ଇଣ୍ଡିଆ ସମ୍ମିଳନୀ ଓ ପ୍ରଦର୍ଶନୀ-୨୦୨୬ର ପ୍ରସ୍ତୁତି ନେଇ ଆଲୋଚନା ହୋଇଥିଲା।

ଓଡ଼ିଶାରେ ଆୟୋଜିତ ହେବାକୁ ଥିବା ଏହି ପ୍ରତିଷ୍ଠିତ ଜାତୀୟ ସ୍ତରର ପ୍ରମୁଖ କାର୍ଯ୍ୟକ୍ରମରେ ଦେଶ ତଥା ବିଦେଶର ନୀତି ନିର୍ଦ୍ଧାରକ, ସହରୀ ପରିବହନ ବିଶେଷଜ୍ଞ, ପ୍ରଶାସକ, ଶିଳ୍ପ ନେତୃତ୍ୱ, ଶିକ୍ଷାବିତ୍ ଓ କ୍ଷେତ୍ର ବିଶେଷଜ୍ଞମାନେ ଯୋଗଦେଇ ସହରୀ ଗମନାଗମନ କ୍ଷେତ୍ରରେ ଆହ୍ୱାନ ଓ ସୁଯୋଗ ସମ୍ପର୍କରେ ଆଲୋଚନା କରିବେ। 'ଡିଜିଟାଲ ଯୁଗରେ ସହରୀ ପରିବହନର ସୁଗମତା ଓ ଜୀବନଯାପନର ମାନ' ବିଷୟବସ୍ତୁକୁ ଆଧାର କରି ଏହି ସମ୍ମିଳନୀ ଆୟୋଜିତ ହେବ। ଏଥିରେ ସୁଗମ, ସ୍ଥାୟୀ, ସମାବେଶୀ, ପ୍ରଯୁକ୍ତି ଭିତ୍ତିକ ଏବଂ ଜଳବାୟୁ-ସହନଶୀଳ ସହରୀ ପରିବହନ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯିବ।

ଆଲୋଚନା ସମୟରେ ଶ୍ରୀମତୀ ପାଢ଼ୀ ଏକ ସୁସମନ୍ୱିତ ଓ ପ୍ରଭାବଶାଳୀ ୟୁଏମ୍‌ଆଇ ସମ୍ମିଳନୀ ଆୟୋଜନ ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଶାରେ ଏହି ସମ୍ମିଳନୀ ଆୟୋଜନ ରାଜ୍ୟର ସହରୀ ଗମନାଗମନ କ୍ଷେତ୍ରରେ ରୂପାନ୍ତରଣମୂଳକ ଯାତ୍ରାକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରଦର୍ଶନ କରିବାର ଏକ ବଡ଼ ସୁଯୋଗ ପ୍ରଦାନ କରିବ ବୋଲି ସେ କହିଥିଲେ।

## ରତ୍ନଗିରିର ଖନନ ଉପରେ ବକ୍ତୃତା କାର୍ଯ୍ୟକ୍ରମ




ଭୁବନେଶ୍ୱର,୨୫।୮ (ସଂଚାର ବ୍ୟୁରୋ): ଓଡ଼ିଶା ଗବେଷଣା କେନ୍ଦ୍ର ଓ ଉତ୍କଳ ବିଶ୍ୱବିଦ୍ୟାଳୟର ମିଳିତ ଉଦ୍ୟମରେ ରତ୍ନଗିରିରେ ବର୍ତ୍ତମାନ ଚାଲିଥିବା ଖନନ ଉପରେ ଏକ ବକ୍ତୃତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ (ଏଏସଆଇ), କୋଲକାତା ମଣ୍ଡଳର ଅଧୀକ୍ଷଣ ପ୍ରତ୍ନତତ୍ତ୍ୱବିତ୍ ଡକ୍ଟର ଡିବି ଗଡ଼ନାୟକ ଏହି ବକ୍ତୃତା ପ୍ରଦାନ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଜଗନ୍ନେଶ୍ୱର ଦଣ୍ଡପାଟ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଓଡ଼ିଶା ଗବେଷଣା କେନ୍ଦ୍ରର ଟ୍ରଷ୍ଟି ତଥା ବିଶିଷ୍ଟ ପ୍ରତ୍ନତତ୍ତ୍ୱବିତ୍ ପ୍ରଫେସର କିଶୋର କୁମାର ବାସା ଓ ବିଶିଷ୍ଟ ଭାଷାବିତ୍ ପ୍ରଫେସର ବସନ୍ତ କୁମାର ପଣ୍ଡା ମଧ୍ୟ ଉପସ୍ଥିତ ଥିଲେ।

ଆଲୋଚନାର ପ୍ରସଙ୍ଗ ଉପସ୍ଥାପନ କରି ଓଡ଼ିଶା ଗବେଷଣା କେନ୍ଦ୍ରର ପରାମର୍ଶଦାତା ସମ୍ବିତ ତ୍ରିପାଠୀ ଗବେଷଣା କେନ୍ଦ୍ର ପ୍ରତିଷ୍ଠାର ଉଦ୍ଦେଶ୍ୟ ସହ ଛାତ୍ରଛାତ୍ରୀ ଓ ଶିକ୍ଷାଜଗତ ପାଇଁ ବକ୍ତୃତାର ପ୍ରାସଙ୍ଗିକତା ସମ୍ପର୍କରେ କହିଥିଲେ। ଡ. ଗଡ଼ନାୟକ ରତ୍ନଗିରିରେ ସାମ୍ପ୍ରତିକ ପ୍ରତ୍ନତାତ୍ତ୍ୱିକ ଅନୁସନ୍ଧାନରୁ ମିଳିଥିବା ନୂତନ ତଥ୍ୟ ଉପସ୍ଥାପନ କରିଥିଲେ। ସେ କହିଥିଲେ ଯେ ରତ୍ନଗିରିର ବିଶେଷତ୍ୱ ହେଉଛି ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରୁ ଖ୍ରୀଷ୍ଟାବ୍ଦ ଦ୍ୱାଦଶ ଶତାବ୍ଦୀ ପର୍ଯ୍ୟନ୍ତ ଏଠାରେ ବୌଦ୍ଧ ପରମ୍ପରାର ଅବିଚ୍ଛିନ୍ନ ଉପସ୍ଥିତିର ପ୍ରମାଣ ମିଳେ। ଏହି ସ୍ଥଳରେ ହୀନଯାନ, ମହାଯାନ ଓ ବଜ୍ରଯାନ, ବୌଦ୍ଧ ଧର୍ମର ତିନୋଟି ପ୍ରମୁଖ ଧାରାର ପ୍ରମାଣ ମିଳିଥିବା ସହ ବୌଦ୍ଧ ଓ ହିନ୍ଦୁ ସ୍ଥାପତ୍ୟ ଶୈଳୀର ସମନ୍ୱୟ ମଧ୍ୟ ପରିଲକ୍ଷିତ ହୁଏ।

## ଭବିଷ୍ୟତ ନିର୍ମାଣ ପାଇଁ ମିଳିତ ପ୍ରୟାସ ଆବଶ୍ୟକ




ଭୁବନେଶ୍ୱର,୨୫।୮ (ସଂଚାର ବ୍ୟୁରୋ): ଓଡ଼ିଶାର ଭବିଷ୍ୟତ ନିର୍ମାଣ ପାଇଁ ସମସ୍ତଙ୍କ ମିଳିତ ପ୍ରୟାସ ଉପରେ ଓଡ଼ିଶା ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଗୁରୁତ୍ୱାରୋପ କରିଛନ୍ତି। ସରକାର, ନାଗରିକ, ଶିଳ୍ପାନୁଷ୍ଠାନ, ଶିକ୍ଷାବିତ, ସିଭିଲ ସୋସାଇଟି ଓ ଗଣମାଧ୍ୟମର ସମ୍ମିଳିତ ପ୍ରୟାସ ମାଧ୍ୟମରେ ଓଡ଼ିଶା ଗଢ଼ିବାକୁ ହେବ ଯେଉଁଠି ପ୍ରତ୍ୟେକ ଯୁବକ ବିଶ୍ୱାସର ସହ ସ୍ୱପ୍ନ ଦେଖିପାରିବେ, ମହିଳାମାନେ ମର୍ଯ୍ୟାଦାର ସହ ନେତୃତ୍ୱ ନେଇପାରିବେ, ଶିଶୁମାନେ ସୁଯୋଗ ସହ ଶିକ୍ଷା ଗ୍ରହଣ କରିପାରିବେ ଏବଂ ବିକାଶ ଧାଡ଼ିର ଶେଷ ବ୍ୟକ୍ତି ପାଖରେ ପହଞ୍ଚି ପାରିବ ବୋଲି ରାଜ୍ୟପାଳ କହିଛନ୍ତି। ମଙ୍ଗଳବାର ଓଡ଼ିଆ ଦୈନିକ 'ସକାଳ' ଓ ନନ୍ଦିଘୋଷ ଟିଭି ପକ୍ଷରୁ ଆୟୋଜିତ ଓଡ଼ିଶା 'ଅଭ୍ୟୁଦୟ କନ୍‌କ୍ଲେଭ୍ ୨୦୨୬'ର ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି। ଏହି ଅବସରରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ଓଡ଼ିଶା ବିକଶିତ ଓଡ଼ିଶା@୨୦୩୬ ଦିଗରେ ଅଗ୍ରସର ହେଉଥିବା ସମୟରେ ଏହି ଦୁଇଦିନିଆ କନ୍‌କ୍ଲେଭ ସମୟୋପଯୋଗୀ ଓ ପ୍ରାସଙ୍ଗିକ। ଓଡ଼ିଶା ଏକ ନୂଆ ଦ୍ୱାରଦେଶରେ ଠିଆ ହୋଇଛି। ଖଣିଜ ସମ୍ପଦରୁ ମୂଲ୍ୟ ସଂଯୋଜନ, ଉତ୍ପାଦନ, ନବୀକରଣ, ପ୍ରଯୁକ୍ତି, ଉଦ୍ୟମିତା ଓ ଗୁଣବତ୍ତାସମ୍ପନ୍ନ ନିଯୁକ୍ତି ଦିଗରେ ଅଗ୍ରସର ହେବାର ଆବଶ୍ୟକତା ଉପରେ ଆଲୋକପାତ କରିବା ସହ ରାଜ୍ୟର ଖଣିଜ ସମ୍ପଦ ମାନବ ବିକାଶ ଓ ସମୃଦ୍ଧିର ଉତପ୍ରେରକ ହେବା ଉଚିତ ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକଶିତ ଭାରତ ଦୃଷ୍ଟିକୋଣ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ସରକାର ଓଡ଼ିଶାର ବିକାଶକୁ ଆଗେଇ ନେଉଥିବା ପାଇଁ ରାଜ୍ୟପାଳ ପ୍ରଶଂସା କରିଥିଲେ। ଶିକ୍ଷାକୁ ବିକାଶର ପ୍ରମୁଖ ପ୍ରାଥମିକତା ଭାବେ ଚିହ୍ନଟ କରି ଜ୍ଞାନ, ଗବେଷଣା, ନବୀକରଣ ଓ ନେତୃତ୍ୱ ଉପରେ କେନ୍ଦ୍ରିତ ଉତ୍କର୍ଷ କେନ୍ଦ୍ର ଗଢ଼ିବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଛନ୍ତି। ଯୁବପିଢ଼ୀକୁ କେବଳ ଚାକିରି ଖୋଜିବା ନୁହେଁ, ଚାକିରି ସୃଷ୍ଟି କରିବା ପାଇଁ ମଧ୍ୟ ପ୍ରସ୍ତୁତ କରାଯିବା ଉଚିତ ବୋଲି ସେ କହିଥିଲେ। ମହିଳା ନେତୃତ୍ୱାଧୀନ ବିକାଶ ଉପରେ ଗୁରୁତ୍ୱାରୋପ କରିବା ସହ ମହିଳାମାନଙ୍କ ପାଇଁ ଶିକ୍ଷା, ପ୍ରଯୁକ୍ତି, ଅର୍ଥ, ସମ୍ପତ୍ତି, ଉଦ୍ୟମିତା ଓ ନେତୃତ୍ୱ ସୁଯୋଗ ବୃଦ୍ଧି କରିବାକୁ ରାଜ୍ୟପାଳ କହିଥିଲେ। ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶାର ସଫଳତା ଉପରେ ଆଲୋକପାତ କରି ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା, ପ୍ରାକ ସତର୍କ ସୂଚନା ବ୍ୟବସ୍ଥା, ସ୍ଥାୟୀ ଭିତ୍ତିଭୂମି ଓ ଗୋଷ୍ଠୀ ଅଂଶଗ୍ରହଣ ମାଧ୍ୟମରେ ବିପର୍ଯ୍ୟୟ ପ୍ରତିକ୍ରିୟାରୁ ବିପର୍ଯ୍ୟୟ ପରିଚାଳନା ଆଡ଼କୁ ପରିବର୍ତ୍ତନ କରିବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଥିଲେ।

### ଗୋଦାବରୀଶ ମିଶ୍ର ପ୍ରାଥମିକ ବିଦ୍ୟାଳୟ ଯୋଜନାର ସମୀକ୍ଷା

## ବିଦ୍ୟାଳୟ ଚୟନ ଓ ଭିତ୍ତିଭୂମି ଗାଇଡଲାଇନରେ ହେବ ସଂଶୋଧନ



ଭୁବନେଶ୍ୱର,୨୫।୮ (ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଗୁରୁତ୍ୱପୂର୍ଣ୍ଣ 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' ଯୋଜନାର କାର୍ଯ୍ୟକାରିତା ସଂପର୍କିତ ରାଜ୍ୟସ୍ତରୀୟ ପରିଚାଳନା କମିଟିର ପ୍ରଥମ ବୈଠକ ଆଜି ଅନୁଷ୍ଠିତ ହୋଇଛି। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟରେ ଗୁଣାତ୍ମକ ଓ ସମାବେଶୀ ପ୍ରାଥମିକ ଶିକ୍ଷାର ବିକାଶ ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ନିର୍ମାଣର ଅଗ୍ରଗତି, ଯୋଜନାର କାର୍ଯ୍ୟାନ୍ୱୟନ ଓ ବିଭିନ୍ନ ପ୍ରସଙ୍ଗ ଉପରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ରାଜ୍ୟରେ ୧୧୮ଟି ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୨୦୪ଟି ଏହିପରି ସମୁଦାୟ ୩୨୨ଟି ବିଦ୍ୟାଳୟ ନିର୍ମାଣ ଏହି ଯୋଜନାରେ ସାମିଲ ହୋଇଛି। ବୈଠକରେ ମୁଖ୍ୟ ସଚିବ ବିଭିନ୍ନ ନିର୍ମାଣକାରୀ ସଂସ୍ଥାମାନଙ୍କ ଦ୍ୱାରା ନିର୍ମାଣ କାର୍ଯ୍ୟ ଅଗ୍ରଗତି ନେଇ ସମୀକ୍ଷା କରି କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି।

ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟଗୁଡ଼ିକର ଯୋଜନା କାର୍ଯ୍ୟକାରିତାକୁ ଅଧିକ ସଫଳ କରିବା ପାଇଁ ବିଦ୍ୟାଳୟ ଚୟନ ଓ ଭିତ୍ତିଭୂମି ସମ୍ବନ୍ଧୀୟ କେତେକ ଗାଇଡଲାଇନରେ ସଂଶୋଧନ ପ୍ରସ୍ତାବ ଉପରେ ଆଲୋଚନା ହୋଇଛି। କେତେକ ସ୍ଥାନରେ ଜମିର ଆକାର, ଓସାର ଓ ଭୂମିର ଆକୃତି ଅନୁଯାୟୀ ପୂର୍ବରୁ ଅନୁମୋଦିତ ବର୍ଗାକାର ବିଲ୍ଡିଂ ପ୍ଲାନ୍ କାର୍ଯ୍ୟକାରୀ କରିବା ସମ୍ଭବ ହେଉନଥିବାରୁ ଆୟତାକାର ପ୍ଲାନ୍ ଅନୁମୋଦନ ପାଇଁ ବୈଠକରେ ପ୍ରସ୍ତାବ ଦିଆଯାଇଛି। ଯୋଜନାର କାର୍ଯ୍ୟାନ୍ୱୟନ, ନିରୀକ୍ଷଣ ଓ ଗୁଣାତ୍ମକ ତଦାରଖକୁ ଅଧିକ ସୁଦୃଢ଼ କରିବା ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସେଲ୍‌ରେ ଟେକ୍ନିକାଲ୍ ଓ ଏକାଡେମିକ୍ ଏବଂ ପ୍ରଶାସନିକ ତଥା ଅର୍ଥ ଏବଂ ମାନବ ସମ୍ବଳ ନିୟୋଜନ ଉପରେ ଆଲୋଚନା ହୋଇଛି। ଆବଶ୍ୟକତା ଅନୁଯାୟୀ ପ୍ରସ୍ତାବିତ ବିଦ୍ୟାଳୟର ନିକଟସ୍ଥ ସରକାରୀ/ବେସରକାରୀ ଜମି ଅଧିଗ୍ରହଣ କରିବା ଏବଂ କେବଳ ପଞ୍ଚାୟତ ମୁଖ୍ୟାଳୟରେ ଏହି ବିଦ୍ୟାଳୟ ସ୍ଥାପନ ସୀମିତ ନରଖି, ସେଠାରେ ଜମି ଉପଲବ୍ଧ ନଥିଲେ ପଞ୍ଚାୟତର ସର୍ବାଧିକ ଜନବସତି ଥିବା ସ୍ଥାନରେ ବିଦ୍ୟାଳୟ ସ୍ଥାପନ ପାଇଁ ଗାଇଡଲାଇନ ସଂଶୋଧନ ପ୍ରସ୍ତାବ ଦିଆଯାଇଛି।

### ଗଣେଶ ପୂଜା ପାଇଁ ସିଙ୍ଗଲ୍ ୱିଣ୍ଡୋ ପରମିଶନ୍ ବ୍ୟବସ୍ଥା

## ଧନ୍ୟବାଦ ଜଣାଇଲା ଭୁବନେଶ୍ୱର ପୂଜା ମହାସଂଘ



ଭୁବନେଶ୍ୱର,୨୫।୮ (ସଂଚାର ବ୍ୟୁରୋ): ଭୁବନେଶ୍ୱର ପୂଜା ମହାସଂଘ ପକ୍ଷରୁ ଆଜି ଭୁବନେଶ୍ୱରର ବିଭିନ୍ନ ପୂଜା କମିଟିର ପ୍ରତିନିଧିମାନେ ଭୁବନେଶ୍ୱର ଡିସିପି ଜଗମୋହନ ମୀନାଙ୍କୁ ସାକ୍ଷାତ କରିଥିଲେ। ଚଳିତ ବର୍ଷ ଗଣେଶ ପୂଜା ଆୟୋଜନ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସିଙ୍ଗଲ୍ ୱିଣ୍ଡୋ ପରମିଶନ୍ ବ୍ୟବସ୍ଥା କରାଯାଇଥିବାରୁ ମହାସଂଘ ଓ ବିଭିନ୍ନ ପୂଜା କମିଟି ପକ୍ଷରୁ ଡିସିପି ଶ୍ରୀ ମୀନାଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଯାଇଥିଲା। ଏହି ବ୍ୟବସ୍ଥା ଦ୍ୱାରା ପୂଜା କମିଟିଗୁଡ଼ିକୁ ଅନୁମତି ପ୍ରକ୍ରିୟାରେ ସୁବିଧା ମିଳିବା ସହିତ ସମୟ ଓ ଶ୍ରମ ସଞ୍ଚୟ ହେବ ବୋଲି ମହାସଂଘ ପକ୍ଷରୁ କୁହାଯାଇଛି।
ଗଣେଶ ପୂଜାକୁ ସୁରୁଖୁରୁରେ ଓ ଶୃଙ୍ଖଳିତ ଭାବେ ପାଳନ କରିବା ପାଇଁ ପୁଲିସ ପ୍ରଶାସନକୁ ସମସ୍ତ ପୂଜା କମିଟି ପକ୍ଷରୁ ସହଯୋଗର ଆଶ୍ୱାସନ ମଧ୍ୟ ଦିଆଯାଇଥିଲା।
ଏଥିସହ ଭୁବନେଶ୍ୱରର ବିଭିନ୍ନ ପୂଜା କମିଟି ଓ ମହାସଂଘ ସହ ସମ୍ପୃକ୍ତ ଅନ୍ୟାନ୍ୟ ଦାବିଗୁଡ଼ିକର ପୂରଣ ପାଇଁ ଆଗାମୀ ଦିନରେ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀ ଏବଂ ବିଭିନ୍ନ ବିଭାଗ ମନ୍ତ୍ରୀମାନଙ୍କ ସହ ମହାସଂଘ ପକ୍ଷରୁ ସାକ୍ଷାତାଲୋଚନା କରାଯିବ। ଏହି ଦାବିଗୁଡ଼ିକର ସମାଧାନ ଓ ପୂଜା କମିଟିମାନଙ୍କ ସମସ୍ୟାର ସମାଧାନ ନିମନ୍ତେ ସରକାର ଓ ପ୍ରଶାସନଙ୍କ ସହ ଆଲୋଚନା ଜାରି ରହିବ ବୋଲି ମହାସଂଘ ପକ୍ଷରୁ କୁହାଯାଇଛି।

### ଶାନ୍ତିପୂର୍ଣ୍ଣ ଭାବେ ଶ୍ରାବଣ ମାସ ସମାପ୍ତ

## ୩୪ ଲକ୍ଷ ଭକ୍ତଙ୍କ ସୁରକ୍ଷିତ ଦର୍ଶନ ସୁନିଶ୍ଚିତ କଲା ଓଡ଼ିଶା ପୁଲିସ



କଟକ,୨୫।୮ (ସଂଚାର ବ୍ୟୁରୋ): ପବିତ୍ର ଶ୍ରାବଣ ମାସ ଅବସରରେ ରାଜ୍ୟର ବିଭିନ୍ନ ଶୈବପୀଠରେ ଭକ୍ତମାନଙ୍କ ସୁରକ୍ଷିତ ଦର୍ଶନ, ସୁଗମ ଯାତାୟାତ ଓ ଶୃଙ୍ଖଳିତ ଭିଡ଼ ପରିଚାଳନା ପାଇଁ ଓଡ଼ିଶା ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଶ୍ରାବଣ ମାସର ୪ଟି ସୋମବାରରେ ୩୫ଟି ପୁଲିସ ଜିଲ୍ଲାର ୪୫୨ଟି ପ୍ରମୁଖ ଶୈବ ପୀଠରେ ୩୪ ଲକ୍ଷରୁ ଅଧିକ ଭକ୍ତ ସୁରକ୍ଷିତ ଭାବେ ଦର୍ଶନ କରିଛନ୍ତି। ଚଳିତ ବର୍ଷ ଭକ୍ତ ସମାଗମକୁ ଆଧାର କରି ବଲାଙ୍ଗୀର, ବାଲେଶ୍ୱର ଓ କୋରାପୁଟ ଜିଲ୍ଲାରେ ଥିବା ଶୈବ ପୀଠଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। କେନ୍ଦ୍ରାଞ୍ଚଳ, କଟକ ଅଧୀନରେ ଲୋକନାଥ ଦେବ, ଯୋଡ଼ଲିଙ୍ଗ ଶିବ, ବାଲିକପିଳେଶ୍ୱର ଓ ଧବଳେଶ୍ୱର ଭଳି ପ୍ରମୁଖ ଶୈବପୀଠରେ ମଧ୍ୟ ବ୍ୟାପକ ପୁଲିସ ନିୟୋଜିତ ହୋଇଥିଲେ। ପ୍ରତ୍ୟେକ ଶ୍ରାବଣ ସୋମବାର ପୂର୍ବରୁ କମିଶନରେଟ୍ ପୁଲିସ ଓ ଜିଲ୍ଲା ପୁଲିସ ପକ୍ଷରୁ ଆଗୁଆ ଯାତାୟତ ପରାମର୍ଶ ଜାରି କରାଯାଇଥିଲା। ଗତ ରବିବାର ସନ୍ଧ୍ୟାରୁ ସୋମବାର ଅପରାହ୍ଣ ପର୍ଯ୍ୟନ୍ତ ସମ୍ଭାବ୍ୟ ଭିଡ଼କୁ ଆକଳନ କରି ସମ୍ବେଦନଶୀଳ ଅଞ୍ଚଳରେ ଆବଶ୍ୟକ ଯାତାୟାତ କଟକଣା ଲାଗୁ କରାଯାଇଥିଲା। ଗଡ଼ଗଡ଼ିଆ ଘାଟ ଓ ମଧୁସୂଦନ ସେତୁ ଭଳି ସ୍ଥାନରେ ଯାତାୟାତକୁ ସୁଚାରୁ ଭାବେ ନିୟନ୍ତ୍ରଣ କରାଯିବା ସହ ଜରୁରୀକାଳୀନ ଯାନବାହନର ଚଳାଚଳ ନିରବଚ୍ଛିନ୍ନ ରଖାଯାଇଥିଲା।

ସୁଚିନ୍ତିତ ଯୋଜନା, ବିଭିନ୍ନ ରେଞ୍ଜ ମଧ୍ୟରେ ଉତ୍ତମ ସମନ୍ୱୟ ଏବଂ ଭକ୍ତମାନଙ୍କ ସହଯୋଗ ଯୋଗୁଁ ଶ୍ରାବଣ ମାସ ଶୃଙ୍ଖଳିତ ଭାବେ ସମାପ୍ତ ହୋଇଛି ବୋଲି ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର ମତ ବ୍ୟକ୍ତ କରିଛନ୍ତି। ଏହି ଅଭିଯାନରେ ସୂଚାରୁ ରୁପେ କାର୍ଯ୍ୟ ସମ୍ପାଦନ କରିଥିବା ସମସ୍ତ ରେଞ୍ଜର ଅଧିକାରୀ, ପୁଲିସ ଜିଲ୍ଲାର ଏସ୍‌ପି ଓ ସେମାନଙ୍କ ଟିମ୍‌କୁ ସାଧୁବାଦ ଜଣାଇଛନ୍ତି।

### ଭୁବନେଶ୍ୱର ବିମାନ ବନ୍ଦରକୁ ଘରୋଇକରଣ ପ୍ରସଙ୍ଗ

## ଓଡିଆ ଅସ୍ମିତା ପ୍ରତି କୁଠାରାଘାତ କରିଛି ବିଜେପି



ଭୁବନେଶ୍ୱର,୨୫।୮ (ସଂଚାର ବ୍ୟୁରୋ): ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରକୁ ଲିଜ୍ ଦେଇ ଘରୋଇକରଣ କରାଇବାକୁ ବିଜେପି ସରକାର ପ୍ରୟାସ କରିଛନ୍ତି। ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର ଏହି ପ୍ରସଙ୍ଗରେ ବିଜେପି ସରକାର ଉପରେ ବର୍ଷିଛନ୍ତି।

ଡ. ସାମନ୍ତସିଂହାର କହିଛନ୍ତି ଯେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରକୁ ଘରୋଇ ସଂସ୍ଥା ହାତକୁ ଟେକି ଦେବାକୁ ବିଜେପି ସରକାର ଅନୁମୋଦନ କରିଛନ୍ତି, ଯାହାକି ଓଡିଆ ଅସ୍ମିତା ପ୍ରତି କୁଠାରଘାତ ସଦୃଶ। ଏଥିରେ ରାଜ୍ୟବାସୀ ମର୍ମାହତ ହୋଇଛନ୍ତି। ପ୍ରବାଦ ପୁରୁଷ ବିଜୁବାବୁଙ୍କ ନାମରେ ନାମିତ ଉକ୍ତ ବିମାନ ବନ୍ଦର ଦେଶର ଏକ ଲାଭାନ୍ୱିତ ବିମାନ ବନ୍ଦର। ବର୍ଷକୁ ୨୦୦ କୋଟିରୁ ଅଧିକ ଲାଭ ହେବା ସହ ୫୦ ଲକ୍ଷ ଲୋକେ ଏହି ବିମାନବନ୍ଦର ଦେଇ ଯାତାୟାତ କରିଥାନ୍ତି। ଏହାର ଘରୋଇକରଣ ନିଷ୍ପତ୍ତି କେତେ ଯୁକ୍ତିଯୁକ୍ତ ବୋଲି ସେ ପ୍ରଶ୍ନ କରିଛନ୍ତି। ଏଥିରେ ଆହୁରି ନିବେଶ କରି ବିକାଶ କରିବା ବଦଳରେ ବିଜେପି ସରକାର ବିମାନବନ୍ଦରକୁ ପିପିପି ମୋଡ୍‌ରେ ଘରୋଇ ସଂସ୍ଥା ହାତକୁ ଟେକି ଦେଇଛନ୍ତି। ଡବଲ ଇଞ୍ଜିନ ସରକାର ଓଡ଼ିଶା ପାଇଁ କାଳ ସାଜିଛନ୍ତି। ରାଜ୍ୟର ସମସ୍ତ ସମ୍ପଦକୁ ଲୁଟିବା ପାଇଁ କେନ୍ଦ୍ରର ବିଜେପି ସରକାର ଯୋଜନା କରୁଥିବା ବେଳେ ରାଜ୍ୟର ବିଜେପି ସରକାର ଏଜେଣ୍ଟ ସାଜି ତାହାକୁ ସମର୍ଥନ ଜଣାଉଛନ୍ତି ବୋଲି ଡ. ସାମନ୍ତସିଂହାର ଅଭିଯୋଗ କରିଛନ୍ତି।

ଏଥିସହ ସେ କହିଛନ୍ତି ଯେ ଏମଏମଡିଆର ଆକ୍ଟ ଯୋଗେ ରାଜ୍ୟର ଖଣିକୁ ବିକ୍ରି କରିଛନ୍ତି। ବିଭିନ୍ନ ବନ୍ଦର ଘରୋଇ କମ୍ପାନୀଙ୍କ ହାତକୁ ଟେକି ଦେଇଛନ୍ତି। ଉକ୍ତ ନିଷ୍ପତ୍ତିକୁ ସରକାର ଯଦି ରଦ୍ଦ ନ କରନ୍ତି, ତେବେ ବିଜେଡି ପକ୍ଷରୁ ଘୋର ବିରୋଧ କରାଯିବା ସହ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ସେ କହିଛନ୍ତି।

### ବାବୁ ସିଂଙ୍କ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଅନୁଧ୍ୟାନ

## ବୁଲି ଦେଖିଲେ ଦୟା ୱେଷ୍ଟ କେନାଲ ଓ ବଡ଼ଗଡ଼ ସ୍ୱେରେଜ୍ ବ୍ୟବସ୍ଥା



ଭୁବନେଶ୍ୱର, ୨୫।୮ (ସଂଚାର ବ୍ୟୁରୋ): ଓଡ଼ିଶା ବିଧାନସଭାର ବିଭାଗୀୟ ସ୍ଥାୟୀ କମିଟି-୩ର ଅଧ୍ୟକ୍ଷ ବାବୁ ସିଂଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର କମିଟି ଖୋର୍ଦ୍ଧା ଓ କଟକ ଜିଲ୍ଲା ଗସ୍ତକରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ, ଡ୍ରେନେଜ୍, ସ୍ୱେରେଜ୍, ପରିମଳ ବ୍ୟବସ୍ଥା ଓ ଭିତ୍ତିଭୂମି ସମ୍ପର୍କିତ ସମସ୍ୟାର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଗସ୍ତ ଅବସରରେ ଭୁବନେଶ୍ୱର ୱାର୍ଡ ନଂ ୪୫ ସ୍ଥିତ ଚିନ୍ତାମଣିଶ୍ୱର ଅଞ୍ଚଳର ଡ୍ରେନ୍ ସମସ୍ୟା ପରିଦର୍ଶନ କରିବା ସହ ଦୟା ୱେଷ୍ଟ କେନାଲ ଓ ବଡ଼ଗଡ଼ ସ୍ୱେରେଜ୍ ବ୍ୟବସ୍ଥା ବୁଲି ଦେଖିଥିଲେ। ଏଥିସହ ଉତ୍ତର ଭୁବନେଶ୍ୱର ଅଞ୍ଚଳର ଶିଖରଚଣ୍ଡୀ ମନ୍ଦିର ନିର୍ମାଣ ଓ ପାରିପାର୍ଶ୍ୱିକ ଉନ୍ନତି ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ।

ଏହାପରେ ପଟିଆ ଆରଓବି ଓ କଳାରାହାଙ୍ଗ ଆରଓବି ପରିଦର୍ଶନ କରିବା ସହ ୱାର୍ଡ ନଂ ୪ ସ୍ଥିତ ରୁଦ୍ରପ୍ରତାପ ଓ ନଅରକଣ୍ଟା ଗ୍ରାମର ଡ୍ରେନେଜ୍ ସମସ୍ୟା ବୁଲି ଦେଖିଥିଲେ। ସ୍ଥାନୀୟ ଅଞ୍ଚଳର ଲୋକଙ୍କ ସମସ୍ୟା ଓ ଆବଶ୍ୟକତା ସମ୍ପର୍କରେ ମଧ୍ୟ କମିଟି ସଦସ୍ୟମାନେ ଅବଗତ ହୋଇଥିଲେ। ଏତଦ୍‌ବ୍ୟତୀତ କଟକ ଜିଲ୍ଲାର ସେକ୍ଟର ୧୦ରେ ଥିବା ପେଟାନାଳ ପରିଦର୍ଶନ କରିବା ସହ ବିଭିନ୍ନ ଅଞ୍ଚଳର ବନ୍ଧ ଡ୍ରେନ୍ ସମସ୍ୟା ଓ କଟକ ଜିଲ୍ଲାର ପରିମଳ ପରିଚାଳନା ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ। ଗସ୍ତ ଶେଷରେ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାପାଳ, ଡିସିପି କଟକ, କଟକ ମହାନଗର ନିଗମ କମିଶନର ଓ ଅନ୍ୟାନ୍ୟ ଅଧିକାରୀଙ୍କ ସହ କମିଟି ବୈଠକ କରିଥିଲେ। ଏହି ବୈଠକରେ ଜିଲ୍ଲାର ବିଭିନ୍ନ ପ୍ରକଳ୍ପର ପ୍ରଗତି, ଡ୍ରେନେଜ୍, ପରିମଳ ବ୍ୟବସ୍ଥା, ରାସ୍ତାଘାଟ ଓ ଅନ୍ୟାନ୍ୟ ଜନସମସ୍ୟା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଆବଶ୍ୟକ ସ୍ଥାନରେ ଉନ୍ନତିମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଓ ଜନସାଧାରଣଙ୍କ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେବାକୁ ଅଧିକାରୀମାନଙ୍କୁ କମିଟି ପକ୍ଷରୁ ପରାମର୍ଶ ଦିଆଯାଇଥିଲା।

ଉକ୍ତ ଗସ୍ତରେ ସ୍ଥାୟୀ କମିଟି ୩ର ସଦସ୍ୟ ବ୍ୟୋମକେଶ ରାୟ, ସୁଶାନ୍ତ କୁମାର ରାଉତ, ସୁନୀଲ କୁମାର ମହାନ୍ତି, ସୋଫିଆ ଫିର୍ଦୋଷ ଓ ନୀଳ ମାଧବ ହିକକାଙ୍କ ସମେତ ଅନ୍ୟାନ୍ୟ ବିଧାୟକମାନେ ଯୋଗଦେଇଥିଲେ। ବିଧାନସଭା ପକ୍ଷରୁ କମିଟି ଅଧିକାରୀ ଈଶ୍ୱର ଚନ୍ଦ୍ର ନାୟକ ମଧ୍ୟ କମିଟିର ଗସ୍ତ କାର୍ଯ୍ୟକ୍ରମରେ ପୂର୍ଣ୍ଣ ସହଯୋଗ କରିଥିଲେ। ବିଶେଷକରି ଭୁବନେଶ୍ୱର ମେୟର ସୁଲୋଚନା ଦାସ ଓ କଟକ ମେୟର ସୁବାସ ସିଂ ମଧ୍ୟ କମିଟିର ଗସ୍ତ ସମୟରେ ପୂର୍ଣ୍ଣ ସହଯୋଗ କରିଥିଲେ।

### ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ପ୍ରସ୍ତୁତି ବୈଠକ

## ସେପ୍ଟେମ୍ବର ୨ରେ ପ୍ରଥମ ପର୍ଯ୍ୟାୟ ଯାତ୍ରା



ଭୁବନେଶ୍ୱର,୨୫।୮ (ସଂଚାର ବ୍ୟୁରୋ): ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ପର୍ଯ୍ୟାୟରେ ଖୋର୍ଦ୍ଧା, ପୁରୀ, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ ଢେଙ୍କାନାଳ ଜିଲ୍ଲାର ୭୭୫ ଜଣ ତୀର୍ଥଯାତ୍ରୀ ଆସନ୍ତା ସେପ୍ଟେମ୍ବର ୨ ତାରିଖରେ ଭୁବନେଶ୍ୱରରୁ ସ୍ୱତନ୍ତ୍ର ଟ୍ରେନରେ ବାରଣାସୀ-ଅଯୋଧ୍ୟା ଯାତ୍ରା କରିବେ। ସେମାନେ ତୀର୍ଥ ସାରି ସେପ୍ଟେମ୍ବର ୭ ତାରିଖରେ ଭୁବନେଶ୍ୱରରେ ପହଞ୍ଚିବେ। ସେମାନଙ୍କୁ ସହଯୋଗ କରିବାକୁ ୨୫ ଜଣ ଅଧିକାରୀ ମଧ୍ୟ ଯାତ୍ରା କରିବେ। ଏହି ପ୍ରଥମ ପର୍ଯ୍ୟାୟରେ ଖୋର୍ଦ୍ଧା ଜିଲ୍ଲାର ୧୬୯ ଜଣ, ପୁରୀରୁ ୧୨୭, କଟକର ୧୯୭, ଜଗତସିଂହପୁର ଜିଲ୍ଲାର ୮୫, କେନ୍ଦ୍ରାପଡ଼ାରୁ ୧୦୮ଓ ଢେଙ୍କାନାଳ ଜିଲ୍ଲାର ୮୯ ଜଣ ତୀର୍ଥଯାତ୍ରୀ ଯାତ୍ରା କରିବେ। ରାଜ୍ୟ ସରକାରଙ୍କ ଏହି ଯୋଜନା ମାଧ୍ୟମରେ ଆର୍ଥିକ ସ୍ୱଚ୍ଛଳ ନ ଥିବା ବରିଷ୍ଠ ନାଗରିକ ବିନା ମୂଲ୍ୟରେ ବିଭିନ୍ନ ତୀର୍ଥ ସ୍ଥାନ ଭ୍ରମଣ କରିପାରିବେ। ଆସନ୍ତା ୧ରେ ସମ୍ପୃକ୍ତ ଜିଲ୍ଲାରୁ ସ୍ୱତନ୍ତ୍ର ବସ ଦ୍ୱାରା ତୀର୍ଥଯାତ୍ରୀମାନେ ପହଞ୍ଚିବା ପରେ ସେମାନଙ୍କୁ ଆତିଥେୟତା ପ୍ରଦାନ କରାଯିବ। ସ୍ୱତନ୍ତ୍ର ଅଧିକାରୀମାନେ ଉପସ୍ଥିତ ରହି ପ୍ରକ୍ରିୟାର ଯାଞ୍ଚ କରିବେ। ଏଥିନିମନ୍ତେ ଆବଶ୍ୟକ ବ୍ୟବସ୍ଥା କରିବା ସହ ଅଧିକାରୀମାନେ ଉପସ୍ଥିତ ରହି ଦାୟିତ୍ୱ ସମ୍ପନ୍ନ କରିବାକୁ ଶ୍ରୀ ବେଉରା ପରାମର୍ଶ ଦେଇଛନ୍ତି।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଞ୍ଚାର

୪

ବୁଧବାର ୨୬ ଅଗଷ୍ଟ ୨୦୨୬, ଭୁବନେଶ୍ୱର

Wednesday 26 August 2026, Bhubaneswar

# ୟୁନିଫର୍ମ ବନାମ ହିଜାବ

ଭାରତରେ ଶିକ୍ଷା ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ଆଦର୍ଶ ହେଉଛି ସମାନତା ଓ ଧର୍ମନିରପେକ୍ଷତା। କିନ୍ତୁ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଇଉନିଫର୍ମ ନୀତି ଏବଂ ଧାର୍ମିକ ପୋଷାକ, ବିଶେଷକରି ହିଜାବ ପରିଧାନ ମଧ୍ୟରେ ବିବାଦ ବାରମ୍ବାର ଉଠିଆସିଛି। କର୍ଣ୍ଣାଟକରେ ୨୦୨୧-୨୨ ମସିହାରେ ଉଡୁପି ସରକାରୀ ପ୍ରି-ୟୁନିଭର୍ସିଟି କଲେଜର କେତେକ ମୁସଲିମ ଛାତ୍ରୀ ହିଜାବ ପିନ୍ଧି ଶ୍ରେଣୀକୋଠରେ ପ୍ରବେଶ କରିବାକୁ ଅସ୍ୱୀକାର କରାଯିବା ପରେ ଏହି ବିତର୍କ ଜାତୀୟ ସ୍ତରରେ ଚର୍ଚ୍ଚାର ବିଷୟ ହୋଇଥିଲା। ସେମାନେ କୋର୍ଟରେ ଆବେଦନ କରିଥିଲେ ଯେ ହିଜାବ ପରିଧାନ କରିବା ସେମାନଙ୍କ ଧାର୍ମିକ ଅଧିକାର ଏବଂ ବ୍ୟକ୍ତିଗତ ସ୍ୱାଧୀନତା।

ଛାତ୍ରୀମାନେ କାହିଁକି କୋର୍ଟରେ ଆବେଦନ କରିଥିଲେ? ସେମାନଙ୍କ ଯୁକ୍ତି ଥିଲା ଯେ ହିଜାବ ଇସଲାମ ଧର୍ମର ଏକ ଅନିବାର୍ଯ୍ୟ ଅଭ୍ୟାସ। ସମ୍ବିଧାନର ଧାରା ୨୫ ଅନୁଯାୟୀ ଧର୍ମ ପାଳନ କରିବାର ସ୍ୱାଧୀନତା ରହିଛି। ସେମାନେ ଯୁକ୍ତି ଦେଇଥିଲେ ଯେ ହିଜାବ କେବଳ ଧାର୍ମିକ ଚିହ୍ନ ନୁହେଁ, ବରଂ ସେମାନଙ୍କ ପାଇଁ ଆତ୍ମବିଶ୍ୱାସ, ସୁରକ୍ଷା ଏବଂ ପରିଚୟର ପ୍ରତୀକ। ଶିଶୁକାଳରୁ ହିଜାବ ପିନ୍ଧି ଆସୁଥିବା ଛାତ୍ରୀମାନେ କହିଥିଲେ ଯେ ଏହାକୁ ଖୋଲିବା ସେମାନଙ୍କ ପାଇଁ ଅସୁବିଧାଜନକ ଏବଂ ଅସମ୍ମାନଜନକ। ସେମାନେ ଯୁକ୍ତି କରିଥିଲେ ଯେ ଇଉନିଫର୍ମ ସହିତ ହିଜାବ ପିନ୍ଧିବାରେ କୌଣସି ବାଧା ନାହିଁ ଏବଂ ଏହା ଶିକ୍ଷା ପ୍ରକ୍ରିୟାକୁ ବାଧା ଦିଏ ନାହିଁ ବରଂ ହିଜାବ ପିନ୍ଧିବାକୁ ନିଷେଧ କରିବା ଧାରା ୧୪ ଏବଂ ୧୫ ଅନୁଯାୟୀ ସମାନତା ଓ ଧର୍ମ ଆଧାରିତ ଭେଦଭାବ ବିରୋଧୀ ନୀତିର ଉଲ୍ଲଂଘନ। ସେମାନେ ଏହା ମଧ୍ୟ କହିଥିଲେ ଯେ ଅନ୍ୟ ଧାର୍ମିକ ଚିହ୍ନ ଯେପରି ବିନ୍ଦି, କ୍ରସ୍ କିମ୍ବା ଅନ୍ୟ କୌଣସି ପୋଷାକକୁ ଯଦି ଅନୁମତି ଦିଆଯାଏ, ତେବେ ହିଜାବକୁ କାହିଁକି ବାଧା ଦିଆଯିବ। ଏହା ବିପରୀତେ ଇଉନିଫର୍ମ ସମର୍ଥକମାନେ ଯୁକ୍ତି ଦିଅନ୍ତି ଯେ ବିଦ୍ୟାଳୟ ଏକ ଧର୍ମନିରପେକ୍ଷ ସ୍ଥାନ। ଇଉନିଫର୍ମ ସମସ୍ତ ଛାତ୍ରଛାତ୍ରୀଙ୍କୁ ସମାନ ସ୍ତରରେ ରଖେ। ଧନ, ଧର୍ମ କିମ୍ବା ସାମାଜିକ ପୃଷ୍ଠଭୂମି ଭିତ୍ତିରେ ଭେଦଭାବ କମେଇଥାଏ। ଶ୍ରେଣୀକୋଠରେ ଧାର୍ମିକ ଚିହ୍ନ ଦେଖାଇବା ଦ୍ୱାରା ବିଭାଜନ ସୃଷ୍ଟି ହୋଇପାରେ



ଏବଂ ଶିକ୍ଷାର ମୁଖ୍ୟ ଲକ୍ଷ୍ୟ ବ୍ୟାହତ ହୋଇପାରେ। କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟ ୨୦୨୨ ମାର୍ଚ୍ଚରେ ରାୟ ଦେଇଥିଲେ ଯେ ହିଜାବ ଇସଲାମର ଅନିବାର୍ଯ୍ୟ ଧାର୍ମିକ ଅଭ୍ୟାସ ନୁହେଁ ଏବଂ ଇଉନିଫର୍ମ ନୀତି ଏକ ଯୁକ୍ତିଯୁକ୍ତ ପ୍ରତିବନ୍ଧକ। ନ୍ୟାୟାଳୟ କହିଥିଲେ ଯେ ବିଦ୍ୟାଳୟ ପରି ସାର୍ବଜନୀନ ସ୍ଥାନରେ ବ୍ୟକ୍ତିଗତ ସ୍ୱାଧୀନତା କିଛି ପରିମାଣରେ ସୀମିତ ରହିପାରେ ଯାହା ଶୃଙ୍ଖଳା ଓ ସମାନତା ପାଇଁ ଆବଶ୍ୟକ।

ଏହି ବିତର୍କର ମୂଳରେ ରହିଛି ଦୁଇଟି ଗୁରୁତ୍ୱପୂର୍ଣ୍ଣ ମୂଲ୍ୟବୋଧର ସଂଘର୍ଷ - ବ୍ୟକ୍ତିଗତ ଧାର୍ମିକ ସ୍ୱାଧୀନତା ଏବଂ ସାମୂହିକ ସମାନତା। ଏକ ପକ୍ଷରେ ଛାତ୍ରୀମାନେ କହନ୍ତି ଯେ ସେମାନଙ୍କୁ ଶିକ୍ଷା ଓ ଧର୍ମ ମଧ୍ୟରୁ ଗୋଟିଏ ବାଛିବାକୁ ବାଧ୍ୟ କରାଯିବା ଉଚିତ୍ ନୁହେଁ। ଅନ୍ୟ ପକ୍ଷରେ ଇଉନିଫର୍ମ ସମର୍ଥକମାନେ କହନ୍ତି ଯେ ବିଦ୍ୟାଳୟ ଧର୍ମ ପ୍ରଚାରର ସ୍ଥାନ ନୁହେଁ; ଏହା ଜ୍ଞାନ ବିତରଣର ସ୍ଥାନ। ଯଦି ପ୍ରତ୍ୟେକ ଧର୍ମର ଚିହ୍ନକୁ ଅନୁମତି ଦିଆଯାଏ ତେବେ ଇଉନିଫର୍ମର ଅର୍ଥ ହରାଇଯିବ। ଏହି ସମସ୍ୟାର ସମାଧାନ କେବଳ ଆଇନଗତ ରାୟରେ ସୀମିତ ରହିବା ଉଚିତ୍ ନୁହେଁ। ସମାଜ, ଶିକ୍ଷାବିତ୍ ଓ ପରିବାର ମଧ୍ୟରେ ଖୋଲା ଆଲୋଚନା ଆବଶ୍ୟକ। ବିଦ୍ୟାଳୟମାନେ ଏପରି ନୀତି ତିଆରି କରିପାରିବେ ଯେଉଁଥିରେ ଇଉନିଫର୍ମର ମୌଳିକ ଚରିତ୍ର ବଜାୟ ରହିବ ଏବଂ ସେହି ସହିତ ବ୍ୟକ୍ତିଗତ ବିଶ୍ୱାସକୁ ମଧ୍ୟ ସମ୍ମାନ ଦିଆଯିବ। ଶିକ୍ଷା କେବେ ବି ଧର୍ମ ବା ବିଶ୍ୱାସ ତ୍ୟାଗର ସର୍ତ୍ତ ଉପରେ ନିର୍ଭର କରିବା ଉଚିତ୍ ନୁହେଁ। ସେହିପରି ଧାର୍ମିକ ଚିହ୍ନକୁ ରାଜନୈତିକ ଅସ୍ତ୍ର ଭାବରେ ବ୍ୟବହାର କରିବା ମଧ୍ୟ ବିପଦଜନକ।

ଶେଷରେ, ବିଦ୍ୟାଳୟ ହେଉଛି ସମସ୍ତ ଧର୍ମ ଓ ବିଶ୍ୱାସର ଛାତ୍ରଛାତ୍ରୀଙ୍କୁ ଏକାଠି କରି ମାନବିକ ମୂଲ୍ୟବୋଧ ଶିଖାଇବାର ସ୍ଥାନ। ଇଉନିଫର୍ମ ସମାନତାର ପ୍ରତୀକ ହେଉ, କିନ୍ତୁ ତାହା ବ୍ୟକ୍ତିତ୍ୱ ଓ ବିଶ୍ୱାସକୁ ଦମନ କରିବାର ଉପକରଣ ହେବା ଉଚିତ୍ ନୁହେଁ। ସମନ୍ୱୟ ଓ ସମ୍ମାନର ପଥରେ ହିଁ ଏହି ବିତର୍କର ସମାଧାନ ଲୁଚି ରହିଛି।

# ଝୁଲଣ ଯାତ୍ରା

ଅଲେଖ ଚନ୍ଦ୍ର ସାମଲ



ଭାରତବର୍ଷର ଅଧିକାଂଶ ପର୍ବ ପୁରାଣ ବର୍ଣ୍ଣିତ ଓ କିମ୍ବଦନ୍ତୀ ଅନ୍ତରାଳରେ ସମ୍ବଳିତ ହୋଇଥିବା ହେତୁ ପ୍ରତ୍ୟେକ ଉତ୍ସବର କିଛି ଆଧ୍ୟାତ୍ମିକ ତଥା ଧାର୍ମିକ ଗୁରୁତ୍ୱ ରହିଛି। ଭଗବାନ ଶ୍ରୀକୃଷ୍ଣଙ୍କ ଲୀଳାଭୂମି ବ୍ରଜଭୂମି ବୃନ୍ଦାବନରେ ଏହି ଝୁଲଣ ଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୁଏ। କୁହାଯାଏ ଆଜକୁ ପାଞ୍ଚ ହଜାର ବର୍ଷ ଧରି ବୃନ୍ଦାବନରେ ଶ୍ରୀରାଧାକୃଷ୍ଣଙ୍କର ପବିତ୍ର ଝୁଲଣ ଯାତ୍ରା ଉତ୍ସବ ଖୁବ ଜାକଜମକରେ ପାରମ୍ପରିକ ରୀତି ନୀତିରେ ପାଳିତ ହେବା ଲକ୍ଷ୍ୟ କରାଯାଏ। ବୃନ୍ଦାବନରେ ଏହି ପ୍ରସିଦ୍ଧ ଝୁଲଣ ଯାତ୍ରା ଦୀର୍ଘ ତେର ଦିନ ବ୍ୟାପୀ ଅନୁଷ୍ଠିତ ହୋଇଥାଏ। ବୃନ୍ଦାବନ ଓ ତାହାର ଆଖପାଖ ଅଞ୍ଚଳରେ ଭାରତ ତଥା ବିଶ୍ୱର ବିଭିନ୍ନ ଦେଶରୁ ପର୍ଯ୍ୟଟକମାନେ ଏହି ଝୁଲଣ ଯାତ୍ରାକୁ ଆସି ବେଶ୍ ଉପଭୋଗ ମଧ୍ୟ କରିଥାନ୍ତି। ବୃନ୍ଦାବନରେ ଠାକୁରମାନେ ଝୁଲୁଥିବା ଦୋଳି ଗୁଡ଼ିକ କେଉଁଠାରେ ବିଭିନ୍ନ ପୁଷ୍ପ ଦ୍ୱାରା ତ କିଛି ମନ୍ଦିରରେ ଦୋଳି ଗୁଡ଼ିକ ରୂପା ଓ ସୁନାରେ ନିର୍ମିତ ହୋଇଥାଏ। ବୃନ୍ଦାବନରେ ଥିବା ପ୍ରସିଦ୍ଧ ଶ୍ରୀବାଙ୍କେବିହାରୀ ମନ୍ଦିର, ଶ୍ରୀରାଧାରମଣ ମନ୍ଦିର, ମଥୁରାର ଶ୍ରୀଦ୍ୱାରକାଧିଶୀ ମନ୍ଦିର, ଲାଡ଼ଲୀଲାଲ ଏବଂ ପୁରୀ ଶ୍ରୀମନ୍ଦିରରେ ଶ୍ରାବଣର ଏହି ପବିତ୍ର ଝୁଲଣଯାତ୍ରା ଦେଖିବାକୁ ଭକ୍ତ ମାନଙ୍କ ପ୍ରବଳ ଜନସମାଗମ ହୁଏ। ବୃନ୍ଦାବନର ଘଞ୍ଚ କୁଞ୍ଜବନର ବର୍ଷା ଭିଜା ଆକାଶ ଶ୍ରାବଣରେ ଏକ ରୋମାଞ୍ଚକର ପରିବେଶ ସୃଷ୍ଟି କରୁଥାଏ। ଭରା ଯମୁନାର କୂଳେ କୂଳେ ବର୍ଷ ଦିନିଆ ଫୁଲମାନେ ଜୁଇ, ଜାଇ, ଚମେଲୀ, ମାଧବୀ ଫୁଲ ମଧ୍ୟରେ ଛାଇ ଯାଇଥାନ୍ତି। ସମଗ୍ର ପରିବେଶ ଜୀବନ୍ତ ହୋଇଉଠେ ଯେତେବେଳେ ବୃନ୍ଦାବନର ପ୍ରତ୍ୟେକ ମଠରେ, ଘରେ, ମନ୍ଦିରରେ ଓ କୁଞ୍ଜବନରେ ରାଧାରାଣୀ ଶ୍ରୀକୃଷ୍ଣଚନ୍ଦ୍ରଙ୍କ ସହିତ ଆକର୍ଷଣୀୟ ଝୁଲଣରେ ଦୋଳି ଖେଳନ୍ତି। ବୃନ୍ଦାବନର ସାରା ପରିବେଶ ରାଧେ ରାଧେ ଅମୃତ ନାମାମୃତରେ ପବିତ୍ର ହୋଇଉଠେ ଝୁଲଣ ଯାତ୍ରାର ଏହି ତେର ଦିନ। ଶ୍ରାବଣ ମାସର ପୂର୍ଣ୍ଣିମା ହେଉଛି ଗହ୍ମା ପୂର୍ଣ୍ଣିମା। ଏହାକୁ ବଳରାମଙ୍କ ଜନ୍ମ ତିଥି ଭାବେ ଗ୍ରହଣ କରାଯାଇଛି। ସେ ଚାଷୀ କୁଳର ପ୍ରତୀକ ତଥା ଗୋ ଜାତିର ପାଳନ କର୍ତ୍ତା। ତେଣୁ ଏହି ଦିନରେ ଗାଈଗୋରୁଙ୍କୁ ମଧ୍ୟ ପୂଜା କରାଯାଏ। ଏକମତ ଅନୁଯାୟୀ, ଗୋପୂର୍ଣ୍ଣିମାର ଅପଭ୍ରଂଶ ହେଉଛି ଗହ୍ମା ପୂର୍ଣ୍ଣିମା। ପୁଣି ଏହାକୁ ରାଖୀ ପୂର୍ଣ୍ଣିମା ମଧ୍ୟ କୁହାଯାଏ। କିମ୍ବଦନ୍ତୀ କହେ, କୁନ୍ତୀ ମାତା, ଏହି ଦିନରେ ପଞ୍ଚପୁତ୍ରଙ୍କୁ କୌରବଙ୍କ ବିଷ ଦୃଷ୍ଟିରୁ ରକ୍ଷା କରିବା ଉଦ୍ଦେଶ୍ୟରେ, ଶ୍ରୀକୃଷ୍ଣଙ୍କ ହାତରେ ରାଖି ବାନ୍ଧି, ତାଙ୍କ ଅନୁଗ୍ରହ ଭିକ୍ଷା କରିଥିଲେ। ଏହି ଦିନର ଅନ୍ୟ ଏକ ଆକର୍ଷଣ ହେଉଛି ଝୁଲଣ ଯାତ୍ରା। ଶ୍ରାବଣ ଶୁକ୍ଳ ପକ୍ଷ ଏକାଦଶୀରେ ଆରମ୍ଭ ହୋଇଥିବା ଝୁଲଣ ଯାତ୍ରା ଗହ୍ମା ପୂର୍ଣ୍ଣିମାରେ ଶେଷ ହୁଏ। ଆମ ରାଜ୍ୟର କ୍ଷତ୍ରିୟମାନେ ଏହି ଦିନରେ ଯଜ୍ଞ ଉପବୀତ ବଦଳାନ୍ତି। ଆଗ କାଳରେ ପାଇକମାନେ ଏହି ଦିନକୁ ଅତି ଶୁଭ ମନେକରି, ପିଲାଙ୍କର ଯୁଦ୍ଧବିଦ୍ୟା ଶିକ୍ଷା ଆରମ୍ଭ କରୁଥିଲେ। ଏହି ଅବସରରେ ପାଇକ ପିଲାମାନେ ପ୍ରଥମେ ଉଚ୍ଚ ସ୍ଥାନରୁ ତଳକୁ ଡେଉଁଥିଲେ। ସୁଉଚ୍ଚ ସ୍ଥାନକୁ ତଳକୁ ଡେଇଁବାକୁ ଗହ୍ମା ଡିଆଁ। ଯେଉଁମାନେ କୃତକାର୍ଯ୍ୟ ହେଉଥିଲେ, ସେମାନଙ୍କୁ ପାଇକ ହେବା ପାଇଁ ତାଲିମ ଦିଆଯାଉଥିଲା।

ଓଡ଼ିଶାର କୋଣ ଅନୁକୋଣରେ ଥିବା ପ୍ରାୟ ସମସ୍ତ ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ଝୁଲଣ ଉତ୍ସବ ମହାସମାରୋହରେ ପାଳିତ ହୋଇଥାଏ। ପ୍ରତ୍ୟେକ ମନ୍ଦିର ପରିସରରେ ସୁସଜ୍ଜିତ ଦୋଳି ନିର୍ମାଣ କରାଯାଇ ଠାକୁର ମାନଙ୍କୁ ରୀତିନୀତିରେ ଭକ୍ତମାନେ ଝୁଲାଇ ଥାଆନ୍ତି। ଶ୍ରୀମନ୍ଦିର ତଥା ଶ୍ରୀକ୍ଷେତ୍ରରେ ଥିବା ମଠଗୁଡ଼ିକ ବ୍ୟତୀତ କଣ୍ଟିଲୋର ନୀଳମାଧବ ମନ୍ଦିର, ରେମୁଣାର କ୍ଷୀରଚୋରା ଗୋପୀନାଥ ମନ୍ଦିର, ପୁରୀ ନିକଟସ୍ଥ ସାକ୍ଷୀଗୋପାଳ ଜୀଉଙ୍କ ମନ୍ଦିର ଏବଂ ଭୁବନେଶ୍ୱରସ୍ଥ ଇସ୍କନ ଶ୍ରୀକୃଷ୍ଣ ମନ୍ଦିରରେ ଝୁଲଣ ଯାତ୍ରା ମହାସମାରୋହରେ ସାତ ଦିନ ବ୍ୟାପୀ ଭକ୍ତମାନଙ୍କ ଦ୍ୱାରା ପାଳିତ ହୋଇଥାଏ। ଶ୍ରାବଣ ମାସ ଶୁକ୍ଳ ପକ୍ଷ ଦଶମୀ ତିଥିରୁ ଭାଦ୍ରବ ମାସ କୃଷ୍ଣପକ୍ଷ ପ୍ରତିପଦା ତିଥି ପର୍ଯ୍ୟନ୍ତ ସାତ ଦିନ ଧରି ଶ୍ରୀମନ୍ଦିରରେ ପାଳନ କରାଯାଏ। ମୁକ୍ତି ମଣ୍ଡପରେ ହୋଇଥିବା ସୁସଜ୍ଜିତ ଝୁଲଣ କୁଞ୍ଜରେ ମଦନ ମୋହନ, ଲକ୍ଷ୍ମୀ, ସରସ୍ୱତୀ ଦୋଳି ଉପରେ ବିଜେ କରନ୍ତି। ଏହା ଦ୍ୱାଦଶ ଯାତ୍ରା ଅନ୍ତର୍ଗତ ନ ହେଲେ ସୁଦ୍ଧା ଏ ଯାତ୍ରାର ଲୋକପ୍ରିୟତା ଖୁବ୍ ବେଶୀ। ଶ୍ରୀମନ୍ଦିରର କୁଞ୍ଜବନରେ ଅନୁଷ୍ଠିତ ଝୁଲଣ ଯାତ୍ରାରେ କିନ୍ତୁ ସ୍ୱକୀୟା ପ୍ରେମକୁ ପ୍ରାଧାନ୍ୟ ଦେଇ ପତି ପତ୍ନୀଙ୍କ ପ୍ରେମ ପ୍ରଣୟ ଏହି ପର୍ବରେ ପ୍ରତିଫଳିତ ହୋଇଥାଏ। ପୁରୀ ମନ୍ଦିରରେ ଝୁଲଣ ପରମ୍ପରା ଅଷ୍ଟାଦଶ ଶତକର ଶେଷ ଭାଗରୁ ଅଦ୍ୟାବଧି ଚାଲି ଆସୁଥିବାର ବିଭିନ୍ନ ଲିଖିତ ବିବରଣୀରୁ ମିଳିଥାଏ। ପୁରୀର ଶୋଲ ଶିଳ୍ପୀ ମାନଙ୍କର କରାମତି ସବୁଠୁ ଅଧିକ ଫୁଟି ଉଠେ ଝୁଲଣ କୁଞ୍ଜରେ। ଶ୍ରୀମନ୍ଦିର କୁଞ୍ଜବନର ଅନ୍ୟତମ ବିଶେଷତ୍ୱ ହେଲା ଯେ, ଏହାର ଦୁଇ ପାର୍ଶ୍ୱରେ ପ୍ରକାଣ୍ଡକାୟ ଦୁଇ ଜଣ ଦ୍ୱାରପାଳ ରହନ୍ତି। ଏ ଦୁଇଟି ଦ୍ୱାରପାଳଙ୍କ ଉଚ୍ଚତା ପ୍ରାୟ ଚଉଦ ଫୁଟ। ମୂର୍ତ୍ତି ଦ୍ୱୟର ଗୋଟେ ଲେଖାଏଁ ହାତ ଉତ୍ତୋଳିତ ହୋଇଥାଏ ଏବଂ ସେଥିରେ ସେମାନେ ଧରିଥାଆନ୍ତି ଗୋଟିଏ ଗୋଟିଏ ଗଦା। ଏହି ପ୍ରକାଣ୍ଡକାୟ ମୂର୍ତ୍ତିଗୁଡ଼ିକ ଶୋଲରେ ହିଁ ତିଆରି ହୋଇଥାଏ।

**ପୂର୍ବତନ ଡିଏଫଓ, ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର,**
**ମୋବାଇଲ୍:୯୪୩୭୨୫୭୧୨୩**

# ହୃଦୟର ଜୟ ହିଁ ପ୍ରକୃତ ଜୟ



ମୌଲାନା ଫଜଲ ହକ ଖାନ୍

ବିଶ୍ୱର ଏକ-ପଞ୍ଚମାଂଶରୁ ଅଧିକ ନର-ନାରୀଙ୍କ ହୃଦୟ ଜୟ କରିଥିଲେ ଏପରି ଏକ ମହାନ ପୁରୁଷ ଯେକି ଥିଲେ ଏକାଧାରରେ ଜଣେ ଧର୍ମପ୍ରାଣ ମହର୍ଷି,ଧର୍ମ ପ୍ରବର୍ତ୍ତକ, ସୁଦକ୍ଷ ଶାସକ, ବିଜ୍ଞ ବିଚାରପତି, ପ୍ରବୀଣ ରାଜନୀତିଜ୍ଞ, ଦକ୍ଷ ସେନାପତି ଏବଂ ଜଣେ ମହାନ ସମାଜ ସଂସ୍କାରକ। ଇତିହାସର ସର୍ବାଧିକ ପ୍ରଭାବଶାଳୀ ବ୍ୟକ୍ତିଙ୍କ ମଧ୍ୟରେ ସେ ଥିଲେ, ସର୍ବଶ୍ରେଷ୍ଠ। ସେ ସମଗ୍ର ସଂସାରବାସୀଙ୍କ ପାଇଁ କରୁଣାର ସାଗର ହୋଇ ଆସିଥିଲେ। ସେ ଥିଲେ ମହାମାନବ ପୈଗମ୍ବର ମୁହମ୍ମଦ। ସେହି ମହାପୁରୁଷଙ୍କ ଆଦର୍ଶରେ ବିଶ୍ୱର ପ୍ରାୟ ୧୮୦ କୋଟିରୁ ଊର୍ଦ୍ଧ୍ୱ ନରନାରୀ ଅନୁପ୍ରଣୀତ।

ସେହି ମହାମାନବ ପୈଗମ୍ବର ମୁହମ୍ମଦ ଯୀଶୁ ମସିହଙ୍କ ଆବିର୍ଭାବର ୫୭୦ ବର୍ଷ ପରେ ଆରବର 'କୁରୈଶ' ନାମକ ଏକ ସମ୍ଭ୍ରାନ୍ତ ବଂଶରେ ୫୭୦ ମସିହା ଅପ୍ରେଲ ୨୦ ତାରିଖ ଦିନ ଜନ୍ମ ଗ୍ରହଣ କରିଥିଲେ। ତାଙ୍କର ଶୁଭ ନାମ ମୁହମ୍ମଦ ବିନ୍ ଅବ୍ଦୁଲ୍ଲାଃ। ବାପାଙ୍କ ନାମ " ଅବଦୁଲ୍ଲା ଏବଂ ମାଆଙ୍କ ନାମ 'ଆମିନା'। ସେ ମାତୃଗର୍ଭରେ ଥିବା ଅବସ୍ଥାରେ ତାଙ୍କ ପିତାଙ୍କ ମୃତ୍ୟୁ ଘଟିଥିଲା। ମାତ୍ର ୬ ବର୍ଷ ବୟସରେ ସେ ତାଙ୍କ ମାଆଙ୍କୁ ମଧ୍ୟ ହରାଇ ଅନାଥ ହୋଇ ଯାଇଥିଲେ। ଜେଜେ ଅବ୍ଦୁଲ ମୁତଲିବ ବାପ-ମାଆ ଛେଉଣ୍ଡ ମୁହମ୍ମଦଙ୍କର ଲାଳନ ପାଳନ ଭାର ଉଠାଇ ଥିଲେ। ମାତ୍ର ଦୁଇବର୍ଷ ପରେ ଜେଜେଙ୍କର ମଧ୍ୟ ଦେହାନ୍ତ ହୋଇଗଲା। ଶେଷରେ କକା ଅବୁତାଲିବ ମୁହମ୍ମଦଙ୍କର ପ୍ରତିପୋଷଣ କରିଥିଲେ। ସେ ଚାଳିଶ ବର୍ଷ ବୟସ ପର୍ଯ୍ୟନ୍ତ କକାଙ୍କ ତତ୍ତ୍ୱାବଧାନରେ ରହିଥିଲେ। ଚାଳିଶ ବିଷୟ ବୟସରେ ମହାମାନବ ପୈଗମ୍ବର ମୁହମ୍ମଦ ସଲ୍ଲମଙ୍କୁ ଦୈବୀବାଣୀ ହେଲା ଏବଂ ସେ ଈଶ୍ୱରଦୂତ ନିଯୁକ୍ତ ହେଲେ। ପରବର୍ତ୍ତୀ ୨୩ ବର୍ଷ ଈଶ୍ୱରଦୂତ ଭାବେ ଦିବ୍ୟଧର୍ମର ପୁନଃସ୍ଥାପନା ପାଇଁ, ସମାଜକୁ ଅନ୍ୟାୟ ଓ କୁସଂସ୍କାରରୁ ମୁକ୍ତ କରିବା ପାଇଁ ସେ କଠୋର ସଂଗ୍ରାମ କରିଥିଲେ। ଫଳରେ ସେ ଏକ ଆଦର୍ଶ ସମାଜ ଗଢିବାକୁ ସମର୍ଥ ହୋଇ ପାରିଥିଲେ। ଖ୍ରୀ.ଅ. ୬୩୨ ଜୁନ ୮ ତାରିଖରେ ସେ ମଦିନାରେ ଇହଧାମ ତ୍ୟାଗ କରିଥିଲେ।

ସେ ସମାଜରେ ଦେଖା ଯାଉଥିବା ନାନା ପ୍ରକାରର କୁସଂସ୍କାର ଓ ଅନ୍ଧବିଶ୍ୱାସକୁ ଦୂର କରିଥିଲେ। ସେ ସମୟରେ ସମାଜରେ ଦାସତ୍ୱ ପ୍ରଥା ଖୁବ ପ୍ରଚଳନ ଥିଲା। ଏବଂ କ୍ରୀତଦାସମାନଙ୍କ ପ୍ରତି ଅତି ଅମାନୁଷିକ ବ୍ୟବହାର କରା ଯାଉଥିଲା। ସମାଜରେ ମହିଳାମାନଙ୍କର କୌଣସି ସ୍ଥାନ ନଥିଲା। ସେମାନଙ୍କୁ



ଅକଥନୀୟ ନିର୍ଯ୍ୟାତନା ଦିଆ ଯାଉଥିଲା। ଏପରିକି ବାପା ନିଜ କୁନି ଝିଅକୁ ଜିଅନ୍ତା ମାଟିତଳେ ପୋତି ଦେଉଥିଲା। ସେ ସମୟରେ ଆରବରେ ଥିଲା ଘୋର ଅରାଜକତା। 'ଜୋର ଯାର ମୁଲକ ତାର' ନୀତି ପ୍ରଚଳିତ ଥିଲା। ଏଇଭଳି ଏକ ବର୍ବର ଓ ବିଶୃଙ୍ଖଳ ସମାଜରେ ଭିନ୍ନ ଏକ ଚରିତ୍ର ଧାରଣ କରି ପୈଗମ୍ବର ମୁହମ୍ମଦ ସଲ୍ଲମ ପଙ୍କରେ ପଦ୍ମ ଭାବେ ଜନ୍ମିଥିଲେ। ଇତିହାସ କୁହେ ସେ ଥିଲେ ଜଣେ ଶାନ୍ତ, ସରଳ ଓ ସତ୍ୟନିଷ୍ଠ ବ୍ୟକ୍ତି। ବ୍ୟବହାର ଅତି ଭଦ୍ର ଓ ବିନମ୍ର। ଏକାନ୍ତରେ ଧ୍ୟାନମଗ୍ନ ରହି ସ୍ରଷ୍ଟାଙ୍କର ଉପାସନା କରିବା ଥିଲା, ତାଙ୍କ ଜୀବନର ମୂଳ ଉଦ୍ଦେଶ୍ୟ। ତାଙ୍କ ସତ୍ୟନିଷ୍ଠତା ଓ ଉତ୍ତମ ଚରିତ୍ରକୁ ଦେଖି ସମାଜ ତାଙ୍କୁ 'ଅଲ-ଅମିନ୍' ଅର୍ଥାତ୍ 'ବିଶ୍ୱସନୀୟ' ଉପାଧି ଦେଇଥିଲା। ସେ ଦୁଃଖୀ-ରଙ୍କିଙ୍କ ଦୁଃଖ ସହିପାରୁ ନଥିଲେ। ସାହାଯ୍ୟ ଓ ସହଯୋଗର ହାତ ସମସ୍ତଙ୍କ ପାଇଁ ବଢାଇ ଦେଉଥିଲେ। ସେ ଥିଲେ ଜଣେ ଉଦାର ଓ ସଂଯମୀ ମହାପୁରୁଷ। ଅନ୍ୟକୁ କ୍ଷମା ଦେବା, ସର୍ବ ପ୍ରଥମେ ଅନ୍ୟକୁ ଶୁଭେଚ୍ଛା ଜଣାଇବା, ରୋଗୀ ମୁଣ୍ଡ ପାଖରେ ବସି ତାକୁ ଆଉଁସିବା, ସାନ୍ତ୍ୱନା ଦେବା ଏବଂ ତା'ର ଆରୋଗ୍ୟ କାମନା ପାଇଁ ପ୍ରାର୍ଥନା କରିବା ତାଙ୍କ ଦୈନନ୍ଦିନ ଜୀବନର ନିୟମିତ ଘଟଣା ଥିଲା। ସେ ନିଜ କର୍ମ ନିଜେ କରୁଥିଲେ। ଏବଂ ଘର କାମରେ ସ୍ତ୍ରୀଙ୍କୁ ମଧ୍ୟ ସହଯୋଗ କରୁଥିଲେ। ମୁହମ୍ମଦଙ୍କ ସାଧୁତା ଓ ସଦାଚାର ଚରିତ୍ର ସମସ୍ତ ଶ୍ରେଣୀର ଲୋକମାନଙ୍କ ଉପରେ ଭଲ ପ୍ରଭାବ ପକାଇ ଥିଲା। ସେ ୨୫ ବର୍ଷ ବୟସରେ ପ୍ରଥମେ ବିଧବା ଭଦ୍ରମହିଳା ହଜରତ ଖଦିଜାଙ୍କୁ ବିବାହ କରିଥିଲେ। ସେହି ମହାନ ବ୍ୟକ୍ତି ମାତ୍ର ୨୩ ବର୍ଷ ମଧ୍ୟରେ ଆରବର ଇତିହାସ ବଦଳାଇ ଦେଇଥିଲେ। ସେ ସମସ୍ତଙ୍କୁ ଭ୍ରାତୃତ୍ୱ ବନ୍ଧନରେ ବାନ୍ଧିବାରେ ସକ୍ଷମ ହୋଇ ପାରିଥିଲେ। ସେ ମାନବ ସମାଜର ମଙ୍ଗଳ କାମନା କରିବା ସହ ଲୋକମାନଙ୍କର ହୃଦୟକୁ ଜୟ କରି ପାରିଥିଲେ। ସେ ବିଶ୍ୱାସ କରୁଥିଲେ ଯେ ହୃଦୟର ଜୟ ହିଁ ପ୍ରକୃତ ଜୟ। ଏହା ସେ ନିଜ ଜୀବନ ଚରିତ୍ରରେ ପ୍ରମାଣିତ କରି ଯାଇଛନ୍ତି। ଏହି ପରିବର୍ତ୍ତନ ଏକ ଚମତ୍କାରରୁ କମ ନଥିଲା। କୌଣସି ଶକ୍ତିଶାଳୀ ରାଷ୍ଟ୍ର ପକ୍ଷରେ ମଧ୍ୟ ଏହା ଏବେ ସମ୍ଭବ ପର ନୁହେଁ।

ଦେଶର ଜନକ ମହାତ୍ମା ଗାନ୍ଧୀ କୁହନ୍ତି, ମୁଁ ସେହି ବ୍ୟକ୍ତିଙ୍କ ଜୀବନଚରିତ୍ର ଜାଣିବା ପାଇଁ ଉତ୍ସୁକ ହେଲି ଯିଏ ଆଜି କୋଟି କୋଟି ଲୋକଙ୍କ ହୃଦୟରେ ନିଜର ଅଖଣ୍ଡ ପ୍ରଭାବ ବିସ୍ତାର କରିଛି... ଏହା ଥିଲା ଈଶ୍ୱର ଦୂତଙ୍କର ସରଳତା, ନିଜ ପ୍ରତି ନଗଣ୍ୟ ଭାବ, ବଚନ ପ୍ରତି ନିଷ୍ଠାପରତା, ମିତ୍ର ଓ ଅନୁଗତମାନଙ୍କ ପ୍ରତି ଗଭୀର ଅନୁରାଗ। ତାଙ୍କ ସାହସ ଓ ନିର୍ଭୀକତା ଏବଂ ଈଶ୍ୱରଙ୍କ ପ୍ରତି ଓ ନିଜ ମିଶନ ପ୍ରତି ତାଙ୍କର ପୂର୍ଣ୍ଣ ବିଶ୍ୱାସ।

ବିଶ୍ୱ ଇତିହାସରେ ଏଭଳି କୌଣସି ବ୍ୟକ୍ତିର ଦୃଷ୍ଟାନ୍ତ ନାହିଁ, ଯାହାର ଅତି ସରଳ ଓ ସାଧାରଣ ଆଚରଣଗୁଡ଼ିକୁ ମଧ୍ୟ କୋଟି କୋଟି ନରନାରୀ ପୁଣ୍ୟ ମନେକରି ଅନୁକରଣ କରନ୍ତି। ସମଗ୍ର ବିଶ୍ୱରେ ଭକ୍ତି ଓ ଭାବାବେଗ ସହିତ ମହାମାନବ ହଜରତ ମୁହମ୍ମଦ ସଲ୍ଲମଙ୍କ ଆଦେଶ ପାଳନ କରା ଯାଇଥାଏ। ଏହାର ଦୃଷ୍ଟାନ୍ତ ବିଶ୍ୱରେ ବିରଳ।

**ମଙ୍ଗଳାବାଗ, କଟକ**
**ମୋବାଇଲ୍:୯୬୯୨୨୫୦୫୭**

# ଆମ 'ହାତୀ' କଥା

ରମେଶ ଚନ୍ଦ୍ର ସ୍ୱାଇଁ

ହାତୀ ଭାରତ ଓ ଭାରତୀୟ ସଂସ୍କୃତି ସହିତ ବହୁ ପ୍ରାଚୀନ କାଳରୁ ଜଡ଼ିତ। ଏ ହାତୀ ପୃଥିବୀକୁ କେବେ କିପରି ଆସିଲେ ତାହା ଜଣା ପଡ଼ି ନଥିଲେ ମଧ୍ୟ, ଏକଥା ସତ ଯେ, ସିନ୍ଧୁ ସଭ୍ୟତା ସମୟରେ ଲୋକେ ହାତୀ ପୋଷିବା ଆରମ୍ଭ କରିଥିଲେ। ମାତ୍ର ଜାପାନର ଏକ ନଦୀ ଶଯ୍ୟାରୁ ହାତୀ ପାଦ ଚିହ୍ନର ସନ୍ଧାନ ମିଳିଥିଲା। ତେବେ ଅନୁମାନ କରାଯାଇଛି, ଏହି ଚିହ୍ନ ୨୦ ଲକ୍ଷ ବର୍ଷ ପୂର୍ବରୁ ଅଧିକ ହେବ। ଗବେଷକମାନେ ମଧ୍ୟ କହନ୍ତି ୨୦ ଲକ୍ଷ ବର୍ଷତଳେ ବୃହତକାୟ ହାତୀମାନେ ଥିଲେ। ବର୍ତ୍ତମାନର ହାତୀମାନେ ହେଉଛନ୍ତି ତାଙ୍କର ବଂଶଧର। ହାତୀ ଶାକାହାରୀ ଏକ ସୁନ୍ଦର ଓ ଶାନ୍ତିପ୍ରିୟ ବନ୍ୟ ପଶୁଟିଏ।

ରାମାୟଣ ଯୁଗରେ ରାଜାମାନେ ହାତୀ ରଖିବାକୁ ଭଲ ପାଉଥିଲେ। ବିଶ୍ୱାମିତ୍ର ବଶିଷ୍ଠଙ୍କୁ ୧୪ ହଜାର ହାତୀ ତାଙ୍କ କାମଧେନୁ ଗାଈ ବଦଳରେ ଦେବାକୁ ଆଗ୍ରହୀ ହୋଇଥିଲେ। ଅଯୋଧ୍ୟାରେ ଅନେକ ସୁନ୍ଦର ଶୁଣ୍ଢ ବିଶିଷ୍ଟ ହାତୀ ଥିଲେ। ରାମ ଓ ରାବଣ ମଧ୍ୟରେ ଯୁଦ୍ଧ ସମୟରେ ପ୍ରାୟ ୧ ହଜାରରୁ ଅଧିକ ହାତୀଙ୍କର ସାହାଯ୍ୟ ନିଆଯାଇଥିଲା। ମହାଭାରତ ମହାସମରରେ ୩୦ ହଜାରରୁ ଅଧିକ ହାତୀ ଅଂଶଗ୍ରହଣ କରିଥିଲେ। ଦ୍ୱିତୀୟ ପାଣ୍ଡବ ଭୀମଙ୍କର ବଳ ୧୦ ହଜାର ହାତୀର ବଳ ସହ ସମାନ ଥିଲା ବୋଲି ମହାଭାରତରେ ଉଲ୍ଲେଖ ଅଛି। ରାବଣର ହାତୀ ଶାଳରେ ଉଚ୍ଚମାନର ହାତୀ ଥିଲେ। ସେମାନେ ଯୁଦ୍ଧପାଇଁ ତାଲିମ ମଧ୍ୟ ପାଇଥିଲେ। ଶିବ ତାଙ୍କର ଅଭୟାରଣ୍ୟରେ ଗୋଟିଏ ହାତୀ ଚମଡ଼ାର ସୁରକ୍ଷିତ ଖୋଳ ଭିତରେ ଶୟନ କରିଥାନ୍ତି ବୋଲି ଲେଖାଅଛି। ୧୦୦ ବର୍ଷ ତଳେ ନେପାଳର ରାଜା, ମୁଖିଆ ଓ ଜମିଦାରମାନେ ଶହ ଶହ ସଂଖ୍ୟାରେ ହାତୀ ପାଳୁଥିଲେ। ନେପାଳର ରାଜା ଜଙ୍ଗ୍ ବାହାଦୁର ତାଙ୍କ ହାତୀ ଶାଳରେ ୧୦୦୦ ହାତୀ ପାଳିଥିଲେ। ହାତୀ ସାଧାରଣତଃ ଥରକେ ଗୋଟିଏ ଛୁଆ ଜନ୍ମ ଦେଇଥାଏ। ଏ ଛୁଆ ସେତେବେଳେ ୮୩ ସେ.ମି. ଉଚ୍ଚ ଓ ୯୦ କି.ଗ୍ରା. ଓଜନ ହୋଇଥାଏ। ୧୯୬୧ ମସିହା ଅକ୍ଟୋବର ୨୬ ତାରିଖରେ ମିଆଁମାର ଠାରେ ଗୋଟିଏ ମାଈ ହାତୀ ଜାଆଁଳା ଛୁଆ ଜନ୍ମ ଦେଇଥିଲା। ୧୯୯୩ ମସିହା ଅକ୍ଟୋବର ୨୭ରେ ଥାଇଲାଣ୍ଡର ଗୋଟିଏ ମାଈ ହାତୀ ୩ଟି ଅଣ୍ଡିରା ଛୁଆର ଜନ୍ମ ଦେଇଥିଲା। ହାତୀମାନଙ୍କର ସର୍ବମୋଟ ୧୮ଟି ଆଙ୍ଗୁଳି ଥାଏ। ଯେଉଁ ହାତୀର ୧୮ଟି ରୁ ଅଧିକ କିମ୍ବା କମ୍ ଆଙ୍ଗୁଳି ଥାଏ ତେବେ ଏହାକୁ ଅଶୁଭ ବୋଲି ଧରାଯାଏ। ହାତୀର ଜିଭ କଳାଥିଲେ ବା ଏହା ଉପରେ କଳାଦାଗ ଥିଲେ ହାତିଟି ଅଶୁଭ ବୋଲି କୁହାଯାଏ।

ସ୍ଥଳଭାଗରେ ଥିବା ସବୁଠାରୁ ବଡ଼ଜୀବ ଏଇ ହାତୀ ଏସିଆ ଓ ଆଫ୍ରିକାରେ ଦେଖାଯାଆନ୍ତି। ଗୋଟିଏ ଗୋଟିଏ ଆଫ୍ରିକୀୟ ହାତୀର ଓଜନ ୭, ୫୦୦ କେଜିରୁ ଅଧିକ। କାନ୍ଧ ପାଖରୁ ଭୂମିକୁ ଏହାର ଉଚ୍ଚତା ହେଉଛି ୩ ରୁ ୪ ମିଟର ବା ୧୦ ରୁ ୧୩ ଫୁଟ। ଭାରତରେ ହାତୀଙ୍କ ଓଜନ ପ୍ରାୟ ୫୦୦୦ କେଜି। ଗୋଟିଏ ଗୋଟିଏ ହାତୀଙ୍କ ପେଟ ପୁରିବା ପାଇଁ ୨୨୫ କେଜି ଓଜନର ଘାସ ବା ପତ୍ର ଦରକାର ହୋଇଥାଏ। ଇତିହାସ କହେ କଳିଙ୍ଗର ଲୋକମାନେ ଯେ ସାହସୀ ଥିଲେ ତାହା ନୁହେଁ କଳିଙ୍ଗର ହାତୀମାନେ ମଧ୍ୟ ସାହାସୀ ଥିଲେ। ହାତୀ ରପ୍ତାନୀରେ ଓଡ଼ିଶା ଅତୀତରେ ବହୁତ ନାମ କରିଥିଲା। ଓଡ଼ିଶାରୁ ଅନେକ ହାତୀ ଶ୍ରୀଲଙ୍କା ପଠାଯାଉଥିଲା। ପ୍ରାଚୀନ ଭାରତରେ ଲୋକମାନେ ବିଶ୍ୱାସ କରୁଥିଲେ ଯେ ହାତୀମାନେ ୩୦୦ ବର୍ଷ ବଞ୍ଚିଥାନ୍ତି। ଏବେ କିଛି ଲୋକ ବିଶ୍ୱାସ କରୁଛନ୍ତି ଯେ ହାତୀମାନେ ୧୫୦ ରୁ ୨୦୦ ବର୍ଷ ପର୍ଯ୍ୟନ୍ତ ବଞ୍ଚିଥାନ୍ତି। ମୋଗଲମାନେ ବିଶ୍ୱାସ କରୁଥିଲେ ହାତୀମାନେ ୧୨୦ ବର୍ଷ ବଞ୍ଚିଥିଲାବେଳେ ଶ୍ରୀଲଙ୍କାର ଗୋଟିଏ ହାତୀ ୧୭୦ ବର୍ଷ ଓ ବିଂଶ ଶତାବ୍ଦୀର ଆରମ୍ଭରେ ଇଂଲଣ୍ଡର ଗୋଟିଏ ସର୍କସରେ ଗୋଟିଏ ମାଈ ହାତୀ ୧୫୨ ବର୍ଷ ପର୍ଯ୍ୟନ୍ତ ବଞ୍ଚିଥିଲା। ତେବେ ସେ ଯାହା ହେଉନା କାହିଁକି ଏବେ ହାତୀମାନେ ହାରାହାରି ୮୦ ବର୍ଷ ପର୍ଯ୍ୟନ୍ତ ବଞ୍ଚୁଛନ୍ତି।

ହାତୀ ଅତ୍ୟନ୍ତ ଖେଳପ୍ରିୟ ଓ ଅଧିକ କୌତୁହଳୀ। ସେ ତାର ବାହାର ଦୁନିଆକୁ ଚିହ୍ନିବାକୁ ଆଗ୍ରହୀ ରଖେ। ସେଥିପାଇଁ ଏ ଜଙ୍ଗଲ ସେ ଜଙ୍ଗଲ ଘୂରି ବୁଲୁଥାଏ। ଭାରତରେ ପ୍ରାୟ ୧୫୦୦୦ ବଣୁଆ ହାତୀ ଅଛନ୍ତି। ବନ୍ୟଜନ୍ତୁ ବିଶାରଦ ମାନେ କହନ୍ତି, ହାତୀ ଏକ ବିଶ୍ୱସ୍ତ ପ୍ରାଣୀ ହେଲେ ମଧ୍ୟ ହିଂସ୍ର ନୁହେଁ। ସେ ସ୍ୱାଭାବିକ ସ୍ଥିତିରେ କାହାକୁ ଆକ୍ରମଣ କରେନାହିଁ। ସେ ତା ଜାତିର ପଶୁମାନଙ୍କ ସହିତ ଖେଳ କସରତ କରିବାକୁ ଭଲ ପାଏ। ତାର ଜାତିପ୍ରୀତି ମଧ୍ୟ ଅଧିକ। ତେଣୁ ସେ ଦଳବାନ୍ଧି ରହିଥାଏ। ଗୋଟିଏ ହାତୀ ଦଳରେ ୧୦ ରୁ ୧୦୦ ଯାଏ ହାତୀ ଥାଆନ୍ତି। ଦଳରେ ମାଈ ହାତୀ ଅଧିକ ସଂଖ୍ୟାରେ ଥିବାବେଳେ ଅଣ୍ଡିରା ହାତୀ କମ୍ ଥାନ୍ତି। ଉତ୍ତରପ୍ରଦେଶର ମୁର୍କସନ୍ ପାର୍କରେ ଗୋଟିଏ ହାତୀ ୫ ମିନିଟ୍‌ରେ ୨୦ କେଜି ଆଳୁ ଖାଇଥିଲା ତା'ପରେ ସେଠାରେ ଥିବା ଜଣେ ରେଞ୍ଜରଙ୍କ ଘର ଝରକା ଭିତରକୁ ଶୁଣ୍ଢ ପୁରାଇ ପ୍ରାୟ ୨୫ ଲିଟର ପୋତମ୍ବ ନାମକ ଏକ ମଦ ଏକା ନିଶ୍ୱାସରେ ପିଇଦେଇ ଗୋଟିଏ ଗଛକୁ ଆଉଜି ଦୁଇଦିନ ପର୍ଯ୍ୟନ୍ତ ଶୋଇ ରହିଥିଲା। କୌଣସି ହାତୀର ପାଟିରେ ଥରେ କଦଳୀ, ଆଳୁ, ମକା, ଆଖୁ, ଧାନ ଏପରି କିଛି ସୁଆଦିଆ ଖାଦ୍ୟ ଲାଗିଲେ ତାଙ୍କୁ ଆଉ ନିୟନ୍ତ୍ରଣ କରିହୁଏ ନାହିଁ। ତାପରଠାରୁ ସେ ଜୀବନ ଓ ସମ୍ପତ୍ତି ପ୍ରତି ଏକ ବିପଦ ହୋଇପଡ଼େ। ଏହି ପଶୁଗୁଡ଼ିକୁ ଘଉଡ଼ାଇବା ପାଇଁ ସବୁପ୍ରକାର କୌଶଳ ପ୍ରୟୋଗ କରିବାକୁ ପଡ଼ିଥାଏ। କିନ୍ତୁ ଏହା ସହଜ ହୋଇ ନଥାଏ। କାରଣ ମନୁଷ୍ୟ ସହିତ ବାରମ୍ବାର ମୁକାବିଲା ହେତୁ ସେମାନେ ବେଶ୍ ସାହାସୀ ଓ ବିପଦଜନକ ଶତ୍ରୁ ବନିଯାଇଥାନ୍ତି। ବେଳେ ବେଳେ ନିରୀହ ଘାସ କଟାଳି, କାଠ କଟାଳି ଓ ବାଟୋଇମାନେ ଏମାନଙ୍କର ରାଗର ଶୀକାର ହୋଇଥାନ୍ତି।

ଏବେ ଓଡ଼ିଶାରେ ହାତୀମାନଙ୍କ ସଂଖ୍ୟା ଦିନକୁ ଦିନ କମିବାରେ ଲାଗିଛି। ଗତ କିଛିବର୍ଷ ତଳେ ଓଡ଼ିଶାର ଜଙ୍ଗଲରେ ପ୍ରାୟ ୧୯୩୦ ହାତୀ ଥିବାବେଳେ ଏବେ ସେମାନଙ୍କ ସଂଖ୍ୟା ପ୍ରାୟ ୨୦୦୦ରେ ପହଁଞ୍ଚିଛି। ୨୦୨୪ ହାତୀ ଗଣନା ଅନୁଯାୟୀ ହାତୀର ସଂଖ୍ୟା ୨, ୦୯୮। ଗତ କିଛିଦିନ ହେବ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବହୁ ଲୋକ ହାତୀ ଆକ୍ରମଣରେ ମରିଛନ୍ତି। ଏପରିକି ହାତୀମାନଙ୍କ ଦ୍ୱାରା ଶିକାର ହୋଇଥିବା ପରିବାରବର୍ଗକୁ ରାଜ୍ୟ ସରକାର ଏପର୍ଯ୍ୟନ୍ତ କିଛି ଅର୍ଥ କ୍ଷତିପୂରଣ ଦେଇଥିବାବେଳେ ଅର୍ଥାଭାବରୁ ଆଉ କିଛି ଦେବାକୁ ବାକି ଅଛି। ବିଭିନ୍ନ କାରଣରୁ କେତେବେଳେ ଅକାଳରେ ହାତୀମାନେ ମରୁଛନ୍ତି। କେତେବେଳେ ବିଦ୍ୟୁତ ଆଘାତରେ ପୁଣି କେତେବେଳେ ଟ୍ରେନ୍ ଧକ୍କାରେ। ପ୍ରସବ ବେଦନା ସହି ନ ପାରି ଓ ଜଙ୍ଗଲରେ ଅସୁସ୍ଥତା ହେତୁ ହାତୀମାନେ ମରୁଥିବାର ଲକ୍ଷ୍ୟ କରାଯାଏ। ୨୦୧୨ରେ କେନ୍ଦୁଝର ଜିଲ୍ଲାରେ ୮ଟି ହାତୀ, ମୟୁରଭଞ୍ଜ ଜିଲ୍ଲାରେ ୧୨ଟି, ଢେଙ୍କାନାଳ ଜିଲ୍ଲାରେ ୯ଟି, ଅନୁଗୁଳରେ ୮ଟି, ସମ୍ବଲପୁରରେ ୨ଟି, ବରଗଡ଼ରେ ୧ଟି, ଦେବଗଡ଼ରେ ୨ଟି, ଝାରସୁଗୁଡ଼ାରେ ୧ଟି ଓ ଗଞ୍ଜାମରେ ୧୪ଟି ହାତୀ ମରିଥିବାର ଜଣାପଡ଼ିଛି। ମାତ୍ର ୨୦୧୪ରୁ ଅଦ୍ୟାବଧି ୪୦୬ ଲଢ଼େଇ ସଂଘଟିତ ହୋଇଥିବା ବେଳେ ମଣିଷ ମୃତ୍ୟୁସଂଖ୍ୟା ୧୯୨ ଓ ହାତୀଙ୍କ ମୃତ୍ୟୁ ସଂଖ୍ୟା ୮୫ରେ ପହଞ୍ଚିଛି। ପ୍ରାୟ ଶତାଧିକ ଝାଡ଼ଖଣ୍ଡ ହାତୀ ଓଡ଼ିଶାକୁ ଆସି ଉତ୍ପାତ କରିଥାନ୍ତି। ହାତୀ ମଣିଷ ଲଢ଼େଇ ମଧ୍ୟରୁ ୬୦ ପ୍ରତିଶତ କ୍ଷେତ୍ରରେ କିଛି ନିର୍ଦ୍ଦିଷ୍ଟ ମାରଣା ହାତୀ ହିଁ ମଣିଷକୁ ଆକ୍ରମଣ କରୁଥିବା ଲକ୍ଷ୍ୟ କରାଯାଉଛି। ଢେଙ୍କାନାଳ, ଅନୁଗୋଳ, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ ଜିଲ୍ଲାରେ ଏହିଭଳି ଘଟଣା ଶତାଧିକ ଘଟୁଛି। ସେଇଭଳି ଟ୍ରେନ୍‌ରେ କଟି ଓ ବିଦ୍ୟୁତ ଆଘାତରେ ମଧ୍ୟ ହାତୀଙ୍କ ମୃତ୍ୟୁ ହୋଇଥାଏ। ଖାଦ୍ୟ ଅନ୍ୱେଷଣରେ ଆସିଥିବା ହାତୀ ଝାଟିମାଟି ଘରେ ପଶିବା ଓ ଘର ଭାଙ୍ଗିବା ଦ୍ୱାରା ୨୫ ପ୍ରତିଶତ ଜନତାଙ୍କ ମୃତ୍ୟୁ ହେଉଥିବା ଜଣାଯାଏ। ବିଭିନ୍ନ ରୋଗରେ ପିଡ଼ିତ ହୋଇ ୧୦୧ଟି ହାତୀଙ୍କ ମୃତ୍ୟୁ ହୋଇଥିବାବେଳେ ବିଦ୍ୟୁତ୍ ଆଘାତ ଯୋଗୁଁ ୪୩ଟି, ଶୀକାରୀ ମାନଙ୍କ ଦ୍ୱାରା ୭ଟି, ରାସ୍ତା ଦୁର୍ଘଟଣାରେ ୪ଟି, ପାହାଡ଼ରୁ ଖସି ନଦୀରେ ବୁଡ଼ି ନିଜ ନିଜ ମଧ୍ୟରେ କଳହ କରି ୫୯ଟି ହାତୀ ଓ ବିଭିନ୍ନ କାରଣରୁ ୩୪ଟି ହାତୀଙ୍କର ମୃତ୍ୟୁ ଘଟିଛି।

ଥାଇଲାଣ୍ଡରେ ଏପରି ଏକ ସ୍କୁଲ ଅଛି ଯେଉଁ ସ୍କୁଲରେ କେବଳ ହାତୀମାନଙ୍କୁ ଶିକ୍ଷା ଦିଆଯାଇଥାଏ। ସ୍କୁଲଟି ଥାଇଲାଣ୍ଡର ଲାମପାଙ୍ଗସ୍ଥିତ ସାଗୋଡ ଉତ୍ପାଦନ କେନ୍ଦ୍ରରୁ ୨୫ କି.ମି. ଦୂରରେ ଅବସ୍ଥିତ। ଯେଉଁ ହାତୀର ବୟସ ୫ ବର୍ଷରୁ ଅଧିକ ସେମାନଙ୍କୁ ଏହି ସ୍କୁଲରେ ଶିକ୍ଷା ଦିଆଯାଇଥାଏ। ଏଠାରେ ଥରକେ ୧୫ଟି ହାତୀକୁ ୬ ମାସ ପର୍ଯ୍ୟନ୍ତ ଶିକ୍ଷା ଦିଆଯାଇଥାଏ। ଶୀତଦିନେ ସକାଳ ୬ଟାରୁ ୧୨ ଟା ପର୍ଯ୍ୟନ୍ତ ଏହି ସ୍କୁଲ ଖୋଲିଥାଏ। ପ୍ରଥମେ ସେମାନଙ୍କୁ ଉଠିବା, ବସିବା, ଶୀଘ୍ର ଶୀଘ୍ର ଚାଲିବା ଏବଂ କହିବା ମୁତାବକ ଅଟକିଯିବା, ମୁଣ୍ଡ ତଳକୁ କରିବା, କାଠଗଣ୍ଡିକୁ ଏକାଠି କରି ରଖିବା, ଜୀପ୍, ଟ୍ରକ୍, ବନ୍ଧୁକ, ବାଘ ଏବଂ ଚିତାବାଘ ତଥା ବିଭିନ୍ନ ବାଦ୍ୟଯନ୍ତ୍ରରେ ସ୍ୱର ସମ୍ପର୍କରେ ହାତୀକୁ ଅବଗତ କରି ଦିଆଯାଏ। ହାତୀମାନଙ୍କୁ ୬ ମାସ ପର୍ଯ୍ୟନ୍ତ ସ୍କୁଲ ପରିସରରେ ଥିବା ହଷ୍ଟେଲରେ ରହିବାକୁ ପଡ଼ିଥାଏ।

କଥାରେ କହନ୍ତି "ହାତିକୁ ପୁଣି ହୋମିଓପାଥି"। ଅର୍ଥାତ୍, ହାତୀ ଭଳି ବିଶାଳ ଜନ୍ତୁକୁ ଏତେ ଛୋଟ ଔଷଧ କ'ଣ କାମ ଦେବ? ଏତେ ହାତୀଙ୍କ ପାଇଁ ବଟିକା କଥା କହିବାବେଳେ ଆପଣମାନେ ଆଶ୍ଚର୍ଯ୍ୟ ହେବେଣି। ହାତୀ ପାଇଁ ପୁଣି ବଟିକା କି କାମ ଦେବ? ହାତୀ ପାଇଁ ଥାଇଲାଣ୍ଡରେ ଏକ ବଟିକା ବାହାରିଛି। ଏହି ବଟିକା ବେଶ ବଡ଼ ଏବଂ ଏହାର ଓଜନ ପ୍ରାୟ ୫୦୦ ଗ୍ରାମ। ଏହି ବଟିକାଟିକୁ ଥାଇଲାଣ୍ଡ ସରକାର ହାତୀମାନଙ୍କ ପାଇଁ ପ୍ରଚଳନ କରିଛନ୍ତି। ହାତୀମାନେ ଆଉ ଜଙ୍ଗଲରେ ଚରି ଗଛ ବୃକ୍ଷ ନଷ୍ଟ କରିପାରିବେ ନାହିଁ। ପରିବେଶର ସୁରକ୍ଷା ଓ ଜଙ୍ଗଲ ବଞ୍ଚାଅ ଅଭିଯାନ ସ୍ୱରୂପ ଏହି ପଦକ୍ଷେପ ସେଠାରେ ନିଆଯାଇଛି। ଏହି ଅଭିନବ ବଟିକା ଆଖୁ ଆଦି ଖାଦ୍ୟ ଶସ୍ୟରେ ପ୍ରସ୍ତୁତ ଏବଂ ଏଥିରେ ପ୍ରଚୁର ପରିମାଣରେ ଖାଦ୍ୟ ସାର ବା ଭିଟାମିନ୍ ରହିଛି।

କୌଣସି ବିବଦମାନ ପରିସ୍ଥିତିରେ ମଣିଷ ନ୍ୟାୟାଳୟର ଦ୍ୱାରସ୍ଥ ହେବା ଘଟଣାରେ ବିଶେଷ କିଛି ନୂତନତା ନାହିଁ। କିନ୍ତୁ କୋର୍ଟ ଆଦେଶ ପାଇ ହାତୀଟିଏ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ହାଜର ହେବା ନିଶ୍ଚିତ ଭାବେ ଏକ ବିସ୍ମୟକର ତଥା କୌତୁହଳପ୍ରଦ କଥା। ଏହିଭଳି ଏକ ବିବାଦମାନ ପରିସ୍ଥିତିରେ "ନାରାୟଣ" ନାମକ ଏକ ହାତୀ, ଗତ କିଛିଦିନ ତଳେ କେରଳର କୋଟାୟାମ ଜିଲ୍ଲା ମାଜିଷ୍ଟ୍ରେଟଙ୍କ କାର୍ଯ୍ୟାଳୟ ପରିସରରେ ଅପରାଧୀ ଭାବରେ ଠିଆ ହୋଇ ଏକ ବିରଳ ନଜୀର ସୃଷ୍ଟି କରିଥିଲା। ୩୨ ବର୍ଷିଆ ଏହି ହାତୀଟିକୁ ଯେତେବେଳେ ୧୪ ବର୍ଷ ବୟସ ହୋଇଥିଲା ସେତେବେଳେ ଗୋପାଳକୃଷ୍ଣ କୁରୁପଙ୍କ ଘରକୁ ଧରାହୋଇ ଆସିଥିଲା। ଏହାର ୪ ବର୍ଷ ପରେ କୁରୁପଙ୍କ ପରିବାରର ସମ୍ପତ୍ତି ଭାଗବଣ୍ଟନରେ ହାତୀଟି କୁରୁପଙ୍କ ପତ୍ନୀ ସାଥୀ ଆମ୍ମାଙ୍କ ଭାଗରେ ପଡ଼ିଲା। କିନ୍ତୁ ପରବର୍ତ୍ତୀ କାଳରେ ହାତୀଟି ଲିଜ ସୂତ୍ରରେ ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ମାଲିକଙ୍କ ଦ୍ୱାରା ହସ୍ତାନ୍ତରିତ ହୋଇଥିଲା। ଫଳସ୍ୱରୂପ ହାତୀର ମାଲିକ ଓ ଲିଜ୍‌ଧାରୀଙ୍କ ମଧ୍ୟରେ ନାନା ପ୍ରକାର ବିବାଦର ସୂତ୍ରପାତ ହୋଇଥିଲା।

ବିଚାରପତିଙ୍କ ଏହି ଆଦେଶ କାର୍ଯ୍ୟକାରୀ ହେବା ଦିନ କୋର୍ଟ ପରିସର ମଧ୍ୟରେ ସବୁ ଓକିଲଙ୍କ ସମେତ ବହୁ ଦର୍ଶକ ଏହି ଦୃଶ୍ୟକୁ ଉପଭୋଗ କରୁଥିଲେ। ମାଲିକ "ସାଥୀ ଆମ୍ମାକୁ" ଦେଖି ହାତୀଟି ତତ୍‌କ୍ଷଣାତ ଚିହ୍ନି ପାରିଥିଲା ଏବଂ ବିଚାରପତି ତାଙ୍କ ରାୟରେ ଉଲ୍ଲେଖ କରିଥିଲେ ଯେ ହାତୀଟିର ପ୍ରକୃତ ମାଲିକ ହେଉଛନ୍ତି ସାଥୀ ଆମ୍ମା।

ଚାକିରୀରୁ ଅବସର ଗ୍ରହଣ ପରେ ସାଧାରଣତଃ କର୍ମଚାରୀମାନେ ପେନସନ ପାଇବା ଆମେ ସମସ୍ତେ ଜାଣିଛେ। ମାତ୍ର ହାତୀ ସେହିପରି ଏକ କର୍ମମୟ ଜୀବନରୁ ଅବସର ପାଇବାପରେ ପେନସନ ପାଇବାଟା ଆଶ୍ଚର୍ଯ୍ୟ ଲାଗୁଥିବ ନୁହେଁ? ତେବେ ପଶ୍ଚିମ ବଙ୍ଗର ଜଙ୍ଗଲ ବିଭାଗରେ ନିଯୁକ୍ତ ଥିବା ଏକ ହାତୀକୁ ୬୫ ବର୍ଷ ପୁରିଲା ପରେ ସେ ଏହି ବୃତ୍ତିର ଅଧିକାରୀ ହୋଇଥିଲା। ଏହି ଅଧିକାର ପ୍ରାପ୍ତ ସ୍ୱରୂପ ହାତୀକୁ ଉତ୍ତମ ଖାଦ୍ୟ, ବାସସ୍ଥାନ, ସ୍ୱାସ୍ଥ୍ୟ, ଚିକିତ୍ସା ଆଦି ଯୋଗାଇ ଦିଆଯାଇଥିଲା।

ବରାହ ମିହିରଙ୍କ ଲିଖିତ 'ବୃହତ ସଂହିତା'ରେ ହାତୀଦାନ୍ତ କେଉଁ ସମୟରେ କିପରି କଟାଯାଏ ସେ କଥା ବର୍ଣ୍ଣନା କରାଯାଇଛି। ଦସ୍ୟୁ ସର୍ଦ୍ଦାର ବୀରାପାନ୍ନା ହାତୀ ଦାନ୍ତ ପାଇଁ ପ୍ରାୟ ୨୦୦୦ ହାତୀଙ୍କୁ ମାରିପାରିଛି। କେତେ ଶହ ବର୍ଷ ହେଲା ରାଜସ୍ଥାନ ହାତୀଦାନ୍ତ କାରିଗରୀର କେନ୍ଦ୍ର ରୂପେ ରହି ଆସିଛି। ଏଠାରେ ହାତୀଦାନ୍ତ ଦ୍ୱାରା ନିର୍ମିତ ଚୁଡ଼ିର ବହୁତ ବ୍ୟବହାର ରହିଛି। ଆଜିକାଲି ଜଙ୍ଗଲ କ୍ଷୟଯୋଗୁଁ ଓଡ଼ିଶାରେ ହାତୀଙ୍କ ସ୍ୱାଭାବିକ ଜୀବନଚର୍ଯ୍ୟା ବ୍ୟାହତ ହେଉଛି। ସେମାନଙ୍କ ଖାଦ୍ୟ ସମ୍ବଳ କମି ଯାଇଥିବା ବେଳେ ଜୀବନ ପରିସର ସଙ୍କୁଚିତ ହେଉଛି। ଆଗକୁ ସରକାର ଯଦି ସଚେତନ ନ ହୁଅନ୍ତି ରାଜ୍ୟରେ ହାତୀମାନଙ୍କ ବଂଶ ଲୋପ ପାଇଯିବ ଏଥିରେ ସନ୍ଦେହ ନାହିଁ।

**୧୬/୪, ଟାଇପ୍-୪ବି, ୟୁନିଟ୍-୩, ଭୁବନେଶ୍ୱର**
**ମୋବାଇଲ:୯୩୩୭୩୬୨୩୮୩**

## ବିଶ୍ୱକୁ ଆମେରିକାର ଚେତାବନୀ

# ଇରାନ ସହ ସମ୍ପର୍କ ଛିନ୍ନ ନକଲେ କଠୋର କଟକଣା

ୱାଶିଂଟନ, ୨୫।୮: ଇରାନ ବିରୋଧରେ ଆମେରିକା ଏକ ବିଶାଳ ଏବଂ କଠୋର ବିଶ୍ୱସ୍ତରୀୟ ଆର୍ଥିକ ପ୍ରତିବନ୍ଧକ ଅଭିଯାନ ଆରମ୍ଭ କରିଛି। ଆମେରିକା ସରକାର ବିଶ୍ୱର ସମସ୍ତ ଦେଶମାନଙ୍କୁ ଇରାନ ସହିତ ସମସ୍ତ ବାଣିଜ୍ୟ ସମ୍ପର୍କ ତୁରନ୍ତ ଶେଷ କରିବାକୁ କଠୋର ଚେତାବନୀ ଦେଇଛନ୍ତି। ୱାଶିଂଟନ୍ ସମସ୍ତ ବାଣିଜ୍ୟିକ ଅଂଶୀଦାର ଓ କମ୍ପାନିଗୁଡ଼ିକୁ ଇରାନ ସହିତ ସେମାନଙ୍କ ସମ୍ପର୍କ ସମାପ୍ତ କରିବା ପାଇଁ କଠୋର ସମୟସୀମା ଜାରି କରିଛି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଆଦେଶ ପାଳନ ନକଲେ ଉଲ୍ଲଂଘନକାରୀ ଦେଶ ଓ ବିଦେଶୀ ସଂସ୍ଥାଗୁଡ଼ିକ ଉପରେ କଠୋର ପ୍ରତିବନ୍ଧକ ଲଗାଯିବ। ଆମେରିକାର ଅର୍ଥ ସଚିବ ସ୍କଟ୍ ବେସେଣ୍ଟଙ୍କ ଅନୁଯାୟୀ, ଏହି ନୂତନ ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଇରାନର ଆର୍ଥିକ ଏବଂ ଅର୍ଥନୈତିକ ଜୀବନରେଖାକୁ କାଟି ଦେବା। ସେ ସ୍ପଷ୍ଟ ଭାବରେ ଘୋଷଣା କରିଛନ୍ତି ଯେ ଇରାନ ଯେଉଁ ସବୁ ରାସ୍ତା ଦେଇ ଅଶୋଧିତ ତୈଳ ବିକ୍ରୟ କରି ରାଜସ୍ୱ ସଂଗ୍ରହ କରୁଛି ତାହାକୁ ବନ୍ଦ କରିଦିଆଯିବ। ତୈଳ



ଚୋରା ଚାଲାଣ, କ୍ଷେପଣାସ୍ତ୍ର ବିକାଶ, ସାଇବର ଏବଂ ପରମାଣୁ ନେଟୱାର୍କ ସହିତ ଜଡ଼ିତ ୬୦ ଜଣ ପ୍ରମୁଖ ବ୍ୟକ୍ତି, ଜାହାଜ ଏବଂ କମ୍ପାନି ଉପରେ

### ତେହରାନ କହିଲା ବାହାସ୍ଫୋଟ ମାରୁଛି ୱାଶିଂଟନ

ଟ୍ରେଜେରୀ ବିଭାଗ ନୂତନ କଠୋର କଟକଣା ଲାଗୁ କରିଛି। ଟ୍ରେଜେରୀ ସଚିବ ଏହା ମଧ୍ୟ ଚେତାବନୀ ଦେଇଛନ୍ତି ଯେ ଇରାନର କଳା ଟଙ୍କା ଧଳା କରିବାରେ ସାହାଯ୍ୟ କରୁଥିବା ଯେକୌଣସି ସଂସ୍ଥାକୁ ଡଲାର ସିଷ୍ଟମରୁ ବାଦ୍ ଦିଆଯିବ।

ଏହି ବ୍ୟାପକ ଅଭିଯାନର ଏକ ଅଂଶ ସ୍ୱରୂପ, ଆମେରିକାର ଟ୍ରେଜେରୀ, ଷ୍ଟେଟ୍ ଡିପାର୍ଟମେଣ୍ଟ ଏବଂ ସାମରିକ ବାହିନୀର ସ୍ୱତନ୍ତ୍ର ଦଳଗୁଡ଼ିକ ଏବେ ବିଶ୍ୱର ବିଭିନ୍ନ ଦେଶକୁ ଯାତ୍ରା କରୁଛନ୍ତି ଏବଂ ସେମାନଙ୍କର ବିଶ୍ୱ ପ୍ରତିପକ୍ଷଙ୍କ ସହ ସାକ୍ଷାତ କରୁଛନ୍ତି ଏବଂ ୱାଶିଂଟନ ଦ୍ୱାରା ଚିହ୍ନଟ କରାଯାଇଥିବା ସନ୍ଦେହଜନକ ଆର୍ଥିକ କାର୍ଯ୍ୟକଳାପ ବିଷୟରେ ସେମାନଙ୍କୁ ସୂଚନା ଦେଉଛନ୍ତି। ବିଶେଷଜ୍ଞଙ୍କ ମତରେ, ଆମେରିକାର ପ୍ରାଥମିକ ଲକ୍ଷ୍ୟ ହେଉଛି ଇରାନ ଶାସନକୁ ସବୁ ଦିଗରୁ ଅଲଗା କରି ଏକ ଘରିକିଆ କରିବା। ସାମରିକ କାର୍ଯ୍ୟକଳାପ ପାଇଁ ଇରାନର ପାଣ୍ଠି ସଂଗ୍ରହକୁ ରୋକିବା। ତେବେ ଆମେରିକା ସରକାର ଏପର୍ଯ୍ୟନ୍ତ ଦେଶଗୁଡ଼ିକ ପାଇଁ ଏହି ନିୟମ ପାଳନ କରିବା ନିମନ୍ତେ କୌଣସି ନିର୍ଦ୍ଦିଷ୍ଟ ସମୟସୀମା ପ୍ରକାଶ କରିନାହାନ୍ତି। ଏହି ସମୟରେ, ଇରାନ ସଂସଦର ବାଚସ୍ପତି ମହମ୍ମଦ ବାକର ଗାଲିବାଫ୍ ଆମେରିକାର ଏହି ପ୍ରତିବନ୍ଧକର ଚେତାବନୀକୁ ଖାଲି ଧମକ ବୋଲି କହି ଖଣ୍ଡନ କରିଛନ୍ତି। ସେ ଏହାକୁ ୱାସିଂଟନର ବାହାସ୍ଫୋଟ ବୋଲି କହିଛନ୍ତି। ସେ ଦାବି କରିଛନ୍ତି ଯେ ଇରାନର ବାଣିଜ୍ୟିକ ଅଂଶୀଦାରମାନେ କେବେବି ଏହି ବେଆଇନ ପ୍ରତିବନ୍ଧକଗୁଡ଼ିକୁ ପାଳନ କରିବେ ନାହିଁ। ଗାଲିବାଫ୍ କହିଛନ୍ତି, ବିଶ୍ୱର ଦେଶଗୁଡ଼ିକ ଆମେରିକାର ଚାପ ଆଗରେ ମୁଣ୍ଡ ନୁଆଁଇବେ ନାହିଁ। ଇରାନ ସହିତ ସେମାନଙ୍କର ପାରମ୍ପରିକ ଆର୍ଥିକ ସମ୍ପର୍କ ପୂର୍ବ ପରି ସୁଦୃଢ଼ ରହିବ। ତେବେ ବୃଦ୍ଧି ପାଉଥିବା କୂଟନୈତିକ ଏବଂ ଆର୍ଥିକ ଉତ୍ତେଜନା ବିଶ୍ୱ ବଜାର ଏବଂ ବିଶେଷକରି ଅନ୍ତର୍ଜାତୀୟ ଅଶୋଧିତ ତୈଳ ମୂଲ୍ୟକୁ ପ୍ରଭାବିତ କରିପାରେ।

## ଟିଏମସି ବିଦ୍ରୋହୀଙ୍କୁ ଝଟକା

# ସୁପ୍ରିମକୋର୍ଟରୁ ମିଳିଲା ନୋଟିସ୍





ନୂଆଦିଲ୍ଲୀ, ୨୫।୮: ଏନସିପିଆଇରେ ଯୋଗଦେଇଥିବା ୨୦ ଜଣ ତୃଣମୂଳ କଂଗ୍ରେସ ସାଂସଦଙ୍କୁ ସୁପ୍ରିମକୋର୍ଟ ନୋଟିସ୍ ଜାରି କରିଛନ୍ତି। ତୃଣମୂଳ କଂଗ୍ରେସ ସାଂସଦ ଅଭିଷେକ ବାନାର୍ଜୀଙ୍କ ଦ୍ୱାରା ଦାୟର ଏକ ଆବେଦନ ପରେ ଏହି ନୋଟିସ୍ ଜାରି ହୋଇଛି। ଲୋକସଭା ବାଚସ୍ପତିଙ୍କୁ ମଧ୍ୟ ଏହି ଆବେଦନରେ ଏକ ପକ୍ଷଭୁକ୍ତ କରାଯାଇଛି। ତାଙ୍କ ପକ୍ଷରୁ ଉପସ୍ଥିତ ସଲିସିଟର ଜେନେରାଲ କହିଛନ୍ତି ଯେ ବାଚସ୍ପତି ଏହି ମାମଲାରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିସାରିଛନ୍ତି ଓ ସମସ୍ତ ସାଂସଦଙ୍କଠାରୁ ଜବାବ ମାଗିଛନ୍ତି।

ଅଭିଷେକ ବାନାର୍ଜୀଙ୍କ ଆବେଦନରେ କୁହାଯାଇଛି, ଏହି ସାଂସଦମାନଙ୍କ ବିରୋଧରେ ଦଳ ବଦଳ ବିରୋଧୀ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ ଓ ସଂସଦରେ ସେମାନଙ୍କର ସଦସ୍ୟତା ବାତିଲ କରାଯିବା ଉଚିତ। କିନ୍ତୁ ଲୋକସଭା ବାଚସ୍ପତି ଏପରି କରୁନାହାନ୍ତି। ଆବେଦନରେ ଉଲ୍ଲେଖ କରାଯାଇଛି ଯେ, ଏହି ସାଂସଦମାନଙ୍କୁ ଆନୁଷ୍ଠାନିକ ଭାବରେ ଏକ ପୃଥକ ଗୋଷ୍ଠୀ ଭାବରେ ମାନ୍ୟତା ଦିଆଯାଇନାହିଁ କିମ୍ବା ସେମାନଙ୍କୁ ସେହିପରି ବ୍ୟବହାର କରାଯାଉନାହିଁ। ଯଦି ସେମାନଙ୍କୁ ଏନସିପିଆଇ ଭାବରେ ମାନ୍ୟତା ଦିଆଯିବା କଥା ତେବେ ସେହି ନିଷ୍ପତ୍ତି ଶୀଘ୍ର ନିଆଯିବା ଆବଶ୍ୟକ।

## ଖାଇକୁ ଖସିଲା ଟ୍ରକ୍, ୫୦ ଶ୍ରଦ୍ଧାଳୁ ଆହତ



ଉନା, ୨୫।୮: ହରିୟାଣାର କର୍ଣ୍ଣାଲ ଜିଲ୍ଲାର ଇନ୍ଦ୍ରିରୁ ଉତ୍ତର ଭାରତର ପ୍ରସିଦ୍ଧ ଧାର୍ମିକ ସ୍ଥଳ ପୀର ନିଗାହରେ ପୂଜା କରିବାକୁ ଆସିଥିବା ଶ୍ରଦ୍ଧାଳୁମାନଙ୍କର ଏକ ଦଳ ମଙ୍ଗଳବାର ସକାଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି। ପୀର ନିଗାହ ମନ୍ଦିରଠାରୁ ପ୍ରାୟ ଦୁଇ କିଲୋମିଟର ଦୂରରେ ଏକ ୧୪ ଟାୟାର ବିଶିଷ୍ଟ ମାଲବାହୀ ଟ୍ରକ୍ ନିୟନ୍ତ୍ରଣ ହରାଇ ରାସ୍ତା କଡ଼ରେ ଥିବା ଏକ ଖାଇକୁ ଖସି ପଡ଼ିଛି। ଦୁର୍ଘଟଣାରେ ପ୍ରାୟ ୫୦ ଜଣ ଶ୍ରଦ୍ଧାଳୁ ଆହତ ହୋଇଥିବା ଜଣାପଡ଼ିଛି। ଆହତମାନଙ୍କ ମଧ୍ୟରେ ମହିଳା, ପୁରୁଷ ଏବଂ ପିଲାମାନେ ଅଛନ୍ତି। ସମସ୍ତ ଆହତଙ୍କୁ ଚିକିତ୍ସା ପାଇଁ ଉନା ସ୍ଥିତି ଆଞ୍ଚଳିକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ରିପୋର୍ଟ ଅନୁସାରେ, ରବିବାର ଦିନ ପାନିପତ, ଫତେହାବାଦ ଏବଂ ହରିୟାଣାର ଅନ୍ୟାନ୍ୟ ଅଞ୍ଚଳରୁ ଶ୍ରଦ୍ଧାଳୁମାନେ ପୀର୍ ନିଗାହରେ ପହଞ୍ଚିଥିଲେ। ପୂଜା କରିବା ଲଙ୍ଗର ମଧ୍ୟ ଆୟୋଜନ କରିଥିଲେ। ମଙ୍ଗଳବାର ସକାଳେ ସେମାନେ ମାତା ନୈନା ଦେବୀ ଏବଂ ଶ୍ରୀ ଆନନ୍ଦପୁର ସାହିବରେ ପୂଜାର୍ଚ୍ଚନା କରି ଘରକୁ ଫେରିବାର ଥିଲା। ଏହି ସମୟରେ, ପୀର ନିଗାହ ମନ୍ଦିରରୁ ଅଳ୍ପ ଦୂରରେ ଡ୍ରାଇଭର ମାଲବାହକ ଟ୍ରକ୍ ଉପରୁ ନିୟନ୍ତ୍ରଣ ହରାଇଥିଲେ ଏବଂ ଗାଡ଼ିଟି ଏକ ଖାତକୁ ଖସି ପଡ଼ିଥିଲା। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଆତଙ୍କ ପ୍ରକାଶ ପାଇଥିଲା। ପଥଚାରୀ ଏବଂ ଅନ୍ୟ ଶ୍ରଦ୍ଧାଳୁମାନେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଆହତମାନଙ୍କୁ ବ୍ୟକ୍ତିଗତ ଯାନ ଏବଂ ୧୦୮ ଆମ୍ବୁଲାନ୍ସ ସାହାଯ୍ୟରେ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା।

### ଦୁର୍ଦ୍ଦୁରା ଫଳ ବିକ୍ରି ଅଭିଯୋଗ

## ଆମାଜନ୍, ସ୍ୱିଗି ଇନଷ୍ଟାମାର୍ଟ ଓ ବିଗ୍ ବାସ୍କେଟର ଲାଇସେନ୍ସ ରଦ୍ଦ

ବେଙ୍ଗାଲୁରୁ, ୨୫।୮: ବିଷାକ୍ତ 'ଦୁର୍ଦ୍ଦୁରା' ଫଳ ଓ ମଞ୍ଜି ଅନଲାଇନରେ ବିକ୍ରି ହେଉଥିବା ଜଣାପଡ଼ିବା ପରେ କର୍ଣ୍ଣାଟକ ସରକାର ପ୍ରମୁଖ ଇ-କମର୍ସ ପ୍ଲାଟଫର୍ମ ଆମାଜନ୍, ସ୍ୱିଗି ଇନଷ୍ଟାମାଟ୍ ଓ ବିଗବାସ୍କେଟର ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ




ଗ୍ରହଣ କରି 'ଫୁଡ୍ ସେଫ୍ଟି ଏଣ୍ଡ ଷ୍ଟାଣ୍ଡାର୍ଡସ ଆକ୍ଟ, ୨୦୦୬' ଅଧୀନରେ ଏହି ତିନୋଟି ପ୍ଲାଟଫର୍ମର ଫୁଡ୍ ଲାଇସେନ୍ସକୁ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ନିଲମ୍ବିତ କରିବା ସହ ତୁରନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନଲାଇନ୍ ପ୍ଲାଟଫର୍ମଗୁଡ଼ିକରେ 'ଏଫଏସଏସଏଆଇ' ଲାଇସେନ୍ସ କିମ୍ବା ପଞ୍ଜୀକରଣ ଆଢୁଆଳରେ ଦୁର୍ଦ୍ଦୁରା ଫଳ ଓ ମଞ୍ଜି ବିକ୍ରି ପାଇଁ ତାଲିକାଭୁକ୍ତ ହୋଇଥିବା ନଜରକୁ ଆସିବା ପରେ ଏହି ଆକ୍ସନ ନିଆଯାଇଛି। ଇଂରାଜୀରେ 'ଥୋର୍ନ ଆପଲ୍' ଓ ତାମିଲରେ 'ଉମଥାଇ' କୁହାଯାଉଥିବା ଏହି ଗଛରେ ଅତ୍ୟନ୍ତ ବିଷାକ୍ତ ଗୁଣ ରହିଛି। ଏହାର ଫଳ କିମ୍ବା ମଞ୍ଜି ସେବନ କରିବା ଦ୍ୱାରା ମାନବ ଶରୀର ଓ ସ୍ୱାସ୍ଥ୍ୟ ଉପରେ ଗୁରୁତର ମାରାତ୍ମକ କୁପ୍ରଭାବ ପଡ଼ିପାରେ ବୋଲି ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି।

## ମିଳିଲା ମହିଳା ପୁଲିସଙ୍କୁ ଚାପୁଡ଼ା ମାରିବା ଭିଡିଓ



ବେଙ୍ଗାଲୁରୁ, ୨୫।୮: କର୍ଣ୍ଣାଟକର ଶ୍ରୀରଙ୍ଗପାଟନାର ଏକ ମନ୍ଦିରରେ ଡ୍ୟୁଟିରେ ଥିବା ଜଣେ ମହିଳା ପୁଲିସ ଅଧିକାରୀଙ୍କୁ ଜଣେ ବିଧାୟକଙ୍କ ଝିଅ ଚାପୁଡ଼ା ମାରିଥିଲେ। ଏହି ଝଗଡ଼ାର ସିସିଟିଭି ଫୁଟେଜ୍ ଏବେ ସାମ୍ନାକୁ ଆସିଛି। ଘଟଣାଟି ଅଗଷ୍ଟ ୧୨ ତାରିଖ ରାତି ପ୍ରାୟ ୮ଟା ୧୫ ମିନିଟ୍ ସମୟରେ ଘଟିଥିଲା। ଭୀମ ଅମାବାସ୍ୟା ପାଇଁ ଆରତୀ ଉକ୍କାଡା ମନ୍ଦିରରେ ଭିଡ଼ ଜମା ହୋଇଥିଲା। ଟୁମକୁର ଗ୍ରାମାଞ୍ଚଳ ବିଧାୟକ ବି. ସୁରେଶ ଗୌଡ଼ାଙ୍କ ଝିଅ ଐଶ୍ୱର୍ଯ୍ୟା ଦର୍ଶନ କରିବାକୁ ଆସିଥିଲେ। ଐଶ୍ୱର୍ଯ୍ୟା ଗର୍ଭଗୃହରେ ପ୍ରବେଶ କରିବାକୁ ଚାହୁଁଥିଲେ, କିନ୍ତୁ ଭିଡ଼ ଯୋଗୁଁ ତାଙ୍କୁ ଭିତରକୁ ପ୍ରବେଶ କରିବାକୁ ଅନୁମତି ଦିଆଯାଇ ନଥିଲା। ଏଥିରେ ଉତକ୍ଷିପ୍ତ ହୋଇ ମାଣ୍ଡ୍ୟା ମହିଳା ପୁଲିସ ଷ୍ଟେସନର ସବ୍-ଇନ୍ସପେକ୍ଟର ସବିତା ପାଟିଲଙ୍କୁ ଐଶ୍ୱର୍ଯ୍ୟା ଚାପୁଡ଼ା ମାରିଥିଲେ। ଏହାପରେ ସବିତା ମଧ୍ୟ ତାଙ୍କୁ ଚାପୁଡ଼ା ମାରିଥିବାର ଭିଡିଓରେ ଦେଖାଯାଉଛି। ଦେଖଣାହାରୀମାନେ ଉଭୟଙ୍କୁ ଅଟକାଇବା ପାଇଁ ହସ୍ତକ୍ଷେପ କରିଥିଲେ। ଘଟଣା ପରେ ବିଧାୟକ ଗୌଡା ତୁରନ୍ତ କ୍ଷମା ପ୍ରାର୍ଥନା କରିଥିଲେ, କିନ୍ତୁ ମହିଳା ଅଧିକାରୀ ତାଙ୍କ ଝିଅ ସହିତ ଖରାପ ବ୍ୟବହାର କରିଥିବା ଅଭିଯୋଗ ମଧ୍ୟ କରିଥିଲେ।

## ହିଜାବ ଆବେଦନ ହାଇକୋର୍ଟରେ ଖାରଜ

ଲକ୍ଷ୍ନୌ, ୨୫।୮: ଶିକ୍ଷାନୁଷ୍ଠାନ ଦ୍ୱାରା ନିର୍ଦ୍ଧାରିତ ଡ୍ରେସ କୋଡକୁ ନିଜର ବ୍ୟକ୍ତିଗତ ପସନ୍ଦ ଅନୁଯାୟୀ ବଦଳାଇବା କୌଣସି ଛାତ୍ରଛାତ୍ରୀଙ୍କ ଅଧିକାର ନୁହେଁ ବୋଲି ଆଲାହାବାଦ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ସ୍ପଷ୍ଟ କରିଛନ୍ତି। ସ୍କୁଲ୍ ୟୁନିଫର୍ମ ସହିତ



ଅତିରିକ୍ତ ଭାବେ ହେଡସ୍କାର୍ଫ (ହିଜାବ) ପିନ୍ଧିବା ପାଇଁ ଅନୁମତି ମାଗି ଜଣେ ଛାତ୍ରୀ ଦାଖଲ କରିଥିବା ଆବେଦନକୁ କୋର୍ଟ ଖାରଜ କରିଦେଇଛନ୍ତି। ପ୍ରୟାଗରାଜର ଏକ ବେସରକାରୀ ସ୍କୁଲରେ ଏକାଦଶ ଶ୍ରେଣୀରେ ନାମ ଲେଖାଇବାକୁ ଚାହୁଁଥିବା ଜଣେ ନାବାଳିକା ଛାତ୍ରୀ ନିଜ ମା'ଙ୍କ ଜରିଆରେ ଏହି ଆବେଦନ କରିଥିଲେ। ହେଡସ୍କାର୍ଫ ପିନ୍ଧିବା ଇସଲାମ ଧର୍ମର ଏକ ଆବଶ୍ୟକୀୟ ଅଂଶ ଓ ସେ ଷଷ୍ଠ ଶ୍ରେଣୀରୁ ଏହା ପିନ୍ଧି ଆସୁଛନ୍ତି ବୋଲି ଯାଚିକାରେ ଦାବି କରାଯାଇଥିଲା।

### ୱାନ୍ଧାମା ନରସଂହାର ମାମଲା

## ୨୮ ବର୍ଷ ପରେ ଆରମ୍ଭ ହେଲା ନ୍ୟାୟିକ ପ୍ରକ୍ରିୟା

ଶ୍ରୀନଗର, ୨୫।୮: ଜମ୍ମୁ-କାଶ୍ମୀରର ରାଜ୍ୟ ତଦନ୍ତକାରୀ ସଂସ୍ଥା (ଏସଆଇଏ) ୨୮ ବର୍ଷ ପରେ ଚର୍ଚ୍ଚିତ ୱାନ୍ଧାମା ନରସଂହାର ମାମଲାର ତଦନ୍ତ ପୁନର୍ବାର ଆରମ୍ଭ କରିଛି। ୧୯୯୮ ମସିହା ଜାନୁଆରୀ ମାସରେ ସେଣ୍ଟ୍ରାଲ କାଶ୍ମୀରର



ଗାନ୍ଦରବଲ୍ ଜିଲ୍ଲାସ୍ଥିତ ୱାନ୍ଧାମା ଗ୍ରାମରେ ସନ୍ତ୍ରାସବାଦୀମାନେ ୪ଟି ପରିବାରର ୨୩ ଜଣ କାଶ୍ମୀରୀ ପଣ୍ଡିତଙ୍କୁ ଗୁଳି କରି ନିର୍ମମ ଭାବେ ହତ୍ୟା କରିଥିଲେ। ଏହି ଭୟାନକ ହତ୍ୟାକାଣ୍ଡରୁ ମାତ୍ର ଜଣେ ୧୪ ବର୍ଷୀୟ କିଶୋର ଜୀବନ୍ତ ବଞ୍ଚିଯାଇଥିଲା। ଉପତ୍ୟକାରେ ଆତଙ୍କବାଦ ଚରମ ସୀମାରେ ଥିବା ସମୟରେ ଘଟିଥିବା ଏହି ଟାର୍ଗେଟେଡ୍ କିଲିଂ ମାମଲାଗୁଡ଼ିକର ପୁନଃତଦନ୍ତ ପ୍ରକ୍ରିୟାକୁ ଏବେ ଜୋରଦାର କରାଯାଇଛି। ଧାରା ୩୭୦ ଉଚ୍ଛେଦ ପରେ ଜମ୍ମୁ-କାଶ୍ମୀର ପ୍ରଶାସନ ଅନେକ ପୁରୁଣା ଓ ଚର୍ଚ୍ଚିତ ମାମଲାର ଫାଇଲ୍ ପୁଣି ଖୋଲିଛି। ୱାନ୍ଧାମା ଗଣହତ୍ୟା ସମେତ ୧୯୯୦ ମସିହାରେ କାଶ୍ମୀରୀ ପଣ୍ଡିତ ଲେଖକ ତଥା ସମାଜସେବୀ ସରୱାନନ୍ଦ କୌଲ ପ୍ରେମୀ ଏବଂ ତାଙ୍କ ୨୪ ବର୍ଷୀୟ ପୁଅ ବିରେନ୍ଦ୍ର କୌଲଙ୍କ ହତ୍ୟା ମାମଲା, ଟିକା ଲାଲ ଟପ୍ଲୁ ହତ୍ୟାକାଣ୍ଡର ତଦନ୍ତକୁ ମଧ୍ୟ ଏସଆଇଏ ପୁନରୁତ୍ଥାନ କରିଛି। ଏହାବ୍ୟତୀତ ୧୯୯୦ ମସିହାର ନର୍ସ ସରଳା ଭଟ୍ଟଙ୍କ ଦୁଷ୍କର୍ମ ଓ ହତ୍ୟା ମାମଲାରେ ଜେକେଏଲଏଫ୍ ମୁଖିଆ ମହମ୍ମଦ ୟାସିନ ମଲିକ ଏବଂ ଖୁରସିଦ ଅହମ୍ମଦ ଚାଲକୁଙ୍କ ନାମରେ ଚାର୍ଜସିଟ୍ ଦାଖଲ କରାଯାଇଛି।

# ଘରୋଇ କମ୍ପାନୀକୁ କ୍ଷେପଣାସ୍ତ୍ର ଟେକ୍ନୋଲୋଜି ହସ୍ତାନ୍ତର ଅନୁମତି

ନୂଆଦିଲ୍ଲୀ, ୨୫।୮: ପ୍ରତିରକ୍ଷା କ୍ଷେତ୍ରରେ ଆଗକୁ ଏକ ବଡ଼ ପରିବର୍ତ୍ତନ ହେବାକୁ ଯାଉଛି। ଘରୋଇ କମ୍ପାନୀମାନେ ଏଥିରେ ଏଣ୍ଟ୍ରି କରିବା ମାତ୍ରେ ଭାରତରେ ପ୍ରତିରକ୍ଷା କ୍ଷେତ୍ର ଖୁବ୍ ଶକ୍ତିଶାଳୀ ହୋଇଯିବ। ଯାହାର ଶୁଭାରମ୍ଭ ହୋଇଯାଇଛି।

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଡିଆରଡିଓ ଦ୍ୱାରା ବିକଶିତ ସମସ୍ତ ପାରମ୍ପରିକ କ୍ଷେପଣାସ୍ତ୍ର ପ୍ରଣାଳୀର ଟେକ୍ନୋଲୋଜୀ ଭାରତୀୟ ପ୍ରତିରକ୍ଷା କମ୍ପାନୀଗୁଡ଼ିକୁ ହସ୍ତାନ୍ତର କରିବା ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ପ୍ରତିରକ୍ଷା ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଏହି ପଦକ୍ଷେପ ଦେଶର ପ୍ରତିରକ୍ଷା ବ୍ୟବସ୍ଥାରେ ଭାରତୀୟ ଶିଳ୍ପର ଭୂମିକାକୁ ବଢ଼ାଇବା ସହ ଉନ୍ନତ କ୍ଷେପଣାସ୍ତ୍ର ପ୍ରଣାଳୀର ସ୍ୱଦେଶୀ ଉତ୍ପାଦନକୁ ବଳ ଦେବ। ଏହା ଦ୍ୱାରା କ୍ଷେପଣାସ୍ତ୍ର ବିକାଶ ଓ ବୃହତ୍ ପରିମାଣରେ ଶିଳ୍ପ ଉତ୍ପାଦନ ମଧ୍ୟରେ ଥିବା ବ୍ୟବଧାନ ଦୂର ହେବ। ଟେକ୍ନୋଲୋଜୀ ହସ୍ତାନ୍ତର





ପରେ ଭାରତୀୟ ପ୍ରତିରକ୍ଷା କମ୍ପାନୀଗୁଡ଼ିକ ଆବଶ୍ୟକ ଯୋଗ୍ୟତା, ପ୍ରମାଣପତ୍ର ଏବଂ ନିୟାମକ ମାନଦଣ୍ଡ ପୂରଣ କରି କ୍ଷେପଣାସ୍ତ୍ର ପ୍ରଣାଳୀର ଉତ୍ପାଦନ କରିପାରିବେ। ଏନେଇ ମନ୍ତ୍ରଣାଳୟ କହିଛି, ଏହି ବ୍ୟବସ୍ଥା କ୍ଷେପଣାସ୍ତ୍ର ପ୍ରଣାଳୀର ବିକାଶକୁ ସଫଳତାର ସହ ଶିଳ୍ପ ଉତ୍ପାଦନ ପର୍ଯ୍ୟାୟକୁ ନେବାରେ ସହାୟକ ହେବ।

ଉନ୍ନତ ପ୍ରତିରକ୍ଷା ପ୍ରଣାଳୀର ବିକାଶ ଓ ଉତ୍ପାଦନ ପାଇଁ ଭାରତୀୟ ଶିଳ୍ପର କ୍ଷମତାକୁ ଉପଯୋଗ କରିବା ଦିଗରେ ଡିଆରଡିଓର ନିରନ୍ତର ପ୍ରୟାସକୁ ଏହା ପ୍ରତିଫଳିତ କରୁଛି। ମନ୍ତ୍ରଣାଳୟ କହିଛି, ଏହି ପଦକ୍ଷେପ ଦ୍ୱାରା ଦେଶର ସ୍ୱଦେଶୀ ପ୍ରତିରକ୍ଷା ଉତ୍ପାଦନ କ୍ଷମତା ମଜବୁତ ହେବା ସହ ପ୍ରତିରକ୍ଷା ଶିଳ୍ପ ଭିତ୍ତିଭୂମି ଆହୁରି ବ୍ୟାପକ ହେବ।

## ପ୍ରେମିକା ଭାବି ଗାଡ଼ିକୁ ଦେଲେ ଚୁମ୍ବନ ଫାଇନ୍ ଲଗାଇଲା ପୁଲିସ୍

ନୂଆଦିଲ୍ଲୀ ୨୫।୮, ସୋସିଆଲ ମିଡିଆରେ ଲାଇକ୍, ଫଲୋର୍ସ ଏବଂ ଭ୍ୟୁ ପାଇବା ପାଇଁ ଆଜିକାଲି ଯୁବପିଢ଼ି କିଭଳି ପାଗଳ ହେଲେଣି, ତାହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ମଧ୍ୟପ୍ରଦେଶର ଗ୍ୱାଲିୟରରୁ। ଇନଷ୍ଟାଗ୍ରାମରେ ରାତିରାତି




ଭାଇରାଲ୍ ହେବା ଚକ୍କରରେ ଜଣେ ଯୁବକ ତାଙ୍କ କାରକୁ ଲିପଷ୍ଟିକ୍ ଦ୍ୱାର କିସ୍ ବା ଚୁମ୍ବନ ଚିହ୍ନରେ ପୁରା ଭରିଦେଇଥିଲେ। ଯାହା ଶେଷରେ ତାଙ୍କ ପାଇଁ ପୋଲିସ କାର୍ଯ୍ୟାନୁଷ୍ଠାନର କାରଣ ପାଲଟିଛି।

ଗ୍ୱାଲିୟର ରାସ୍ତାରେ ଯାଉଥିବା ଏହି କାର୍ର ପୁରା ବଡି ବହୁସଂଖ୍ୟକ ଲିପଷ୍ଟିକ୍ରେ କିସ୍ ବା ଚୁମ୍ବନ ଚିହ୍ନ ସ୍ପଷ୍ଟ ଭାବେ ଦେଖିବାକୁ ମିଳୁଥିଲା। ଯୁବକଙ୍କ ପ୍ରେମିକା କାର୍ରେ ଏହି ଚିହ୍ନ ଗୁଡ଼ିକ ତିଆରି କରିଥିଲେ। ଏହି ଭିଡିଓକୁ ଇନଷ୍ଟାଗ୍ରାମରେ ଅପଲୋଡ୍ କରାଯିବା କ୍ଷଣି ଏହା ନିଆଁ ଭଳି ବ୍ୟାପି ଯାଇଥିଲା। ମାତ୍ର ଗୋଟିଏ ଦିନରେ ପ୍ରାୟ ୫.୫ ମିଲିୟନ୍ (୫୫ ଲକ୍ଷ) ଭ୍ୟୁ ପାଇଥିଲା। କିନ୍ତୁ ଏହି ଭିଡିଓ ଟ୍ରାଫିକ୍ ପୋଲିସର ନଜରକୁ ଆସିବା ପରେ ଅଡୁଆ ବଢ଼ିଥିଲା। ଟ୍ରାଫିକ୍ ପୋଲିସ ତଦନ୍ତ କରି ଥାଟିପୁର ଅଞ୍ଚଳରୁ କାର୍ଟିକୁ ଜବତ କରି ଥାନାକୁ ଆଣିଥିଲେ। ଥାନା ଇନଚାର୍ଜଙ୍କ ସୂଚନା ଅନୁଯାୟୀ, ମୋଟର ଯାନ ଆଇନର ବିଭିନ୍ନ ଧାରା ଅନୁଯାୟୀ ସେହି କାର୍ ମାଲିକଙ୍କ ଉପରେ ମୋଟ୫,୫୦୦ ଟଙ୍କା ଜରିମାନାଲାଗୁ କରାଯାଇଛି। ପୋଲିସ ଷ୍ଟେସନରେ ହାଜର ହେବା ପରେ ଯୁବକ ଜଣକ ନିଜର ଭୁଲ୍ ସ୍ୱୀକାର କରିଥିଲେ ଏବଂ ନିଜ ହାତରେ ପାଣି ଦେଇ କାର୍ରୁ ସେହି ସମସ୍ତ ଲିପଷ୍ଟିକ୍ ଚିହ୍ନକୁ ସଫା କରିଥିଲେ। ତେବେ ସୋସିଆଲ ମିଡିଆରେ ଷ୍ଟଣ୍ଟ୍ କରିବା କିମ୍ବା ଲୋକପ୍ରିୟତା ହାସଲ କରିବା ନିଶା କିପରି ଆଇନଗତ ସମସ୍ୟା ସୃଷ୍ଟି କରିପାରେ, ଏହି ଘଟଣା ତାହାର ଏକ ବଡ଼ ଚେତାବନୀ ଦେଇଛି।

## ପାରୋଲରେ ଆସିଲେ ରାମ ରହିମ

ହରିୟାଣା, ୨୫।୮: ସାଧ୍ୱୀ ଯୌନ ନିର୍ଯାତନା ମାମଲାରେ ୨୦ ବର୍ଷର ଜେଲ୍ ଦଣ୍ଡ ଭୋଗୁଥିବା ଡେରା ସଚ୍ଚା ସୌଦା ପ୍ରମୁଖ ଗୁରମିତ ରାମ ରହିମ୍ଙ୍କୁ ପୁଣିଥରେ ବଡ଼ ଆଶ୍ୱସ୍ତି ମିଳିଛି। ପ୍ରଶାସନ ତରଫରୁ ତାଙ୍କୁ ୨୧ ଦିନର ପାରୋଲ୍ ମଞ୍ଜୁର କରାଯାଇଛି।

ପାରୋଲ୍ ମିଳିବା ମାତ୍ରେ ସେ ରୋହତକର ସୁନାରିଆ ଜେଲରୁ ବାହାରି ହରିୟାଣାର ସିରସାସ୍ଥିତ ନିଜ ଆଶ୍ରମ ଅଭିମୁଖେ ବାହାରିଛନ୍ତି। ଗୁରମିତ ରାମ ରହିମ୍ଙ୍କୁ ପୂର୍ବରୁ ଯେତେବେଳେ ବି ପାରୋଲ୍ କିମ୍ବା ଫର୍ଲୋ ମିଳୁଥିଲା, ସୁରକ୍ଷା ଏବଂ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ତାଙ୍କୁ ମୁଖ୍ୟତଃ ଉତ୍ତରପ୍ରଦେଶ ବାଗପତସ୍ଥିତ ବରନାୱା ଆଶ୍ରମକୁ ପଠାଯାଉଥିଲା। ଏହା ଲଗାତାର ତୃତୀୟ ଥର ପାଇଁ ପ୍ରଶାସନ ତାଙ୍କୁ ସିରସାସ୍ଥିତ ଡେରା ସଚ୍ଚା ସୌଦା ମୁଖ୍ୟାଳୟରେ ରହିବାକୁ ଅନୁମତି ଦେଇଛି। ଦଣ୍ଡାଦେଶ ପରଠାରୁ ଏପର୍ଯ୍ୟନ୍ତ (ପାରୋଲ୍ ଓ ଫର୍ଲୋ ମିଶାଇ) ରାମ ରହିମ୍ ୧୭ ଥର ପାଇଁ ଜେଲ୍ କାନ୍ଥ ବାହାରକୁ ଆସିଛନ୍ତି। ଡେରା ସଚ୍ଚା ସୌଦା ପ୍ରମୁଖ ଗୁରମିତ ରାମ ରହିମ୍ଙ୍କୁ ପୁଣିଥରେ ପାରୋଲ୍ ମିଳିବା ପରେ ଏବେ ରାଜନୈତିକ ସରଗରମ ବୃଦ୍ଧି ପାଇଛି। ହୋସିଆରପୁର ବିଧାୟକ ବ୍ରହ୍ମ ଶଙ୍କର ଜିମ୍ପା ଏହି ପାରୋଲ୍ ନିଷ୍ପତ୍ତି ଉପରେ କଡ଼ା ସମାଲୋଚନା କରି ପ୍ରଶ୍ନ ଉଠାଇଛନ୍ତି।



### ସୁପ୍ରିମକୋର୍ଟରୁ ମିଳିଲାନି ଆଶ୍ୱସ୍ତି

## ଜେଲ ଯିବେ ତରୁଣ ତେଜପାଲ

ନୂଆଦିଲ୍ଲୀ,୨୫।୮: ବଳାତ୍କାର ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ପୂର୍ବତନ ତେହେଲକା ସମ୍ପାଦକ ତରୁଣ ତେଜପାଲଙ୍କୁ ସୁପ୍ରିମକୋର୍ଟ ତୁରନ୍ତ ଆଶ୍ୱସ୍ତି ଦେବାକୁ ମନା କରିଦେଇଛନ୍ତି। କୋର୍ଟ ତାଙ୍କୁ ଦୁଇ ସପ୍ତାହ ମଧ୍ୟରେ ଆତ୍ମସମର୍ପଣ ଏବଂ ଆତ୍ମସମର୍ପଣ ପ୍ରମାଣପତ୍ର ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତାଙ୍କ ଆବେଦନ ଉପରେ ସେପ୍ଟେମ୍ବର ୨୨ ରେ ଶୁଣାଣି ହେବ। ଅଗଷ୍ଟ ୪ ତାରିଖ ରେ, ବମ୍ବେ ହାଇକୋର୍ଟ ତରୁଣ ତେଜପାଲଙ୍କୁ ତାଙ୍କ କାର୍ଯ୍ୟାଳୟରେ ଜଣେ କନିଷ୍ଠ ସହକର୍ମୀଙ୍କୁ ବଳାତ୍କାର କରିବା ଅଭିଯୋଗରେ ୧୦ ବର୍ଷ ଜେଲ ଦଣ୍ଡାଦେଶ ଦେଇଥିଲେ। ହାଇକୋର୍ଟ ତାଙ୍କୁ ଆତ୍ମସମର୍ପଣ ପାଇଁ ଚାରି ସପ୍ତାହ ସମୟ ଦେଇଥିଲେ। ତେଜପାଲ ତାଙ୍କ ଆବେଦନର ବିଚାରାଧୀନ ଥିବା ଦର୍ଶାଇ ସୁପ୍ରିମକୋର୍ଟରୁ ଆତ୍ମସମର୍ପଣରୁ ରହିତାଦେଶ ମାଗିଥିଲେ। ତରୁଣ ତେଜପାଲଙ୍କ ପକ୍ଷରୁ ଉପସ୍ଥିତ ବରିଷ୍ଠ ଓକିଲ କପିଲ ସିବଲ କହିଛନ୍ତି ଯେ ଘଟଣାଟି ୨୦୧୩ ମସିହାର ଏବଂ ତେଜପାଲ ପ୍ରାୟ ଛଅ ମାସ ବ୍ୟତୀତ ସମ୍ପୂର୍ଣ୍ଣ ଅବଧି ପାଇଁ ଜାମିନରେ ଅଛନ୍ତି।

### 'ଛାତ୍ରୋଁ କୀ ଗୁଞ୍ଜ'ରେ ମନୁସ୍ମୃତି ପ୍ରସଙ୍ଗ

## ରାହୁଲଙ୍କ ଉପରେ ବର୍ଷିଲେ ଶଙ୍କରାଚାର୍ଯ୍ୟ

ନୂଆଦିଲ୍ଲୀ,୨୫।୮: କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ମନୁସ୍ମୃତି ସମ୍ପର୍କିତ ବୟାନକୁ ନେଇ ଶଙ୍କରାଚାର୍ଯ୍ୟ ସ୍ୱାମୀ ଅବିମୁକ୍ତେଶ୍ୱରାନନ୍ଦ ତୀବ୍ର ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି ଯେ, ମନୁସ୍ମୃତି ଓ ସନାତନ ସାଂସ୍କୃତିକ ଚିନ୍ତାଧାରା ଉପରେ ରାହୁଲ ଗାନ୍ଧୀ ଦେଇଥିବା ବୟାନ ତାଙ୍କର ଘୋର ଅଜ୍ଞାନତା, ସନାତନ ପରମ୍ପରା ପ୍ରତି ଦୁର୍ଭାବନାପୂର୍ଣ୍ଣ ମାନସିକତାକୁ ପ୍ରକାଶ କରୁଛି। ଶଙ୍କରାଚାର୍ଯ୍ୟ ଧର୍ମ ବିରୋଧୀ ବୟାନ ନଦେବାକୁ ମଧ୍ୟ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି, ରାଜନୈତିକ ଲାଭ ପାଇବା ପାଇଁ ପ୍ରାଚୀନ ଧର୍ମଶାସ୍ତ୍ରର ଶ୍ଳୋକଗୁଡ଼ିକୁ ପ୍ରସଙ୍ଗରୁ ଅଲଗା କରି ଉପସ୍ଥାପନ କରିବା କେବଳ ଆମ ସାଂସ୍କୃତିକ ଐତିହ୍ୟର ଅପମାନ ନୁହେଁ, ବରଂ ସମାଜକୁ ବିଭ୍ରାନ୍ତ କରିବାର ଏକ ନିନ୍ଦନୀୟ ପ୍ରୟାସ। ମହାରାଷ୍ଟ୍ରର ପୁଣେରେ ଶନିବାର ଆୟୋଜିତ 'ଛାତ୍ରୋଁ କି ଗୁଞ୍ଜ' କାର୍ଯ୍ୟକ୍ରମରେ ରାହୁଲ ଗାନ୍ଧୀ କହିଥିଲେ, ମହିଳାମାନଙ୍କୁ ଦମନ କରିବାର ମାନସିକତା ମନୁସ୍ମୃତିରୁ ଆସିଥାଏ ଏବଂ ଆଜି ଆମର ଲଢ଼େଇ ଏହି ମାନସିକତା ବିରୋଧରେ। ଭାଜପା-ଆରଏସଏସର ଲୋକମାନେ ଚାହାନ୍ତି ଯେ ଝିଅ ଓ ମହିଳାମାନେ ପିଞ୍ଜରା ଭିତରେ ବନ୍ଦ ହୋଇ ରୁହନ୍ତୁ। କିନ୍ତୁ ଆମେ ଏଭଳି ଭାରତ ଚାହୁଁନାହୁଁ।

# ଝିଅକୁ ମାରିବାକୁ ଝିଅର ପ୍ରେମିକକୁ ଦେଲା ସୁପାରି

ହାଇଦ୍ରାବାଦ, ୨୫।୮: ତେଲେଙ୍ଗାନାରେ ସାମ୍ନାକୁ ଆସିଛି ଏକ ଚାଞ୍ଚଲ୍ୟକର ଘଟଣା। ଯାହାକୁ ଶୁଣିଲେ ହୁଏତ ସମାଜରେ ଝିଅ ପ୍ରତି ଥିବା ବାପାର ସ୍ନେହ ଓ ଭଲ ପାଇବାର ଅର୍ଥ ବଦଳିଯିବ। ଜଣେ ବାପା ନିଜ ଝିଅର ପ୍ରେମ ସମ୍ପର୍କ ବିଷୟରେ ଜାଣିବା ପରେ ଯେଉଁ ପଦକ୍ଷେପ ନେଇଥିଲେ ତାହାକୁ ହୁଏତ କୌଣସି ଝିଅ ବି ସ୍ୱୀକାର କରିବ ନାହିଁ। ଝିଅକୁ ନେଇ ବାପା ମନରେ ରାଗ ଏତେ ବଢ଼ିଗଲା ଯେ, ଝିଅକୁ ହତ୍ୟା କରିବା ପାଇଁ ସେ ଝିଅର ପ୍ରେମିକକୁ ହିଁ ସୁପାରି ଦେଇଥିଲା। ଏହି ଘଟଣାକୁ ନେଇ ଅଭିଯୋଗ ହେବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି। ଘଟଣାଟିକୁ ନେଇ ବର୍ତ୍ତମାନ ସେହି ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି।

ଘଟଣାଟି ତେଲେଙ୍ଗାନାର କରୀମନଗର ଅଞ୍ଚଳର ବୋଲି ଜଣାପଡ଼ିଛି। ସୂଚନାନୁଯାୟୀ, ମାନସା ଓ ବିନୋଦ ପରସ୍ପରକୁ ଭଲ ପାଉଥିଲେ। ଗତ ୧୭ ଅଗଷ୍ଟରେ ଦୁହେଁ କରୀମନଗରରେ ଥିବା ବିନୋଦଙ୍କ ଭଡ଼ା ଘରେ ଭେଟିଥିଲେ। ସେଠାରେ ମାନସା ବିନୋଦଙ୍କୁ ବିବାହ କରିବାକୁ ଜିଦ୍ କରିଥିବା ଅଭିଯୋଗ ହୋଇଛି। ପରେ ବିନୋଦ ଏଥିରେ ଚିଡ଼ିଯାଇ ମାନସାଙ୍କ ବାପା ରାଜେଶମଙ୍କୁ ଫୋନ୍ କରି ତାଙ୍କ ଝିଅ ସହ ହୋଇଥିବା କଥାବାର୍ତ୍ତା ବିଷୟରେ ଜଣାଇଥିଲେ। ଏହା ଶୁଣି ରାଜେଶମ ଝିଅ ଉପରେ ବି ବହୁତ ଜୋରରେ ରାଗିଯାଇଥିଲେ। ଆଉ ଦେଇଥିଲେ ଝିଅକୁ ହତ୍ୟା କରିବାର ସୁପାରି।



କାଜିପେଟ୍ ଏସିପି ପି. ପ୍ରଶାନ୍ତ ରେଡ୍ଡୀଙ୍କ ଅନୁସାରେ, ରାଜେଶମ ପରିବାର ଓ ସମ୍ପର୍କୀୟଙ୍କ ବଦନାମ ହେଉଥିବା କଥା କହି ବିନୋଦଙ୍କୁ ମାନସାଙ୍କ ସହ ଝଗଡ଼ା କରିବାକୁ କହିଥିଲେ। ଏପରିକି ତାଙ୍କୁ ହତ୍ୟା କରିବା ପାଇଁ ମଧ୍ୟ କହିଥିବା ଅଭିଯୋଗ ହୋଇଛି। ପୁଲିସର କହିବା ଅନୁସାରେ, ବାପାଙ୍କ ନିର୍ଦ୍ଦେଶ ପରେ ବିନୋଦ ମାନସାଙ୍କୁ ଗଳା ଚିପି ହତ୍ୟା କରିଥିଲେ। ଏହାପରେ ସେ ମାନସାଙ୍କ ମୃତଦେହକୁ ଏକ କାରର

### ସଇତାନ ସାଜିଲା ବାପା

ଡିକିରେ ରଖି ଏଲକାଥୁର୍ଥି ଯାଇଥିଲେ। ସେଠାରେ ଏକ ନିଛାଟିଆ ସ୍ଥାନରେ କାରଟିକୁ ରଖି ମୃତଦେହକୁ ନଷ୍ଟ କରିବାର ସୁଯୋଗ ଅପେକ୍ଷାରେ ଥିଲେ।

ଏହି କାରଟି ଏଲକାଥୁର୍ଥିର ଟି. ସଦାନନ୍ଦମଙ୍କର ବୋଲି ଜଣାପଡ଼ିଛି। ବିନୋଦଙ୍କ ଭାଇ ଭାସ୍କର ରେଡ୍ଡୀ କାରଟି ଭଡ଼ାରେ ନେଇଥିବାରୁ ପୁଲିସ ବିନୋଦଙ୍କ ପର୍ଯ୍ୟନ୍ତ କାରର ବ୍ୟବହାରର ସୁରାଗ ପାଇଥିଲା। ଅଗଷ୍ଟ ୨୦ ତାରିଖରେ କାର ଥିବା ସ୍ଥାନରୁ ଦୁର୍ଗନ୍ଧ ଆସିବାରୁ ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ଏଲକାଥୁର୍ଥି ଇନ୍ସପେକ୍ଟର ପୁଲି ରମେଶ ଓ ତାଙ୍କ ଟିମ୍ ଘଟଣାସ୍ଥଳରେ ପହଞ୍ଚି କାରର ଡିକି ଖୋଲିବା ପରେ ମାନସାଙ୍କ ମୃତଦେହ ଉଦ୍ଧାର କରିଥିଲେ। ପରେ ମୃତଦେହକୁ ପୋଷ୍ଟମର୍ଟମ ପାଇଁ ୱାରଙ୍ଗଲର ଏମଜିଏମ ହସ୍ପିଟାଲକୁ ପଠାଯାଇଥିଲା। ତେବେ ଏହି ଘଟଣାରେ ପ୍ରେମ ସମ୍ପର୍କକୁ ନେଇ ପରିବାରର ବିରୋଧ କିପରି ଏକ ଭୟଙ୍କର ମୋଡ଼ ନେଇଥିଲା, ତାହା ସାମ୍ନାକୁ ଆସିଛି। ଘଟଣା ସମ୍ପର୍କରେ ପୁଲିସ ତଦନ୍ତ ଜାରି ରଖିଥିବା ବେଳେ ମାମଲାରେ ଜଡ଼ିତ ଅନ୍ୟ ତଥ୍ୟ ମଧ୍ୟ ଯାଞ୍ଚ କରାଯାଉଛି। ଝିଅର ପ୍ରେମ ସମ୍ପର୍କକୁ ନେଇ ବାପାଙ୍କ ଏଭଳି ଅଭିଯୋଗିତ ନିଷ୍ପତ୍ତି ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

# ଫଲୋଅନ୍ ଆଶଙ୍କାରେ ଶ୍ରୀଲଙ୍କା

**ଦ୍ୱିତୀୟ ଟେଷ୍ଟ: ଦିନୁଶା ଓ ସୂରିୟାବନ୍ଦରାଙ୍କ ଅର୍ଦ୍ଧଶତକ**

କଲମ୍ବୋ, ୨୫।୮: ଚଳିତ ଭାରତ ବିପକ୍ଷ ଟେଷ୍ଟ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍‌ରେ ଘରୋଇ ଶ୍ରୀଲଙ୍କା ତା'ର ପ୍ରଥମ ଇନିଂସରେ ଫଲୋଅନ୍ ଆଶଙ୍କାରେ ରହିଛି। ଭାରତର ୫୦୩/୯ରେ ତା'ର ପ୍ରଥମ ଇନିଂସ ଘୋଷଣା କରିବା ପରେ ଆଜି ମ୍ୟାଚ୍‌ର ତୃତୀୟ ଦିନର ଖେଳ ଶେଷ ସୁଦ୍ଧା ଶ୍ରୀଲଙ୍କା ୮ ୱିକେଟ୍ ହରାଇ ୨୬୫ ରନ୍ କରିଛି। ଦଳ ଏବେ ବି ଫଲୋଅନ୍‌ଠାରୁ ୩୮ ରନ୍ ପଛରେ ରହିଛି। ଦିନର ଖେଳ ଶେଷ ସୁଦ୍ଧା ପ୍ରଥମ ଟେଷ୍ଟରେ ପ୍ରଭାବଶାଳୀ ପ୍ରଦର୍ଶନ କରିଥିବା ସୋନଲ୍ ଦିନୁଶା ୮୫ ଓ ଲାହିରୁ କୁମାରା ୮ ରନ୍ କରି ଅପରାଜିତ ଅଛନ୍ତି। ଏହା ପୂର୍ବରୁ ଯୁବ ବ୍ୟାଟ୍ସମ୍ୟାନ୍ ପାସିନ୍ଦୁ ସୂରିୟାବନ୍ଦରା ୮୦ ରନ୍‌ର ବଳିଷ୍ଠ ଇନିଂସ ଖେଳିବା ସହ ଶ୍ରୀଲଙ୍କା ଇନିଂସକୁ ଆଗକୁ ବଢ଼ାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ୮/୨ରୁ ଆଜିର ଖେଳ ଶ୍ରୀଲଙ୍କାର ଅପରାଜିତ ବ୍ୟାଟ୍ସମ୍ୟାନ୍ ଓପନର କାମିଲ୍ ମିଶାରା ସାଥୀ ବ୍ୟାଟ୍ସମ୍ୟାନ୍ ସୂରିୟାବନ୍ଦରାଙ୍କ ସହ ଆରମ୍ଭ କରିଥିଲେ। ତେବେ ମିଶାରା ୧୯ ରନ୍ କରି ଆଉଟ୍ ହେବା ଫଳରେ ତୃତୀୟ ଦିନରେ ଭାରତକୁ ପ୍ରଥମ ୱିକେଟ୍ ମିଳିଥିଲା। ଏହି ସମୟରେ ସୂରିୟାବନ୍ଦରାଙ୍କ ସହ କାମିନ୍ଦୁ ମେଣ୍ଡିସ୍ ଯୋଗଦେଇ ଚତୁର୍ଥ ୱିକେଟ୍‌ରେ ଗୁରୁତ୍ୱପୂର୍ଣ୍ଣ ୮୭ ରନ୍‌ର ଭାଗୀଦାରୀ କରିଥିଲେ। ଏଥିରେ କାମିନ୍ଦୁ ୩୨ ରନ୍‌ର ଅବଦାନ ଦେଇଥିଲେ। ଅଧିନାୟକ ଧନଞ୍ଜୟ ଡି'ସିଲ୍‌ଭା ମାତ୍ର ୮ ରନ୍ କରି ଆଉଟ୍ ହେବା ପରେ ସୂରିୟାବନ୍ଦରାଙ୍କ ସହ ଯୋଗଦେଇଥିଲେ ଦିନୁଶା। ଉଭୟ ଷଷ୍ଠ ୱିକେଟ୍‌ରେ ୩୪ ରନ୍‌ର ଭାଗୀଦାରୀ କରିଥିବା ବେଳେ ରବୀନ୍ଦ୍ର ଜାଡେଜା ତାଙ୍କୁ ବୋଲ୍ଡ ଆଉଟ୍ କରି ଏଥିରେ ବ୍ରେକ୍ ଲଗାଇଥିଲେ। ଫଳସ୍ୱରୂପ ସୂରିୟାବନ୍ଦରା ଶତକ ଆଡ଼କୁ ଅଗ୍ରସର ହେଉଥିଲେ ମଧ୍ୟ ତାଙ୍କୁ ପ୍ୟାଭିଲିଅନ୍ ଫେରିବାକୁ ପଡ଼ିଥିଲା। ପରେ ୱିକେଟ୍‌କିପର୍-ବ୍ୟାଟ୍ସମ୍ୟାନ୍ ନିରୋଶନ୍ ଡିକୱେଲା (୦) ଓ କେଶରା ନୁୱନ୍ତ (୧୮) ଆଉଟ୍ ହେବା ଫଳରେ ଶ୍ରୀଲଙ୍କାର ସମସ୍ୟା ବଢ଼ିଥିଲା। ଦିନର ଖେଳ ଶେଷ ସୁଦ୍ଧା ୬ ଚୌକା ଓ ୨ ଛକା ସହ ଅପରାଜିତ ଥିବା ଦିନୁଶା ଦଳ ପାଇଁ ତ୍ରାଣକର୍ତ୍ତା ଭାବେ ପିଚ୍‌ରେ ଦଣ୍ଡାୟମାନ ରହିଛନ୍ତି। ସିରିଜ୍‌ରେ କ୍ରମାଗତ ତୃତୀୟ ଅର୍ଦ୍ଧଶତକ ପୂରଣ କରି ଉନ୍ନତ ଫର୍ମରେ ଥିବାରୁ ଦିନୁଶା ଶ୍ରୀଲଙ୍କାକୁ ଫଲୋଅନ୍‌ରୁ ବଞ୍ଚାଇବା ନେଇ ଆଶା ରହିଛି। ଭାରତ ପକ୍ଷରୁ ପ୍ରସିଦ୍ଧ କ୍ରିଷ୍ଣା ଓ ମାନବ ସୁତାର ୩ଟି ଲେଖାଏଁ, ମହମ୍ମଦ ସିରାଜ୍ ଓ ଜାଡେଜା ଗୋଟିଏ ଲେଖାଏଁ ୱିକେଟ୍ ପାଇଛନ୍ତି।


ସୋନଲ୍ ଦିନୁଶା

## ବିଜେପି କର୍ମୀ ହତ୍ୟା ଘଟଣାରେ ୪ ଗିରଫ

କୋଲକାତା, ୨୫।୮ (ସଂଚାର ବ୍ୟୁରୋ): ସୋମବାର ବାରୁଇପୁରରେ ବିଜେପି କର୍ମୀ ବାପି ପ୍ରମାଣିକଙ୍କ ହତ୍ୟା ଘଟଣାରେ ପୁଲିସ ଚାରି ଜଣଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତିମାନେ ହେଉଛନ୍ତି ସୁଜନ ମଣ୍ଡଳ (୩୨), କୃଷ୍ଣ ମଣ୍ଡଳ (୩୯), କନକ ମଣ୍ଡଳ (୩୮) ଓ ଅନିଲ ନୈୟା (୪୮)। ବାପିଙ୍କ ହତ୍ୟା କରାଯାଇଥିବା ମୃତକଙ୍କ ପରିବାର ପରିପ୍ରେକ୍ଷୀରେ ଅଭିଯୋଗ କରାଯାଇଥିଲା। ରବିବାର ରାତିରେ ବାରୁଇପୁର ଥାନା ଅନ୍ତର୍ଗତ ହରଦାହ ପଞ୍ଚାୟତ ଅନ୍ତର୍ଗତ ଉତ୍ତର ଟାଙ୍ଗଦାବେରିଆ ଅଞ୍ଚଳରେ ଦୁର୍ବୃତ୍ତମାନେ ବିଜେପି କର୍ମୀ ବାପି ପ୍ରମାଣିକଙ୍କୁ ନିର୍ମମ ଭାବରେ ହତ୍ୟା କରିଥିଲେ। ପୀଡ଼ିତଙ୍କ ପରିବାର ଏହି ଘଟଣା ସମ୍ପର୍କରେ ମୋଟ ୧୫ ଜଣଙ୍କ ବିରୁଦ୍ଧରେ ଅଭିଯୋଗ କରିଥିଲେ।

## ଅନ୍ନପୂର୍ଣ୍ଣା ଯୋଜନା: ବିଭିନ୍ନ ଜିଲ୍ଲାରେ ସହାୟତା ଡେସ୍କ

କୋଲକାତା, ୨୫।୮ (ସଂଚାର ବ୍ୟୁରୋ): ଅନ୍ନପୂର୍ଣ୍ଣା ଯୋଜନାରେ ଆବେଦନ କରିବା ସତ୍ତ୍ୱେ ଅନେକ ମହିଳା ପାଣ୍ଠି ପାଇ ନାହାନ୍ତି। ସ୍ୱାଭାବିକ ଭାବରେ ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଅନେକ ସ୍ଥାନରେ ପ୍ରତିବାଦ ଓ ରାସ୍ତା ଅବରୋଧର ଘଟଣା ମଧ୍ୟ ଘଟିଛି। ଏହି ଅସନ୍ତୋଷକୁ ଦୂର କରିବା ପାଇଁ ବିଭିନ୍ନ ଜିଲ୍ଲାରେ ସହାୟତା ଡେସ୍କ ସ୍ଥାପନ କରାଯାଇଛି। ପ୍ରଥମ ଦିନରେ ଏହି ଡେସ୍କଗୁଡ଼ିକରେ ଯଥେଷ୍ଟ ଭିଡ଼ ପରିଲକ୍ଷିତ ହୋଇଥିଲା। ମୟନାଗୁଡ଼ି ସହରରେ ପୌର ଭବନରେ ଏକ ଅନ୍ନପୂର୍ଣ୍ଣା ଯୋଜନା ସହାୟତା ଡେସ୍କ ଖୋଲାଯାଇଛି।

## ଇସ୍କନକୁ ଆଉ ୪ ଜିଲ୍ଲାରେ ମଧ୍ୟାହ୍ନଭୋଜନ ଦାୟିତ୍ୱ

କୋଲକାତା, ୨୫।୮ (ସଂଚାର ବ୍ୟୁରୋ): କୋଲକାତା ପରେ ସ୍କୁଲ ଶିକ୍ଷା ବିଭାଗ ଏଥର ରାଜ୍ୟର ଚାରୋଟି ଜିଲ୍ଲାରେ ମଧ୍ୟାହ୍ନ ଭୋଜନ ଯୋଜନାର ଦାୟିତ୍ୱ ଇସ୍କନକୁ ପ୍ରଦାନ କରାଯାଇଛି। 'ଅକ୍ଷୟ ପାତ୍ର ଫାଉଣ୍ଡେସନ' ଇସ୍କନ ସହିତ ଜଡିତ ଏକ ସଂଗଠନକୁ ଉତ୍ତର ୨୪ ପ୍ରଗଣା, ହାୱଡ଼ା, ପୁରୁଲିଆ ଓ ପୂର୍ବ ମେଦିନୀପୁରର ନିର୍ଦ୍ଦିଷ୍ଟ ଅଞ୍ଚଳର ସ୍କୁଲଗୁଡ଼ିକୁ ମଧ୍ୟାହ୍ନ ଭୋଜନ ଯୋଗାଣର ଦାୟିତ୍ୱ ଦିଆଯାଇଛି। ସରକାରୀ ବିଜ୍ଞପ୍ତି ଅନୁଯାୟୀ, ବିଧାନନଗର, ଦମଦମ ଓ ରାଜାରହାଟ-ନ୍ୟୁ ଟାଉନ ଅଞ୍ଚଳର ସ୍କୁଲଗୁଡ଼ିକୁ ମଧ୍ୟାହ୍ନ ଭୋଜନ ଯୋଗାଣ ପାଇଁ ଅନୁମୋଦନ ଦିଆଯାଇଛି। ଏହା ସହିତ ଏହି ସଂଗଠନକୁ ହାୱଡ଼ା ଓ ପୁରୁଲିଆ ଜିଲ୍ଲା ସହିତ ପୂର୍ବ ମେଦିନୀପୁରର ଦୁଇଟି ବ୍ଲକ ପାଇଁ ଦାୟିତ୍ୱ ଦିଆଯାଇଛି।

## ଟ୍ରେନ୍ ଧକ୍କାରେ ସ୍କୁଲ ଛାତ୍ରୀ ମୃତ

କୋଲକାତା, ୨୫।୮ (ସଂଚାର ବ୍ୟୁରୋ): କୋଲଘାଟ ଥାନା ଅନ୍ତର୍ଗତ ଭୋଗପୁର ରେଳ ଧାରଣା ଦେଇ ସ୍କୁଲକୁ ଯାଉଥିବା ସମୟରେ ଏକ ମାଲବାହୀ ଟ୍ରେନ ଧକ୍କାରେ ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତ ଛାତ୍ରୀଙ୍କ ନାମ ସୋମା ଜାନା (୧୪)। ସ୍ଥାନୀୟ ସୂତ୍ର ଅନୁଯାୟୀ, ସୋମା ଓ ଅନ୍ୟ ଜଣେ ଛାତ୍ରୀ ରେଳ ଧାରଣା ଦେଇ ସେମାନଙ୍କ ସ୍କୁଲ ଅଭିମୁଖେ ଚାଲିଚାଲି ଯାଉଥିଲେ। ଏହି ସମୟରେ ସୋମାଙ୍କୁ ଏକ ମାଲବାହୀ ଟ୍ରେନ୍ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ସହିତ ଥିବା ଅନ୍ୟ ଛାତ୍ରୀ ଜଣଙ୍କ ଆହତ ହେଇଥିବାରୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## ବଡ଼େଇଙ୍କୁ ମାଡ଼ ମାରିବା ଅଭିଯୋଗ

କୋଲକାତା, ୨୫।୮ (ସଂଚାର ବ୍ୟୁରୋ): ଅଭିନେତା ତଥା ପୂର୍ବତନ ବିଧାୟକ ସୋହମ ଚକ୍ରବର୍ତ୍ତୀ ପୁଣି ଥରେ ସମସ୍ୟାରେ ପଡ଼ିଛନ୍ତି। ତାଙ୍କ ବିରୁଦ୍ଧରେ ଜଣେ ବଡ଼େଇଙ୍କୁ ଆକ୍ରମଣ କରିବା, ଧମକ ଦେବା ଓ ତାଙ୍କ ମୋବାଇଲ ଫୋନ୍ ଛଡ଼ାଇ ନେବା ଅଭିଯୋଗ ଆସିଛି। ବଡ଼େଇ ରାଜ କପୁର ଶର୍ମା ବେହାଲା ଥାନାରେ ସୋହମଙ୍କ ବିରୁଦ୍ଧରେ ଏ ନେଇ ଏକ ଲିଖିତ ଅଭିଯୋଗ କରିଛନ୍ତି।

## ମୂଲ୍ୟ ବୃଦ୍ଧି ରୋକିବାକୁ ଟାସ୍କଫୋର୍ସ ଚଢ଼ାଉ

କୋଲକାତା, ୨୫।୮ (ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଟାସ୍କଫୋର୍ସ ରାଜ୍ୟବ୍ୟାପୀ ବଜାରଗୁଡ଼ିକରେ ଯାଞ୍ଚ ଆରମ୍ଭ କରିଛି। ଅଧିକାରୀମାନେ କୋଲକାତାର କୋଲେ ମାର୍କେଟ ଓ ପୋସ୍ତା ମାର୍କେଟ ପରିଦର୍ଶନ କରିଥିଲେ। ଅନ୍ୟପଟେ ଆଉ ଏକ ଟାସ୍କ ଫୋର୍ସ ବାଙ୍କୁଡ଼ା ସହରର ଚକ ବଜାରରେ ମଧ୍ୟ ଚଢ଼ାଉ କରିଥିଲେ। ଆଳୁଠାରୁ ଆରମ୍ଭ କରି ପିଆଜ ଆଦି ସାମଗ୍ରୀର ମୂଲ୍ୟବୃଦ୍ଧି ପରିପ୍ରେକ୍ଷୀରେ ଏଭଳି କରାଯାଇଛି। ସୋମବାର ସନ୍ଧ୍ୟାରେ ବାଙ୍କୁଡ଼ା ସଦରର ଉପ-ବିଭାଗୀୟ ଅଧିକାରୀ (ଏସ୍‌ଡିଓ)ଙ୍କ ନେତୃତ୍ୱରେ ଜିଲ୍ଲା ପ୍ରବର୍ତ୍ତନ ଶାଖା, କୃଷି ମାର୍କେଟିଂ ବିଭାଗ ଓ ମାପ ବିଜ୍ଞାନ ବିଭାଗର ଅଧିକାରୀମାନେ ଚକ ବଜାରରେ ବିଭିନ୍ନ ଦୋକାନ ଯାଞ୍ଚ କରି ବିଭିନ୍ନ ସାମଗ୍ରୀର ମୂଲ୍ୟ ଓ ଷ୍ଟକ୍ ସ୍ତର ଯାଞ୍ଚ କରିଥିଲେ।

## ମଙ୍ଗଳବାରରେ ଅମଙ୍ଗଳ: ସାପ କାମୁଡ଼ାରେ ୬ ମୃତ

ଭୁବନେଶ୍ୱର, ୨୫।୮ (ସଂଚାର ବ୍ୟୁରୋ): ଅମଙ୍ଗଳିଆ ସାବ୍ୟସ୍ତ ହୋଇଛି ମଙ୍ଗଳବାର। ବିଶେଷକରି ଉକ୍ତ ପରିବାର ପାଇଁ ଏହା ଅଭିଶପ୍ତ ପାଲଟିଛି, ଯେଉଁ ପରିବାରର ସଦସ୍ୟ ସାପ କାମୁଡ଼ାରେ ମୃତ୍ୟୁବରଣ କରିଛନ୍ତି। ଆଜି ରାଜ୍ୟର ପୃଥକ୍ ସ୍ଥାନରେ ସାପ କାମୁଡ଼ାରେ ୬ ଜଣ ମୃତ୍ୟୁବରଣ କରିଛନ୍ତି। ଏପରିକି ସେମାନଙ୍କ ମଧ୍ୟରେ ୪ ଜଣ ନାବାଳକ ଅଛନ୍ତି। ସୁନ୍ଦରଗଡ଼, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରୁ ଆସିଛି ଏପରି ଅଘଟଣ ଖବର।

ମିଳିଥିବା ସୂଚନାନୁସାରେ, ସୁନ୍ଦରଗଡ଼ର ବଣାଇ ସବ୍‌ଡିଭିଜନ୍ ଦୁଇଟି ସାପ କାମୁଡ଼ା ଘଟଣା ସାମ୍ନାକୁ ଆସିଛି। ଚାନ୍ଦିପୋଷ ଥାନାଞ୍ଚଳର ଗିରିଜାଟୋଲି ଗ୍ରାମରେ ଭାଇ ଭଉଣୀ ସାପ କାମୁଡ଼ାରେ ମୃତ୍ୟୁବରଣ କରିଛନ୍ତି। ସେମାନେ ହେଲେ ଭାଇ ସମୀର ହାରୋ (୧୦) ଓ ଭଉଣୀ ସାଇରେନ (୮)। ଉଭୟ ମଙ୍ଗଳବାର ସକାଳେ ପେଟରେ ଭୀଷଣ ଯନ୍ତ୍ରଣା ହେଉଛି ବୋଲି କହିବାରୁ ପରିବାର ଲୋକେ ସେମାନଙ୍କୁ ରାଉରକେଲା ସରକାରୀ ହସ୍ପିଟାଲ୍‌କୁ ନେଇଥିଲେ। କିନ୍ତୁ ସେଠାରେ ସେମାନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ପୁଲିସ୍ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସେହିପରି ଟିକାୟତପଲ୍ଲୀ ଥାନାଞ୍ଚଳର ତିଳେଇମାଳ ଗ୍ରାମର କାଟେଇସାହିରେ ରବି ଭୂୟାଁ (୭୬) ଓ ସଞ୍ଜୟ ନାୟକ (୮) ସାପ କାମୁଡ଼ାରେ ମୃତ୍ୟୁବରଣ କରିଛନ୍ତି। ଉଭୟ ରାତିରେ ଶୋଇଥିବା ବେଳେ ସକାଳେ ସେମାନଙ୍କୁ ମୃତାବସ୍ଥାରେ ଉଦ୍ଧାର କରାଯାଇଥିଲା। ବଣାଇ ସବ୍‌ଡିଭିଜନ୍ ହସ୍ପିଟାଲ୍ ଡାକ୍ତର ଉଭୟଙ୍କ ମୃତ୍ୟୁ ସାପକାମୁଡ଼ା ଯୋଗୁଁ ହୋଇଥିବା ସ୍ପଷ୍ଟ କରିଛନ୍ତି। ଏହାଛଡ଼ା ବାଲେଶ୍ୱର ଜିଲ୍ଲାର ବାଲିଆପାଳ ବ୍ଲକ୍‌ରେ ଜଣେ ୩୦ ବର୍ଷୀୟା ମହିଳା ଓ ଭଦ୍ରକ ଜିଲ୍ଲାର ଚାନ୍ଦବାଲି ବ୍ଲକ୍‌ରେ ଜଣେ ନାବାଳିକା ମଧ୍ୟ ସମାନ ଅଘଟଣରେ ପ୍ରାଣ ହରାଇଛନ୍ତି।

## ଚାକିରି ଦେବାକୁ କହି ଦେଢ଼କୋଟି ଠକେଇ, ଦମ୍ପତିଙ୍କ ସହ ୫ ଗିରଫ



ବ୍ରହ୍ମପୁର, ୨୫।୮ (ସଂଚାର ବ୍ୟୁରୋ): ସରକାରୀ ଚାକିରି କରାଇଦେବା କହି ଦେଢ଼ କୋଟି ଟଙ୍କା ଠକେଇ ଅଭିଯୋଗରେ ବ୍ରହ୍ମପୁର ବୈଦ୍ୟନାଥ ଥାନା ପୁଲିସ ଜଗଦୀଶ ବେହେରା ଓ ତାଙ୍କର ୪ ସହଯୋଗୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ବିଭିନ୍ନ ସରକାରୀ ବିଭାଗରେ ଚାକିରି କରାଇଦେବାର ପ୍ରତିଶ୍ରୁତି ଦେବା ପରେ ସେଥିରେ ବିଶ୍ୱାସ କରି ମନୋରଞ୍ଜନ ମହାନ୍ତି ନାମକ ଜଣେ ବ୍ୟକ୍ତି କିଛି ଶିକ୍ଷିତ ବେକାରୀଙ୍କଠାରୁ ଦେଢ଼ କୋଟି ଟଙ୍କା ସଂଗ୍ରହ କରି ଜଗଦୀଶଙ୍କୁ ଦେଇଥିଲେ। ତେବେ ଚାକିରି ନ ହେବାରୁ ସେ ଥାନାରେ ଅଭିଯୋଗ କରିବା ପରେ ପୁଲିସ ସମସ୍ତ ୫ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ମୋବାଇଲ୍ ଫୋନ୍, ଚାକିରି ସମ୍ବନ୍ଧୀୟ ବିଭିନ୍ନ କାଗଜପତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଏହାସହ ନକଲି ନିଯୁକ୍ତି ପତ୍ର, ରସିଦ ଆଦି ଜବତ କରିଛି। ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ଗୋପାଳପୁରର ଜଗଦୀଶ ବେହେରା ଓ ତାଙ୍କ ସ୍ତ୍ରୀ ବନିତା ବେହେରା, ପୁରୀର ଅଜିତ ପଣ୍ଡା, କେନ୍ଦ୍ରାପଡ଼ାର ଶିଶିର କୁମାର ମିଶ୍ର ଓ ଖୋର୍ଦ୍ଧାର ଲିଟୁ ସ୍ୱାଇଁ। ତେବେ ଏହି ଠକେଇ ରାକେଟ୍‌ରେ ଆଉ କେତେ ଜଣ ସମ୍ପୃକ୍ତ ଅଛନ୍ତି ସେନେଇ ପୁଲିସ ଖୋଳତାଡ଼ ଜାରି ରଖିଛି।

## ପାଟ୍ରୋଲିଂ ବେଳେ ପୁଲିସ୍‌କୁ ଡକାୟତଙ୍କ ପାଲଟା ଆକ୍ରମଣ

● ଗାଡ଼ି ଭଙ୍ଗାରୁଜା, ଜଙ୍ଗଲ ଭିତରକୁ ପଳାଇଲେ

ଜୟପୁର, ୨୫।୮ (ସଂଚାର ବ୍ୟୁରୋ): ପୁଲିସକୁ ଗୋଡ଼ାଇଲେ ଡକାୟତ। ରାତିରେ ପାଟ୍ରୋଲିଂ ବେଳେ ପାଲଟା ଆକ୍ରମଣ କରି ପୁଲିସ ଗାଡ଼ି ଭଙ୍ଗାରୁଜା କଲେ। ସାଙ୍ଗରେ ଆଣିଥିବା ଅସ୍ତ୍ରଶସ୍ତ୍ର ନେଇ ଜଙ୍ଗଲକୁ ଚମ୍ପଟ ମାରିଲେ। କୋରାପୁଟ ଜିଲ୍ଲା ଜୟପୁର କମରା ଅଞ୍ଚଳରେ ଦେଖିବାକୁ ମିଳିଛି ଏଭଳି ଅଭାବନୀୟ ଘଟଣା। ମିଳିଥିବା ସୂଚନାନୁସାରେ, ସ୍ଥାନୀୟ ପୁଲିସ ରାତିରେ ପାଟ୍ରୋଲିଂ କରୁଥିବା ସମୟରେ ପୁଲିସ ହାବୁଡ଼ରେ ପଡ଼ିଯାଇଥିଲେ ଡକାୟତି ଦଳ। ଡକାୟତମାନେ ପୁଲିସକୁ ଦେଖି ଭୟରେ ବୋଲେରୋ ଯୋଗେ ଚମ୍ପଟ୍ ମାରିଥିଲେ। ହେଲେ ଦୀର୍ଘ ବାଟ ଗୋଡ଼ାଇ ଗୋଡ଼ାଇ ପୁଲିସ କମରା ଶ୍ମଶାନ ରାସ୍ତାରେ ଡକାୟତଙ୍କ ବୋଲେରୋକୁ କାବୁ କରିଥିଲା। କିନ୍ତୁ ପୁଲିସ କବଳରୁ ବର୍ତ୍ତିବା ପାଇଁ ଡକାୟତମାନେ ବୋଲେରୋରୁ ମାରଣାସ୍ତ୍ର କାଢ଼ି ଅଚାନକ ପୁଲିସ ଉପରେ ଆକ୍ରମଣ କରିଥିଲେ। କିଛି ସମୟ ପର୍ଯ୍ୟନ୍ତ ପୁଲିସ ଓ ଡକାୟତ ଦଳ ମଧ୍ୟରେ ମାରପିଟ୍ ହୋଇଥିଲା। ପରେ ହାର୍ ମାନି ଡକାୟତମାନେ ନିଜ ବୋଲେରୋ ଛାଡ଼ି ଗାଁ ନିକଟସ୍ଥ ଜଙ୍ଗଲ ଭିତରକୁ ଚାଲିଯାଇଥିଲେ।



## ଏମଏମଡିଆର ବିଲ୍‌କୁ ପ୍ରତ୍ୟାହାର ଦାବିରେ ଇଣ୍ଡି ମେଣ୍ଟର ପଦଯାତ୍ରା

ଭୁବନେଶ୍ୱର, ୨୫।୮ (ସଂଚାର ବ୍ୟୁରୋ): କେନ୍ଦ୍ର ସରକାର ଦେଶର ବିକାଶ ପାଇଁ ସର୍ବଦା ଡିଣ୍ଡିମ ପିଟୁଛନ୍ତି। ଶିକ୍ଷାନୀତି ସମ୍ପୂର୍ଣ୍ଣ ଭୁଶୁଡ଼ିପଡ଼ିଛି। ପ୍ରାକୃତିକ ସମ୍ପଦଭରା ଓଡ଼ିଶା ପ୍ରତି କେନ୍ଦ୍ର ସରକାରଙ୍କର ଦୃଷ୍ଟି ସମ୍ପୂର୍ଣ୍ଣ ଭିନ୍ନ। ଖୁବ୍ ନିକଟରେ ଏମଏମଡିଆର ବିଲ୍ ପାସ କରି ଓଡ଼ିଶାର ଲକ୍ଷ ଲକ୍ଷ କୋଟି ଟଙ୍କା କ୍ଷତି ପହଞ୍ଚାଇଛନ୍ତି। ଏଥିରେ ରାଜ୍ୟ ସରକାର ପ୍ରତିବାଦ ନ କରି ନିରବ ରହିବା ରାଜ୍ୟବାସୀଙ୍କ ପ୍ରତି କେତେ ଦରଦ ତାହା ସ୍ପଷ୍ଟ ହୋଇଛି। ଏହି ବିଲ୍‌କୁ ରଦ୍ଦ କରିବା ଦାବିରେ ଇଣ୍ଡି ମେଣ୍ଟର ସମସ୍ତ ବିରୋଧୀ ରାଜନୈତିକ ଦଳ ଏଠାରେ ଏକ ଜୋରଦାର୍ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହି ଉପଲକ୍ଷେ ଏକ ବିଶାଳ ପଦଯାତ୍ରା କଂଗ୍ରେସ ଭବନଠାରୁ ବାହାରି ଲୋୟର ପିଏମଜି ପର୍ଯ୍ୟନ୍ତ ଯାଇଥିଲା। ରାଜନୈତି ଦଳର ନେତୃବୃନ୍ଦ ଏହି ଜନସ୍ୱାର୍ଥ ବିରୋଧୀ ବିଲ୍‌କୁ ପ୍ରତ୍ୟାହାର କରିବା ପାଇଁ ନିଜ ଅଭିଭାଷଣରେ କହିବା ସହ ଏହି ବିଲ୍ ଉପରେ କୌଣସି ପ୍ରକାର ସାଲିସ କରାଯିବ ନାହିଁ ଏବଂ ଜୋରଦାର ଆନ୍ଦୋଳନ ହେବ ବୋଲି କହିଥିଲେ। ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲେ। କାର୍ଯ୍ୟକ୍ରମରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ପ୍ରକାଶ ଚନ୍ଦ୍ର ଜେନାଙ୍କ ପରିଚାଳନାରେ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ସନ୍ତୋଷ ସିଂ ସାଲୁଜା, ସୁରେଶ କୁମାର ରାଉତରାୟ, ସୁର ଜେନା ଅଂଶଗ୍ରହଣ କରିଥିଲେ।




# ବିନା କାଗଜପତ୍ରରେ ଅଟୋ ଚାଲୁଥିଲା କିଭଳି ?



ଭୁବନେଶ୍ୱର, ୨୫।୮: ଗଣ୍ଡଗୋଳରେ ଲିପ୍ତ ଶତାଧିକ ଅଟୋ ଚାଳକ ଓ ସେମାନଙ୍କ ଅଟୋକୁ ପୁଲିସ୍ ଜବତ କରିବାପରେ ଏବେ ବିନା କାଗଜପତ୍ର ଓ ପରମିଟ୍‌ରେ କିଭଳି ଖୋଦ ରାଜଧାନୀରେ ଏହିସବୁ ଗାଡିଗୁଡିକ ଚାଲିଥିଲା ତାହାର ଗୁମର ଖୋଲିବାରେ ଲାଗିଛି। ଦିନରାତି ବାଡ ପକାଇ ଯାଞ୍ଚ କରୁଥିବା ପୁଲିସ୍ ଓ ପରିବହନ ଆଖିରେ ଧୂଳିଦେଇ ଏମାନେ କିଭଳି ଅନ୍ୟାୟସରେ ବେପାର ଚଳାଇଥିଲେ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନିଜ ନିଜର ଦାବିକୁ ନେଇ ଓଲା, ଉବେର ଗାଡିଚାଳକଙ୍କ ଆନ୍ଦୋଳନ ହିଂସାତ୍ମକ ରୂପ ନେଇଥିଲା। ଏଥିରେ ଶତାଧିକ ଅଟୋଚାଳକ ଆମ ବସ୍ ସମେତ ସାଧାରଣ ଲୋକଙ୍କ ଗାଡିକୁ ଭଙ୍ଗାରୁଜା କରିଥିଲେ। ସେମାନଙ୍କୁ ଅଟକାଇବାକୁ ଯାଇଥିବା ପୁଲିସ୍‌କୁ ମଧ୍ୟ ଆକ୍ରମଣ କରିଥିଲେ। ସ୍ଥିତି ଅଣାୟତ ହେବାରୁ ପୁଲିସ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା।

ପୁଲିସ୍ କାର୍ଯ୍ୟାନୁଷ୍ଠାନରେ ଚାଳକମାନେ ଛତ୍ରଭଙ୍ଗ ଦେବାପରେ ୩୫୪ଟି ଅଟୋକୁ ପୁଲିସ୍ ଜବତ କରି ପୁଲିସ୍ ଲାଇନ୍‌କୁ ଆଣିଥିଲା। ଏବେ ସେହିସବୁ ଅଟୋ ଚାଳକଙ୍କ ନିକଟକୁ ନୋଟିସ୍ ପଠାଯାଉଛି। ତେବେ ଦେଖାଯାଇଛି ଯେ ପ୍ରାୟ ୧୫୦ଟି ଅଟୋ ବିନା ପରମିଟ୍ ଓ କାଗଜପତ୍ରରେ ରାଜଧାନୀରେ ବେପାର ଚଳାଇଥିଲେ। ଏହାବାଦ୍ କାହାର ବୀମା ନାହିଁ ତ ଆଉ କାହାର ପ୍ରଦୂଷଣ ପ୍ରମାଣପତ୍ର ନାହିଁ। ଏମାନଙ୍କୁ ସାବାଡ କରିବାପାଇଁ ଏବେ ଉଭୟ ପରିବହନ ଓ ପୁଲିସ୍ କର୍ତ୍ତୃପକ୍ଷ ଲାଗି ପଡିଛନ୍ତି। ସେହିଭଳି ପୁଲିସ୍ ହେପାଜତରେ ଥିବା ଅଟୋ ମଧ୍ୟରୁ ୧୦ଟି ମିଳୁନଥିବାରୁ ତାହା ମଧ୍ୟ ଚିନ୍ତା ବଢ଼ାଇଛି। ତେବେ ଖୋଦ ରାଜଧାନୀରେ ଓଲା, ଉବେର ଭଳି ପ୍ଲାଟଫର୍ମରେ ପଞ୍ଜିକୃତ ହୋଇ ଏତେ ସଂଖ୍ୟାରେ ଅଟୋ କିଭଳି ବିନା କାଗଜପତ୍ରରେ ଚଳାଚଳ କରୁଥିଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାରଣ ଏମାନଙ୍କୁ ଯାଞ୍ଚ କରିବାର ଦାୟିତ୍ୱ ହେଉଛି ଉଭୟ ପରିବହନ ଓ କମିଶନରେଟ ପୁଲିସ୍ କର୍ତ୍ତୃପକ୍ଷଙ୍କର। ଦୁଇ ସଂସ୍ଥା ନିୟମିତ ଭାବେ ରାଜଧାନୀର ବିଭିନ୍ନ ସ୍ଥାନରେ ମଧ୍ୟ ଯାଞ୍ଚ କରିଥାନ୍ତି। ଅଳ୍ପଦିନ ତଳେ ପ୍ରଦୂଷଣ ଯାଞ୍ଚ ବି କଡାକଡି ହୋଇଥିଲା। ରାଜଧାନୀର ସୁରକ୍ଷାକୁ ଦୃଷ୍ଟିରେ ରଖି କମିଶନରେଟ ପୁଲିସ୍ ମଧ୍ୟ ରାତ୍ରୀ ସମୟରେ ବିଭିନ୍ନ ସ୍ଥାନରେ ନାକାବନ୍ଦୀ କରିବା ସହିତ ବରିଷ୍ଠ ଅଧିକାରୀମାନେ ଯାଞ୍ଚ କରିଥାନ୍ତି। ସହରର ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭିରୁ ମଧ୍ୟ ଗାଡିମୋଟର ଉପରେ ନଜର ରଖାଯାଉଛି। ଏତେସବୁ ସତ୍ତ୍ୱେ ମାଳ ମାଳ ଅଟୋ କିଭଳି ବିନା କାଗଜପତ୍ରରେ ଚଳାଚଳ କରୁଥିଲା ତାହାକୁ ନେଇ ସାଧାରଣ ଲୋକେ ଏବେ ପରିବହନ ଓ ପୁଲିସ୍ ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କଲେଣି। ରାଜଧାନୀରେ ହେଲମେଟ୍ ଯାଞ୍ଚକରି ଫାଇନ୍ ଆଦାୟ କରୁଛନ୍ତି ଓ ରାସ୍ତାପାର୍ଶ୍ୱରେ ଛିଡା ହୋଇଥିବା ଗାଡ଼ିକୁ ଯେଭଳି ଟୋଇଂ ମେସିନ୍ ଲଗାଇ ଚଟାପଟ୍ ଟାଣି ନେଉଛନ୍ତି ଅଟୋଗୁଡିକ କ୍ଷେତ୍ରରେ କିନ୍ତୁ ଅନୁରୂପ କାର୍ଯ୍ୟାନୁଷ୍ଠାନ ପରିଲକ୍ଷିତ ହେଉନାହିଁ। ଏବେ ସରକାରୀ ସମ୍ପତ୍ତି ନଷ୍ଟ ସହିତ ପୁଲିସ୍ କର୍ମଚାରୀମାନେ ମାଡ ଖାଇଲା ପରେ ଅଟୋ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ତେବେ ଆଗକୁ ଏହିସବୁ ଅଟୋଗୁଡିକ କିଭଳି ଫାଇନ୍ ଦେଉଛନ୍ତି ଓ ପୁଲିସ୍ କି ପଦକ୍ଷେପ ଗ୍ରହଣ କରୁଛି ତାହା ଉପରେ ସମସ୍ତଙ୍କ ନଜର। (ତଥ୍ୟ)

## ବେଜିଂରେ ଡୋଭାଲ୍
## ସୀମା ସମସ୍ୟା ନେଇ କୂଟନୈତିକ ଆଲୋଚନା

ବେଜିଂ, ୨୫।୮: ଦୁଇଦିନିଆ ବେଜିଂ ଗସ୍ତରେ ଥିବା ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ୍ ମଙ୍ଗଳବାର ତାଙ୍କ ଗସ୍ତର ଶେଷ ଦିନରେ ଚୀନର ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟି'ଙ୍କୁ ଭେଟିଛନ୍ତି। ଦୀର୍ଘଦିନ ଧରି ଦୁଇଦେଶ ମଧ୍ୟରେ ଜାରି ରହିଥିବା ସୀମା ସମସ୍ୟା ପ୍ରସଙ୍ଗରେ କୂଟନୈତିକ ସହଯୋଗିତା ବୃଦ୍ଧି କରିବାକୁ ନେଇ ଉଭୟଙ୍କ ମଧ୍ୟରେ ଆଜି ୨୫ ତମ ସ୍ୱତନ୍ତ୍ର ପ୍ରତିନିଧିସ୍ତରୀୟ ଆଲୋଚନା ହୋଇଛି। ଏହି କଥାବାର୍ତ୍ତାରେ ମୁଖ୍ୟତଃ ଭାରତ-ଚୀନ୍ ମଧ୍ୟରେ ସୀମାକୁ ନେଇ ପ୍ରଶ୍ନ, ସୀମାନ୍ତ ପ୍ରଦେଶରେ ଶାନ୍ତି ସ୍ଥାପନ, ବାସ୍ତବ ନିୟନ୍ତ୍ରଣ ରେଖା (ଏଲଏସି)ରେ ସ୍ଥିରତା ଆଣିବା ଆଦି ପ୍ରସଙ୍ଗ ସ୍ଥାନ ପାଇଛି। ବ୍ୟାପକ ଦ୍ୱିପାକ୍ଷିକ ସମ୍ପର୍କରେ ବୃଦ୍ଧି ଘଟାଇ ସୀମାରେ ସୃଷ୍ଟି ହୋଇଥିବା ବିବାଦକୁ ସମାଧାନ କରିବା ସହ ସୀମାରେ ସ୍ଥିରତା ଆଣିବାକୁ ଦୁଇଦେଶ ଚିନ୍ତା କରୁଥିବା ବେଳେ ଡୋଭାଲ ଓ ୱାଙ୍ଗ୍ ୟି'ଙ୍କ ମଧ୍ୟରେ ଏହି ଆଲୋଚନାକୁ ଉଭୟ ଦେଶ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିଚାର କରାଯାଉଛି। ଏଠାରେ ସୂଚନା ଦିଆଯାଇପାରେ ଯେ, ୨୦୦୩ ମସିହାରେ ଭାରତ ଓ ଚୀନ ସୀମାର ୩୪୮୮ କିଲୋମିଟର ବ୍ୟାପୀ ବିବାଦର ବ୍ୟାପକ ସମାଧାନ ପାଇଁ ପ୍ରତିଷ୍ଠା କରାଯାଇଥିବା ସୀମା-ଆଲୋଚନା-ବ୍ୟବସ୍ଥା ପାଇଁ ଡୋଭାଲ ଓ ୱାଙ୍ଗଙ୍କୁ ଉଭୟ ଦେଶର ସ୍ୱତନ୍ତ୍ର ପ୍ରତିନିଧି ଭାବରେ ନିଯୁକ୍ତ କରାଯାଇଛି। ଚୀନ ଅର୍ଥମନ୍ତ୍ରୀଙ୍କ ସହ ସ୍ୱତନ୍ତ୍ର ପ୍ରତିନିଧିସ୍ତରୀୟ ଆଲୋଚନା ପୂର୍ବରୁ ଡୋଭାଲ୍ ଚୀନ ଗଣରାଜ୍ୟର ଉପ-ରାଷ୍ଟ୍ରପତି ହାନ୍ ଝେଙ୍ଗଙ୍କୁ ବେଜିଂଠାରେ ଭେଟିଛନ୍ତି। ଏହି ସାକ୍ଷାତ ଅବସରରେ ଉଭୟଙ୍କ ମଧ୍ୟରେ ସୀମାରେ ଶାନ୍ତି ସ୍ଥାପନ କରିବା ସହିତ ସ୍ଥିରତା ଆଣିବାକୁ ବିହିତ ପଦକ୍ଷେପ ନେଇ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଛି। ସେହିଭଳି ଚୀନ୍‌ର ଉପ-ରାଷ୍ଟ୍ରପତିଙ୍କ ସହିତ ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା ଉଭୟ ଦେଶର ଭୂ-ରାଜନୈତି, ଅର୍ଥନୈତିକ ଓ ବହୁପାକ୍ଷିକ ପ୍ରସଙ୍ଗଗୁଡ଼ିକ ଉପରେ ମାନସମନ୍ବନ କରିଛନ୍ତି। ଉପ-ରାଷ୍ଟ୍ରପତି ହାନ୍‌ଙ୍କ ବିବୃତ୍ତିକୁ ଉଦ୍ଧାର କରି ଚୀନର ସରକାରୀ ଗଣମାଧ୍ୟମ 'ଜିନୁଆ' କହିଛି ଯେ, ଉଭୟ ଭାରତ ଓ ଚୀନ୍ ଗୋଟିଏ ରଣନୈତିକ ଓ ଦୀର୍ଘକାଳୀନ ଦୃଷ୍ଟିକୋଣ ନେଇ ଦ୍ୱିପାକ୍ଷିକ ସମ୍ପର୍କକୁ ପରିଚାଳିତ କରିବା ଉଚିତ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଫୁଲୁଛି ମହାନଦୀ...

ପାଇବାରେ ଲାଗିଛି। ହୀରାକୁଦ ଡ୍ୟାମ୍‌ରୁ ବର୍ତ୍ତମାନ ୧୬ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ଫଳରେ ମହାନଦୀ ଅବବାହିକାରେ ଏକ ଛୋଟ ଧରଣର ବନ୍ୟା ଆଶଙ୍କା ରହିଥିବା ନେଇ ଜଳସମ୍ପଦ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବୈତରଣୀ, ସାଳନ୍ଦୀ, ସୁବର୍ଣ୍ଣରେଖା ଓ ବ୍ରାହ୍ମଣୀ ନଦୀରେ ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ରହିଛି। ତେବେ ଉପରମୁଣ୍ଡରେ ବର୍ଷା ଯୋଗୁଁ ୧୬ଟି ଗେଟ୍ ଦେଇ ହୀରାକୁଦରୁ ପାଣି ଛଡ଼ାଯାଉଛି। ଆସନ୍ତାକାଲି ସୁଦ୍ଧା ମୁଣ୍ଡଳୀ ନିକଟରେ ୬.୫୦ ଲକ୍ଷରୁ ୬.୭୦ ଲକ୍ଷ କ୍ୟୁସେକ୍ ବନ୍ୟାଜଳ ପ୍ରବାହିତ ହେବାର ସମ୍ଭାବନା। ଆଗାମୀ ୩ ଦିନ ରାଜ୍ୟରେ ଭାରୀ ବର୍ଷାର ସମ୍ଭାବନା ନ ଥିବାରୁ ସ୍ଥିତିରେ ଆହୁରି ସୁଧାର ଆସିବ। ଜଳସମ୍ପଦ ବିଭାଗର ଇଆଇସି ଦିଲୀପ ରାଉତଙ୍କ କହିବାନୁଯାୟୀ, ମହାନଦୀରେ ଜଳସ୍ତର ବୃଦ୍ଧି ପାଉଥିଲେ ବି ଏହାକୁ ନେଇ ଆତଙ୍କିତ ହେବାର କୌଣସି କାରଣ ନାହିଁ। ବର୍ତ୍ତମାନର ଆକଳନ ଅନୁସାରେ, ୮ରୁ ୧୦ ଘଣ୍ଟା ପର୍ଯ୍ୟନ୍ତ ଏହି ବନ୍ୟାଜଳର ପ୍ରଭାବ ରହିବ। ସେହିପରି ବଂଶଧାରା ନଦୀର ଉପର ମୁଣ୍ଡରେ ବର୍ଷା ଯୋଗୁଁ ଯେଉଁ ଜଳବନ୍ଦୀ ଓ ଆକସ୍ମିକ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା, ତାହା ଏବେ ଧୀରେ ଧୀରେ କମିବାରେ ଲାଗିଛି। ଆଗାମୀ ୭୨ ଘଣ୍ଟା ପର୍ଯ୍ୟନ୍ତ ବଡ଼ ବର୍ଷାର ସମ୍ଭାବନା ନ ଥିବାରୁ ନଦୀଗୁଡ଼ିକର ଜଳସ୍ତର ଶୀଘ୍ର ସ୍ୱାଭାବିକ ଅବସ୍ଥାକୁ ଫେରିଆସିବ। ସୁବର୍ଣ୍ଣରେଖା ନଦୀର ବନ୍ୟା ଏବେ ପିଲାଙ୍କ ପାଠପଢ଼ାକୁ ବି ପ୍ରଭାବିତ କରିଛି। ବାଲେଶ୍ୱର ଭୋଗରାଇ ବ୍ଲକ ବନମାଳୀ ମାଝୀ ହରିଜନ ସାହି ସ୍କୁଲରେ ପ୍ରାୟ ୮ ଦିନ ପରେ ପାଠପଢ଼ା ଆରମ୍ଭ ହୋଇଥିଲେ ମଧ୍ୟ ସ୍ଥିତି ସ୍ୱାଭାବିକ ହୋଇନାହିଁ।

### ବଢ଼ିଲା ପୁନର୍ବାସ...

୪, ୫ ଓ ୬ ପାଇଁ ୨,୩୩,୧୦୦ ଟଙ୍କା ସ୍ଥିରୀକୃତ ହୋଇଛି। କୃଷିଜମି ପାଇଁ ସହାୟତା କ୍ଷେତ୍ରରେ ଜଳସେଚିତ ଜମି ପିଛା ଏକର ପ୍ରତି ଅନୁଦାନ ୨,୨୬,୨୫୫ ଟଙ୍କାରୁ ବୃଦ୍ଧି ପାଇ ୨,୩୩,୧୦୦ଟଙ୍କା ଏବଂ ଅଣଜଳସେଚିତ ଜମି ପିଛା ଏକର ପ୍ରତି ଅନୁଦାନ ୧,୧୩,୧୨୮ ଟଙ୍କାରୁ ବୃଦ୍ଧି ପାଇ ୧,୧୬,୫୫୦ ଟଙ୍କା କରାଯାଇଛି। ଏହାଛଡ଼ା ରକ୍ଷଣାବେକ୍ଷଣ ଭତ୍ତା ମାସିକ ୪,୫୨୫ ଟଙ୍କାରୁ ବୃଦ୍ଧି ପାଇ ୪,୬୬୨ ଟଙ୍କା, ଅସ୍ଥାୟୀ ଶେଡ୍ ପାଇଁ ସହାୟତା ୨୨,୬୨୬ ଟଙ୍କାରୁ ବୃଦ୍ଧି ପାଇ ୨୩,୩୧୦ ଟଙ୍କା ଏବଂ ପରିବହନ ଭତ୍ତା ୪,୫୨୫ ଟଙ୍କାରୁ ବୃଦ୍ଧି ପାଇ ୪,୬୬୨ ଟଙ୍କା କରାଯାଇଛି। ଏହି ସଂଶୋଧିତ ହାରଗୁଡ଼ିକ ଗତ ଏପ୍ରିଲ ୧ ୨୦୨୬ରୁ ଲାଗୁ ହୋଇ ୨୦୨୮ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବଳବତ୍ତର ରହିବ।

### ୨୨ରୁ ବିଧାନସଭାର...

ବିଧାନସଭା ବନ୍ଦ ରହିବ ଓ ୩ ତାରିଖରେ ସରକାରୀ କାର୍ଯ୍ୟ ଦିବସ ସହ ଅଧିବେଶନ ସମାପ୍ତ ହେବ ବୋଲି ଜଣାପଡ଼ିଛି। ଆଗାମୀ ଅଧିବେଶନରେ ବିରୋଧୀ କଂଗ୍ରେସ ଓ ବିଜେଡି ପକ୍ଷରୁ ଏକାଧିକ ପ୍ରସଙ୍ଗ ଆଗତ ହେବାର ସମ୍ଭାବନା ରହିଛି। ବିଶେଷକରି ଏମ୍‌ଏମ୍‌ଡିଆର୍ ବିଲ୍ ନେଇ ରାଜ୍ୟ ହରାଇବାକୁ ଥିବା ରାଜସ୍ୱ ପ୍ରସଙ୍ଗ ଉପରେ ଦୁଇ ବିରୋଧୀ ତର୍କ କରିବା ସକାଶେ ଦାବି କରିବେ। ସେହିପରି ବନ୍ୟା ବିଭୀଷିକା, ପଢ଼ାବହିରେ ବ୍ୟାପକ ତ୍ରୁଟି, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ନେଇ ବିରୋଧୀ ସରକାରଙ୍କୁ ଘେରିବେ।

### ବୃଦ୍ଧଙ୍କୁ ଟାଣିନେଲା...

ଗାଁରୁ ଡଙ୍ଗାରେ ନଦୀ ପାର ହୋଇ ଆୟତ ବଜାର ଯିବା ପାଇଁ ପାରେଶ୍ୱର ଡଙ୍ଗା ନିକଟକୁ ଯାଉଥିଲେ। ଠିକ୍ ଏହି ସମୟରେ ହଠାତ୍ ଏକ କୁମ୍ଭୀର ତାଙ୍କୁ ନଦୀ ଭିତରକୁ ଟାଣି ନେଇଥିବା ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି। ଘଟଣା ପରେ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଏନେଇ ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଛି। ନିଖୋଜ ବୃଦ୍ଧଙ୍କୁ ଖୋଜିବା ପାଇଁ ନଦୀରେ ସର୍ଚ୍ଚ ଅପରେସନ ଜାରି ରହିଛି। ଅନ୍ୟପକ୍ଷରେ ନଦୀରେ କୁମ୍ଭୀର ଆତଙ୍କକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚିନ୍ତା ବଢ଼ିଛି।

### ପନୀର ନୁହେଁ...

ପଙ୍ଗାମୁଣ୍ଡାଇ ମାର୍କେଟରେ ଥିବା ମିଠା ଦୋକାନଗୁଡ଼ିକରେ ମଧ୍ୟ ଯାଞ୍ଚ କରାଯାଇଛି। ଗୋଟିଏ ପଟେ ମିଠା ମାର୍କେଟରେ ଚଢ଼ାଉ, ଅନ୍ୟପଟେ ନକଲି ଛେନାକୁ ନେଇ ଜୋରଦାର ଧରପଗଡ଼, ଏସବୁ ଭିତରେ କିନ୍ତୁ ହନ୍ତସନ୍ତ ହେଉଥିବା କହିଛନ୍ତି ପ୍ରକୃତ ଦୁଗ୍ଧ ଚଷୀ। ବଜାରରୁ ଏବେ ଛେନା ପନିର କିଣିବା ପାଇଁ କେହି ରାଜି ହେଉ ନଥିବାରୁ, ଚାଷୀ ଦୁଗ୍ଧ ବିକ୍ରି କରିପାରୁନଥିବା ଅଭିଯୋଗ ହୋଇଛି। ଟଙ୍କା ଅଭାବରୁ ଗୋଖାଦ୍ୟ କିଣିବା ଏବେ କଷ୍ଟକର ବୋଲି କହିଛନ୍ତି ଚାଷୀ। ସେପଟେ ବିଭାଗୀୟ ମନ୍ତ୍ରୀ କହିଛନ୍ତି, ଯେତେ ଦୁଗ୍ଧ ଚାଷୀ ଓମ୍ଫେଡ ସହ ଅନୁବନ୍ଧିତ ହୋଇଛନ୍ତି ସେମାନଙ୍କଠାରୁ ସରକାର ପୂର୍ବଭଳି କ୍ଷୀର କିଣୁଛନ୍ତି। ଯେଉଁମାନେ ଅଭିଯୋଗ କରୁଛନ୍ତି ତାର ବାସ୍ତବତା ନାହିଁ। ଯେଉଁମାନେ କ୍ଷୀର ଓ ଦୁଗ୍ଧଜାତ ସାମଗ୍ରୀ ବାହାରେ ବିକ୍ରି କରୁଥିଲେ ସେମାନଙ୍କ ଉପରେ ଧରପଗଡ଼ ହେଉଥିବ। ଚାଷୀଙ୍କ ଠାରୁ ଯେତେ କ୍ଷୀର ଆସିବ ତାକୁ କିଣିବାକୁ ସରକାର ପ୍ରସ୍ତୁତ ଥିବା ମନ୍ତ୍ରୀ କହିଛନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରେ ଅପମିଶ୍ରିତ ଛେନାକୁ ନେଇ ରେଡ୍ ଚାଲିଥିବା ବେଳେ ବାଲେଶ୍ୱରରୁ ଆସିଛି ସାଂଘାତିକ ଚିତ୍ର। ଖାଣ୍ଟି କ୍ଷୀର ନୁହେଁ, ପାଉଡରରୁ ପ୍ରସ୍ତୁତ ହେଉଛି ଛେନା। ତାହା ପୁଣି ଅସ୍ୱାସ୍ଥ୍ୟକର ପରିବେଶରେ। ଅଧିକ ଲାଭ ପାଇଁ କିଛି ବ୍ୟବସାୟୀ ଏଭଳି କରୁଥିବା କୁହାଯାଉଛି।

### ସଞ୍ଜୟ ବିଶ୍ୱାଳ...

ପରିବର୍ତ୍ତନ ବିଭାଗର ଅତିରିକ୍ତ ଶାସନ ସଚିବ ଦାୟିତ୍ୱ ନେଇଛନ୍ତି ଆରାଧନା ଦାସ। ଆଇଏଏସ ଯୁଗଳ କିଶୋର ଦାସ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ସହ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ନିର୍ଦ୍ଦେଶକ ଭାବେ ନିଯୁକ୍ତ ହୋଇଛନ୍ତି। ସେହିପରି ଅର୍ଚ୍ଚନା ଦାସ ପଟ୍ଟନାୟକ ଅବକାରୀ ବିଭାଗର ଅତିରିକ୍ତ ଶାସନ ସଚିବ ସହ ଆୟୁଷ ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ଆୟୁଷ ନିର୍ଦ୍ଦେଶକ ପଦବୀରୁ ବଦଳି ହୋଇ ଆଇଏଏସ ଅଞ୍ଜନା ପଣ୍ଡା ଅବକାରୀ ବିଭାଗର ଅତିରିକ୍ତ ଶାସନ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସଞ୍ଜୟ କୁମାର ବିଶ୍ୱାଳ ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ଶାସନ ସଚିବରୁ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଭାବେ ନିଯୁକ୍ତ ହୋଇଛନ୍ତି। ପୂର୍ତ୍ତ ବିଭାଗର ଉପଶାସନ ସଚିବରୁ ଓଡ଼ିଶା ନୌବାଣିଜ୍ୟ ବୋର୍ଡର ମୁଖ୍ୟ ପରିଚାଳନା ଅଧିକାରୀ ଭାବେ ବଦଳି ହୋଇଛନ୍ତି ଆଇଏଏସ ସୁନ୍ଦର ମାଧବ ପାତ୍ର। ଏଥିସହ ତାଙ୍କୁ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମର ମହାପ୍ରବନ୍ଧକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।

### ସୁଜାତା ଗଢୁଛନ୍ତି...

ହାତରେ ପୁଣିଥରେ ବିଜୁ ଶ୍ରମିକ ସାମୁଖ୍ୟ ଦାୟିତ୍ୱ ପ୍ରଦାନ କରାଯାଇଛି। ବିଜେଡି ସରକାର ସମୟରେ ସୁବାସ ଅତ୍ୟନ୍ତ ସଫଳତାର ସହ ଏହି ଶାଖାକୁ ପରିଚାଳନା କରୁଥିଲେ। ଆଗାମୀ ଦିନରେ ଶ୍ରମିକମାନଙ୍କୁ ନିଜ ପଟକୁ ଆଣିବା ପାଇଁ ସୁବାସଙ୍କ ଉପରେ ଦଳ ଭରସା କରିଛି। ସେହିଭଳି ଜେନ୍-ଜି' ଭୋଟକୁ ଦୃଷ୍ଟିରେ ରଖି ବିଜେଡି ଜିଲ୍ଲା ସ୍ତରରେ ଯୁବ ଓ ଛାତ୍ର ସଂଗଠନକୁ ମଜବୁତ କରିବାରେ ଲାଗିଛି। କେତେକ ସ୍ଥାନରେ କର୍ମକର୍ତ୍ତା ବଦଳ ହେଉଥିବାବେଳେ ଆଉ କେତେକ ସ୍ଥାନରେ ନୂଆ ମୁହଁଙ୍କୁ ସୁଯୋଗ ମିଳୁଛି। ତେବେ କର୍ମକର୍ତ୍ତା ଚୟନ ସମୟରେ ସେମାନଙ୍କର ସମ୍ପୂର୍ଣ୍ଣ ବିବରଣୀ ଯାଞ୍ଚ ସହିତ ସୁଜାତାଙ୍କୁ ସଜ୍ଞାନରେ ନିଆଯାଉଛି। ଫଳରେ ଆଲୋଚନା ହେଉଛି ଯେ ଦଳରେ ଯେଉଁ ନୂଆ ଟିମ୍ ଗଠନ ହେଉଛି ତାହା ପଛରେ ସୁଜାତାଙ୍କର ସୁଚିନ୍ତିତ ରଣନୀତି ରହିଛି। ମହିଳା ଭୋଟ ଦଳ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଦଳ ଏବେ ତାହାର ମହିଳା ଶାଖାକୁ ବିଭିନ୍ନ ଜିଲ୍ଲାରେ ମଜବୁତ କରୁଛି। ଯେହେତୁ ସୁଜାତାଙ୍କର ମିଶନ ଶକ୍ତି ଅଭିଜ୍ଞତା ରହିଛି ତେଣୁ ତଳ ସ୍ତରରେ ବାଛ ବାଛି ଦକ୍ଷ ମହିଳାଙ୍କୁ ଦଳରେ ସାମିଲ କରାଯାଉଛି। ଆସନ୍ତା ବର୍ଷ ହେବାକୁ ଥିବା ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ରାଜନୈତିକଦଳଗୁଡ଼ିକ ଏବେଠାରୁ ସଜବାଜ ହେଉଥିବାବେଳେ ବିଜେଡି ତାହାର ସଂଗଠନକୁ ମଜବୁତ କରିବାରେ ଲାଗିଛି। ଏହି କାର୍ଯ୍ୟର ତଦାରଖ ନିଜେ ସୁଜାତା କରୁଥିବାବେଳେ ବରିଷ୍ଠ ନେତାଙ୍କ ପରାମର୍ଶ ଓ ମାର୍ଗଦର୍ଶନକୁ ଗୁରୁତ୍ୱ ମିଳୁଛି। ବିଜେଡିର ଏହି ସଂଗଠନ ସଜଡା ଉପରେ ଉଭୟ ବିଜେପି ଓ କଂଗ୍ରେସ ନଜର ରଖିଥିବାବେଳେ ସେମାନଙ୍କୁ ମୁକାବିଲା କରିବାରେ ସୁଜାତାଙ୍କ ରଣନୀତି କେତେ ସଫଳ ହେବ ବିଜେଡି କର୍ମୀମାନେ ତାହାକୁ ସର୍ତ୍ତକତାର ସହ ଲକ୍ଷ୍ୟ କରୁଛନ୍ତି।

### ଏଠି ଶବ ଆସିଲେ...

ସମୟରେ ମିଳୁନାହିଁ। କଟକ ୫୩ ନମ୍ବର ୱାର୍ଡ କଲ୍ୟାଣୀନଗର କେନାଲ ରୋଡ୍ କଡ଼ରେ ଥିବା ଏକ ଶ୍ମଶାନ ରହିଥିବା ବେଳେ ଏହା ୪୨ ନମ୍ବର ୱାର୍ଡ ଅଧୀନରେ ରହିଛି ବୋଲି କେଏମସି ବହୁମୁଖୀ ପରିମଳ ନିରୀକ୍ଷକ ତ୍ରୈଲୋକ୍ୟ ସାହୁ କହିଛନ୍ତି। ଶ୍ମଶାନ ଦାୟିତ୍ୱରେ ଏକ ସଂସ୍ଥାର ୨ ଜଣ କର୍ମଚାରୀ ରହିଛନ୍ତି। ସାଧାରଣତଃ ଶ୍ମଶାନକୁ ଶବ ଆସିଲେ ମୃତବ୍ୟକ୍ତିଙ୍କ ଆଧାର କାର୍ଡ, ଶବଦାହ ପାଇଁ ଆସିଥିବା ବ୍ୟକ୍ତିଙ୍କ ଆଧାର କାର୍ଡ ଓ ମେଡିକାଲ କାଗଜପତ୍ର ଉକ୍ତ କର୍ମଚାରୀ ନୀରିକ୍ଷଣ କରିବା ପରେ ଶ୍ମଶାନରେ ଶବଦାହ କରାଯାଇଥାଏ। କିନ୍ତୁ ଏଠାରେ ଦିନ ହେଉ କି ରାତି, ଶ୍ମଶାନକୁ ଶବ ଆସିଲେ ଏଠାରେ ସୁରକ୍ଷା ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଖୋଜିବାକୁ ପଡ଼ିଥାଏ। ଶ୍ମଶାନ କାନ୍ଥରେ ୨ ଜଣଙ୍କ ନମ୍ବର ଲେଖାଯାଇଥିବା ବେଳେ ଫୋନ୍ କରିବା ପରେ ସେମାନେ ଶ୍ମଶାନକୁ ଆସିଥାନ୍ତି। ଫଳତଃ ଦୂରରୁ ଆସିଥିବା ଲୋକେ ଶବକୁ ଶ୍ମଶାନରେ ରଖି ଚାହିଁ ବସିଥାନ୍ତି କେତେବେଳେ ସେହି କର୍ମଚାରୀ ଆସି କାଗଜପତ୍ର ଦେଖି ସେଠାରେ ଥିବା ଏକ ରେଜିଷ୍ଟରରେ ଟିପିଲେ ଶବଦାହ ହେବ। ଏଥିପାଇଁ ମଧ୍ୟ ଅନେକ ସମୟରେ ହାତଗୁଞ୍ଜା ଦେବାକୁ ପଡ଼ିଥାଏ ବୋଲି ସ୍ଥାନୀୟ ଲୋକେ କହନ୍ତି। ନଚେତ୍ ରେଜିଷ୍ଟରରେ ମୃତବ୍ୟକ୍ତିଙ୍କ ନାମ, ଠିକଣା ସଠିକ ଲେଖାହେଲେ ବି ମୃତ୍ୟୁ ପ୍ରମାଣପତ୍ର ପାଇବା କଷ୍ଟସାଧ୍ୟ ହୋଇପଡ଼େ। ଏହି ଶ୍ମଶାନ ଦାୟିତ୍ୱରେ ଥିବା ପରିମଳ ନୀରିକ୍ଷକ କହିଛନ୍ତି ଯେ ଶ୍ମଶାନରେ ଠିକାସଂସ୍ଥା କର୍ମଚାରୀ ସବୁବେଳେ ଉପସ୍ଥିତ ରହି ଡ୍ୟୁଟି କରିବା ସହ କୌଣସି ଫୋନ ନମ୍ବର କାନ୍ଥରେ ଲେଖିବା ନିୟମ ନ ଥିବା ବେଳେ ବିଭାଗୀୟ ଅଧିକାରୀ ସଠିକ ତଦାରଖ କରୁ ନ ଥିବାରୁ ଉକ୍ତ କର୍ମଚାରୀଦ୍ୱୟ ଏଭଳି ମନମୁଖୀ କାର୍ଯ୍ୟ କରୁଛନ୍ତି। ଶ୍ମଶାନର ପ୍ରବେଶ ପଥ ଘଞ୍ଚଜଙ୍ଗଲ ପାଲଟିଥିବା ବେଳେ ଶ୍ମଶାନରେ କର୍ମଚାରୀଙ୍କ ଅନୁପସ୍ଥିତିରେ କୌଣସି ଅଚିହ୍ନା, ଅପମୃତ୍ୟୁ, ଅପରିଚିତ କିମ୍ବା କୌଣସି ଅଘଟଣ ଘଟାଇ ଶବଦାହ ହେଉ ନ ଥିବ, ସେକଥା କିଏ କହିବ। ଏପରି ହେଲେ କିଏ ଦାୟୀ ରହିବ ବୋଲି ପ୍ରଶ୍ନ ଉଠୁଛି।

## ୭.୫ କିଲୋ ଗଞ୍ଜେଇ ଜବତ, ଜଣେ ଗିରଫ



ରାଇଘର,୨୫।୮ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ କସକଣ୍ଡା ପଞ୍ଚାୟତ ର କୁଡିପାରାରେ ଚୋରା ଗଞ୍ଜେଇ କାରବାର ବିରୋଧରେ ରାଇଘର ଅବକାରୀ ବିଭାଗର ଜୋରଦାର ଅଭିଯାନ। ପେଟ୍ରୋଲିଂ ସମୟରେ କସକଣ୍ଡା ପଞ୍ଚାୟତ ଅନ୍ତର୍ଗତ କୁଡିପାରା ଗ୍ରାମରେ ଚଢ଼ାଉ କରି ୭ କିଲୋ ୫୦୦ ଗ୍ରାମ ଗଞ୍ଜେଇ ଜବତ କରିବା ସହ ଜଣେ ଯୁବକଙ୍କୁ ଗିରଫ କରିଛି ଅବକାରୀ ବିଭାଗ। ଗିରଫ ଯୁବକ ହେଲେ କୁଡିପାରା ଗ୍ରାମର ଧନ ପ୍ରସାଦ ଗଣ୍ଡ (୩୧)। ତାଙ୍କ ନିକଟରୁ ଗଞ୍ଜେଇ ଜବତ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏନେଇ କେସ୍ ନମ୍ବର ୧୧୩/୨୦୨୬-୨୭ ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଗଞ୍ଜେଇ ଜବତ, ୩ ଗିରଫ



ବୋରିଗୁମ୍ମା, ୨୫।୮ (ସଂଚାର ବ୍ୟୁରୋ): ବେଆଇନ ନିଶାଦ୍ରବ୍ୟ ଚାଲାଣ ବିରୋଧରେ କୋରାପୁଟ ଜିଲ୍ଲା ବୋରିଗୁମ୍ମା ଥାନା ପକ୍ଷରୁ ଚାଲିଥିବା ସ୍ୱତନ୍ତ୍ର ଅଭିଯାନରେ ବୋରିଗୁମ୍ମା ଦେଇ ଯାଇଥିବା ଭାରତ ମାଳା ରାସ୍ତାରେ ମୋଟ ୩୮ କେଜି ଗଞ୍ଜେଇ ଜବତ କରାଯିବା ସହ ତିନି ଜଣଙ୍କୁ ଗିରଫ କରାଯାଇଛି। ଏହାସହ ତିନିଟି ସ୍କୁଟି ମଧ୍ୟ ଜବତ ହୋଇଛି । ଜବତ ଗଞ୍ଜେଇ ଓ ଯାନବାହନର ଆନୁମାନିକ ମୂଲ୍ୟ ୫ ଲକ୍ଷ ୩୪ ହଜାର ଟଙ୍କା ବୋଲି ଜଣାପଡ଼ିଛି ।

ପୁଲିସ ବିଭାଗର ସୂଚନା ଅନୁଯାୟୀ ଆଜି ସକାଳୁ ଭାରତ ମାଳା ଛକରେ ଯାଞ୍ଚ ବେଳେ ଏକ ଜରି ବସ୍ତା ଓ ୨ଟି ବେଗରେ ୩୮ କେଜି ଗଞ୍ଜେଇ ତିନିଟି ସ୍କୁଟିରେ ନେଇ ଯାଉଥିବା ବେଳେ ଯାଞ୍ଚ କରି ଏହି ଗଞ୍ଜେଇକୁ ଜବତ କରାଯାଇଥିଲା । ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଅଦାଲତକୁ ଚାଲାଣ କରାଯାଇଛି । ବୋରିଗୁମ୍ମା ଥାନା ଅଧିକାରୀଙ୍କ ନେତୃତ୍ୱରେ ଏଏସଆଇ, କନେଷ୍ଟବଳ ଓ ଥାନା କର୍ମଚାରୀଙ୍କ ଟିମ ଏହି ସଫଳ ଚଢ଼ାଉ କରିଥିଲେ। ଅବୈଧ ଗଞ୍ଜେଇ ଚାଲାଣ, ମହଜୁଦ ଓ ପରିବହନ ବିରୋଧରେ ଆଗାମୀ ଦିନରେ ମଧ୍ୟ କଡ଼ା ଚଢ଼ାଉ ଏବଂ ଏନଫର୍ସମେଣ୍ଟ କାର୍ଯ୍ୟ ଜାରି ରହିବ ବୋଲି ବୋରିଗୁମ୍ମା ଥାନା ପକ୍ଷରୁ ସୂଚନା ଦେଇଛନ୍ତି ।

## ଡକାୟତି ଯୋଜନାକୁ ପଣ୍ଡ କଲା ପୁଲିସ



ବୋରିଗୁମ୍ମା, ୨୫।୮ (ସଂଚାର ବ୍ୟୁରୋ): ଗତକାଲି ବିଳମ୍ବିତ ରାତିରେ ବୋରିଗୁମ୍ମା ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ଏକ ବଡ଼ ଧରଣର ଡକାୟତି ଯୋଜନାକୁ ପଣ୍ଡ କରିଛି। ଏକ ଅଜଣା ନଂଓଆର୍ ୨୬୬୧୫୧ ବୋଲେରୋ ଗାଡିକୁ ପୁଲିସ ଅଟକାଇବାକୁ ଉଦ୍ୟମ କରୁଥିବା ବେଳେ ଦ୍ରୁତ ଗତିରେ ଗାଡି ଚଳାଇ ସେଠାରୁ ଖସିବା ପାଇଁ ଯୋଜନା କଲେ ଡକାୟତି ଦଳ। ପୁଲିସ ପାଟ୍ରୋଲିଂ ଗାଡି ମଧ୍ୟ ଡକାୟତ ଦଳର ଉ ଗାଡିକୁ ପ୍ରାୟ ୧୦ରୁ ୧୨ କିଲୋମିଟର ପର୍ଯ୍ୟନ୍ତ ଫିଲ୍ମ ଷ୍ଟାଇଲରେ ପିଛା କରିଥିଲା। କାମରା ଗ୍ରାମ ଶ୍ମଶାନ ରାସ୍ତା ନିକଟରେ ଆଉ ଆଗକୁ ରାସ୍ତା ନଥିବା ଜାଣି ଡକାୟତି ଗ୍ୟାଙ୍ଗ ଗାଡି ଅଟକାଇ ଗାଡିରୁ ମାରଣାସ୍ତ୍ର ବାହାର କରି ପୁଲିସକୁ ଭୟଭୀତ କରିବା ସହ ପୁଲିସ ଗାଡିକୁ ଭଙ୍ଗାରୁଜା କରି ଗାଡ଼ି ଛାଡି ଜଙ୍ଗଲ ଭିତରକୁ ଡମ୍ପଟ ମାରିଥିଲେ । ପୁଲିସ ଗାଁ ଲୋକଙ୍କୁ କହିବା ପରେ ରାତି ୨ଟାରୁ ପୁଲିସ ସହ କାମରା ଅଞ୍ଚଳର ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଲୋକ ସେମାନଙ୍କୁ ଖୋଜା ଖୋଜିରେ ଲାଗିଥିଲେ। ପ୍ରାଥମିକ ତଦନ୍ତରୁ ବୋରିଗୁମ୍ମା ପୁଲିସ ଡକାୟତମାନେ କେଉଁ କାରଣରୁ ମାରଣାସ୍ତ୍ର ନେଇ ବାହାରିଥିଲେ ତାହାର ଅଧିକ ତଦନ୍ତ ଜାରିରଖିଛନ୍ତି ।

## ଚୋରି ଘଟଣାରେ ଅଭିଯୁକ୍ତଙ୍କୁ ବର୍ଷେ କାରାଦଣ୍ଡ

ନବରଙ୍ଗପୁର, ୨୫।୮ (ସଂଚାର ବ୍ୟୁରୋ): ମାନ୍ୟବର ନବରଙ୍ଗପୁର ଉପଖଣ୍ଡିୟ ବିଚାର ବିଭାଗୀୟ ବିଚାରପତି ସୌମ୍ୟ ଶଙ୍କର ମହାନ୍ତ ଏକ ଚୋରି ଘଟଣାର ବିଚାରଣା କରି ଦୁଇ ଅଭିଯୁକ୍ତ ବନସିଂ ବିନ୍ଧାଣୀ ଓ ନରହରି ବିନ୍ଧାଣୀଙ୍କୁ ୧ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦୦୦ ଟଙ୍କାର ଅର୍ଥ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଜୋରିମାନା ଅନାଦେୟରେ ୧ ମାସର ଅତିରିକ୍ତ କାରାଦଣ୍ଡରେ ଦଣ୍ଡିତ କରିବାକୁ ରାୟ ଦେଇଛନ୍ତି।

ସୂଚନା ଅନୁଯାୟୀ, ଗତ ୪.୭.୨୫ରେ ନବରଙ୍ଗପୁର ଥାନାରେ କେସ ନମ୍ବର ୨୦୨/୨୫ ପ୍ରକାରେ ଜଗଦୀଶ ମାଝୀ ନାମକ ବ୍ୟକ୍ତି ଏକ ଲିଖିତ ଅଭିଯୋଗ କରିଥିଲେ ଯେ, ଗତ ୪.୭.୨୦୨୫ ଅପରାହ୍ନ ପ୍ରାୟ ୧.୩୦ ମିନିଟ ସମୟରେ ନବରଙ୍ଗପୁର ଦାଶ ହୋଟେଲ ପାର୍ଶ୍ୱରେ ନିଜର ଏଚ୍ଏଫ୍ ଡିଲକ୍ସ ଗାଡି ଯାହାର ନମ୍ବର ଥିଲା ଓଡି ୨୪-୨୩୧୧ ରଖି ଖାଦ୍ୟ ଖାଇବାକୁ ଯାଇଥିଲେ ଓ ଏହି ସମୟରେ ତାହାର ଗାଡିକୁ କେହି ଚୋରି କରି ନେଇଯାଇଛନ୍ତି । ପୁଲିସ ଘଟଣାର ତଦନ୍ତ କରି ଦୁଇ ଅଭିଯୁକ୍ତ ବନସିଂ ବିନ୍ଧାଣୀ ଓ ନରହରି ବିନ୍ଧାଣୀ ବୋଲି ଜାଣିବା ପରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ତା ନାମରେ ଭାରତୀୟ ନ୍ୟାୟ ସଂହିତା ୨୦୨୩ର ଧାରା ୨୦୨(୨) ଓ ୩(୫) ପ୍ରକାରେ ମାମଲା ରୁଜୁ କରି ଦୁଇ ଅଭିଯୁକ୍ତ କୁ କୋର୍ଟ ଚାଲାଣ କରିଥିଲେ। ସମସ୍ତ ୭ ଜଣ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ମାନ୍ୟବର ଉପଖଣ୍ଡିୟ ବିଚାର ବିଭାଗୀୟ ବିଚାରପତି ଦୁଇ ଅଭିଯୁକ୍ତ ବନସିଂ ବିନ୍ଧାଣୀ ଓ ନରହରି ବିନ୍ଧାଣୀଙ୍କୁ ୧ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି ।

# ନିଶା ମାଫିଆଙ୍କ ସ୍ୱର୍ଗ ପାଲଟିଲା ଅସ୍ତରଙ୍ଗ

**ଥାନା ସାମ୍ନାରେ ପେଟି ପେଟି ମଦ ଚାଲାଣ, ପୁଲିସ ନୀରବ**

**ଶିଶୁଅରୁ ନଗର ଯାଏଁ କୋଚିଆ ରାଜ୍**

**ଫେବୃଆରୀରୁ ଗୋଟିଏ ବି ବଡ ଧରପକଡ ନାହିଁ**

**ଅଚାନକ ଥାନା ବାରକା ଯାଞ୍ଚ କେବେ?**

କାକଟପୁର/ଅସ୍ତରଙ୍ଗ,୨୫।୮ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଏବେ ପୁଲିସ ଥାନା ନୁହେଁ, ନିଶା ମାଫିଆଙ୍କ ନିରାପଦ ଆଡ୍ଡା ପାଲଟିଛି! ଏଭଳି ସଙ୍ଗୀନ ଅଭିଯୋଗ ଏବେ ଗାଁ ଗାଁରେ ଚର୍ଚ୍ଚା ହେଉଛି। ଅସ୍ତରଙ୍ଗ ଥାନା ସାମ୍ନା ଦେଇ ପ୍ରତିଦିନ ଖୁଲମଖୁଲା ସ୍କୁଟି, ବାଇକରେ ପେଟି ପେଟି ଦେଶୀ-ବିଦେଶୀ ମଦ ଗାଁ ଗାଁକୁ ଚାଲାଣ ହେଉଛି, କିନ୍ତୁ ଅସ୍ତରଙ୍ଗ ପୁଲିସ ଆଖି ବୁଜି ଦେଇଛି। ଏହି ନିରବତା ପଛରେ କଣ ରହସ୍ୟ ଅଛି ବୋଲି ସାଧାରଣ ଲୋକେ ପ୍ରଶ୍ନ କରୁଛନ୍ତି।

ଅସ୍ତରଙ୍ଗ ଥାନା ଅଧୀନ ଶିଶୁଅ, କୋରଣା, ପୋଟଳ ଛକ,ଛୁରିଆନା,ମାଣ୍ଡୁକି ପଂଚାୟତ ବିଭିନ୍ନ ଗାଁ, ପାଟଳଦା, ନଗର, ଆଳସାହି, ଅସ୍ତରଙ୍ଗ ହାଟ ଚାଳିରେ ଏବେ କୋଚିଆଙ୍କ ରାଜ୍ ଚାଲିଛି। ପ୍ରତି ଛକରେ ଚୋରା ମଦ-ଗଞ୍ଜେଇ ବିକ୍ରି ହେଉଛି। କାଳିଆକଣରୁ ଷାଠିଏବାଟି ପର୍ଯ୍ୟନ୍ତ ଯୁବକମାନେ ଧଳା ଜହର ବେପାରରେ ସକ୍ରିୟ। ଅଭିଯୋଗ ଅନୁସାରେ, ଗଞ୍ଜେଇକୁ ଚତୁରତାର ସହ ସିଗାରେଟ ଖୋଳରେ ପୁରାଇ କୋଡ୍ ବଦଳାଇ 'ବାବା' ଓ 'ରିଜିଲା' ନାଁରେ ଯୁବପିଢ଼ିଙ୍କୁ ଯୋଗାଇ ଦିଆଯାଉଛି। ଯୁବସମାଜ ନିଶା କବଳରେ ପଡି ବରବାଦ ହେଉଛି।

ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି, ଫେବୃଆରୀ ମାସରୁ ଅସ୍ତରଙ୍ଗ ନିଶା ଅଞ୍ଚଳ ପାଲଟିଛି।



ଫେବୃଆରୀରେ ନୂଆ ଥାନା ଅଧିକାରିଣୀ ଯୋଗ ଦେବା ଦିନରୁ ନିଶା କାରବାର କ୍ଷିପ୍ର ଗତିରେ ମାଡି ଚାଲିଛି। ଫେବୃଆରୀରୁ ଆଜି ଯାଏଁ ଗୋଟିଏ ବି ଧଳା ଜହର ବା ବଡ ଗଞ୍ଜେଇ ଚାଲାଣ ଧରା ନ ପଡିବା ପୁଲିସର ଅପାରଗତା ନୁହେଁ ତ ଆଉ କଣ?

ସମାଜସେବୀ ତଥା ଅସ୍ତରଙ୍ଗ ବଜାର କମିଟି ସଭାପତି ଦୁଷ୍ମନ୍ତ କୁମାର ପରିଡା ଖୋଲା ଅଭିଯୋଗ କରିଛନ୍ତି, ପ୍ରତି ସନ୍ଧ୍ୟାରେ ନିଶା ବେପାରୀଙ୍କ ମାଲିକ ଓ କର୍ମଚାରୀ ଥାନାରେ ହାଜରା ଦେଉଛନ୍ତି। ଏହାର ପ୍ରମାଣ ପାଇଁ ଥାନା ସିସିଟିଭି ଫୁଟେଜ ଯାଞ୍ଚ କରାଯାଉ। ଏପରିକି ଥାନା ଉପର ମହଲା ଓ ବାରାକରେ ଅଚାନକ ଚଢ଼ାଉ ହେଲେ କେତେ ମଦ ବୋତଲ ଗଦା ହୋଇଛି ତାହା ସାମ୍ନାକୁ ଆସିବ। ଡ୍ୟୁଟି ସମୟରେ ପୁଲିସ କର୍ମଚାରୀ ନିଶା ଖାଇବା ଓ ମଦ ଦୁର୍ଗନ୍ଧରେ କଥା ହେବା ଭଳି ଲଜ୍ଜ୍ୟାଜନକ ଘଟଣା ମଧ୍ୟ ସାମ୍ନାକୁ ଆସିଛି।

କେବଳ ସେତିକି ନୁହେଁ, ଚୋର ଧରିବାରେ ଫେଲ୍ ମାରିଥିବା ପୁଲିସ ସନ୍ଧ୍ୟାରେ ମଦ ପିଉଥିବା ରାସ୍ତା ପାର୍ଶ୍ୱରେ ଗରିବ ଲୋକଙ୍କୁ ଉଠାଇ ଆଣି ବାହାଦୁରୀ ଦେଖାଉଛି।

ସ୍ୱଚ୍ଛ ଅସ୍ତରଙ୍ଗ ପାଇଁ ଥାନା ଅଧିକାରିଣୀଙ୍କୁ ତୁରନ୍ତ ବଦଳି କରି ଜିଲ୍ଲା ପୁଲିସ ଅଧୀକ୍ଷକ ନିଜେ ହସ୍ତକ୍ଷେପ କରି ସ୍ୱତନ୍ତ୍ର ଟିମ୍ ପଠାଇ ତଦନ୍ତ କରନ୍ତୁ ବୋଲି ବ୍ୟବସାୟୀ ସଙ୍ଘ ଓ ଗ୍ରାମବାସୀ ଦାବି କରିଛନ୍ତି।

## ବିଦେଶୀ ଛାତ୍ରଛାତ୍ରୀଙ୍କ ପାଇଁ ସୋଆରେ ସ୍ୱତନ୍ତ୍ର ଗ୍ରାଜୁଏସନ୍ ସମାରୋହ



ଭୁବନେଶ୍ୱର,୨୫।୮ (ସଂଚାର ବ୍ୟୁରୋ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍ଡ ଟୁ ବି ବିଶ୍ୱବିଦ୍ୟାଳୟରେ ବିଭିନ୍ନ ପାଠ୍ୟକ୍ରମରେ ଅଧ୍ୟୟନ କରି ଶିକ୍ଷା ସମାପ୍ତ କରିଥିବା ୪୬ ଜଣ ବିଦେଶୀ ଛାତ୍ରଛାତ୍ରୀଙ୍କୁ ମଙ୍ଗଳବାର ଏକ ବିଶେଷ କାର୍ଯ୍ୟକ୍ରମରେ ଡିଗ୍ରୀ ପ୍ରଦାନ କରାଯାଇଛି।

ପନ୍ଦରଟି ବିଭିନ୍ନ ଦେଶରୁ ଆସିଥିବା ଏହି ଛାତ୍ରଛାତ୍ରୀମାନେ ବି.ଟେକ୍, ଏମ.ଟେକ୍, ବି.ଫାର୍ମ, ବି.ଏସ.ସି (କୃଷି), ବିବିଏ, ମାଷ୍ଟର ଇନ୍ ହସ୍ପିଟାଲ ଆଡମିନିଷ୍ଟ୍ରେସନ ଓ ବି.ଏସ.ସି (ଅପଟୋମେଟ୍ରି) ପାଠ୍ୟକ୍ରମର ଅନ୍ତର୍ଭୁକ୍ତ ଥିଲେ।

ଏହି କାର୍ଯ୍ୟକ୍ରମରେ ଇଣ୍ଟରନ୍ୟାସନାଲ ଟ୍ରିବ୍ୟୁନାଲ ଫର ଦ ଲ ଅଫ ଦ ସି, ହାମବର୍ଗର ବିଚାରପତି ପ୍ରଫେସର ମରିସ କାମଗା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଦେଶୀ ଛାତ୍ରଛାତ୍ରୀମାନଙ୍କ ସଫଳତା ନିମନ୍ତେ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ତାଙ୍କ ନିଜ ଦେଶ କ୍ୟାମେରୁନ୍ର ଛାତ୍ରଛାତ୍ରୀମାନେ ମଧ୍ୟ ଏହି ସଫଳତା ଲାଭ କରିଥିବାରୁ ସେ ଆନନ୍ଦ ପ୍ରକାଶ କରିଥିଲେ। ସୋଆ ସହିତ କ୍ୟାମେରୁନ୍ର ହାନସିଆଟିକ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଟେକନୋଲୋଜି ଆଣ୍ଡ ଆପ୍ଲାଇଡ୍ ସାଇନସେସର ଉଚ୍ଚ ଶିକ୍ଷାରେ ସହଯୋଗ ନିମନ୍ତେ ଏକ ବୁଝାମଣା ସ୍ୱାକ୍ଷରିତ ହୋଇଥିବା ସେ ପ୍ରକାଶ କରିଥିଲେ।

ପ୍ରଫେସର କାମଗାଙ୍କ ପତ୍ନୀ ଶ୍ରୀମତି ଜିନି କାମଗା ଯିଏ କି ଦ ହେଗ ସ୍ଥିତ ଇଣ୍ଟରନ୍ୟାସନାଲ କୋର୍ଟ ଅଫ୍ ଜଷ୍ଟିସ୍ରେ କାର୍ଯ୍ୟରତ ସେ ମଧ୍ୟ ଉତ୍ସବରେ ଉପସ୍ଥିତ ଥିଲେ।

ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଛାତ୍ରଛାତ୍ରୀମାନଙ୍କୁ ଡିଗ୍ରୀ ପ୍ରଦାନ କରିବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

## ସୁଆଣ୍ଡୋ ବ୍ରିଜ ନିକଟରୁ ୧୧ ବେଆଇନ ଦୋକାନ ଉଚ୍ଛେଦ



ସତ୍ୟବାଦୀ,୨୫।୮ (ସଂଚାର ବ୍ୟୁରୋ): ସତ୍ୟବାଦୀ ତହସିଲ ଅନ୍ତର୍ଗତ ବଳପୁର ସ୍ଥିତ ସୁଆଣ୍ଡୋ ସେତୁ ନିକଟରେ ସରକାରୀ ଜାଗା ଜବରଦଖଲ କରି ନିର୍ମାଣ ହୋଇଥିବା ୧୧ଟି ବେଆଇନ ଦୋକାନକୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ଦୀର୍ଘ ଦିନ ଧରି ସୁଆଣ୍ଡୋ ବ୍ରିଜ ନିକଟ ଭାର୍ଗବୀ ନଦୀ ବନ୍ଧକୁ ଲାଗି କଂକ୍ରିଟ ପିଲର ଉପରେ ଦୋକାନ ଗୁଡିକ ନିର୍ମାଣ କରାଯାଇଥିଲା। ସରକାରୀ ଜମି ଜବରଦଖଲ ମୁକ୍ତ କରିବା ନେଇ ଏହି କାର୍ଯ୍ୟାନୁଷ୍ଠାନ ହୋଇଛି। ସୂଚନା ଅନୁଯାୟୀ, ଚଳିତ ବର୍ଷ ମାର୍ଚ୍ଚ ମାସରୁ ସମସ୍ତ ବେଆଇନ ଦଖଲକାରୀଙ୍କୁ ସରକାରୀ ଜାଗା ଖାଲି କରିବା ପାଇଁ ନୋଟିସ ଦିଆଯାଇଥିଲା। ତେବେ ନୋଟିସ ସତ୍ତ୍ୱେ ଦଖଲକାରୀମାନେ ନିଜ ତରଫରୁ ଜବରଦଖଲ ହଟାଇନଥିଲେ। ଫଳରେ ପ୍ରଶାସନ ପକ୍ଷରୁ ଉକ୍ତ ବେଆଇନ ନିର୍ମାଣଗୁଡ଼ିକୁ ଉଚ୍ଛେଦ କରାଯାଇଛି । ଉଚ୍ଛେଦ ସମୟରେ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ସତ୍ୟବାଦୀ ଥାନା ଆଇଆଇସି ସୌମ୍ୟ ରଞ୍ଜନ ମହାଲିକଙ୍କ ସମେତ ପୁଲିସ ଫୋର୍ସ ଉପସ୍ଥିତ ରହି ଉଚ୍ଛେଦ କାର୍ଯ୍ୟକୁ ସୁରୁଖୁରୁରେ ସମ୍ପନ୍ନ କରିଥିଲେ।

## ଜ୍ଞାନଦୀପ-୨.୦ ଶିବିର ଉଦ୍‌ଘାଟିତ





କୋରାପୁଟ, ୨୫।୮ (ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲାରେ ଶିକ୍ଷାର ମାନ ବୃଦ୍ଧି ସହ ମାଟ୍ରିକ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଛାତ୍ରଛାତ୍ରୀଙ୍କ ଫଳାଫଳ ଆହୁରି ଭଲ କରିବା ଲକ୍ଷ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଥିବା 'ଜ୍ଞାନଦୀପ' କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ 'ଜ୍ଞାନଦୀପ-୨.୦' ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଛି।

କୋରାପୁଟ ସହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ ଅଡିଟୋରିୟମରେ ଆୟୋଜିତ ଏହି ଶିବିରକୁ ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଗଣ୍ଡ କହିଥିଲେ, ଶିକ୍ଷକମାନଙ୍କ ଉପରେ ତାଙ୍କର ସମ୍ପୂର୍ଣ୍ଣ ଭରସା ରହିଛି। ଶିକ୍ଷକମାନେ ନିଷ୍ଠା ଓ ଦାୟିତ୍ୱବୋଧର ସହ କାର୍ଯ୍ୟ କଲେ କୋରାପୁଟ ଜିଲ୍ଲା ଆଗାମୀ ଦିନରେ ଶିକ୍ଷା କ୍ଷେତ୍ରରେ ଆହୁରି ଭଲ ପ୍ରଦର୍ଶନ କରିବ ବୋଲି ସେ ଆଶା ପ୍ରକାଶ କରିଥିଲେ।

ଜ୍ଞାନଦୀପ କାର୍ଯ୍ୟକ୍ରମର ପ୍ରଭାବରେ କୋରାପୁଟ ଜିଲ୍ଲାର ମାଟ୍ରିକ ପରୀକ୍ଷା ଫଳାଫଳରେ ଉନ୍ନତି ଘଟିଛି। ପୂର୍ବରୁ ରାଜ୍ୟରେ ୩୦ତମ ସ୍ଥାନରେ ଥିବା ଜିଲ୍ଲା ଏବେ ୧୮ତମ ସ୍ଥାନକୁ ଉଠିଥିବା ସୂଚନା ଦିଆଯାଇଛି। ଜିଲ୍ଲାର ମୋଟ ପାସ୍‌ହାର ୯୬.୫୮ ପ୍ରତିଶତ ରହିଛି।

ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ ଓ କୋରାପୁଟ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରଘୁରାମ ମାଛ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉଭୟେ ମଧ୍ୟ ଜ୍ଞାନଦୀପ-୨.୦ ମାଧ୍ୟମରେ ଜିଲ୍ଲାର ଶିକ୍ଷା ବ୍ୟବସ୍ଥା ଆହୁରି ସୁଦୃଢ଼ ହେବା ନେଇ ଆଶା ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଶ୍ରେଷ୍ଠ ପ୍ରଧାନଶିକ୍ଷକମାନଙ୍କୁ ଅତିଥିମାନଙ୍କ ପକ୍ଷରୁ ପୁରସ୍କୃତ କରାଯାଇଥିଲା।

## ୨.୨ କେଜି ଗଞ୍ଜେଇ ଜବତ, ଜଣେ ଗିରଫ



ପାରାଦୀପ,୨୫।୮ (ସଂଚାର ବ୍ୟୁରୋ): ପାରାଦୀପଗଡ଼ ଗାଁ ରାସ୍ତାରେ ମଙ୍ଗଳବାର ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ୨ କେଜି ୨୦୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ ପାରାଦୀପଗଡ଼ ଗାଁର ଲୋକନାଥ ମଲ୍ଲିକ (୩୧)ଙ୍କୁ ଗିରଫ କରାଯାଇଛି। ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୨୨ ହଜାର ଟଙ୍କା ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ପାରାଦୀପ ରେଞ୍ଜ ଅବକାରୀ ଇନ୍ସପେକ୍ଟର ଶ୍ରୀକାନ୍ତ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଏସ୍ଆଇ ଧର୍ମପଦ ଦାସ, ଅବକାରୀ କନଷ୍ଟେବଳ ଜୟଦେବ ପାତ୍ର, ମନୋରଞ୍ଜନ ଦାସ ଓ ଲେଡି ଅବକାରୀ କନଷ୍ଟେବଳ ସନ୍ତୋଷୀ ସାହୁ ଚଢ଼ଉରେ ସାମିଲ ଥିଲେ।

### ଡ଼କାୟତିର ପର୍ଦ୍ଦାଫାଶ କଲା କେସିଙ୍ଗା ପୁଲିସ

## ସୁନା, ରୁପା ସହ ଟଙ୍କା ଜବତ: ୬ ଗିରଫ



କଳାହାଣ୍ଡି,୨୫।୮ (ସଂଚାର ବ୍ୟୁରୋ): ଗତ ଜୁଲାଇ ମାସ ୨୦ ତାରିଖରେ କୌଣସି ପାରିବାରିକ କାର୍ଯ୍ୟକ୍ରମ ପାଇଁ କିଛି ଦିନ ପାଇଁ ସହର ବାହାରକୁ ଯାଇଥିବା କଳାହାଣ୍ଡି ଜିଲ୍ଲାର, କେସିଙ୍ଗାର ୱାର୍ଡ ନଂ ୩ରେ ବ୍ୟବସାୟୀ ପୁନମ ଅଗ୍ରୱାଲଙ୍କ ଘରୁ ହୋଇଥିବା ବଡ଼ ଧାରଣର ଡ଼କାୟତି ଘଟଣାର ପ୍ରାୟ ମାସେ ପରେ ପର୍ଦ୍ଦାଫାଶ କରିଛି କେସିଙ୍ଗା ପୁଲିସ। ପୁଲିସ କବଜାରେ ଅଛନ୍ତି ଡ଼କାୟତି କରି ଫେରାର ଥିବା ଡ଼କାୟତି ଦଳ।

ଗିରଫ ହୋଇ ଥିବା ଡ଼କାୟତ ମାନେ ହେଲେ କଳାହାଣ୍ଡି ଜିଲ୍ଲା କେସିଙ୍ଗା ୱାର୍ଡ ନଂ ୩ର ନରେଶ ତାଣ୍ଡି(୨୭), ରାୟଗଡ଼ା ଜିଲ୍ଲା ଆରକେ ନଗରର ରବି ଶଙ୍କର ମହାନନ୍ଦିଆ (୩୩), ରାହୁଲ ସାମଲ(୨୩), ପ୍ରମି ଶ୍ରୀକାନ୍ତ (୩୨), ତେଜପ ଓରଫ ଅଜିତ ନାଏକ (୨୭। ଅନ୍ୟ ଜଣେ ସେହି ରାୟଗଡ଼ା ଜିଲ୍ଲାର କୋଟାପେଟା ଦୀପସାହି ଗ୍ରାମର ହୁଇକା ଦୂତୀଆ ବୋଲି କଳାହାଣ୍ଡି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନାଗରାଜ୍ ଦେବରକୋଣ୍ଡା ମଙ୍ଗଳବାର କେସିଙ୍ଗା ପୁଲିସ ଷ୍ଟେସନରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ତାଙ୍କ ଠାରୁ ୭୨ ଗ୍ରାମ ସୁନା, ୧୧୩୮ ଗ୍ରାମ ରୂପା ଓ ନଗଦ ୨ ଲକ୍ଷ ୭୦ ହଜାର ଟଙ୍କା ଜବତ କରିଛି କେସିଙ୍ଗା ପୁଲିସ।

ଗତ ଦୁଇ ମାସ ଭିତରେ କେସିଙ୍ଗା ସହର ମଧ୍ୟରେ ଦୁଇ ଦୁଇଟି ବଡ଼ ବଡ଼ ଧରଣର ଚୋରି ଡକାୟତି ଯୋଗୁଁ ସହର ବାସୀଙ୍କୁ ଚିନ୍ତାରେ ପକାଇଥିବା ବେଳେ ପୁଲିସର ଏହି ସଫଳତା କେସିଙ୍ଗା ବାସୀଙ୍କୁ ଟିକିଏ ଚିନ୍ତାରୁ ମୁକ୍ତି ଦେଇଛି। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମଧ୍ୟ କେସିଙ୍ଗା ଏସଡିପିଓ, ଥାନା ଅଧିକାରୀ ଓ ସମୁଦାୟ କେସିଙ୍ଗା ପୁଲିସକୁ ଧନ୍ୟବାଦ୍ ସହ ସାବାସି ମଧ୍ୟ ଦେଇଛନ୍ତି।

**ଘର ଚାରିପାଖରୁ ହୋଇପାରୁନି ବନ୍ୟାଜଳ ନିଷ୍କାସନ**

## ହନ୍ତସନ୍ତ ହେଉଛନ୍ତି ୨୦ଟି ପରିବାର



କୋରେଇ,୨୫।୮(ସଂଚାର ବ୍ୟୁରୋ): କୋରେଇ ନିର୍ବାଚନ ମଣ୍ଡଳୀର ରସୁଲପୁର ବ୍ଲକ ଅନ୍ତର୍ଭୁକ୍ତ ଗନ୍ଧଣ ପଂଚାୟତରେ ଖରସ୍ରୋତା ନଦୀବନ୍ଧ ଭାଙ୍ଗି ସୃଷ୍ଟି ହୋଇଥିବା ବନ୍ୟା ଛାଡ଼ି ଯାଇଛି ସତ କିନ୍ତୁ ଏହି ପଂଚାୟତର ଲୋକଙ୍କୁ ଦେଇଯାଇଛି ଦୁଃଖ। ଏହି ପଂଚାୟତ ଅନ୍ତର୍ଗତ ୱାର୍ଡ ନଂ-୬ ସ୍ଥିତ ଏକତଳା ଗ୍ରାମରେ ଥିବା ପାଖାପାଖି ୨୦ ପରିବାରରର ଘର ଚାରିପାଖରେ ବନ୍ୟାଜଳ ଏବେ ନିଷ୍କାସନ ହୋଇନପାରି ଏଠାକାର ଲୋକଙ୍କୁ କରୁଛି ହନ୍ତସନ୍ତ।

ଏହି ଲୋକ ମାନଙ୍କର ନଳକୂପକୁ ପାଣି ଲାଗି ଯାଉଅଛି, ବୃଦ୍ଧ ବୃଦ୍ଧା ରୋଗଗ୍ରସ୍ତ ହୋଇ ପଡୁଛନ୍ତି, ଘର ଚାରିପାଖରେ ବିଷଧର ସାପ କରୁଛନ୍ତି ଯାତାୟାତ, ପାଇଖାନା ପାଣି, ପଚାପାଣି ନିଷ୍କାସନ ହୋଇ ନପାରିବାରୁ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଥିବା ବେଳେ ଛଣ, କୁଟା, ଗୋଖାଦ୍ୟ ସବୁ ପାଣିରେ ନଷ୍ଟ ହୋଇଯିବା ସହ ଗାଈଗୋରୁ ଗୁଡିକ ଝଡ଼ି ଗଲେଣି । ଏହି ପରିବାର ଗୁଡ଼ିକଙ୍କ ଘର ଚାରିପାଖରେ ଜଳ ରହିଥିବା ଯୋଗୁଁ ଏମାନେ ହା' ହତାଶ ହେଉଥିବାବେଳେ ବ୍ଲକ ପ୍ରଶାସନର ଉଦାସୀନତାକୁ ଦେଖି ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି।

ଏଠାରେ ବସବାସ କରୁଥିବା ପରିବାରର ମଧୁସ୍ମିତା ସିଂ, ଶିଖା ସିଂ, କବିତା ସିଂ, କନକ ସିଂ, ପୂର୍ଣ୍ଣଚନ୍ଦ୍ର ସିଂ, ରେଖା ସିଂ, ନାରାୟଣ ସିଂ, ଆଲୋକ ସିଂ ପ୍ରମୁଖଙ୍କ ସମେତ ଅନ୍ୟ ପରିବାର ବର୍ଗମାନେ ଜିଲ୍ଲା ପ୍ରଶାସନ, କୋରେଇ ବିଧାୟକ ଆକାଶ ଦାସନାୟକ ଓ ବ୍ଲକ ପ୍ରଶାସନକୁ ଏପରି ସମସ୍ୟାର ସମାଧାନ ପାଇଁ ବାଟ ବାହର କରିବା ଲାଗି କରିଛନ୍ତି ନିବେଦନ।

## ବ୍ୟାରେଜର ଭଉଁରି ପାଣିରେ ଜୀବନ ସହ ଖେଳୁଛନ୍ତି ଯୁବପିଢ଼ି

**ମାନୁ ନାହାଁନ୍ତି ଅମାନିଆ ଯୁବ ଗୋଷ୍ଠି**

**ବିପଦପୂର୍ଣ୍ଣ ସ୍ଥାନରେ ମାରୁଛନ୍ତି କୁଦ**



ଆନନ୍ଦପୁର, ୨୫।୮ (ସଂଚାର ବ୍ୟୁରୋ): ଆନନ୍ଦପୁର ବ୍ୟାରେଜରେ ଲାଗିଛି ସତର୍କ ସୂଚନା ବୋର୍ଡ। ନିୟମ ମାନିବାକୁ ସ୍ପଷ୍ଟ ଭାବେ ଦିଆଯାଇଛି ଚେତାବନୀ। ହେଲେ ସତର୍କତା ସତ୍ତ୍ୱେ ବିପଦପୂର୍ଣ୍ଣ ସ୍ଥାନରେ ଯୁବଗୋଷ୍ଠୀଙ୍କ ଗାଧୋଇବାର ଭିଡିଓ ଏବେ ଭାଇରାଲ୍। ତେବେ ପ୍ରଶ୍ନ, ସତର୍କ ସୂଚନା କେବଳ ବୋର୍ଡରେ ସୀମିତ ରହିବ ନା ନିୟମ ଉଲ୍ଲଂଘନ ଉପରେ ହେବ କଡ଼ା ନଜର?

ଆନନ୍ଦପୁର ବ୍ୟାରେଜରେ ବିପଦକୁ ଆମନ୍ତ୍ରଣ ଦେଉଛି ଅସାବଧାନତା। ବ୍ୟାରେଜ ଅଞ୍ଚଳରେ ପ୍ରଶାସନ ଏବଂ ଆନନ୍ଦପୁର ବ୍ୟାରେଜ ଡିଭିଜନ ପକ୍ଷରୁ ସତର୍କ ସୂଚନା ବୋର୍ଡ ଲଗାଯାଇଛି। ବୋର୍ଡରେ ସ୍ପଷ୍ଟ ଭାବେ ଲେଖାଯାଇଛି,କୌଣସି ଅନଧିକୃତ ପ୍ରବେଶ ନାହିଁ, "ପହଁରିବା, ଗାଧୋଇବା କିମ୍ବା ମାଛ ଧରିବା ମନା, "ବିପଦପୂର୍ଣ୍ଣ ଜଳସ୍ତର ଏବଂ ପ୍ରବାହ, "ନଦୀ କୂଳରୁ ଦୂରେଇ ରୁହନ୍ତୁ, "ନିର୍ମିତ ଗଠନ ଢାଞ୍ଚା ଉପରେ ଚଢ଼ନ୍ତୁ ନାହିଁ। ଏତେ ସବୁ ସତର୍କ ସୂଚନା ଥିବା ସତ୍ତ୍ୱେ ମଧ୍ୟ କିଛି ଯୁବକ ବିପଦପୂର୍ଣ୍ଣ ଜଳସ୍ରୋତ ମଧ୍ୟରେ ଗାଧୋଉଥିବା ଦୃଶ୍ୟ ଏବେ ସାମ୍ନାକୁ ଆସିଛି। ଯେଉଁଠି ପାଣିର ସ୍ରୋତ ତୀବ୍ର, ଭଉଁରି ସୃଷ୍ଟି ହେଉଛି ଏବଂ ଜଳସ୍ତର ମଧ୍ୟ ବିପଦପୂର୍ଣ୍ଣ, ସେହି ସ୍ଥାନରେ ଜୀବନକୁ ବାଜି ଲଗାଇ ଏଭଳି ଗାଧୋଇବା ନିଶ୍ଚିତ ଭାବେ ବଡ଼ ବିପଦକୁ ଡାକି ଆଣିପାରେ। ଗୋଟିଏ ମୁହୂର୍ତ୍ତର ଅସାବଧାନତା କାହାର ଜୀବନ ପାଇଁ ଭାରି ପଡ଼ିପାରେ। ତେଣୁ ନିଜ ସୁରକ୍ଷା ସହ ଅନ୍ୟମାନଙ୍କ ସୁରକ୍ଷାକୁ ମଧ୍ୟ ଦୃଷ୍ଟିରେ ରଖି ବ୍ୟାରେଜର ବିପଦପୂର୍ଣ୍ଣ ସ୍ଥାନକୁ ନଯିବା ଏବଂ ପାଣି ଭିତରକୁ ନଓହ୍ଲାଇବା ଜରୁରୀ।

ପ୍ରଶ୍ନ ଉଠୁଛି, ଯେତେବେଳେ ବ୍ୟାରେଜରେ ସ୍ପଷ୍ଟ ଭାବେ ନିୟମ ଓ ସତର୍କ ସୂଚନା ଦିଆଯାଇଛି, ତେବେ ତାହାକୁ ଉଲ୍ଲଂଘନ କରୁଥିବା ଲୋକଙ୍କ ଉପରେ ନଜରଦାରୀ କେତେ ଦୂର? ବଡ଼ ଅଘଟଣ ଘଟିବା ପୂର୍ବରୁ ପ୍ରଶାସନ ଏବଂ ଆନନ୍ଦପୁର ବ୍ୟାରେଜ ଡିଭିଜନ ପକ୍ଷରୁ ଆହୁରି କଡ଼ା ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

## ଯମୁନାପୋଷିରେ ହାତୀ ଆତଙ୍କ

**ଘର ଭାଙ୍ଗି ଧାନ ଖାଇଲା, ଗ୍ରାମବାସୀ ଭୟଭୀତ**



ଯୋଡ଼ା, ୨୫।୮ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ରେଞ୍ଜ ଅଧୀନ ଯୋଡ଼ା ସେକ୍ସନର ଯମୁନାପୋଷି ଗାଁରେ ପୁଣି ଦନ୍ତାହାତୀର ଉପଦ୍ରବ। ରବିବାର ରାତିରେ ଏକ ଦନ୍ତାହାତୀ ଗାଁ ଭିତରକୁ ପଶି ଘର ଭାଙ୍ଗିବା ସହ ଘରେ ଗଚ୍ଛିତ ଧାନ ଖାଇବା ଓ ବିଭିନ୍ନ ସାମଗ୍ରୀ ନଷ୍ଟ କରିଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ରବିବାର ରାତି ପ୍ରାୟ ୮ଟା ସମୟରେ ଖାଦ୍ୟ ଅନ୍ୱେଷଣରେ ଦନ୍ତାହାତୀଟି ଯମୁନାପୋଷି ଗ୍ରାମରେ ପ୍ରବେଶ କରିଥିଲା। ପ୍ରଥମେ ପୋଷି ଜୋଟ ମୁଣ୍ଡାଙ୍କ ଘର ଭାଙ୍ଗି ଭିତରେ ରଖାଯାଇଥିବା ଧାନ ଖାଇବା ସହ ଘରର ବିଭିନ୍ନ ସାମଗ୍ରୀ ନଷ୍ଟ କରିଥିଲା। ଏହାପରେ ହାତୀଟି ସୁବାଷ ମହାନ୍ତ, ବିଦେଶୀ ନାଏକ ଓ ସିନ୍ଧୁ ମୁଣ୍ଡାଙ୍କ ଘର ନିକଟରେ ପହଞ୍ଚି ଘର ଭିତରକୁ ପଶିବାକୁ ଉଦ୍ୟମ କରିବା ଫଳରେ ଘରର ବିଭିନ୍ନ ଅଂଶ କ୍ଷତିଗ୍ରସ୍ତ ହେବା ହୋଇଥିବା ଅଭିଯୋଗ ହୋଇଛି।

ଘଟଣା ସମ୍ପର୍କରେ ଖବର ପାଇ ବନ ବିଭାଗର କର୍ମଚାରୀମାନେ ଗାଁରେ ପହଞ୍ଚି କ୍ଷତିଗ୍ରସ୍ତ ପରିବାରଙ୍କ ସହ ଆଲୋଚନା କରିଥିଲେ। ସରକାରୀ ନିୟମ ଅନୁଯାୟୀ କ୍ଷତିଗ୍ରସ୍ତ ପରିବାରଙ୍କୁ କ୍ଷତିପୂରଣ ଯୋଗାଇଦିଆଯିବ ବୋଲି ବନ ଅଧିକାରୀ ତ୍ରିନାଥ ଜେନା ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ଗାଁ ନିକଟରେ ଦନ୍ତାହାତୀର ବାରମ୍ବାର ଚଳାଚଳ ଯୋଗୁଁ ଗ୍ରାମବାସୀଙ୍କ ଚିନ୍ତା ବଢ଼ିଛି। ହାତୀ ଉପଦ୍ରବ ରୋକିବା ପାଇଁ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ସଂଚାର THE SANCHAR

● ସ୍କୁଟିକୁ ଧକ୍କାଦେଲା ଟ୍ରକ୍

## ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

ତାଳଚେର,୨୫।୮(ସଂଚାର ବ୍ୟୁରୋ): ଅନୁଗୁଳ ଜିଲ୍ଲା ତାଳଚେର ଥାନା ଚାଇଁପାଳ ଓଭର ବ୍ରିଜ ନିକଟରେ ଏକ ଦ୍ରୁତଗାମୀ ଟ୍ରକ ସ୍କୁଟି ଆରୋହୀ ଦମ୍ପତିଙ୍କୁ ଧକ୍କା ଦେଇଛି। ଦୁର୍ଘଟଣାର ଶିକାର ହୋଇଥିବା ମହିଳା ଘଟଣାସ୍ଥଳରେ ସ୍ୱାଙ୍କର ମୃତ୍ୟୁ ଘଟିଛି। ସ୍ୱାମୀ ଗୁରୁତର ହୋଇଛନ୍ତି। ମୃତ ମହିଳା ସାବିତ୍ରୀ ବେହେରା (୪୫)। ସ୍କୁଟି ଆରୋହୀ ଦମ୍ପତି ଭୁବନ ବେହେରା ଓ ସାବିତ୍ରୀଙ୍କ ଘର ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ଅଧୀନ କଂସରା ଗାଁର ବାସିନ୍ଦା। ଭୁବନ ବେହେରା କାମାକ୍ଷାନଗରରେ ପଶୁ ଚିକିତ୍ସାଳୟରେ ସହାୟକ ଭାବେ କାର୍ଯ୍ୟରତ ଅଛନ୍ତି। ଦମ୍ପତି ନାତୁଣୀର ଜନ୍ମଦିନରେ ନିଜ ଗାଁକୁ ଯୋଗଦେବାକୁ ଯାଇ ଫେରୁଥିବା ବେଳେ ଆଜି ଚାଇଁପାଳଠାରେ ଦୁର୍ଘଟଣାର ଶିକାର ହୋଇଥିଲେ। ତାଳଚେରରୁ ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଯାଉଥିବା ବେଳେ ଚାଇଁପାଳଠାରେ ଘଟିଥିବା ଦୁର୍ଘଟଣା। ଘଟଣାସ୍ଥଳରେ ସାବିତ୍ରୀ ବେହେରାଙ୍କ ମୃତ୍ୟୁ ହୋଇଥିବା ବେଳେ ସ୍ୱାମୀ ଭୁବନ ବେହେରା ଆହତ ହୋଇଛନ୍ତି। ତାଳଚେର ପୁଲିସ ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଜବତ କରିବା ସହ ଡ୍ରାଇଭରକୁ ଅଟକ ରଖି ଘଟଣାର ଅଧିକ ତଦନ୍ତ ଜାରି ରଖିଛି। ପୁଲିସ ଶବକୁ ଜବତ କରି ତାଳଚେର ଉପଖଣ୍ଡ ଚିକିତ୍ସାଳୟକୁ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅପରପକ୍ଷରେ ଦୁର୍ଘଟଣା ହେବା ପରେ ଉଭୟ ପାର୍ଶ୍ୱରେ ଶହଶହ ଯାନବାହନ ଅଟକି ରହିଥିଲା। ଅଧିକାରୀମାନେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା।

## ୨ ଗଞ୍ଜେଇ ବେପାରୀଙ୍କୁ ୨୦ ବର୍ଷ ଜେଲ୍‌ଦଣ୍ଡ

ନୂଆପଡ଼ା,୨୫।୮ (ସଂଚାର ବ୍ୟୁରୋ): ଓଡ଼ିଶା-ଛତିଶଗଡ଼ ସୀମାନ୍ତ ଗରିଆବନ୍ଧ ଜିଲ୍ଲା ରାଜିମ ଥାନା ଅଞ୍ଚଳରେ ୨୦୨୪ରେ ଓଡ଼ିଶାର ଦୁଇ ଜଣ ଗଞ୍ଜେଇ ମାଫିଆ ଧରାପଡ଼ିଥିଲେ। ମଙ୍ଗଳବାର ଛତିଶଗଡ଼ର ରାଜିମକୋର୍ଟ ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ



କରିଛି। ଉଭୟଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ପ୍ରତ୍ୟେକଙ୍କୁ ୨୦ ବର୍ଷ ଲେଖାଏଁ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ୨୦୨୪ରେ ରାଜିମ ଥାନାରେ ୩୯୯ ନମ୍ବର କେଶ୍ ରୁଜୁ ହୋଇଥିଲା। ଏନ୍‌ଡିପିଏସ୍ ଧାରା ୨୦(ବି)ରେ ନିଶା ଦ୍ରବ୍ୟ ଚୋରାଚାଲାଣ କରୁଥିବା ମାମଲା ରୁଜୁ ହୋଇଥିଲା। ରାଜିମ ପୁଲିସ ନିର୍ଦ୍ଧାରିତ ସମୟରେ ନିଜର ତଦନ୍ତ ଶେଷ କରି ରାଜିମ କୋର୍ଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲା। ଏଥିରେ ଉଭୟଙ୍କୁ ଆନ୍ତଃରାଜ୍ୟ ନିଶାମାଫିଆ ବୋଲି ଦର୍ଶାଇଥିଲା। ସମସ୍ତ ସାକ୍ଷ୍ୟ, ପ୍ରମାଣ ଓ ସମସ୍ତ ପକ୍ଷର ଯୁକ୍ତି ଶୁଣିବା ପରେ ରାଜିମ କୋର୍ଟ ଓଡ଼ିଶାର ବଲାଙ୍ଗୀର ଜିଲ୍ଲା ଲାଠୋର ଥାନା ହରିଶଙ୍କରରୋଡର ଦେବ ରାଜ ପୁଟେଲ୍ (୪୪ ବର୍ଷ) ଓ ଶେଖର ପୁଟେଲ୍ (୨୨ ବର୍ଷ)ଙ୍କୁ ୨୦ ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡ, ୨ ଲକ୍ଷ ଟଙ୍କା ଆର୍ଥିକ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଅର୍ଥ ଅନାଦେୟରେ ପୁଣି ଗୋଟିଏ ବର୍ଷ ଅତିରିକ୍ତ କାରାଦଣ୍ଡ ଭୋଗିବେ ବୋଲି ରାୟରେ ସ୍ପଷ୍ଟ କରିଛନ୍ତି।

ଥାର୍ କିଣା ଦୁର୍ନୀତିରେ ଭିଜିଲାନ୍ସ ତଦନ୍ତ

## ୫୧ ଗାଡ଼ି କିଣାର ହେବ ପୁଙ୍ଖାନୁପୁଙ୍ଖ ଯାଞ୍ଚ

ଭୁବନେଶ୍ୱର,୨୫।୮ (ସଂଚାର ବ୍ୟୁରୋ): ଥାର୍ ଗାଡ଼ି କିଣାରେ ଅନିୟମିତତା ଅଭିଯୋଗକୁ ନେଇ ଏବେ ଆକ୍ସନ ମୋଡରେ ରାଜ୍ୟ ସରକାର। ମୁଖ୍ୟମନ୍ତ୍ରୀ ଜିରୋ ଟଲେରାନ୍ସ ନୀତି ଆପଣାଇଛନ୍ତି। ଜଙ୍ଗଲ ବିଭାଗରେ ଥାର୍ ଗାଡ଼ି କିଣାରେ ହୋଇଥିବା ଦୁର୍ନୀତି ଅଭିଯୋଗର ଭିଜିଲାନ୍ସ ତଦନ୍ତ କରୁଛି। ଏହାସହ ୮ଟି ଆରସିସିଏଫ ଜୋନରେ ତଦନ୍ତ ଚାଲିଛି। ୫୧ଟି ଥାର୍ ଗାଡ଼ିକୁ ଅଧା ଅଧା କରି କିଣାଯାଇଥିବା ଅଭିଯୋଗର ମଧ୍ୟ ତଦନ୍ତ ହେବ। ତଦନ୍ତ ପରେ ଅନିୟମିତତା ପ୍ରମାଣିତ ହେଲେ ଯେତେ ବଡ଼ ଅଧିକାରୀ ହୋଇଥାନ୍ତୁ, ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ। ସେ କହିଛନ୍ତି, ଜଙ୍ଗଲ ବିଭାଗରେ ସ୍ୱଚ୍ଛତା ଓ ପାରଦର୍ଶିତା ଆଣିବା ସହ ସବୁ କାମ ନିୟମ ଅନୁସାରେ କରିବା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ବିଭାଗର ବିଭିନ୍ନ କାମ ଟେଣ୍ଡର ହିସାବରେ ହେଉଥିବା କହିଛନ୍ତି ମନ୍ତ୍ରୀ। ପୂର୍ବରୁ ଆସିଥିବା ବିଭିନ୍ନ ଅଭିଯୋଗକୁ କିଭଳି ସଠିକ୍ ଓ ଷ୍ଟ୍ରିମଲାଇନ୍ କରାଯିବ ଓ ଠିକ୍ ଭାବେ ତଦନ୍ତ କରାଯିବ, ସେନେଇ ମଧ୍ୟ ବିଭାଗ କାମ କରୁଛି।

## ୬ ଆନ୍ତଃଜିଲ୍ଲା ଚୋର ଗିରଫ

୨ ଲକ୍ଷ ୭୦ ହଜାର ନଗଦ ରାଶି, ୭୨ ଗ୍ରାମ ସୁନା ଜବତ

କେସିଙ୍ଗା,୨୫।୮(ସଂଚାର ବ୍ୟୁରୋ): କଳାହାଣ୍ଡିଜିଲ୍ଲା କେସିଙ୍ଗା ପୁଲିସ ଏକ ଆନ୍ତଃଜିଲ୍ଲା ଚୋର ରାକେଟର ପର୍ଦ୍ଦାଫାସ କରିଛି। ଏଥିସହ ଚୋରୀ କରୁଥିବା ଅଭିଯୋଗରେ ୫ଜଣଙ୍କୁ ଓ ଜଣେ ରିସଭରଙ୍କୁ ଗିରଫ କରିଛି। ଜୁଲାଇ ୨୧ ତାରିଖରେ ଏମାନେ କେସିଙ୍ଗାର ଜଣେ ବ୍ୟବସାୟୀଙ୍କ ଘରୁ ପ୍ରାୟ ୩୦ ଲକ୍ଷ ଟଙ୍କାର ସାମଗ୍ରୀ ଓ ଟଙ୍କା ଲୁଟି ନେଇଥିଲେ। ଘଟଣାର ତଦନ୍ତ କରି କେସିଙ୍ଗା ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଚୋରି ହୋଇଥିବା ୨ ଲକ୍ଷ ୭୦ ହଜାର, ୭୨ ଗ୍ରାମ ସୁନା ଓ ୧୦୩୮ ଗ୍ରାମ ରୁପା ଜବତ କରିଛି। ଏଥିସହିତ ରାୟଗଡ଼ାରୁ କେସିଙ୍ଗାକୁ ଏହି ରାକେଟ ଲମ୍ବିଥିବା ପୁଲିସ ଜାଣିବାକୁ ପାଇଛି। ରାୟଗଡ଼ା ଜିଲ୍ଲାରେ ୧୧ଟି ଘଟଣାରେ ଏମାନଙ୍କ ମଧ୍ୟରୁ ୨ ଜଣ ସଂଶ୍ଲିଷ୍ଟ। ଗିରଫ ଅଭିଯୁକ୍ତମାନେ ହେଉଛନ୍ତି ନରେଶ ତାଣ୍ଡି, ରାୟଗଡ଼ା ଜେକେପୁରର ପ୍ରମି ଶ୍ରୀକାନ୍ତ, ରାହୁଲ ସାମଲ, ତେଜବ ନାଏକ, ହୁକା ଦୁତିଆ ଓ ରବି ଶଙ୍କର ମହାନନ୍ଦିଆ। ଏମାନଙ୍କ ମଧ୍ୟରୁ ୨ ଜଣ ୧୧ ଚୋରିରେ ସାମିଲ ଥିବା ଏସ୍‌ପି ନାଗରାଜ ଦେବରକୁଣ୍ଡା ସୂଚନା ଦେଇଛନ୍ତି। କେସିଙ୍ଗା ହସ୍ପିଟାଲରେ ଲିଫ୍ଟ ମେନ ଭାବରେ କାର୍ଯ୍ୟ କରୁଥିବା ନରେଶ ତାଣ୍ଡି ମୁଖ୍ୟ ଆସାମୀ ବୋଲି ଜଣା ପଡ଼ିଛି।

# ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

'ସୁଭଦ୍ରା' ଯୋଜନାର ପଞ୍ଚମ କିସ୍ତି ନେଇ ଆଲୋଚନା

ଡିବିଟି ଜରିଆରେ ଦିଆଯିବ ୫୧୭୦ କୋଟି



ଭୁବନେଶ୍ୱର,୨୫।୮(ସଂଚାର ବ୍ୟୁରୋ): ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜି ନୂଆଦିଲ୍ଲୀଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। 'ସୁଭଦ୍ରା' ଯୋଜନାର ପଞ୍ଚମ କିସ୍ତି ହିତାଧିକାରୀଙ୍କୁ ପ୍ରଦାନ କରାଯିବା ପୂର୍ବରୁ ଏହି ଗୁରୁତ୍ୱପୂର୍ଣ୍ଣ ସାକ୍ଷାତକାର ଅନୁଷ୍ଠିତ ହୋଇଛି। ଏହି ସାକ୍ଷାତକାର ସମୟରେ, ଆସନ୍ତା ୨୮ (ରାକ୍ଷୀ ପୂର୍ଣ୍ଣିମା) ଅବସରରେ ନୟାଗଡ଼ରୁ ପ୍ରଦାନ କରାଯିବାକୁ ଥିବା 'ସୁଭଦ୍ରା' ଯୋଜନାର ପଞ୍ଚମ କିସ୍ତି ବଣ୍ଟନ ପ୍ରସ୍ତୁତି ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ପଞ୍ଚମ କିସ୍ତି ମାଧ୍ୟମରେ ପ୍ରତ୍ୟେକ ଯୋଗ୍ୟ ମହିଳା ହିତାଧିକାରୀଙ୍କ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ଜରିଆରେ ୫ ହଜାର ଟଙ୍କା ଲେଖାଏଁ ପାଇବେ। ସାମ୍ପ୍ରତିକ ପ୍ରସ୍ତୁତି ଅନୁଯାୟୀ, ମୋଟ ୧,୦୩,୨୬,୧୭୨ ଜଣ ଯୋଗ୍ୟ ମହିଳା ହିତାଧିକାରୀ ଏହି କିସ୍ତି ଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି, ଯାହା ପାଇଁ ମୋଟ ୫,୧୭୦ କୋଟିରୁ ଅଧିକ ଟଙ୍କା ହସ୍ତାନ୍ତର କରାଯିବ। ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ସଠିକ୍ ସମୟରେ ଏବଂ ସୁରୁଖୁରୁରେ ସହାୟତା ରାଶି ପହଞ୍ଚାଇବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ଜଣାଇଥିଲେ। ବିଶେଷ କରି ହିତାଧିକାରୀଙ୍କ ଯାଞ୍ଚ, ଇ-କେୱାଇସି, ଆଧାର-ସଂଯୋଗୀକୃତ ବ୍ୟାଙ୍କ ଆକାଉଣ୍ଟ, ଏନପିସିଆଇ ମ୍ୟାପିଙ୍ଗ୍ ଏବଂ ଅନ୍ୟାନ୍ୟ ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଛି, ଯାହାଦ୍ୱାରା ବିନା କୌଣସି ବିଳମ୍ବରେ ଆର୍ଥିକ ସହାୟତା ପହଞ୍ଚିପାରିବ। ରାଜ୍ୟର ମହିଳାମାନଙ୍କ ଆର୍ଥିକ ସଶକ୍ତିକରଣ ଏବଂ ସାମାଜିକ ଅନ୍ତର୍ଭୁକ୍ତିକରଣକୁ ଆଗେଇ ନେବାରେ ଏହି ପଞ୍ଚମ କିସ୍ତିର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ମଧ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ଜଣାଇଥିଲେ। ସୂଚନାଯୋଗ୍ୟ ଯେ ପ୍ରଧାନମନ୍ତ୍ରୀ ଗତ ୨୦୨୪ ସେପ୍ଟେମ୍ବର ୧୭ରେ ଭୁବନେଶ୍ୱରଠାରେ ଯୁଗାନ୍ତକାରୀ 'ସୁଭଦ୍ରା' ଯୋଜନାର ଶୁଭାରମ୍ଭ କରିଥିଲେ। ଓଡ଼ିଶା ସରକାରଙ୍କ ଏହି ପ୍ରମୁଖ ମହିଳା-କେନ୍ଦ୍ରିକ ଯୋଜନାର ଲକ୍ଷ୍ୟ ହେଉଛି ୫ ବର୍ଷ ମଧ୍ୟରେ ଯୋଗ୍ୟ ମହିଳାମାନଙ୍କୁ ମୋଟ ୫୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବା। ଏହି ରାଶି ବାର୍ଷିକ ୧୦ ହଜାର ଟଙ୍କା ହିସାବରେ ଦୁଇଟି ସମାନ କିସ୍ତିରେ ସିଧାସଳଖ ବ୍ୟାଙ୍କ ଆକାଉଣ୍ଟକୁ ପଠାଯାଉଛି।

## ରାଜ୍ୟପାଳଙ୍କ ଏଡିସି ଭାବେ ଯୋଗଦେଲେ ମାରୁତି ରେଡ୍ଡୀ





ଭୁବନେଶ୍ୱର,୨୫।୮(ସଂଚାର ବ୍ୟୁରୋ): ଆଇପିଏସ ଅଫିସର ଅନୁଗୁ ଶିବା ମାରୁତି ରେଡ୍ଡୀ ମଙ୍ଗଳବାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟିଙ୍କ ଏଡିସି ଭାବେ ଯୋଗ ଦେଇଛନ୍ତି। ଲୋକ ଭବନରେ ଏକ ଔପଚାରିକ ସମାରୋହରେ ରାଜ୍ୟପାଳ ଶ୍ରୀ ରେଡ୍ଡୀଙ୍କୁ ନୂତନ ଦାୟିତ୍ୱରେ ସ୍ୱାଗତ କରିଛନ୍ତି। ଏହି ଅବସରରେ ରାଜ୍ୟପାଳଙ୍କ କମିଶନର ତଥା ଶାସନ ସଚିବ ଡ. ରୂପା ରୋଶନ ସାହୁଙ୍କ ସମେତ ରାଜ୍ୟପାଳଙ୍କ ସଚିବାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ନୂତନ ପଦବୀ ଗ୍ରହଣ କରିବା ପୂର୍ବରୁ ଶ୍ରୀ ରେଡ୍ଡୀ ଜି. ଉଦୟଗିରିର ସବ୍-ଡିଭିଜନାଲ୍ ପୁଲିସ୍ ଅଫିସର୍ (ଏସଡିପିଓ) ଭାବେ କାର୍ଯ୍ୟରତ ଥିଲେ। ପୂର୍ବରୁ ରାଜ୍ୟପାଳଙ୍କ ପୁଲିସ ଏଡିସି ଭାବେ କାର୍ଯ୍ୟରତ ଥିବା ଆଇପିଏସ୍ ଅଧିକାରୀ ଅନନ୍ୟା ଅବସ୍ତିଙ୍କ ସ୍ଥାନରେ ଶ୍ରୀ ରେଡ୍ଡୀ ଯୋଗ ଦେଇଛନ୍ତି।

ଆୟୁଷ୍ମାନ ଯୋଜନାରେ ଅନିୟମିତତା ଅଭିଯୋଗ

## କିମସ୍ ହସ୍ପିଟାଲକୁ କାରଣ ଦର୍ଶାଅ ନୋଟିସ୍





ଭୁବନେଶ୍ୱର, ୨୫।୮ (ସଂଚାର ବ୍ୟୁରୋ): ଆୟୁଷ୍ମାନ ଭାରତ-ଗୋପବନ୍ଧୁ ଜନଆରୋଗ୍ୟ ଯୋଜନାରେ ହେରଫେର ଓ ଅନିୟମିତତା ଅଭିଯୋଗରେ କିମସ୍ ହସ୍ପିଟାଲକୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି ରାଜ୍ୟ ସରକାର। ଆସନ୍ତା ୫ ଦିନ ମଧ୍ୟରେ ସନ୍ତୋଷ ଜନକ ଲିଖିତ ଉତ୍ତର ନଦେଲେ ହସ୍ପିଟାଲ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ରାଜ୍ୟସ୍ତରୀୟ ଟିମ୍ ଦ୍ୱାରା ହସ୍ପିଟାଲର ଯାଞ୍ଚରେ ଏହି ଅନିୟମିତତା ଧରାପଡ଼ିବା ପରେ ରାଜ୍ୟ ହେଲ୍‌ଥ ଆସ୍ୟୁରାନ୍ସ ସୋସାଇଟିର ଯୁଗ୍ମ କାର୍ଯ୍ୟନିର୍ବାହୀ ପ୍ରଶାସନିକ ଅଧିକାରୀ ରତ୍ନାକର ସାହୁ ଆଜି କିମସ ହସ୍ପିଟାଲ ସୁପରିଟେଣ୍ଡେଣ୍ଟଙ୍କୁ ଏହି ନୋଟିସ୍ ଜାରି କରିଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତଥ୍ୟ ଅନୁସାରେ, କିମସ ହସ୍ପିଟାଲକୁ ସରକାରଙ୍କ ରାଜ୍ୟ ସ୍ତରୀୟ ଟିମ୍ ଗସ୍ତ କରି ଆୟୁଷ୍ମାନ ଭାରତ-ଗୋପବନ୍ଧୁ ଜନଆରୋଗ୍ୟ ଯୋଜନାର କାର୍ଯ୍ୟକାରିତା ଯାଞ୍ଚ୍ କରିଥିଲେ। ଏହି ଯାଞ୍ଚ୍ ବେଳେ ମୋଟ ୮ଟି କ୍ଷେତ୍ରରେ ଗୁରୁତର ତ୍ରୁଟି ଓ ବ୍ୟାପକ ଅନିୟମିତତା ପରିଲକ୍ଷିତ ହୋଇଛି। କିମସ ହସ୍ପିଟାଲ ସୁପରିଟେଣ୍ଡେଣ୍ଟଙ୍କୁ ପଠାଇଥିବା ନୋଟିସରେ ଶ୍ରୀ ସାହୁ ମୋଟ୍ ୮ଟି ପ୍ରମୁଖ ତ୍ରୁଟି ସମ୍ପର୍କରେ ଲିଖିତ ଜବାବ ରଖିବାକୁ କହିଛନ୍ତି। ନଚେତ୍ ୫ ଦିନ ପରେ ସରକାର ନିଜ ଆଡୁ କାର୍ଯ୍ୟାନୁଷ୍ଠାନ ନେବେ।

ବହୁଚର୍ଚ୍ଚିତ ପିହୁ ନିଖୋଜ ମାମଲା

## କ୍ରାଇମବ୍ରାଞ୍ଚ ତଦନ୍ତ ଦାବିକଲେ ଯାଜପୁର ସାଂସଦ



ଭୁବନେଶ୍ୱର,୨୫।୮(ସଂଚାର ବ୍ୟୁରୋ): ବହୁଚର୍ଚ୍ଚିତ ତଥା ରହସ୍ୟଘେରା ପିହୁ ନିଖୋଜ ମାମଲାକୁ ଇତି ମଧ୍ୟରେ ୬ ବର୍ଷ ବିତିଯାଇଥିଲେ ସୁଦ୍ଧା ଏଯାଏଁ ତାଙ୍କର କୌଣସି ଖୋଜଖବର ମିଳିପାରିନାହିଁ। ପୁଲିସ ଓ ପ୍ରଶାସନର ନିଷ୍କ୍ରିୟତାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଥିବା ବେଳେ ଏବେ ଏହି ଘଟଣାରେ ହସ୍ତକ୍ଷେପ କରିଛନ୍ତି ନବନିର୍ବାଚିତ ଯାଜପୁର ଲୋକସଭା ସାଂସଦ ରବୀନ୍ଦ୍ର ନାରାୟଣ ବେହେରା। ପିହୁ ନିଖୋଜ ମାମଲାର ସତ୍ୟାସତ୍ୟ ଉନ୍ମୋଚନ ଓ ପରିବାରକୁ ନ୍ୟାୟ ପ୍ରଦାନ ଉଦ୍ଦେଶ୍ୟରେ ସେ ରାଜ୍ୟ ସରକାରଙ୍କୁ ଏହାର କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ଦାବି କରିଛନ୍ତି।

ଗତ ୨୦୨୦ ଅଗଷ୍ଟ ୯ ତାରିଖରେ ଯାଜପୁର ଜିଲ୍ଲା ବିଞ୍ଝାରପୁର ଥାନା ଅନ୍ତର୍ଗତ ମଧୁସୂଦନପୁର ଗ୍ରାମର ଲକ୍ଷ୍ମଣ ନାୟକଙ୍କ ଦୁଇ ବର୍ଷର ଝିଅ ଶୁଭଲକ୍ଷ୍ମୀ ନାୟକ ଓରଫ 'ପିହୁ' ଘର ବାହାରେ ଖେଳୁଥିବା ସମୟରେ ହଠାତ୍ ନିଖୋଜ ହୋଇଯାଇଥିଲେ। ଝିଅକୁ ଫେରିପାଇବା ଆଶାରେ ପିହୁଙ୍କ ମା' ମୋନାଲିସା ନାୟକ ଗତ ୬ ବର୍ଷ ଧରି ଦ୍ୱାର ଦ୍ୱାର ବୁଲୁଛନ୍ତି। ଥାନାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ଅଫିସ୍, ମାନବାଧିକାର କମିଶନ ଓ ରାଜଧାନୀରେ ଧାରଣା ଦେବା ସହ ଗତ ନିର୍ବାଚନକୁ ମଧ୍ୟ ବର୍ଜନ କରିଥିଲେ। ତଥାପି ଏହି ମାମଲାରେ ପୁଲିସ ହାତ ଏପର୍ଯ୍ୟନ୍ତ ଖାଲି ରହିଛି।

ସ୍ଥାନୀୟ ପୁଲିସ ପ୍ରାଥମିକ ପର୍ଯ୍ୟାୟରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିବା ସହ ପିହୁଙ୍କ ସନ୍ଧାନ ଦେଲେ ନଗଦ ଅର୍ଥରାଶି ପୁରସ୍କାର ଘୋଷଣା କରିଥିଲା। କିନ୍ତୁ ତଦନ୍ତ ଆଗେଇ ପାରି ନ ଥିଲା। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶିଶୁ ସୁରକ୍ଷାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଭଳି ସ୍ଥିତିରେ ସାଂସଦ ରବୀନ୍ଦ୍ର ବେହେରା ପିହୁଙ୍କ ପରିବାରର ଦୁଃଖକୁ ହୃଦୟଙ୍ଗମ କରି ଏହି ଘଟଣାକୁ ଗୁରୁତର ସହ ନେଇଛନ୍ତି। ସେ କହିଛନ୍ତି ଯେ ଏକ କୁନି ଝିଅ ଦୀର୍ଘ ବର୍ଷ ଧରି ନିଖୋଜ ରହିବା ଓ ପୁଲିସ ତାକୁ ଖୋଜି ନ ପାଇବା ପ୍ରଶାସନିକ ବିଫଳତାକୁ ଦର୍ଶାଉଛି। ତେଣୁ ଏହି ସମ୍ବେଦନଶୀଳ ମାମଲାର ନିରପେକ୍ଷ ଓ ତ୍ୱରିତ ତଦନ୍ତ ପାଇଁ କ୍ରାଇମ ବ୍ରାଞ୍ଚ ନିୟୋଜିତ ହେବା ଆବଶ୍ୟକ।

## ଦୁର୍ନୀତି ମାମଲାରେ ପୂର୍ବତନ ପିଇଓଙ୍କୁ ୪ ବର୍ଷ ସଶ୍ରମ କାରାଦଣ୍ଡ



ବରଗଡ଼,୨୫।୮ (ସଂଚାର ବ୍ୟୁରୋ): ବରଗଡ଼ ଭିଜିଲାନ୍ସର ସ୍ୱତନ୍ତ୍ର ବିଚାରପତି ପଦମପୁର ବ୍ଲକ ଅଧୀନସ୍ଥ ପୁରେନା ଗ୍ରାମପଞ୍ଚାୟତର ପୂର୍ବତନ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ଛବିଳ ବରିହାଙ୍କୁ ଦୁର୍ନୀତି ମାମଲାରେ ଆଜି ଦୋଷୀ ସାବ୍ୟସ୍ତ କରିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏୱାଇ) ଘରର ତୃତୀୟ କିସ୍ତି ଟଙ୍କା ମଞ୍ଜୁର କରିବା ପାଇଁ ଅଭିଯୋଗକାରୀ ପଦମପୁର ଥାନା ଅଧୀନସ୍ଥ ସତିଭଟା ଗ୍ରାମର ଅର୍ଜୁନ ଲୁହାରଙ୍କଠାରୁ ୭ ହଜାର ଟଙ୍କା ବେଆଇନ ଅର୍ଥ ଦାବି ଓ ଗ୍ରହଣ କରିଥିବା ଅଭିଯୋଗରେ ସମ୍ବଲପୁର ଭିଜିଲାନ୍ସ ଥାନା କେସ୍ ନଂ. ୮୪, ତା. ୨୧.୧୧.୨୦୧୭ ରୁଜୁ ହୋଇଥିଲା। ଏହି ମାମଲାରେ ଛବିଳଙ୍କୁ ୪ ବର୍ଷର ସଶ୍ରମ କାରାଦଣ୍ଡ ଓ ୨୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରାଯାଇଛି। ଏଥିସହ ଜରିମାନା ଟଙ୍କା ଅନାଦେୟ ହେଲେ ତାଙ୍କୁ ଅତିରିକ୍ତ ୩ ମାସ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ତାଙ୍କ ରାୟରେ ଆଦେଶ ଦେଇଛନ୍ତି। ଏହି ମାମଲାରେ ଅଭିଯୁକ୍ତ ପକ୍ଷରୁ ବରଗଡ଼ ଭିଜିଲାନ୍ସର ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ରବି ନାରାୟଣ ଭୋଇ ଓ ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର ଗୌର ମୋହନ ଦାଶ ମାମଲା ପରିଚାଳନା କରିଥିଲେ।

## ପୋଖରୀକୁ ନେଇ ଦୁଇ ଗାଁ ମୁହାଁମୁହିଁ

## ମାରପିଟରେ ୭ ଜଣ ଆହତ

ପୁରୀ,୨୫।୮(ସଂଚାର ବ୍ୟୁରୋ): ପୋଖରୀକୁ ନେଇ ଦୁଇ ଗାଁ ମୁହାଁମୁହିଁ ହୋଇଥିବା ବେଳେ ମାରପିଟରେ ମୋଟ ୭ ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ପୁରୀ ମେଡିକାଲରେ ଭର୍ତ୍ତି କରାଯାଇଛି। ଚନ୍ଦନପୁର ଥାନା ଉତ୍ତରଣ ମଠ ସାହିରେ ଏହାକୁ ନେଇ ଉତ୍ତେଜନା ଦେଖାଦେଇଛି। ଘଟଣାସ୍ଥଳରେ ବ୍ୟାପକ ପୁଲିସ ମୁତୟନ ହୋଇଛନ୍ତି। ଚନ୍ଦନପୁର ଥାନା ଅନ୍ତର୍ଗତ



ଉତ୍ତରଣ ମଠ ସାହିରେ ଗାଁ ପୋଖରୀକୁ କେନ୍ଦ୍ର କରି ଦୁଇ ଗାଁ ମଧ୍ୟରେ ବଡ଼ ଧରଣର ଗଣ୍ଡଗୋଳ ହୋଇଛି। ମାରପିଟ୍‌ରେ ଉଭୟ ପକ୍ଷରୁ ୭ ଜଣ ଆହତ ହୋଇଛନ୍ତି। ଆହତଙ୍କୁ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନାନୁସାରେ, ଉତ୍ତରଣ ମଠ ସାହି ଗାଁ ପୋଖରୀର ବ୍ୟବହାରକୁ ନେଇ ଦୀର୍ଘ ଦିନ ହେଲା ଦୁଇ ଗାଁ ମଧ୍ୟରେ ବିବାଦ ଲାଗି ରହିଥିଲା। ଆଜି ସକାଳେ ଏହା ଉଗ୍ର ରୂପ ନେଇଥିଲା। ପ୍ରଥମେ କଥା କଟାକଟି ହୋଇଥିଲା। ପରେ ପରସ୍ପର ମଧ୍ୟରେ ମାରପିଟ୍ ଆରମ୍ଭ ହୋଇଥିଲା। ପଥର, ଲାଠି, ବାଡ଼ି ଚାଲିଥିବା ମଧ୍ୟ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଘଟଣା ପରେ ଗାଁରେ ଉତ୍ତେଜନା ଦେଖାଦେଇଛି। ଖବର ପାଇ ଚନ୍ଦନପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହ ତଦନ୍ତ କରୁଛି। ଆହତଙ୍କ ଅବସ୍ଥା ସ୍ଥିର ଥିବା ଡାକ୍ତର ସୂଚନା ଦେଇଛନ୍ତି। ଏନେଇ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ବେଳେ ପୁଲିସ ନିଜ ଆଡୁ ତଦନ୍ତ କରୁଛି।

# ଓଡ଼ିଶାରେ ଛତିଶଗଡ଼ ବନ ବିଭାଗର ଚଢ଼ାଉ



ନବରଙ୍ଗପୁର/ରାଇଘର, ୨୫।୮ (ସଂଚାର ବ୍ୟୁରୋ): ଓଡ଼ିଶାରେ ଛତିଶଗଡ଼ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ରାଇଘର ବ୍ଲକ୍ ଯୋଡ଼ିଙ୍ଗା ପଞ୍ଚାୟତର ଦାସପୁର ଡିଏନକେ ଗ୍ରାମରେ ଚଢ଼ାଉ କରି ଛତିଶଗଡ଼ ବନ ବିଭାଗର କର୍ମଚାରୀମାନେ ବିପୁଳ ପରିମାଣର ଶାଗୁଆନ କାଠ ସହ କାଠ ତିଆରି ଆସବାବପତ୍ର ଜବତ କରିଛନ୍ତି। ଉକ୍ତ ଜବତ କାଠ ଓ ଆସବାବପତ୍ରର ଆନୁମାନିକ ମୂଲ୍ୟ ପ୍ରାୟ ୩ ଲକ୍ଷ ଟଙ୍କା ହେବ ବୋଲି ବନ ବିଭାଗ ସୂଚନା ଦେଇଛି। ଘଟଣାରେ ଦୁଇ ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିବା ବେଳେ ଅଭିଯୁକ୍ତମାନେ ଫେରାର୍ ଥିବା ଜଣାପଡ଼ିଛି। ରାଇଘର ବ୍ଲକ୍‌ର ଓଡ଼ିଶା-ଛତିଶଗଡ଼ ସୀମାନ୍ତ ଅଞ୍ଚଳରେ ବେଆଇନ ଶାଗୁଆନ କାଠ କାରବାର ନେଇ ଚଢ଼ାଉ ଜାରି ରହିଛି। ଏହି କ୍ରମରେ ଯୋଡ଼ିଙ୍ଗା ପଞ୍ଚାୟତର ଦାସପୁର ଡିଏନକେ ଗ୍ରାମରେ ଛତିଶଗଡ଼ର ଗାରିଆବନ୍ଦ ବନ ବିଭାଗ ପକ୍ଷରୁ ବଡ଼ ଧରଣର ଚଢ଼ାଉ କରାଯାଇଥିଲା। ସୂଚନାନୁସାରେ, ଛତିଶଗଡ଼ ସୀମାନ୍ତ ଜଙ୍ଗଲରୁ ଶାଗୁଆନ କାଠ ଆଣି ରାଇଘର ଅଞ୍ଚଳରେ ବ୍ୟବସାୟ ହେଉଥିବା ନେଇ ଗାରିଆବନ୍ଦ ବନ ବିଭାଗକୁ ସୂଚନା ମିଳିଥିଲା। ଏହାପରେ ଯୋଜନାବଦ୍ଧ ଭାବେ ଏହି ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ରାଇଘର ବନ ବିଭାଗ ପକ୍ଷରୁ ମଧ୍ୟ ଆବଶ୍ୟକ ସହଯୋଗ ଯୋଗାଇ ଦିଆଯାଇଥିଲା। ଘଟଣାରେ ଦୁଇ ଜଣଙ୍କ ବିରୋଧରେ ମାମଲା ରୁଜୁ ହୋଇଥିବା ବେଳେ ସେମାନେ ଫେରାର୍ ଥିବା ଜଣାପଡ଼ିଛି। ଜବତ କାଠ ଓ ଆସବାବପତ୍ରକୁ ନେଇ ତଦନ୍ତ ସହ ଆଇନଗତ ପ୍ରକ୍ରିୟା ଜାରି ରହିଛି। ତେବେ ଓଡ଼ିଶା ସୀମା ଭିତରେ ବାରମ୍ବାର ଛତିଶଗଡ଼ ବନ ବିଭାଗ ପକ୍ଷରୁ ବେଆଇନ କାଠ କାରବାର ଉପରେ ଚଢ଼ାଉ ହେଉଥିବା ଘଟଣା ରାଇଘର ବନ ବିଭାଗର କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନ ଉଠାଇଛି। ସ୍ଥାନୀୟ ଅଞ୍ଚଳରେ ବେଆଇନ କାଠ କାରବାର ଉପରେ ଓଡ଼ିଶା ବନ ବିଭାଗ କେବେ କଡ଼ା ପଦକ୍ଷେପ ନେଉଛି, ତାହା ଉପରେ ଏବେ ନଜର ରହିଛି।

# ଗିରଫ ହେବେ କଣ୍ଠଶିଳ୍ପୀ ସୌରିନ ଭଟ୍ଟ

ଅନ୍ତରୀଣ ସୁରକ୍ଷା ହଟାଇଲେ ହାଇକୋର୍ଟ



କଟକ,୨୫।୮(ସଂଚାର ବ୍ୟୁରୋ): ଲୋକପ୍ରିୟ ଓଡ଼ିଆ ପ୍ଲେବ୍ୟାକ୍ ସିଙ୍ଗର୍ ସୌରିନ୍ ଭଟ୍ଟଙ୍କ ପାଇଁ ବଢ଼ିଲା ଅଡୁଆ। ତାଙ୍କ ବିରୋଧରେ ଜାରି ହୋଇଥିବା ଜାମିନବିହୀନ ପରୱାନା ଉପରେ ପୂର୍ବରୁ ଲାଗୁ ହୋଇଥିବା ରହିତାଦେଶକୁ ହାଇକୋର୍ଟ ହଟାଇ ଦେଇଛନ୍ତି। ଏଥିସହ ନିମ୍ନ ଅଦାଲତରେ ସୌରିନ କିପରି ହାଜର ହେବେ, ସେନେଇ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ଯୌନ ନିର୍ଯାତନା ମାମଲାରେ ତାଙ୍କର ସମ୍ଭାବ୍ୟ ଗିରଫଦାରୀ ପାଇଁ ପଥ ପରିଷ୍କାର ହୋଇଛି।

ଜଣେ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ କରିବା ଏବଂ ତାଙ୍କଠାରୁ ଲକ୍ଷାଧିକ ଟଙ୍କା ଠକି ନେବା ଭଳି ସଙ୍ଗୀନ ଅଭିଯୋଗ ସୌରିନଙ୍କ ବିରୋଧରେ ରହିଛି। ଏନେଇ କଟକ ମହିଳା ଥାନାରେ ଏତଲା ଦାୟର ହେବା ପରେ ଆଗୁଆ ଜାମିନ ପାଇଁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ତାଙ୍କୁ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଥିଲେ। ଏହାପରେ ସୌରିନ ମହିଳା ଥାନାରେ ଆଉ ହାଜର ହୋଇନଥିଲେ। ପୁଲିସ ବାରମ୍ବାର ଖୋଜି ନ ପାଇବା ପରେ ତାଙ୍କ ପୈତୃକ ଘରେ ଲଟକା ଜାରି କରାଯାଇଥିଲା। ପରେ କ୍ରାଇମବ୍ରାଞ୍ଚ ସହାୟତାରେ ମହିଳା ଥାନା ପୁଲିସ ତାଙ୍କ ବିରୋଧରେ ରେଡ୍ କର୍ଣ୍ଣର ନୋଟିସ୍ ଜାରି କରିଥିଲା।

ଏଥିସହ ୨୦୨୩ ମସିହାରେ ସୌରିନଙ୍କ ବିରୋଧରେ ଜାମିନବିହୀନ ଗିରଫ ପରୱାନା ଜାରି ହୋଇଥିଲା। ଏନବି ଡବ୍ଲୁକୁ ଚ୍ୟାଲେଞ୍ଜ କରି ସୌରିନ ପୁଣିଥରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ଶୁଣାଣି କରି ହାଇକୋର୍ଟ ଏନବିଡବ୍ଲୁ ଉପରେ ରହିତାଦେଶ ଜାରି କରିବା ସହ ନିମ୍ନ ଅଦାଲତରେ ସୌରିନଙ୍କୁ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଗତ ୨୦ ତାରିଖରେ ସୌରିନ ନିମ୍ନ ଅଦାଲତରେ ଆତ୍ମସମର୍ପଣ କରିବାର ଥିଲା। ମାତ୍ର ସେ ଆତ୍ମସମର୍ପଣ କରିନଥିଲେ। ଏହାକୁ ନେଇ ହାଇକୋର୍ଟ କ୍ଷୁବ୍ଧ ହୋଇଛନ୍ତି। ଫଳରେ ସୌରିନଙ୍କ ବିରୋଧରେ ଜାରି ହୋଇଥିବା ଏନବିଡବ୍ଲୁ ଉପରେ ଥିବା ରହିତାଦେଶକୁ ହାଇକୋର୍ଟ ହଟାଇ ଦେଇଛନ୍ତି। ଏଥିସହ ଅଭିଯୁକ୍ତ ସୌରିନ ଭଟ୍ଟଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ନିମ୍ନ ଅଦାଲତକୁ ନିର୍ଦ୍ଦେଶ ଦିଆଯାଇଛି।

ସୁଭଦ୍ରା ପାଦିଲ୍ ଦୁଷ୍କର୍ମ ଓ ହତ୍ୟା ମାମଲା

## ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡାଦେଶ



ଅନୁଗୋଳ, ୨୫।୮ (ସଂଚାର ବ୍ୟୁରୋ): ଅନୁଗୋଳର ବହୁଚର୍ଚ୍ଚିତ ସୁଭଦ୍ରା ପାଦିଲ୍ ଦୁଷ୍କର୍ମ ଓ ହତ୍ୟା ମାମଲାରେ ଫାଷ୍ଟଟ୍ରାକ କୋର୍ଟଙ୍କ ବଡ଼ ରାୟ ଆସିଛି। ଅଭିଯୁକ୍ତ ବିଶୁ ଗୋଛାୟତକୁ ଅଦାଲତ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୧ ଲକ୍ଷ ଟଙ୍କା ଜରିମାନା ଆଦେଶ ମଧ୍ୟ ଫାଷ୍ଟଟ୍ରାକ କୋର୍ଟ ଆଡ଼୍‌ହକ ଅତିରିକ୍ତ ଜିଲ୍ଲା ଜଜ୍ ବିରଞ୍ଚି ନାରାୟଣ ମିଶ୍ର ଦେଇଛନ୍ତି। ଏହି ଘଟଣାରେ ପୁଲିସ ଏଏସଆଇ ରୀତାଞ୍ଜଳି ପ୍ରଧାନଙ୍କ କାର୍ଯ୍ୟରେ ଅବହେଳାକୁ କୋର୍ଟ ଭର୍ତ୍ସନା କରିବା ସହ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଅଭିଯୁକ୍ତ ବିଶୁ ଗୋଛାୟତଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା (ବିଏନଏସ)ର ଧାରା ୬୪(୧) (ଦୁଷ୍କର୍ମ), ୬୬, ୧୦୩(୧) (ହତ୍ୟା) ଏବଂ ୨୩୮(କ) ଅଧୀନରେ ସମସ୍ତ ଅଭିଯୋଗ ପ୍ରମାଣିତ ହୋଇଛି। ସୂଚନା ଥାଉକି, ଅନୁଗୋଳ ପୁଲିସ ପକ୍ଷରୁ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରାଯାଇଥିଲା। କଣିହାଁ ବ୍ଲକ ଲୁଧାଝର ଗାଁର ସୁଭଦ୍ରା ପାଦିଲ (୨୫) ୨୦୨୫ ଏପ୍ରିଲ ୨୬ରେ ଭୁବନେଶ୍ୱରର ଏକ ସଂସ୍ଥାକୁ ଯିବା ପାଇଁ ତାଳଚେର ରୋଡ୍ ଷ୍ଟେସନ ଅଭିମୁଖେ ବାହାରି ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ୨୦୨୫ ଏପ୍ରିଲ ୩୦ରେ କଣିହାଁ ଥାନାରେ ଏତଲା ଦେଇଥିଲେ। ମେ' ୪ରେ ବଅଁରପାଳ ଅନ୍ତର୍ଗତ କୁସୁପାଙ୍ଗୀ ନିକଟସ୍ଥ କ୍ଷେତରୁ ସୁଭଦ୍ରାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର କରାଯାଇଥିଲା।

## ପାରିବାରିକ କଳହରୁ ଝିଅକୁ ମାଡ଼ ମାରି ଜେଲ୍‌ରେ ବାପା

ଭୁବନେଶ୍ୱର,୨୫।୮(ସଂଚାର ବ୍ୟୁରୋ): ପାରିବାରିକ କଳହକୁ କେନ୍ଦ୍ର କରି ଝିଅକୁ ମାଡ଼ ମାରି ଜେଲ୍ ଯାଇଛି ବାପା। ଝିଅକୁ ସୁରକ୍ଷା ଦେଉଥିବା ବାପା ଶେଷରେ ପାଲଟିଗଲା ଆକ୍ରମଣକାରୀ। ବାପା ଆକ୍ରମଣ କରି ଝିଅକୁ ଲହୁଲୁହାଣ କରିଦେଇଛି। ପାରିବାରିକ କଳହକୁ ନେଇ ନାବାଳିକା ଝିଅକୁ କାଠ ଫାଳିଆରେ ବାପା ଜଣଙ୍କ ମରଣାନ୍ତକ ଆକ୍ରମଣ କରିଛି। ମଦ ପିଇ ଆସି ଝିଅକୁ ମାଡ଼ ମାରିବା ସହ ଜୀବନରେ ମାରିଦେବାକୁ ଉଦ୍ୟମ କରିଥିବା ଏହି ବ୍ୟକ୍ତି ଜଣଙ୍କୁ ପୁଲିସ୍ ଗିରଫ କରିଛି। ପାହାଳ ଥାନାଞ୍ଚଳରେ ଘଟିଛି ଏଭଳି ଘଟଣା। ଅଭିଯୁକ୍ତ ପ୍ରକାଶ ଚନ୍ଦ୍ର ଭୋଇ ନିୟମିତ ମଦ ପିଇ ଘରକୁ ଆସି ମା' ଓ ଝିଅଙ୍କୁ ମାଡ଼ ମାରୁଥିଲା। ତେବେ ଗତକାଲି ସେ ସବୁ ସୀମା ଟପିଯାଇଥିଲା। ପାରିବାରିକ କଳହକୁ ନେଇ ଝିଅ ସହ ବଚସା ପରେ କାଠ ଫାଳିଆ ଧରି ତାକୁ ଆକ୍ରମଣ କରିଥିଲା ବାପା। ମୁଣ୍ଡ ଓ ଶରୀରର ବିଭିନ୍ନ ସ୍ଥାନକୁ ମାଡ଼ ମାରି ଝିଅକୁ ଗୁରୁତର ଆହତ କରିଦେଇଥିଲା। ଚିତ୍କାର ଶୁଣି ପଡ଼ୋଶୀମାନେ ସେଠାରେ ପହଞ୍ଚି ଗୁରୁତର ଆହତ ହୋଇଥିବା ନାବାଳିକାଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲେ। ପରେ ମା' ଓ ଝିଅ ପାହାଳ ଥାନାରେ ଏନେଇ ଅଭିଯୋଗ କରିଥିଲେ।

# ବାର୍‌ହା ସହ ଦୁଇ ଘଣ୍ଟା ଲଢ଼ିଲା ନାବାଳକ

ଅଭୂତପୂର୍ବ ସାହସକୁ ନେଇ ଚର୍ଚ୍ଚା



ବାଙ୍କୀ,୨୫।୮(ସଂଚାର ବ୍ୟୁରୋ): ବାଙ୍କୀ ଗୋପାଳପୁର ପଞ୍ଚାୟତରେ ବାର୍‌ହା ଆତଙ୍କରେ ଭୟଭୀତ ଲୋକେ। ମଙ୍ଗଳବାର ସକାଳ ପ୍ରାୟ ସାଢ଼େ ୭ଟା ସମୟରେ ଗୋପାଳପୁର ପଞ୍ଚାୟତର ୧ ନମ୍ବର ୱାର୍ଡ ଗଉଡ଼ ସାହି ନିକଟ ନଦୀକୁଣ୍ଡା ନାଳକୁ ଶୌଚ ପାଇଁ ଯାଇଥିବା ଜଣେ ନାବାଳକଙ୍କୁ ବାର୍‌ହା ଆକ୍ରମଣ କରିଥିଲା। ତେବେ ଏହି ନାବାଳକ ଜଣଙ୍କ ଭୟଭୀତ ନ ହୋଇ ଅଭୂତପୂର୍ବ ସାହସ ଦେଖାଇ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି।

ମିଳିଥିବା ସୂଚନାନୁସାରେ, ସୁଦର୍ଶନ ବେହେରାଙ୍କ ପୁଅ ସୁମନ (୧୩) ନଦୀକୁଣ୍ଡା ନାଳକୁ ଶୌଚ ପାଇଁ ଯାଇଥିବା ସମୟରେ ସେଠାରେ ପୂର୍ବରୁ ଛକି ରହିଥିବା ଉକ୍ତ ବାର୍‌ହାଟି ହଠାତ୍ ତାଙ୍କୁ ଆକ୍ରମଣ କରିଥିଲା। ତେବେ ବାର୍‌ହା ଆକ୍ରମଣରୁ ବର୍ତ୍ତିବା ପାଇଁ ସୁମନ ନାଳ ଭିତରକୁ ଡେଇଁ ପଡ଼ିଥିଲେ। ବାର୍‌ହାଟି ମଧ୍ୟ ପାଣି ଭିତରକୁ ଡେଇଁ ପୁଣିଥରେ ସୁମନ୍‌ଙ୍କୁ ଆକ୍ରମଣ କରିଥିଲା। ନିଜ ଜୀବନ ବଞ୍ଚାଇବା ପାଇଁ ସୁମନ ସାହସର ସହ ବାର୍‌ହା ସହ ଲଢ଼େଇ କରିବା ସହ ବାର୍‌ହାର ବେକକୁ ଜାବୁଡ଼ି ଧରି ତାକୁ କାବୁ କରି ରଖିଥିଲେ। ପ୍ରାୟ ଦୁଇ ଘଣ୍ଟା ଧରି ସୁମନ ଓ ବାର୍‌ହା ମଧ୍ୟରେ ଏହି ସଂଘର୍ଷ ଚାଲିଥିଲା। ଘଟଣା ସମ୍ପର୍କରେ ଖବର ପାଇ ଗାଁଲୋକେ ଓ ସୁମନ୍‌ଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ସୁମନ୍‌ଙ୍କୁ ବାର୍‌ହା କବଳରୁ ଉଦ୍ଧାର କରିଥିଲେ। ଏହାପରେ ତାଙ୍କୁ ଚିକିତ୍ସା ପାଇଁ ବାଙ୍କୀ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ସୁମନ ସୁସ୍ଥ ଥିବା ଜଣାପଡ଼ିଛି। ଏହି ଘଟଣା ପରେ ଗୋପାଳପୁର ଅଞ୍ଚଳରେ ବାର୍‌ହା ଆତଙ୍କ ବଢ଼ିଥିବାରୁ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଏଥିସହ ସ୍ଥାନୀୟ ଅଞ୍ଚଳରେ ସୁମନ୍‌ଙ୍କ ଅପୂର୍ବ ସାହସିକ କାର୍‌ନାମା ମଧ୍ୟ ଚର୍ଚ୍ଚାର ବିଷୟ ହୋଇଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ | Published by Sri Rudra Pratap Das at Plot No.312, Flat No.003, Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar | ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash | ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ଚିନି ପାଇକାରୀ ଦର ୧୫% କମିଲା



ନୂଆଦିଲ୍ଲୀ,୨୫।୮ : ଚିନି ଦରକୁ ନେଇ ଖାଉଟିଙ୍କ ପାଇଁ ଆସିଛି କିଛିଟା ଆଶ୍ୱସ୍ତିର ଖବର। କେନ୍ଦ୍ର ସରକାର ୧୦ ଲକ୍ଷ ଟନ୍ ଅଶୋଧିତ ଚିନିର ଶୁଳ୍କମୁକ୍ତ ଆମଦାନିକୁ ଅନୁମତି ଦେବା ସହ ମହଜୁଦକାରୀଙ୍କ ଉପରେ କଡ଼ା ନଜର ରଖିବା ପରେ ପାଇକାରୀ ବଜାରରେ ଚିନି ଦର ପ୍ରାୟ ୧୫% ହ୍ରାସ ପାଇଛି। ତେବେ ପାଇକାରୀ ଦର କମିଥିଲେ ମଧ୍ୟ ଏହାର ପ୍ରଭାବ ଏପର୍ଯ୍ୟନ୍ତ ଖୁଚୁରା ବଜାରରେ ଦେଖିବାକୁ ମିଳିନାହିଁ। ଗତ ତିନି ଦିନ ମଧ୍ୟରେ କାରଖାନା ଦ୍ୱାର ଦର କ୍ୱିଣ୍ଟାଲ ପିଛା ପ୍ରାୟ ୮୦୦ ଟଙ୍କା କମିଛି। ବର୍ତ୍ତମାନ ପାଇକାରୀ ବଜାରରେ ଚିନି କିଲୋ ପିଛା ପ୍ରାୟ ୬୨ ଟଙ୍କାରେ ବିକ୍ରି ହେଉଛି। ଯଦି ବଜାରକୁ ନୂଆ ଯୋଗାଣ ବୃଦ୍ଧି ପାଇବ ତେବେ ଦର ଆହୁରି ପ୍ରାୟ ୩ ଟଙ୍କା କମିପାରେ ବୋଲି ବ୍ୟବସାୟୀମାନେ ଆଶା କରୁଛନ୍ତି। କେନ୍ଦ୍ର ସରକାରଙ୍କ ଆକଳନ ଅନୁଯାୟୀ, ଦେଶରେ ବର୍ତ୍ତମାନ ପ୍ରାୟ ୩୬ ଲକ୍ଷ ଟନ୍ ଚିନି ମହଜୁଦ ରହିଛି। ଏହା ସହ ୧୦ ଲକ୍ଷ ଟନ୍ ଅଶୋଧିତ ଚିନି ଆମଦାନି ହେଲେ ନୂଆ ଆଖୁ ପେଡ଼ା ଋତୁ ଆରମ୍ଭ ହେବା ପର୍ଯ୍ୟନ୍ତ ଦେଶରେ ଚିନି ଯୋଗାଣ ପର୍ଯ୍ୟାପ୍ତ ରହିବ। ଆସନ୍ତା ଅକ୍ଟୋବର ମଧ୍ୟଭାଗରୁ ଚିନି କଳଗୁଡ଼ିକରେ ନୂଆ କ୍ରସିଂ ଆରମ୍ଭ ହେବାର ଆଶା ରହିଛି। ଏହା ଫଳରେ ଚିନିର ଉପଲବ୍ଧତା ବଢ଼ିବା ସହ ପାର୍ବଣ ଋତୁ ପୂର୍ବରୁ ଦର ଉପରେ ଥିବା ଚାପ କମିବା ସମ୍ଭାବନା ରହିଛି।

ତେବେ ଖୁଚୁରା ବଜାରରେ ଚିତ୍ର ଭିନ୍ନ ରହିଛି। ବର୍ତ୍ତମାନ ଚିନି କିଲୋ ପିଛା ପ୍ରାୟ ୭୫ ଟଙ୍କାରେ ବିକ୍ରି ହେଉଛି। ବ୍ୟବସାୟୀମାନେ ଅଧିକ ଦରରେ କିଣିଥିବା ପୁରୁଣା ମହଜୁଦ ଚିନି ବିକ୍ରି କରୁଥିବାରୁ ଖୁଚୁରା ଦର ତୁରନ୍ତ କମାଇବା ସମ୍ଭବ ହେଉନାହିଁ। ପୁରୁଣା ଷ୍ଟକ୍ ଶେଷ ହେବା ପରେ ନୂଆ ଓ ଶସ୍ତା ଯୋଗାଣ ବଜାରକୁ ଆସିଲେ ଖୁଚୁରା ଦର କମିବ ବୋଲି ବ୍ୟବସାୟୀମାନେ କହିଛନ୍ତି। ଦର ଆହୁରି କମିବ ବୋଲି ଆଶା କରି କିଛି ଖାଉଟି ଏବେ ଏକାଥରକେ ଅଧିକ ଚିନି କିଣିବା ବଦଳରେ କମ୍ ପରିମାଣରେ କିଣୁଥିବା ମଧ୍ୟ ଦେଖାଯାଉଛି।

ଅନ୍ୟପକ୍ଷରେ ଚିନି ଦର ହ୍ରାସ ପାଇବା ପରେଆଖୁଚାଷୀଙ୍କ ଦାବି ମଧ୍ୟ ସାମନାକୁ ଆସିଛି। ୨୦୨୫-୨୬ ଋତୁରେ ସମବାୟ ଚିନି କଳରେ ପେଡ଼ାହୋଇଥିବା ଆଖୁ ପାଇଁ ଟନ୍ ପିଛା ଅତିରିକ୍ତ ୩୦୦ ଟଙ୍କା ପ୍ରଦାନ କରିବାକୁ ସ୍ୱାଭିମାନୀ ଶେତକାରୀ ସଂଗଠନ ଦାବି କରିଛି। ଅଧିକ ଚିନି ଦରରୁ ମିଳିଥିବା ଅତିରିକ୍ତ ଆୟର ଅଂଶ ଚାଷୀଙ୍କୁ ଦେବାକୁ ସଂଗଠନ ଦାବି କରିଛି। ଏହି ପରିସ୍ଥିତିରେ ସରକାରଙ୍କ ପାଇଁ ଖାଉଟିଙ୍କୁ ମହଙ୍ଗା ଚିନିରୁ ରାହାତ ଦେବା ସହ ଆଖୁଚାଷୀ ଓ ଚିନି ଶିଳ୍ପର ସ୍ୱାର୍ଥ ମଧ୍ୟରେ ସନ୍ତୁଳନ ରକ୍ଷା କରିବା ଏକ ବଡ଼ ଚ୍ୟାଲେଞ୍ଜ ହୋଇଛି। ଥୋକ ଦର ହ୍ରାସ କେତେ ଶୀଘ୍ର ଖୁଚୁରା ବଜାରକୁ ପହଞ୍ଚୁଛି, ତାହା ଉପରେ ଖାଉଟିଙ୍କୁ ମିଳିବାକୁ ଥିବା ରାହାତ ନିର୍ଭର କରିବ।

# ବିଟ୍ କଏନ୍ ମୂଲ୍ୟ ୮୦ ହଜାର ଡଲାର ଟପିଲା

ନୂଆଦିଲ୍ଲୀ,୨୫।୮:ବିଶ୍ୱର ସର୍ବବୃହତ କ୍ରିପ୍ଟୋକରେନ୍ସି ବିଟ୍‌କଏନ୍ ମୂଲ୍ୟରେ ପୁଣି ଥରେ ଜୋରଦାର ବୃଦ୍ଧି ଦେଖାଇଛି। ମଙ୍ଗଳବାର ବିଟ୍‌କଏନ୍‌ର ମୂଲ୍ୟ ୮୦,୦୦୦ ଡଲାର ଅତିକ୍ରମ କରିଛି। ମେ' ମାସ ମଧ୍ୟଭାଗ ପରେ ପ୍ରଥମ ଥର ପାଇଁ ଏହାର ମୂଲ୍ୟ ଏହି ସ୍ତରକୁ ଆସିଛି। ଅଗଷ୍ଟ ମାସରେ ଏପର୍ଯ୍ୟନ୍ତ ବିଟ୍‌କଏନ୍ ମୂଲ୍ୟ ପ୍ରାୟ ୨୮% ବଢ଼ିଛି। ୨୦୨୪ ନଭେମ୍ବର ପରେ ପ୍ରଥମ ଥର ପାଇଁ କୌଣସି ମାସରେ ବିଟ୍‌କଏନ୍ ଦରରେ ଏଭଳି ବୃଦ୍ଧି ଦେଖିବାକୁ ମିଳିଛି। ବଜାର ବିଶ୍ଳେଷକଙ୍କ ଅନୁଯାୟୀ, ଆମେରିକୀୟ ଡଲାର ଦୁର୍ବଳ ହେବା ବିଟ୍‌କଏନ୍‌ର ଏହି ବୃଦ୍ଧିର ଏକ ପ୍ରମୁଖ କାରଣ। ଡଲାରର କ୍ରୟକ୍ଷମତା ନେଇ ଚିନ୍ତା ବଢ଼ିବା ସହ ନିବେଶକମାନେ ବିକଳ୍ପ ସମ୍ପତ୍ତି ଭାବେ ବିଟ୍‌କଏନ୍ ଓ ସୁନା ଭଳି ସମ୍ପତ୍ତିରେ ନିବେଶ ବଢ଼ାଉଛନ୍ତି। ଆମେରିକାର ଟ୍ରେଜେରି ବିଭାଗର ଦୀର୍ଘମିଆଦୀ ବଣ୍ଡ୍ ବାଏବ୍ୟାକ୍ ଯୋଜନା ମଧ ବଜାରରେ ଚର୍ଚ୍ଚାର କେନ୍ଦ୍ରରେ ରହିଛି। ଦୀର୍ଘମିଆଦୀ ବଣ୍ଡ୍‌ର ୟିଲ୍ଡ ବୃଦ୍ଧିକୁ ନିୟନ୍ତ୍ରଣ କରିବା ଉଦ୍ୟମ ଡଲାର ଉପରେ ଚାପ ସୃଷ୍ଟି କରିଛି। ଏହାର ପ୍ରଭାବରେ ବିଟ୍‌କଏନ୍ ଭଳି ଡିଜିଟାଲ୍ ସମ୍ପତ୍ତି ପ୍ରତି ଆକର୍ଷଣ ବଢ଼ିଛି। ଏହା ସହ ଆମେରିକାରେ କ୍ରିପ୍ଟୋକରେନ୍ସି ପାଇଁ ଅଧିକ ସ୍ପଷ୍ଟ ନିୟମ ଆସିବା ନେଇ ଆଶା ମଧ ନିବେଶକଙ୍କ ମନୋଭାବକୁ ସୁଦୃଢ଼ କରିଛି। ଟ୍ରମ୍ପ ପ୍ରଶାସନ ପକ୍ଷରୁ କ୍ରିପ୍ଟୋ ଶିଳ୍ପ ପାଇଁ ସ୍ପଷ୍ଟ ନିୟମ ଆଣିବା ଉପରେ ଜୋର ଦିଆଯାଉଥିବାରୁ ବଜାରରେ ଆଶାବାଦୀ ହୋଇଛି।



# ଲଞ୍ଚ ହେଲା ସୁଜୁକିର ଇଲେକ୍ଟ୍ରିକ୍ କାର୍ 'ଇ-ସ୍କାଏ'

ଟୋକିଓ,୨୫।୮ : ଇଲେକ୍ଟ୍ରିକ୍ ଗାଡ଼ି ବଜାରରେ ଏବେ ଛୋଟ ଓ ସହରରେ ସହଜରେ ଚାଲିପାରୁଥିବା କାର୍‌ଗୁଡ଼ିକର ଚାହିଦା ବଢ଼ିବାରେ ଲାଗିଛି। ଏହି କ୍ରମରେ ସୁଜୁକି ଜାପାନରେ ତାହାର ନୂଆ କମ୍ପାକ୍ଟ ଇଲେକ୍ଟ୍ରିକ୍ କାର୍ 'ଇ-ସ୍କାଏ' ଲଞ୍ଚ କରିଛି। ସୁଜୁକି 'ଇ-ସ୍କାଏ'ର ଆକାର ପ୍ରାୟ ଟାଟା ନାନୋ ଭଳି ଛୋଟ। ଏହାର ଟର୍ନିଂ ରେଡିଅସ୍ ମାତ୍ର ୪.୪ ମିଟର ହୋଇଥିବାରୁ ସହରର ଭିଡ଼ ରାସ୍ତା, ସଂକୀର୍ଣ୍ଣ ଗଳି ଏବଂ ଟ୍ରାଫିକ୍‌ରେ ଏହାକୁ ଚଲାଇବା ଓ ପାର୍କିଂ କରିବା ବହୁତ ସହଜ ହେବ। କମ୍ପାନୀ ଦାବି କରିଛି ଯେ ଏହି ଛୋଟ କାର୍‌ଟି ଥରେ ଫୁଲ୍ ଚାର୍ଜ ହେଲେ ୩୧୦ କିଲୋମିଟର ପର୍ଯ୍ୟନ୍ତ ଚାଲିପାରିବ। ଏଥିରେ ଏକ ହାଇ-ଏଫିସିଏନ୍ସି ଇଲେକ୍ଟ୍ରିକ୍ ମୋଟର ଏବଂ 'ଡାଇରେକ୍ଟ ହିଟ୍-ପମ୍ପ' ସିଷ୍ଟମ୍ ଦିଆଯାଇଛି, ଯାହା ଶୀତଦିନେ ବ୍ୟାଟେରୀ ଖର୍ଚ୍ଚ କମ୍ କରି ରେଞ୍ଜ୍ ବଜାୟ ରଖିବାରେ ସାହାଯ୍ୟ କରେ। 'ଇ-ସ୍କାଏ'ର ଅନ୍ୟତମ ବଡ଼ ବିଶେଷତା ହେଉଛି V2L ଫିଚର। ଅର୍ଥାତ୍ ଏହି କାର୍‌ର ବ୍ୟାଟେରୀରୁ ଅନ୍ୟ ଇଲେକ୍ଟ୍ରୋନିକ୍ସ ଉପକରଣ (ଯେପରିକି ଲ୍ୟାପଟପ୍, ଇଣ୍ଡକ୍ସନ୍ ଚୁଲା, ୱାଟର ହିଟର)କୁ ବିଦ୍ୟୁତ୍ ଯୋଗାଇ ଦିଆଯାଇପାରିବ। ବିଜୁଳି ନଥିବା ସମୟରେ ଏହା ଏକ ଏମର୍ଜେନ୍ସି ପାୱାର ସୋର୍ସ ଭାବେ ମଧ୍ୟ କାମ କରିବ। ସୁଜୁକିର ସୂଚନା ଅନୁଯାୟୀ, 'ଇ-ସ୍କାଏ' ମାର୍ଚ୍ଚ ୨୦୨୭ ସୁଦ୍ଧା ଜାପାନ ବଜାରରେ ବିକ୍ରି ପାଇଁ ଉପଲବ୍ଧ ହେବ। କମ୍ପାନୀଏହାର ମୂଲ୍ୟ ଘୋଷଣା କରିନଥିଲେ ମଧ୍ୟ ଏହାକୁ ଶସ୍ତା ରଖିବାକୁ ଲକ୍ଷ୍ୟ ରଖିଛି। ଭାରତୀୟ ବଜାରରେ ଏହା ଲଞ୍ଚ୍ ହେବ କି ନାହିଁ, ସେ ନେଇ କମ୍ପାନୀ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ସୂଚନା ଦିଆଯାଇ ନାହିଁ।




# 'ଛୋଟ ବୟସରୁ ସଞ୍ଚୟ-ନିବେଶ ନେଇ ଅଭ୍ୟାସ କଲେ ଭବିଷ୍ୟତରେ କୋଟିପତି ସ୍ୱପ୍ନ ସାକାର ହେବ'

ନୂଆଦିଲ୍ଲୀ,୨୫।୮ : ଆମେରିକାରେ ଅବସ୍ଥାପିତ ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଲେଖିକା, ମିଡିଆ ଉଦ୍ୟୋଗୀ ଏବଂ ୱାର୍ଲଡ଼୍ ଓମ୍ୟାନ ଫାଉଣ୍ଡେସନ (ଡବ୍ଲୁଡବ୍ଲୁଏଫ)ର ସିଇଓ ରୂପା ଦାଶ ସମ୍ପ୍ରତି ନୂଆଦିଲ୍ଲୀର କାଲକା ପବ୍ଲିକ ସ୍କୁଲଠାରେ ବାଳିକାମାନଙ୍କର ଆର୍ଥିକ ସ୍ୱାଧୀନତା ଉପରେ ଏକ କର୍ମଶାଳା ଆୟୋଜନ କରିଛନ୍ତି। ଏହି ପ୍ରୟାସ ଭାରତର ୮୦ ବର୍ଷର ସ୍ୱାଧୀନତା ଉତ୍ସବ ଅବସରରେ ଦେଶର ୮ କୋଟି କିଶୋରୀଙ୍କର ଆର୍ଥିକ ସ୍ୱାଧୀନତା ଓ ମାଲିକାନା ଅଧିକାରକୁ ସୁନିଶ୍ଚିତ କରିବା ନେଇ ୱାର୍ଲଡ଼୍ ଓମ୍ୟାନ ଫାଉଣ୍ଡେସନ ତରଫରୁ ଆରମ୍ଭ କରାଯାଇଥିବା ମହାଅଭିଯାନର ଏକ ଅଂଶ ବିଶେଷ ଥିଲା। ଏଠାରେ ଟଙ୍କାର ଅସଲ କରାମତି ଉପରେ ପରଦାଫାସ କରିବା ,କିଶୋରୀମାନଙ୍କର ଅର୍ଥନୈତିକ ଦୃଷ୍ଟିକୋଣକୁ ସହଜ ସାଧ୍ୟ କରିବା ଏବଂ ସେମାନଙ୍କୁ ଆର୍ଥିକ ସ୍ୱାଧୀନତା ହାସଲ କରିବା ପାଇଁ ବ୍ୟବହାରିକ ଦକ୍ଷତା ପ୍ରଦାନ କରିବା ଉପରେ ଆଲୋଚନା ହୋଇଥିଲା। 'କିପ୍ ଇଟ୍ ଗ୍ରୋ ଇଟ୍' ଶୀର୍ଷକ ଏହି ଏକ ଘଣ୍ଟାବ୍ୟାପୀ ମତାମତ ଆଦାନ ପ୍ରଦାନ ଅଧିବେଶନ ନବମ ଓ ଦଶମ ଶ୍ରେଣୀର ଛାତ୍ରୀମାନଙ୍କ ପାଇଁ ଉଦ୍ଦିଷ୍ଟ ଥିଲା।

କର୍ମଶାଳାରେ ଉପହାର, ପକେଟ ଖର୍ଚ୍ଚ, ଛାତ୍ରବୃତ୍ତି ଓ ପୁରସ୍କାର ଭାବେ ମିଳୁଥିବା ଛୋଟ ଛୋଟ ରାଶିକୁ ସଞ୍ଚୟ ଓ ନିବେଶ କରିବା ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା। ଡବ୍ଲୁଡବ୍ଲୁଏଫ'ର ଯୁବ ଶାଖାର ବିଶ୍ୱ ମୁଖ୍ୟ ଏବଂ 'କିପ୍ ଇଟ୍ ଗ୍ରୋ ଇଟ୍' ଉଦ୍ୟମର ସଂସ୍ଥାପିକା ଓ ସୃଜନଶୀଳ ନିର୍ଦ୍ଦେଶିକା ଆୟାତୀ ଦାଶ କର କର୍ମଶାଳାର ସହ-ପରିଚାଳକ ଥିଲେ।

ଚକ୍ରବୃଦ୍ଧି ଶକ୍ତିର ବ୍ୟବହାର କରି ସାମାନ୍ୟ ସଞ୍ଚୟକୁ ମଧ୍ୟ ନିୟମିତ ଭାବେ ନିବେଶ କରାଗଲେ ଏହା କିଭଳି ସମୟକ୍ରମେ ବୃହତ ଆର୍ଥିକ ସମ୍ପତ୍ତିରେ ପରିଣତ ହୋଇପାରେ ତାହା କର୍ମଶାଳାରେ ଦର୍ଶାଯାଇଥିଲା। ଆର୍ଥିକ ଆତ୍ମବିଶ୍ୱାସ କିପରି ଉତ୍ତମ ଶିକ୍ଷାର ସୁଯୋଗ, ସଠିକ କ୍ୟାରିଅର






ପସନ୍ଦ ଉପଲବ୍ଧ , ଉତ୍ପାଦକ ଉଦ୍ୟୋଗିତା ର ଅବସର ଓ ଦୀର୍ଘକାଳୀନ ଆର୍ଥିକ ସୁରକ୍ଷା ପ୍ରଦାନ କରିପାରେ, ସେସମ୍ପର୍କରେ ଛାତ୍ରୀମାନେ ବିସ୍ତୃତ ଭାବେ ଚର୍ଚ୍ଚା କରିଥିଲେ। କର୍ମଶାଳାକୁ ସମ୍ବୋଧନ କରି ଆୟାତୀ ଦାଶ କର ବାସ୍ତବ ଜୀବନର ବହୁ ପ୍ରକୃଷ୍ଟ ଦୃଷ୍ଟାନ୍ତ ଓ ଆକର୍ଷଣୀୟ ଉଦାହରଣମାନ ଦର୍ଶାଇ ଛାତ୍ରୀମାନଙ୍କୁ ପ୍ରେରିତ କରିଥିଲେ। ଜୀବନ ଧାରଣକୁ ସଶକ୍ତ ଓ ସହଜ କରିବା ପାଇଁ ସଞ୍ଚୟ, ନିବେଶ ଓ ଆର୍ଥିକ ଯୋଜନାକୁ ପ୍ରାଥମିକତା ପ୍ରଦାନ କରାଯିବାକୁ ସୁଶ୍ରୀ କର ମତ ପ୍ରକାଶ କରିଥିଲେ। ନିଜେ ଜଣେ ଯୁବ ଉଦ୍ୟୋଗୀ ଓ ସୃଜନଶୀଳ ପ୍ରତିଭା ଭାବରେ ପ୍ରତିଷ୍ଠିତ ହୋଇଥିବାର ପୃଷ୍ଠଭୂମି କୁ ସୂଚାଇ ସେ ବାଳିକା ମାନଙ୍କୁ ଆର୍ଥିକ ଭାବେ ସ୍ୱାଧୀନ ଓ ଭବିଷ୍ୟତରେ ନେତୃତ୍ୱ ନେବା ପାଇଁ ଆବଶ୍ୟକୀୟ ଆତ୍ମବିଶ୍ୱାସ ଓ ଶୃଙ୍ଖଳା ବିକାଶ କରିବାକୁ ଉତ୍ସାହିତ କରିଥିଲେ। ଆର୍ଥିକ ସାକ୍ଷରତା ଉପରେ ଗୁରୁତ୍ୱ ଦେଇ ସୁଶ୍ରୀ କର ଭାରତର ପାରିବାରିକ ସଞ୍ଚୟ ଦେଶର ସର୍ବଶ୍ରେଷ୍ଠ ଆର୍ଥିକ ସମ୍ବଳ ମଧ୍ୟରୁ ଅନ୍ୟତମ ଏବଂ ଏହା ଜାତୀୟ ଜିଡିପିର ପ୍ରାୟ ୩୦ ଶତାଂଶ ଭୁକ୍ତ କରିଥାଏ ବୋଲି ଉଲ୍ଲେଖ କରିଥିଲେ। ଭାରତରେ ୨୫ କୋଟିରୁ ଅଧିକ କିଶୋରୀ ଥିବାରୁ ଛୋଟ ବୟସରୁ ସଞ୍ଚୟ ଓ ନିବେଶ ନେଇ ଅଭ୍ୟାସ ସୃଷ୍ଟି କରିବା ଦ୍ୱାରା ଭବିଷ୍ୟତରେ କୋଟିପତି ବନିବାର ସ୍ୱପ୍ନ ସାକାର ହେବା, ଘରୋଇ ନିବେଶ ମଜବୁତ ବନିବା ଏବଂ ଆର୍ଥିକ ଦୁର୍ବଳତା ହ୍ରାସ ପାଇବା ସାଙ୍ଗକୁ ୨୦୪୭ ସୁଦ୍ଧା ଭାରତକୁ ବିକଶିତ ଅର୍ଥନୀତିରେ ପରିଣତ କରିବାର ଯାତ୍ରାକୁ ତ୍ୱରାନ୍ୱିତ କରାଯାଇପାରିବ ବୋଲି ସେ ଦମ୍ଭ ପ୍ରକାଶ କରିଥିଲେ। ସପ୍ତାହକୁ ମାତ୍ର ୨୦ରୁ୫୦ ଟଙ୍କା ସଞ୍ଚୟ କଲେ ମଧ୍ୟ ଜୀବନଭରୀ ଆର୍ଥିକ ସ୍ୱଚ୍ଛଳତା ସୃଷ୍ଟି ହେବା ଏବଂ ଏକ ସ୍ୱାବଲମ୍ବୀ ମହିଳା ପିଢ଼ିର ଅଭ୍ୟୁଦୟ ଘଟିବା ସମ୍ଭବପର ହୋଇ ପାରିବା ନେଇ ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ । କର୍ମଶାଳାକୁ ଛାତ୍ରୀ, ଶିକ୍ଷକ, ଶିକ୍ଷୟତ୍ରୀ ଓ ବିଦ୍ୟାଳୟର ପରିଚାଳନା କର୍ତ୍ତୃପକ୍ଷ ବେଶ ପସନ୍ଦ କରିଥିଲେ।ପ୍ରାୟ ୫୦୦ ଛାତ୍ରୀ ଏହି ଘନିଷ୍ଠ ମତ ଆଦାନ ପ୍ରଦାନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଭିନ୍ନଧର୍ମୀ ଏବଂ ଉଦ୍ଭାବନୀ କର୍ମଶାଳାର ଆୟୋଜକଙ୍କ ମଧ୍ୟରେ ପ୍ଲାଙ୍କ ଏକାଡେମୀର ନିର୍ଦ୍ଦେଶିକା ତପସ୍ୱିନୀ ନାୟକ, ପ୍ରିନ୍ସିପାଲ ଡଃ ଅଞ୍ଜୁ ମେହରୋତ୍ରା ଏବଂ ସଂଯୋଜିକା କାଞ୍ଚନ ୱାଲୀ ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ।



## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୬୩,୯୭୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୫୦,୩୦୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୬୩,୯୭୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୫୦,୩୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୬୩,୯୭୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୫୦,୩୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୬୪,୧୨୦ ଟଙ୍କା ଓ ୨୨ କ୍ୟାରଟେ ୧,୫୦,୪୫୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୬୩,୯୭୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୫୦,୩୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୬୩,୯୭୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୫୦,୩୦୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୬୦,୦୦୦ ଟଙ୍କା ହୋଇଛି ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦରରେ ସାମାନ୍ୟ ପରିବର୍ତ୍ତନ ହୋଇଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୧୦.୫୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୨.୨୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩.୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୭ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୭୧ ପଇସା ରହିଛି । ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ ।

# ନିର୍ଦ୍ଧାରିତ ସମୟ ପୂର୍ବରୁ ବନ୍ଦ ହେଉଛି ସ୍ୱାସ୍ଥ୍ୟ କେନ୍ଦ୍ର

## ଚିକିତ୍ସା ନ ପାଇ ନିରାଶରେ ଫେରୁଛନ୍ତି ଲୋକେ




ରାଜକନିକା,୨୫।୮ (ସଂଚାର ବ୍ୟୁରୋ): ସରକାର ଗାଁ ଲୋକଙ୍କ ସ୍ୱାସ୍ଥ୍ୟ ସେବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି, ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ନାମ ଦେଉଛନ୍ତି, କିନ୍ତୁ ମାଟିରେ ସ୍ଥିତି ଭିନ୍ନ। କେନ୍ଦ୍ରାପଡା ଜିଲ୍ଲା ରାଜକନିକା ବ୍ଲକ ଆୟତନ ସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ଆୟୁଷମାନ ଆରୋଗ୍ୟ ସେଣ୍ଟର)ନିର୍ଦ୍ଧାରିତ ସମୟ ପୂର୍ବରୁ ବନ୍ଦ ହୋଇଯାଉଥିବା ଅଭିଯୋଗ ହୋଇଛି। ଜିପିଏସ ଫଟୋରେ ସତ ସାମ୍ନାକୁ ଆସିଛି।

ଆଜି ଅପରାହ୍ଣ ୩.୫୮ ମିନିଟ୍ ସମୟରେ ନିଆଯାଇଥିବା ଜିପିଏସ ମ୍ୟାପ କ୍ୟାମେରା ଫଟୋରେ ଦେଖାଯାଉଛି ଯେ ଆୟତନ ଆରୋଗ୍ୟ ମନ୍ଦିରର ନୀଳ ରଙ୍ଗର ଦୁଇ ପାଲ୍ଲା କବାଟରେ ତାଲା ଝୁଲୁଛି। ଯଦିଓ ଏହି କେନ୍ଦ୍ର ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଖୋଲା ରହିବା କଥା, କିନ୍ତୁ ୪ଟା ବାଜିବା ଆଗରୁ ହିଁ କେନ୍ଦ୍ର ବନ୍ଦ ହୋଇଯାଇଛି। ଫଳରେ ଦୂର ଦୂରାନ୍ତରୁ ଔଷଧ ଓ ଚିକିତ୍ସା ପାଇଁ ଆସିଥିବା ରୋଗୀମାନେ ନିରାଶ ହୋଇ ଫେରିବାକୁ ପଡୁଛି।

ସ୍ଥାନୀୟ ଲୋକେ କୁହନ୍ତି, "ଆୟତନ ଆୟୁଷମାନ ଆରୋଗ୍ୟ କେନ୍ଦ୍ର ପ୍ରାୟ ସମୟ ବନ୍ଦ ରହୁଛି। ଡାକ୍ତର, ନର୍ସ କେହି ସମୟରେ ଆସୁନାହାନ୍ତି। ସରକାର ୫ଟା ପର୍ଯ୍ୟନ୍ତ ଖୋଲା ରଖିବାକୁ ନିୟମ କରିଛନ୍ତି କିନ୍ତୁ ଏଠି ୩ଟା ବେଳକୁ ତାଲା ପଡିଯାଉଛି। ଆମେ ଗରିବ ଲୋକ କୁଆଡେ ଯିବୁ?"ବର୍ଷା ଓ ବନ୍ୟା ସମୟରେ ଜ୍ୱର, ଝାଡା, ଚର୍ମ ରୋଗ ବଢୁଥିବା ବେଳେ ଏଭଳି ସ୍ୱାସ୍ଥ୍ୟ କେନ୍ଦ୍ର ବନ୍ଦ ରହିବା ଚିନ୍ତାର ବିଷୟ।

ଏ ନେଇ ସ୍ଥାନୀୟ ବୁଦ୍ଧିଜୀବୀମାନେ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଏବଂ ରାଜକନିକା ବ୍ଲକ ସ୍ୱାସ୍ଥ୍ୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ । ତୁରନ୍ତ କେନ୍ଦ୍ରକୁ ନିୟମିତ ସମୟରେ ଖୋଲା ରଖିବା ଓ କର୍ତ୍ତବ୍ୟରେ ଅବହେଳା କରୁଥିବା କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଛନ୍ତି।

### ପୁରୁଣା କଏନ୍ ଦେଲେ ମିଳିବ ୩୩ ଲକ୍ଷ!

## ସାଇବର ଠକଙ୍କ ଫାନ୍ଦରେ ଦମ୍ପତି, ଲୋଭ ଦେଖାଇ ନେଇଗଲେ ଟଙ୍କା




ଆନନ୍ଦପୁର, ୨୫।୮ (ସଂଚାର ବ୍ୟୁରୋ) ସାଇବର ଠକଙ୍କ ଜାଲରେ ପଡ଼ି ଅଳ୍ପକେ ବର୍ତ୍ତିଲେ ଦମ୍ପତି। ପୁରୁଣା କଏନ୍ ଦେଲେ ମିଳିବ ୩୩ ଲକ୍ଷ ଟଙ୍କା, ଏଭଳି ଲୋଭ ଦେଖାଇ ପ୍ରଥମେ ୯୫୦ ଟଙ୍କା ନେଇଥିଲେ ସାଇବର ଠକ। ପରେ ଆଉ ୧୨ ହଜାର ଟଙ୍କା ଦାବି କରିବାରୁ ସନ୍ଦେହ ହୋଇଥିଲା। ଶେଷରେ ସାଇବର ହେଲ୍ପଲାଇନ୍ ୧୯୩୦କୁ ଫୋନ୍ କରିବା ସହ ରାମଚନ୍ଦ୍ରପୁର ଥାନାର ଦ୍ୱାରସ୍ଥ ହୋଇଛନ୍ତି ଦମ୍ପତି। କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ବାଟୋ ପଞ୍ଚାୟତର ଘଟଣା। ୟୁଟ୍ୟୁବ୍‌ରେ ପୁରୁଣା କଏନ୍ ବିକ୍ରି କରି ଲକ୍ଷାଧିକ ଟଙ୍କା ପାଇବା ନେଇ ଏକ ଭିଡିଓ ଦେଖିଥିଲେ ଜଣେ ବ୍ୟକ୍ତି। ଭିଡିଓରେ ଦିଆଯାଇଥିବା ନମ୍ବରରେ ଯୋଗାଯୋଗ କରିବା ପରେ ଠକମାନେ ତାଙ୍କୁ ବିଭିନ୍ନ ପ୍ରକାରର ପ୍ରଲୋଭନ ଦେଖାଇଥିଲେ। ଏହି ଫାନ୍ଦରେ ପଡ଼ି ସେମାନେ ପଠାଯାଇଥିବା ସ୍କାନର ମାଧ୍ୟମରେ ୯୫୦ ଟଙ୍କା ପଠାଇ ଦେଇଥିଲେ। କିଛି ଘଣ୍ଟା ପରେ ପୁଣି ଆସିଥିଲା ଫୋନ୍। ଠକ କହିଥିଲେ, ୩୩ ଲକ୍ଷ ଟଙ୍କା ପ୍ରସ୍ତୁତ ହୋଇସାରିଛି ଏବଂ ସେମାନେ ଭୁବନେଶ୍ୱର ବିମାନବନ୍ଦରରେ ଅଛନ୍ତି। ଟଙ୍କା ପାଇବା ପାଇଁ ତୁରନ୍ତ ଆଉ ୧୨ ହଜାର ଟଙ୍କା ପଠାଇବାକୁ କହିଥିଲେ। ତେବେ ଏଠାରେ ସନ୍ଦେହ ହୋଇଥିଲା ଦମ୍ପତିଙ୍କର। ଆଉ ଟଙ୍କା ନପଠାଇ ତୁରନ୍ତ ସାଇବର ଅପରାଧ ହେଲ୍ପଲାଇନ୍ ୧୯୩୦କୁ ଫୋନ୍ କରିଥିଲେ। ଏହାସହ ରାମଚନ୍ଦ୍ରପୁର ଥାନାରେ ପହଞ୍ଚି ଘଟଣା ସମ୍ପର୍କରେ ଜଣାଇଥିବା ସୂଚନା ମିଳିଛି। ସାଇବର ଠକେଇକୁ ନେଇ ପୋଲିସ ପକ୍ଷରୁ ବାରମ୍ବାର ସଚେତନ କରାଯାଉଛି। ତଥାପି ଲୋଭନୀୟ ଅଫର ଓ ଭିଡିଓରେ ପ୍ରଲୋଭିତ ହୋଇ ଲୋକେ ଠକଙ୍କ ଜାଲରେ ଫସୁଛନ୍ତି। ତେଣୁ ଅଜଣା ବ୍ୟକ୍ତିଙ୍କୁ ଟଙ୍କା ପଠାଇବା ପୂର୍ବରୁ ସତର୍କ ରହିବା ସହ ସନ୍ଦେହ ହେଲେ ତୁରନ୍ତ ୧୯୩୦କୁ ଯୋଗାଯୋଗ କରନ୍ତୁ। କେନ୍ଦୁଝର ପୋଲିସ୍ ପକ୍ଷରୁ ସାଇବର ସଚେତନତା ପ୍ରତି ଗାଁ ଗାଁ କରିବାକୁ ବିଭିନ୍ନ ମହଲରେ ଦାବୀ ହୋଇଛି। ସାଇବର ଠକଙ୍କ ଜାଲରୁ ବର୍ତ୍ତିବାର ମନ୍ତ୍ର, ଲୋଭନୀୟ ଅଫର ଦେଖି ତୁରନ୍ତ ଟଙ୍କା ନୁହେଁ, ପ୍ରଥମେ ଯାଞ୍ଚ କରନ୍ତୁ।

## ବନ୍ୟା ବିପନ୍ନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ



ବୋରିଗୁମ୍ମା/କୋଟପାଡ଼, ୨୫।୮ (ସଂଚାର ବ୍ୟୁରୋ): ଇନ୍ଦ୍ରାବତୀ ନଦୀରେ ଚଳିତବର୍ଷ ପ୍ରଥମ ଥର ପାଇଁ ବନ୍ୟା ଆସି ବ୍ଲକର ବିଭିନ୍ନ ପଞ୍ଚାୟତରେ ଅନେକ ଗାଁ ଜଳବନ୍ଦୀ ହୋଇରହିଛି। ଗାଁ ରାସ୍ତାରେ ବନ୍ୟା ଜଳ ପ୍ରବାହିତ ହେଉଥିବାରୁ ନିଜର ଆବଶ୍ୟକ ଜିନିଷ ପତ୍ର ଠାରୁ ଆରମ୍ଭ କରି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଆଣିବା ପାଇଁ ବଜାରକୁ ଲୋକ ମାନେ ଆସି ପାରୁନାହାନ୍ତି। ଏମିତି ସମୟରେ ବିପଦର ସାଥି ସାଜିଛନ୍ତି କୋଟପାଡ଼ ନିର୍ବାଚନ ମଣ୍ଡଳୀ କଂଗ୍ରେସ ଦଳର ବିଧାୟକ ପାର୍ଥି ଅନାମ ଦିଆନ। ଚଳିତ ବନ୍ୟାରେ ଶ୍ରୀ ଦିଆନ ନିଜସ୍ୱ ଅର୍ଥରେ ବ୍ଲକର ଗୁମୁଡା, ଗୁଆଳି, ସଡ଼ରଙ୍ଗା, ସୁତିପଦର, ଏବଂ ଚାନ୍ଦିଲି ପଞ୍ଚାୟତର ପିରିଞ୍ଜି, ବିକ୍ରମପୁର ଆଦି ପଞ୍ଚାୟତର ବନ୍ୟା ବିପନ୍ନଙ୍କ ନିକଟରେ ପହଞ୍ଚି ସେମାନଙ୍କର ସୁଖ ଦୁଃଖ ଓ ସମସ୍ୟା ପଚାରି ବୁଝିବା ସହ ଜଳବନ୍ଦୀ ହୋଇ ଥିବା ବନ୍ୟା ବିପନ୍ନମାନଙ୍କୁ ଚୁଡ଼ା, ମୁଢ଼ି, ଗୁଡ଼,ବିସ୍କୁଟ, ପାଣି ବୋତଲ, ଆଦି ବଣ୍ଟନ କରିଥିଲେ। ଅନାମ ଦିଆନଙ୍କୁ ଏହି ରିଲିଫ ବଣ୍ଟନ କାର୍ଯ୍ୟକ୍ରମରେ ଦଳର କର୍ମକର୍ତ୍ତା ପ୍ରମୁଖ ସହଯୋଗ କରିଥିଲେ। ବନ୍ୟା ସମୟରେ ଦିଆନଙ୍କ ଏଭଳି ସମାଜସେବା ମନୋବୃତ୍ତି ସାହାଯ୍ୟ ପାଇଁ ଦିଆନଙ୍କ ନିକଟକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟି ଆସୁଛି। ତେଣୁ ଆଗାମୀ ଦିନରେ ଏଭଳି ବନ୍ୟା ବାତ୍ୟା ସମୟରେ ଶ୍ରୀ ଦିଆନ ନିଜର ସାମର୍ଥ୍ୟ ଅନୁଯାଇ ସାହାଯ୍ୟ କରିବେ ବୋଲି କହିଛନ୍ତି।ଏହି ସହାୟତା ବନ୍ୟା ବିପନ୍ନ ପରିବାର ଗୁଡ଼ିକୁ କିଛିଟା ଆଶ୍ୱସ୍ତି ଦେଇଛି |

## ଶୋଳକ୍ଷା ପାଣ୍ଟରୁ ଜଳ ନିଷ୍କାସନ ପାଇଁ ଚାଷୀ ମାନଙ୍କ ତହସିଲ ଘେରାଉ



ବାଲିଆପାଳ, ୨୫।୮ (ସଂଚାର ବ୍ୟୁରୋ): ଲଘୁଚାପ ଜନିତ ଲଗାଣ ବର୍ଷା ସାଙ୍ଗକୁ ଜଳକା ଏବଂ ସୁବର୍ଣ୍ଣରେଖା ନଦୀରେ ଆସିଥିବା ବନ୍ୟା ବାଲିଆପାଳ ବାସୀଙ୍କ ପାଇଁ ଦୁଃଖ ନେଇ ଆସିଛି।ଶୋଳକ୍ଷା ପାଣ୍ଟରୁ ଦୀର୍ଘ ଦିନ ଧରି ପାଣି ନିଷ୍କାସନ ହୋଇ ନପାରି ହଜାର ହଜାର ହେକ୍ଟର ଚାଷ ଜମିରେ ୬ ଫୁଟରୁ ଊର୍ଦ୍ଧ୍ୱ ବର୍ଷା ଏବଂ ବନ୍ୟା ଜଳ ଜମି ରହିବାରୁ ଖରିଫ ଧାନ ଚାଷ ସମ୍ପୂର୍ଣ୍ଣ ପଚି ନଷ୍ଟ ହୋଇଯାଇଛି। ବିଶେଷ କରି ଜାମକୁଣ୍ଡା ପଞ୍ଚାୟତ ଠାରୁ ପଞ୍ଚୁପାଲି ପର୍ଯ୍ୟନ୍ତ ଦୀର୍ଘ ୧୩ କିଲୋମିଟର ଲମ୍ବ ଏବଂ ୫ କିଲୋମିଟର ଓସାରର ବିସ୍ତିର୍ଣ୍ଣ ଚାଷ ଜମି ଜଳମଗ୍ନ ହୋଇରହିଛି।

ଦୀର୍ଘ ୪୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଚାଷୀ ମାନେ ଜଳ ନିଷ୍କାସନ ପାଇଁ ଦାବି କରି ଆସୁଥିଲେ ମଧ୍ୟ ସରକାର ଏହାର କୌଣସି ସ୍ଥାୟୀ ପ୍ରତିକାର କରୁ ନାହାନ୍ତି, ଅନ୍ୟପକ୍ଷରେ ରାସ୍ତା ନିର୍ମାଣ କାର୍ଯ୍ୟ ପାଇଁ କୋଷ୍ଟ କେନାଲର ଉଭୟ ପାର୍ଶ୍ୱରେ ମାଟି ପକାଇ କୋଷ୍ଟ କେନାଲର ଆଡି ବନ୍ଧକୁ ଚଉଡା କରାଯିବା ଆଳରେ ପାଣି ନିଷ୍କାସନ ପାଇଁ ଥିବା ରାସ୍ତା ସଂକୁଚିତ କରାଯିବା ଏବଂ ବିଭିନ୍ନ ପାଣି ନିଷ୍କାସନ ରାସ୍ତାକୁ ବାଲି ବୁରା ପକାଇ ଅବରୋଧ କରାଯାଇଥିବାରୁ ଜଳ ନିଷ୍କାସନ ହୋଇ ପାରୁନାହିଁ। ତେଣୁଶୋଳକ୍ଷା ପାଣ୍ଟରୁ ସ୍ଥାୟୀ ଭାବରେ ଜଳ ନିଷ୍କାସନ, ସୁବର୍ଣ୍ଣରେଖା ନଦୀର ବନ୍ୟାରେ କ୍ଷତି ଗ୍ରସ୍ତ ଚାଷୀଙ୍କୁ କ୍ଷତି ପୂରଣ ପ୍ରଦାନ ସହିତ ସମସ୍ତ କୃଷି ଋଣ ଛାଡ କରିବା, କୋଷ୍ଟ କେନାଲ ଦୁଇ ପାର୍ଶ୍ୱରେ ଥିବା ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ କରିବା ଆଦି ବିଭିନ୍ନ ଦାବିରେ ବାଲିଆପାଳ ଚାଷୀ ଏକତା ମଞ୍ଚ ପକ୍ଷରୁ ମଞ୍ଚର ସଭାପତି କୁଶଧ୍ୱଜ ଜେନାଙ୍କ ସଭାପତିତ୍ୱରେ ତହସିଲ କାର୍ଯ୍ୟାଳୟ ଘେରାଉ କରିବା ସହ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି।

ଯଦି ସରକାର ଏହାର କୌଣସି ସ୍ଥାୟୀ ପ୍ରତିକାର ନ କରନ୍ତି ତେବେ ଆଗାମୀ ଦିନରେ ଏହି ପ୍ରତିବାଦ ଜୋରଦାର କରାଯିବ ବୋଲି ଚାଷୀ ଏକତା ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି। ଶେଷରେ ଚାଷୀ ଏକତା ମଞ୍ଚ ପକ୍ଷରୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ବାଲିଆପାଳ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

## ନିଟ ଉର୍ତ୍ତୀର୍ଣ୍ଣ ଛାତ୍ରୀଙ୍କୁ ଲାପଟପ ପ୍ରଦାନ କଲେ ଧର୍ମଶାଳା ବିଧାୟକ



ଧର୍ମଶାଳା, ୨୫।୮ (ସଂଚାର ବ୍ୟୁରୋ): ଶିକ୍ଷା କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ଉତ୍ସାହ ବଢ଼ାଇବା ସହ ମେଧାବୀ ପ୍ରତିଭାଙ୍କୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ଧର୍ମଶାଳାର ପ୍ରିୟ ବିଧାୟକ ଶ୍ରୀ ହିମାଂଶୁ ଶେଖର ସାହୁ ଏକ ପ୍ରଶଂସନୀୟ ପଦକ୍ଷେପ ନେଇଛନ୍ତି। ମଧୁପୁରଗଡ଼ ଗ୍ରାମପଞ୍ଚାୟତ ଅନ୍ତର୍ଗତ କୁକୁଡ଼ାଖାଲେଇ ଗ୍ରାମର ମେଧାବୀ ଛାତ୍ରୀ ରୋନାଲି ବେହେରା ନିଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଅଞ୍ଚଳ ପାଇଁ ଗୌରବ ଆଣିଥିବାରୁ ତାଙ୍କୁ ଏକ ଲାପଟୋପ ପ୍ରଦାନ କରିଛନ୍ତି ବିଧାୟକ। ଛାତ୍ରୀ ରୋନାଲିଙ୍କ ଡାକ୍ତର ହେବାର ସ୍ୱପ୍ନକୁ ଆହୁରି ସୁଦୃଢ଼ କରିବା ସହ ଉଚ୍ଚଶିକ୍ଷା କ୍ଷେତ୍ରରେ ଲାପଟୋପଟି ତାଙ୍କ ପାଇଁ ଉପଯୋଗୀ ହେବ ବୋଲି ବିଧାୟକ ଶ୍ରୀ ସାହୁ କହିଥିଲେ।

## ଲୋକଙ୍କ ସରକାରରେ ଭିନ୍ନକ୍ଷମ ବୃଦ୍ଧ ଭତ୍ତାରୁ ବଞ୍ଚିତ



ଧାମନଗର,୨୫।୮ (ସଂଚାର ବ୍ୟୁରୋ): ଧାମନଗର ବ୍ଲକ ଅନ୍ତର୍ଗତ କଲ୍ୟାଣୀ ଗ୍ରାମ ପଞ୍ଚାୟତର ବାସିନ୍ଦା ସୁରେନ୍ଦ୍ର ବାରିକଙ୍କ ଦୁଃଖ ଦିନକୁ ଦିନ ନ କହିଲେ ନସରେ ଆଜି ପର୍ଯ୍ୟନ୍ତ ସୁରେନ୍ଦ୍ର ବାରିକ( ୭୬) ଙ୍କ ଭିନ୍ନକ୍ଷମ ଭତ୍ତାରୁ ବଞ୍ଚିତ ହୋଇଥିବା ବେଳେ ତାଙ୍କ ପ୍ରତି କହାରି ନଜର ପଡୁନାହିଁ।

ପୁଅ ଦୀପକ ଦାଦନ ଖଟିବାକୁ ଯାଇ ହାଇଦ୍ରାବାଦରେ ମୃତ୍ୟୁବରଣ କରିଥିଲେ ହେଲେ ଏବେ ପୁଅ ଗଲା ପରେ ପୁରା ବେସାହାରା ହୋଇ ପଡିଛନ୍ତି ସୁରେନ୍ଦ୍ର। ପୁଅ ଦୀପକ କେବଳ ଥିଲେ ଘରର ଏକମାତ୍ର ରୋଜଗାରିଆ ପୁଅ। ପୁଅ ଗଲାପରେ କେବଳ ଭିନ୍ନକ୍ଷମ ଭତ୍ତା ହିଁ ସାହାରା ଥିଲା ସେ ମଧ୍ୟ୍ୟ ହୋଇପାରୁନାହିଁ। ସୁରେନ୍ଦ୍ର ଜଣେ ଅନ୍ଧ ତାଙ୍କ ଦୁଇ ଆଖିକୁ ଦେଖାଯାଉ ନାହିଁ। ଜମିବାଡ଼ି ମଧ୍ୟ୍ୟ ସେମିତି ନାହିଁ ଘରେ ରୁଗୀଣା ସ୍ତ୍ରୀ ଓ ବହୁ ଆଉ ଛୋଟ ନାତି ଟିଏ 'ସୁରେନ୍ଦ୍ର ଭତ୍ତା ଟିଏ ପାଇଁ ବହୁବାର ଧାମନଗର ବ୍ଲକ ଦୌଡ଼ି ଦୌଡ଼ି ପାଦରୁ ଜୋତା ଘୋରିଗଲାଣି ହେଲେ ଭତ୍ତାଟିଏ ହୋଇ ପାରୁନାହିଁ।

ଗତ କିଛି ଦିନ ହେବ ଧାମନଗରରେ ହୋଇଥିବା ଜିଲ୍ଲାପାଳଙ୍କ ଜୁଲାଇ ମାସ ଜନଶୁଣାଣି ସମୟରେ କଲେକ୍ଟରଙ୍କୁ ଭେଟି ନିଜ ଦୁଃଖ ଜଣାଇ ଥିଲେ ମଧ୍ୟ ଆଜିଯାଏ କୌଣସି ଫଳପ୍ରଦ ହୋଇପାରିଲା ନାହିଁ। ଏଠି ପ୍ରଶ୍ନ ଉଠୁଛି ରାଜ୍ୟ ସରକାରଙ୍କ ମାଳ ମାଳ ଯୋଜନା ଉପରେ ଯୋଜନା ହୋଇଚାଲିଛି ହେଲେ ପ୍ରକୃତ ହିତାଧିକାରୀ ଟିଏ ତା ପ୍ରାପ୍ୟ ପାଇ ପାରୁନାହିଁ। ଯଦି ସରକାର ବା ସ୍ଥାନୀୟ ପ୍ରଶାସନ ନଜର ଦିଅନ୍ତେ ତାହାହେଲେ ବୃଦ୍ଧ ସୁରେନ୍ଦ୍ର ନିଜ ଭତ୍ତାଟିଏ ପାଇ ପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ୧୦ ବର୍ଷର ଝିଅକୁ ଦୁଷ୍କର୍ମ କରିବାକୁ ଚେଷ୍ଟା ପରେ ବାପା-ମାଆ-ଝିଅକୁ ଜୀବନରୁ ମାରିଦେବାକୁ ଧମକ



ନିଶ୍ଚିନ୍ତକୋଇଲି, ୨୫।୮ (ସଂଚାର ବ୍ୟୁରୋ): ନିଶ୍ଚିନ୍ତକୋଇଲି ବ୍ଲକ କଟିକଟା ପଶ୍ଚିମଖଣ୍ଡଭୋଳ ଗ୍ରାମରେ ଘଟିଯାଇଛି ଏକ ଅଭାବନୀୟ ଘଟଣା। ଉକ୍ତ ଗ୍ରାମର ଯମୁନା ମଲିକଙ୍କ ଅଭିଯୋଗ ଅନୁଯାୟୀ ତାଙ୍କର ୧୦ବର୍ଷର ଜନୈକା କନ୍ୟାକୁ ତା.୧୦.୦୬.୨୦୨୬ରିଖରେ ତାଙ୍କ ଦେଢଶ୍ୱଶୁର(କନ୍ୟାଙ୍କ ଜେଜେ) ଦୁଷ୍କର୍ମ କରିବାକୁ ଚେଷ୍ଟା କରିଥିଲେ କିନ୍ତୁ ଜନୈକା କନ୍ୟା ଜୋରରେ ପାଟି କରିବାରୁ ତାଙ୍କ ମାଆ ଯମୁନା ଦୌଡ଼ି ଯାଇ ତାଙ୍କୁ ଉଦ୍ଧାର କରିଥିଲେ।

ଉକ୍ତ ଘଟଣା ସମ୍ପର୍କରେ ନିଶ୍ଚିନ୍ତକୋଇଲି ଥାନାରେ ଯମୁନାଙ୍କ ଅଭିଯୋଗ ପରେ ଥାନା ପକ୍ଷରୁ ୨୨୬/୨୦୨୬ରେ ଏକ ମାମଲା ରୁଜୁ କରାଯାଇ ଜେଜେଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। କିନ୍ତୁ ଦେଢଶ୍ୱଶୁର କିଛି ଦିନ ହେବ ଜେଲରୁ ଆସିବା ପରେ ଉକ୍ତ କେସକୁ ଆପୋଷ ଭିତରେ ସମାଧାନ କରିବା ପାଇଁ ଯମୁନା ଏବଂ ଗଣେଶକୁ ବାଧ୍ୟ କରିଥିଲେ। କିନ୍ତୁ ଯମୁନା ଏବଂ ଗଣେଶ ତାଙ୍କ କଥାରେ ରାଜି ନହେବାରୁ ଦେଢଶ୍ୱଶୁର ଏବଂ ତାଙ୍କ ପରିବାର ସଂଘବଦ୍ଧ ଭାବେ ମିଳିମିଶି ଯମୁନା ଏବଂ ଗଣେଶକୁ ବିଭିନ୍ନ ପ୍ରକାର ଗାଳିଗୁଲଜ କରିବା ସହ ମାରାଣାସ୍ତ୍ର ସାହାଯ୍ୟରେ ଦୁଇ ଜଣଙ୍କୁ ଆକ୍ରମଣ କରିବା ସହିତ, ଯମୁନାଙ୍କ ମୋବାଇଲ ଫୋନ୍, ତାଙ୍କ କନ୍ୟାଙ୍କ ସାଇକେଲ ଛଡ଼ାଇ ନେଇଯାଇଥିବା ବେଳେ ଜନୈକା କନ୍ୟା ଏବଂ ଯମୁନା, ଗଣେଶଙ୍କୁ ଜୀବନରୁ ମାରିଦେବା ପାଇଁ ଧମକ ଦେଇଥିବା ଅଭିଯୋଗ ହୋଇଛି।

ଏପରିକି ଦେଢଶ୍ୱଶୁରଙ୍କ ପରିବାର ମିଳିମିଶି ଆକ୍ରମଣ କରିବାରୁ ଯମୁନା ଓ ଗଣେଶ ଗୁରୁତର ଭାବେ ଆହତ ହୋଇ ପ୍ରଥମେ ନିଶ୍ଚିନ୍ତକୋଇଲି ମେଡ଼ିକାଲ ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ମେଡ଼ିକାଲରେ ଚିକିତ୍ସିତ ହୋଇ ଫେରିଛନ୍ତି। କିନ୍ତୁ ଫେରିବା ପରେ ନିଜ ଜୀବନ ପ୍ରତି ବିପଦ ଥିବାରୁ ସେ ତାଙ୍କ ଘରକୁ ନଯାଇ ନିଶ୍ଚିନ୍ତକୋଇଲି ଥାନାରେ ବସି ରହିଥିଲେ କିନ୍ତୁ ଥାନା ପକ୍ଷରୁ ଥାନାରେ ବସିବା ପାଇଁ ଥାନା ବାବୁମାନେ ମନା କରିବାରୁ ଯମୁନା ବାଧ୍ୟ ହୋଇ ଗୁରୁତର ଆହତ ଥିବା ସ୍ୱାମୀ ଗଣେଶ ମଲିକଙ୍କୁ ଧରି ନିଶ୍ଚିନ୍ତକୋଇଲି ମେଡ଼ିକାଲରେ ରିପୋର୍ଟ ଲେଖା ହେଲା ବେଳକୁ ବସି ରହିଥିଲେ। ଏପରିକି ଏହି ଅବସ୍ଥାରେ ଯମୁନା, ଗଣେଶ ଏବଂ ତାଙ୍କ କନ୍ୟା ଭୟଭୀତ ଅବସ୍ଥାରେ ରହିଥିବା ପ୍ରକାଶ କରିଛନ୍ତି।

## ବେଆଇନ ୮୦ ଲିଟର ବିଅର ଜବତ



ରାଇଘର,୨୫।୮ (ସଂଚାର ବ୍ୟୁରୋ): ରାଇଘର ଥାନା ଅଧୀନରେ ଥିବା ସୋନପୁର ରୋଡ ରେ ସ୍ଥାନୀୟ ପୋଲିସ ପେଟ୍ରୋଲିଙ୍ଗ କରିବା ସମୟରେ ଧରାପଡ଼ିଲା ବେଆଇନ ମଦ ଚାଲାଣ କରୁଥିବା ଦୁଇ ବେପାରୀ |ଆଇ ଆଇ ସି ଟିକେଚାନ୍ଦ ବାହାବଳ ଖଟୁଆ ଙ୍କ ସୂଚନା ଅନୁଯାୟୀ ଗତ କାଲି ସନ୍ଧ୍ୟାରେ ରାଇଘର ପୋଲିସ ପେଟ୍ରୋଲିଙ୍ଗ ସମୟରେ ରାଇଘର ସୋନପୁର ରାସ୍ତାରେ ଏକ ବୋଲେରୋ ସି ଜି ୭ସି ଡ଼ି ୬୩୩୪ ଯୋଗେ ବିଅର ଚାଲାଣ ହେଉଥିଲା। ଗାଡ଼ିରେ ଥିବା ୮୦ଲିଟର ବିଅର ଏବଂ ବୋଲେରୋ ଜବତ କରିବା ସହ ଦୁଇଜଣ ଧୀରେନ୍ଦ୍ର କୁମାର ସିଂ, ପ୍ରକାଶ କୁମାର ସିଂ ଚାଲାଣ କାରୀଙ୍କୁ ପୋଲିସ ଗିରଫ କରି କେଶ ନମ୍ବର ୨୧୪/୨୬ରେ ଏକ ମାମଲା ରୁଜୁକରି କୋର୍ଟ ଚାଲାଣ କରିଥିବା ପ୍ରକାଶ କରିଛନ୍ତି | ପେଟ୍ରୋଲିଙ୍ଗ ସମୟରେ ଏ ଏସ ଆଇ ମନୋରଞ୍ଜନ ମିଶ୍ର ଉପସ୍ଥିତ ଥୁବା ଶ୍ରୀ ଖଟୁଆ ପ୍ରକାଶ କରିଛନ୍ତି |

### ବନ୍ୟା ପରେ ସାପ ଆତଙ୍କ

## ସାପ କାମୁଡ଼ାରେ ନାବାଳିକା ମୃତ



ବାଲିଆପାଳ,୨୫।୮ (ସଂଚାର ବ୍ୟୁରୋ): ବନ୍ୟା ପରେ ବାଲିଆପାଳ ଅଞ୍ଚଳରେ ସାପ ଆତଙ୍କ ମଧ୍ୟରେ ସାପ କାମୁଡ଼ାରେ ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ମୃତ ନାବାଳିକା ହେଲେ ବାଲିଆପାଳ ବ୍ଲକ ବିଷ୍ଣୁପୁର ଗ୍ରାମର ଭଗବାନ ପ୍ରମାଣିକଙ୍କ ଝିଅ ନନ୍ଦିତା(୧୦) ସୂଚନା ଅନୁସାରେ, ନନ୍ଦିତା ରାତିରେ ଘର ବାରଣ୍ଡାରେ ଶୋଇଥିବା ବେଳେ ତାଙ୍କୁ କୌଣସି ସାପ କାମୁଡ଼ିଥିବା ଜଣାପଡ଼ିଥିଲା।ତେବେ କିଏ କାମୁଡ଼ିଛି ତାହା ଜଣାପଡ଼ିନଥିବାରୁ ସେ ରାତିରେ ଶୋଇପଡ଼ିଥିଲେ।ଭୋର ନିଦରୁ ଉଠିବା ପରେ ନନ୍ଦିତା ଆଖିକୁ ଦେଖାଯାଉନଥିବା ନେଇ ପରିବାର ଲୋକଙ୍କୁ କହିଥିଲେ। ଏହାପରେ ପରିବାର ଲୋକେ ତାଙ୍କୁ ତୁରନ୍ତ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଉଥିଲେ। ହେଲେ ହସ୍ପିଟାଲରେ ପହଞ୍ଚିବା ପୂର୍ବରୁ ରାସ୍ତାରେ ନନ୍ଦିତାଙ୍କ ମୃତ୍ୟୁ ଘଟିଥିଲା।ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ପରୀକ୍ଷା କରି ନାବାଳିକାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।ବନ୍ୟା ପରବର୍ତ୍ତୀ ସମୟରେ ଘର ଓ ଆଖପାଖ ଅଞ୍ଚଳରେ ସାପ ଚଳପ୍ରଚଳ ବଢ଼ିଥିବାରୁ ଲୋକଙ୍କ ମଧ୍ୟରେ ଭୟ ବଢ଼ିଛି। ଏଭଳି ସମୟରେ ରାତିରେ ଘର ବାରଣ୍ଡା କିମ୍ବା ବାହାରେ ଶୋଇବା ବେଳେ ସତର୍କ ରହିବା ସହ ସାପ କାମୁଡ଼ିଲେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି।

### କାଦୁଅ ବିଲ ଡେଇଁ ଘରେ ପହଞ୍ଚିଲେ ପିଇଓ

## ଭିନ୍ନକ୍ଷମ ଦମ୍ପତିଙ୍କୁ ଦେଲେ ଭତ୍ତା



ବାଲିଆପାଳ,୨୫।୮ (ସଂଚାର ବ୍ୟୁରୋ): ସରକାରୀ ସୁବିଧା ପାଇବା ପାଇଁ ହିତାଧିକାରୀଙ୍କୁ ସବୁବେଳେ କାର୍ଯ୍ୟାଳୟ ଦୌଡ଼ିବାକୁ ପଡ଼େ— ଏହି ଧାରଣାକୁ ଭୁଲ ପ୍ରମାଣିତ କରି ଜଣେ ସରକାରୀ କର୍ମଚାରୀ ନିଜେ କାଦୁଅ ବିଲ ଓ ପାଣି ଡେଇଁ ଭିନ୍ନକ୍ଷମ ଦମ୍ପତିଙ୍କ ଘରେ ପହଞ୍ଚି ଭତ୍ତା ପ୍ରଦାନ କରିଥିବା ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଏଭଳି ହୃଦୟସ୍ପର୍ଶୀ ଦୃଶ୍ୟ ବାଲିଆପାଳ ବ୍ଲକ ଅନ୍ତର୍ଗତ କୁଣ୍ଡୁଳି ପଞ୍ଚାୟତର ଦାଣ୍ଡିପଦା ଆଦିବାସୀ ସାହିରେ ଦେଖିବାକୁ ମିଳିଛି।

ସାହିର ବାସିନ୍ଦା ଭିନ୍ନକ୍ଷମ ଦମ୍ପତି ବୁଦ୍ଧିରାମ ମାଝୀ ଓ ଫୁଲ ମାଝୀ ଦୀର୍ଘଦିନ ଧରି ଭିନ୍ନକ୍ଷମ ଭତ୍ତାରୁ ବଞ୍ଚିତ ଥିଲେ। ସେମାନେ ଭୂମିହୀନ ଓ ଅଶିକ୍ଷିତ ହୋଇଥିବାରୁ ସରକାରୀ ଯୋଜନା ଓ ମୌଳିକ ସୁବିଧା ପାଇବାରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଜଣାପଡ଼ିଛି।ସୂଚନା ଅନୁସାରେ, ଗତ ଜାନୁଆରୀ ମାସରୁ ଉଭୟେ ଭିନ୍ନକ୍ଷମ ଭତ୍ତା ପାଇନଥିଲେ। ଏହି ସମସ୍ୟା ସମ୍ପର୍କରେ ସାମାଜିକ କର୍ମୀ ରାଜକିଶୋର ପାତ୍ର ବାଲିଆପାଳ ସାମାଜିକ ସୁରକ୍ଷା ବିଭାଗ ଦାୟିତ୍ୱରେ ଥିବା ପାର୍ଥ ସାରଥୀ ସାହୁଙ୍କୁ ଅବଗତ କରିଥିଲେ। ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ଶ୍ରୀ ସାହୁଙ୍କ ପକ୍ଷରୁ ବିଡିଓ ରାଧାରଞ୍ଜନ ଦାସଙ୍କ ନିର୍ଦ୍ଦେଶ କ୍ରମେ ଏପ୍ରିଲରୁ ଅଗଷ୍ଟ ପର୍ଯ୍ୟନ୍ତ ପାଞ୍ଚ ମାସର ଭତ୍ତା ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଇଥିଲା। ଉଭୟ ଦମ୍ପତିଙ୍କୁ ୬, ୦୦୦ ଲେଖାଏଁ, ସମୁଦାୟ ୧୨, ୦୦୦ ଭତ୍ତା ମିଳିଥିଲା।

ତେବେ ଏହି ଘଟଣାର ଅନ୍ୟତମ ଆକର୍ଷଣୀୟ ଦିଗ ହେଉଛି କୁଣ୍ଡୁଳି ପଞ୍ଚାୟତରେ ନୂତନ ଭାବେ ଦାୟିତ୍ୱ ନେଇଥିବା ପିଇଓ କଟିଆ ମାରାଣ୍ଡିଙ୍କ ମାନବିକ ପଦକ୍ଷେପ। ଗ୍ରାମର ରାସ୍ତା କାଦୁଅରେ ପରିଣତ ହୋଇଥିବା ସତ୍ତ୍ୱେ ସେ କାଦୁଅ ପଚପଚ ବିଲ ହିଡ଼ ଓ ପାଣି ଦେଇ ଚାଲି ଭିନ୍ନକ୍ଷମ ଦମ୍ପତିଙ୍କ ଘରେ ପହଞ୍ଚିଥିଲେ। ସେଠାରେ ଉଭୟଙ୍କୁ ଭତ୍ତା ଟଙ୍କା ପ୍ରଦାନ କରିଥିଲେ। ସରକାରୀ କର୍ମଚାରୀ ନିଜେ ହିତାଧିକାରୀଙ୍କ ଘରେ ପହଞ୍ଚି ସୁବିଧା ଯୋଗାଇଦେବା ଘଟଣାକୁ ନେଇ ସ୍ଥାନୀୟ ଗ୍ରାମବାସୀ ଖୁସି ପ୍ରକାଶ କରିଛନ୍ତି। ଦୀର୍ଘଦିନ ପରେ ଭତ୍ତା ଟଙ୍କା ହାତକୁ ମିଳିବା ପରେ ଦମ୍ପତିଙ୍କ ମୁହଁରେ ଖୁସି ଫୁଟିଥିବା ଦେଖିବାକୁ ମିଳିଥିଲା।

## ଛୁଆଙ୍କ ମୁହଁରୁ କ୍ଷୀର ଛଡାଇ ନେଉଛି କେମିକାଲ ମାଫିଆ

### ଅସ୍ତରଙ୍ଗରେ ପାଉଡର ମିଶା କ୍ଷୀରର ମାୟାଜାଲ

### ତରାସାହି ପରେ ଆଳସାହିରେ ସକ୍ରିୟ ଅସାଧୁ ଚକ୍ର

### ପ୍ରଶାସନ ଚୁପ, ରୋଗ ବାଣ୍ଟୁଛି ଧଳା ବିଷ




କାକଟପୁର/ଅସ୍ତରଙ୍ଗ, ୨୫।୮ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗରେ ଏବେ ଗାଈ କ୍ଷୀର ଦେଉନି, କେମିକାଲ ଫ୍ୟାକ୍ଟ୍ରି କ୍ଷୀର ଦେଉଛି! ପ୍ରତିଦିନ ସକାଳେ ଗ୍ରୋସରୀ ଦୋକାନର କ୍ଷୀର ପାଉଡର ପ୍ୟାକେଟକୁ ପାଣିରେ ଗୋଳାଇ ଖାଣ୍ଟି କ୍ଷୀର ବୋଲି ଧରାଇ ଦିଆଯାଉଛି। ଏହା କ୍ଷୀର ନୁହେଁ, ଏହା ଧଳା ବିଷ।

ସ୍ଥାନୀୟ ଅଭିଯୋଗ ଅନୁସାରେ ଏହି କାରବାରର ମାଷ୍ଟରମାଇଣ୍ଡ ଏବେ ନିକଟସ୍ତ ଜିଲ୍ଲା ତରାସାହି ରେ କିଛି ମାସ ପୂର୍ବେ ଧରା ହୋଇଥିଲା, କିନ୍ତୁ ଏବେ ଆଳସାହି ରେ। ତରାସାହିରେ କିଛି ଦିନ ତଳେ ଜଣେ ବ୍ୟବସାୟୀ ଧରା ପଡିବା ପରେ ସବୁ ଆଖି ଆଳସାହି ଉପରେ। ସେଠାରେ ଜଣେ ବ୍ୟବସାୟୀ ଭୋର ୪ଟାରୁ ପାଉଡର ଗୋଳା ଆରମ୍ଭ କରୁଛି। ଦିନକୁ ୨୦୦-୩୦୦ ଲିଟର ନକଲି କ୍ଷୀର ପ୍ରସ୍ତୁତ ହୋଇ ଅସ୍ତରଙ୍ଗ ବ୍ଲକର ସବୁ ପଞ୍ଚାୟତ, ଚା ଦୋକାନ, ମିଠା ଦୋକାନ ଓ ହୋଟେଲକୁ ଯାଉଛି। ଲିଟର ପିଛା ୨୦ ଟଙ୍କା ଲାଭ। ଲୋଭରେ ମଣିଷ ଜୀବନ ସହ ଖେଳ। ଏହି କ୍ଷୀର ପାଉଡରରେ କଣ ଅଛି? ଡାକ୍ତର କହୁଛନ୍ତି - ମାତ୍ରାଧିକ ସୋଡା, ୟୁରିଆ, ଡିଟରଜେଣ୍ଟ ଭଳି ରାସାୟନିକ ମିଶୁଛି। ଯାହା ପିଇଲେ ଛୋଟ ପିଲାଙ୍କ ଲିଭର, କିଡନୀ ନଷ୍ଟ ହେବ। ଗର୍ଭବତୀ ମହିଳା, ବୃଦ୍ଧଙ୍କ ପାଇଁ ମାରାତ୍ମକ। କିନ୍ତୁ ଟଙ୍କା ଲୋଭୀ ବ୍ୟବସାୟୀ ଏସବୁ ଶୁଣିବେ କାହିଁକି?

ସବୁଠୁ ବଡ ପ୍ରଶ୍ନ - ଖାଦ୍ୟ ସୁରକ୍ଷା ବିଭାଗ କଣ କରୁଛି? ପୁରୀ ଜିଲ୍ଲା ଖାଦ୍ୟ ନିରୀକ୍ଷକ କେବେ ଅସ୍ତରଙ୍ଗ ଆସିଛନ୍ତି? କେବେ ନମୁନା ନେଇଛନ୍ତି? ଉତ୍ତର ଶୂନ। ତରାସାହିରେ ଜଣେ ଧରା ପଡିବା ପରେ ବିଭାଗ ଚୁପ ବସିବା ଅନେକ ସନ୍ଦେହ ସୃଷ୍ଟି କରୁଛି।

ଲୋକେ କହୁଛନ୍ତି - ମାସିକ ବନ୍ଧା ନା କଣ ?କିନ୍ତୁ ଖବର ଟି ଜନସାଧାରଣ ମୁଖ ନିଃସୃତ ରୁ ଲେଖା ହୋଇଛି କିନ୍ତୁ ସତ୍ୟାସତ୍ୟ ଯାଞ୍ଚ କଲେ ସ୍ପଷ୍ଟ ଜଣା ପଡିବ ଏହା କ୍ଷୀର ପାଉଡର ମିଶୁଛି କି ନାହିଁ । ଖାଉଟି ମହଲରେ ଦାବୀ ତେଜିଛି - ତୁରନ୍ତ ଆଳସାହି ସମେତ ପୁରା ବ୍ଲକରେ ଚଢାଉ ହେଉ। କ୍ଷୀର ନମୁନା ଲାବକୁ ଯାଉ। ଧଳା ବିଷ ବିକାଳୀଙ୍କ ଲାଇସେନ୍ସ ରଦ୍ଦ ହେଉ। ନହେଲେ ଲୋକେ ରାସ୍ତାକୁ ଓହ୍ଲାଇବେ।

## ଫେରିବାଲାଙ୍କଠାରୁ ଲୁଟ୍

ବାଲିଆପାଳ, ୨୫।୮ (ସଂଚାର ବ୍ୟୁରୋ): ବାଲିଆପାଳ ବ୍ଲକରେ ଦିନକୁ ଦିନ ଚୋରି, ଛିନ୍ତାଇ ଭଳି ଅସାମାଜିକ ତତ୍ୱ ମାନଙ୍କର ପ୍ରାଧାନ୍ୟ ବଢ଼ି ବଢ଼ି ଚାଲିଛି। ଯାହାର ଏକ ଜ୍ୱଳନ୍ତ ଉଦାହରଣ ସୃଷ୍ଟି ହୋଇଛି ଆଜି ବାଲିଆପାଳ କାଳିପଦା ରାସ୍ତାର କୋଷ୍ଟ କେନାଲ ନିକଟରେ। ସୂଚନା ଅନୁଯାୟୀ ଖଗଡ଼ାପାଳ ଗ୍ରାମର ସେକ ମୈରୁଦ୍ଦିନ ସବୁଦିନ ଭଳି ମଙ୍ଗଳବାର ସକାଳ ପାଞ୍ଚଟା ସମୟରେ ନିଜ ସାଇକେଲ ଯୋଗେ ଚଉମୁଖ ଅଞ୍ଚଳକୁ ଫେରି କରିବାକୁ ଯାଉଥିବା ସମୟରେ ତାଙ୍କ ସହିତ ସେକ ଅଲ୍ଲୀ ମଧ୍ୟ ଥିଲେ। ୬ଜଣ ଦୃବୃତ୍ତ ଦୁଇଟି ମଟରସାଇକେଲରେ ଆସି ସେକ ମୈରୁଦ୍ଦିନକୁ ଭୁଜାଲିରେ ଆକ୍ରମଣ କରିବା ସହିତ ସେଖ ଅଲ୍ଲୀଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ନଗଦ ୧୨ ହଜାର ଟଙ୍କା ଏବଂ ମୋବାଇଲ ଲୁଟି ନେଇ ଚମ୍ପଟ ମାରିଥିଲା। ସେକ ମୈରୁଦ୍ଦିନ ଗୁରୁତର ଅବସ୍ଥାରେ ବାଲିଆପାଳ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲା ବେଳେ ପରିବାର ପକ୍ଷରୁ ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗ ପାଇବା ପରେ ପୋଲିସ ତଦନ୍ତ ଜାରି ରଖିଛି। ଏ ନେଇ ଖଗଡ଼ାପାଳ ଗ୍ରାମରେ ଥିବା ସଂଖ୍ୟାଲଘୁ ସମ୍ପ୍ରଦାୟର ଶତାଧିକ ଲୋକ ଥାନାରେ ପହଞ୍ଚି ଅଭିଯୁକ୍ତ ମାନଙ୍କୁ ଯଥାଶୀଘ୍ର ଗିରଫ କରିବାକୁ ପାଇଁ ଦାବି କରିଥିଲେ।

### ଭଦ୍ରାସାହି ଅଞ୍ଚଳ ପାଇଁ ଗୌରବ ଆଣିଲେ ଅନୁଭବ

## ଫିଫା ଏକାଡେମି ହଷ୍ଟେଲ ପ୍ରଶିକ୍ଷଣ ପାଇଁ ମନୋନୀତ

ଯୋଡ଼ା,୨୫।୮ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ଅନ୍ତର୍ଗତ ଭଦ୍ରାସାହି ଗ୍ରାମପଞ୍ଚାୟତର ସ୍ୱର୍ଗତ ମୁନା ନାଏକଙ୍କ ପୁତ୍ର ଅନୁଭବ ନାଏକ ଫୁଟବଲ କ୍ଷେତ୍ରରେ ନିଜ ପ୍ରତିଭାର ପରିଚୟ ଦେଇ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଫିଫା ଏକାଡେମି ହଷ୍ଟେଲରେ ପ୍ରଶିକ୍ଷଣ ପାଇଁ ସେ ଯୋଗ୍ୟତା ଅର୍ଜନ କରିଛନ୍ତି।

ଗତ ୨୦୨୪ ମସିହାର ସିଏମ୍ ଟ୍ରଫିରେ ଅନୁଭବ ଚମତ୍କାର ଖେଳ ପ୍ରଦର୍ଶନ କରି ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବର୍ତ୍ତମାନ ସେ ତାରିଣୀ ଫୁଟବଲ ଏକାଡେମିର ଏଆଇଏଫଏଫ୍-ବି ଲାଇସେନ୍ସପ୍ରାପ୍ତ କୋଚ୍ ସଞ୍ଜୀବ ପାଠଷାଣୀଙ୍କ ଠାରୁ ନିୟମିତ ପ୍ରଶିକ୍ଷଣ ନେଉଛନ୍ତି।

ଏହାସହ ଚଳିତ ମାସ ୨୪ ତାରିଖରୁ ଜୁନିୟର ଫୁଟବଲ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଅନୁଭବ ବେଙ୍ଗାଲୁରୁ ଗସ୍ତରେ ଅଛନ୍ତି। ଭଦ୍ରାସାହି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଦଶମ ଶ୍ରେଣୀରେ ପଢୁଥିବା ଅନୁଭବ ପିଲାଦିନରୁ ନିଜ ପିତାଙ୍କୁ ହରାଇଥିଲେ। ଏଭଳି ପରିସ୍ଥିତିରେ ତାଙ୍କ କାକା ବାବୁଲୁ ନାଏକ ତାଙ୍କ ପାଠପଢ଼ା ଓ ଅନ୍ୟାନ୍ୟ ଖର୍ଚ୍ଚ ବହନ କରି ଆସୁଛନ୍ତି। ଅନୁଭବଙ୍କ ଏହି ସଫଳତାରେ ଭଦ୍ରାସାହି ଅଞ୍ଚଳରେ ଆନନ୍ଦର ଲହରୀ ଖେଳିଯାଇଥିବା ବେଳେ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଅଞ୍ଚଳବାସୀ ଶୁଭେଚ୍ଛା ଜଣାଇଛନ୍ତି।



# ବିଶ୍ୱାସ



ସତ୍ୟନାରାୟଣ ପ୍ରଧାନ



ବିଶ୍ୱାସ ଗୋଟିଏ ସତ୍ୟ, ଗଭୀର, ଅନୁରାଗ, ନିଷ୍ଠା ଏବଂ ଆସ୍ଥା। ବିଶ୍ୱାସ ବ୍ୟକ୍ତି ମଧ୍ୟରେ ଥିବା ଏକ ଅଦୃଶ୍ୟ ସୁସ୍ଥ ମାନସିକତାର ଶକ୍ତି। ବାପା ମାଆ ଛେଉଣ୍ଡ ରାଜୁ ଏଠି ସେଠି ବୁଲି ମାଗି ଖାଇ ଚଳୁଥାଏ। ଯେଉଁଠି ରାତି ହୁଏ ସେଇଠି ଶୋଇ ପଡେ ,"ଅରକ୍ଷିତକୁ ଦଇବ ସାହା" ପରି ସେ ଚାରିଆଡ଼େ ଏମିତି ଘୁରି ବୁଲୁଥାଏ। ଯିଏ ଯାହା ଦିଏ ହସି କି ଦିଏ ସେ ନିଏ, ଯିଏ ଯାହା ଖାଇବାକୁ ଦିଅନ୍ତି ଖୁସି ରେ ନେଇ ଖାଇଦିଏ। ଆଉ ଖାଇବା ପୂର୍ବରୁ ତା ସାଙ୍ଗରେ ବୁଲୁଥିବା କାଳିଆ କୁକୁର କୁ ଖାଇବାକୁ ଦେବାକୁ ସେ ଭୁଲେ ନାହିଁ କାଳିଆ କୁକୁରକୁ ଖାଇବା ଦେବା ପରେ ସେ ଖାଏ। ଏମିତି ଦୋସ୍ତି ସେ କୁକୁର ସହିତ ଯେମିତି ତାର ପୂର୍ବ ଜନ୍ମ ର କିଛି ସମ୍ପର୍କ ଯୋଡି ହୋଇଛି। ରାଜୁର ବସିବା ,ଖାଇବା ଶୋଇବା ସହିତ ତା ସାଙ୍ଗେ ସାଙ୍ଗେ ସେ ମଧ୍ୟ ବୁଲୁ ଥାଏ।ଏମିତି ଦିନେ ରାଜୁ ବୁଲୁ ବୁଲୁ ଯାଇ ପହଁଚି ଗଲା କୋଟି ପତି ରମେଶ ବାବୁଙ୍କ ଘର ପାଖରେ ଶଙ୍ଖ ମଲ ମଲ ଘର, ଘରଟି ଅତି ସୁନ୍ଦର ହେଇଛି ଯିଏ ଦେଖିବ ଘଣ୍ଟାଏ ସେଇଠି ଅଟକି ଯିବ। ସେଇ ଘର ପାଖରେ ରାଜୁ ବସୁ ବସୁ ନିଦ ଲାଗି ଯାଇଛି କେତେବେଳେ ଯେ ଶୋଇ ଯାଇଛି ସେ ଜାଣି ପାରିନି କିନ୍ତୁ ତା ପାଖରେ ସେଇ କାଳିଆ କୁକୁରଟି ବସି ରହିଛି।

ସେଇ ଶଙ୍ଖ ମଲ ମଲ ଘରର ମାଲିକ ଶ୍ରୀଯୁକ୍ତ ରମେଶ ପଟ୍ଟନାୟକ,ସେ ଜଣେ ଶିଳ୍ପପତି ତାଙ୍କ ଧର୍ମ ପତ୍ନୀ ସୁଲତା ଦେଓ୍ୱୀ। ଦଶ ବର୍ଷ ହେଲାଣି ତାଙ୍କ ବିଭା ଘରକୁ ସନ୍ତାନ ସନ୍ତତି କେହି ନାହାନ୍ତି ତାଙ୍କ କୋଳ ଖାଲି। ଏତେ ଧନ ସମ୍ପତି ଥାଇ କି ଲାଭ ଭଗବାନ ଏତେ ନିଷ୍ଠୁର କାହିଁକି ଏତେ ଧନ ଥାଇବି ଖାଇବାକୁ କେହି ନାହିଁ। କେତେ ଦେବା ଦେବୀ ଙ୍କୁ ଡାକି ଡାକି ଥକି ପଡ଼ିଲେଣି ରମେଶ ବାବୁ ଓ ସୁଲତା ଦେବୀ। ଅନାଥାଶ୍ରମ ରୁ ଗୋଟେ ପିଲା ଟିଏ ଆଣିବା ପାଇଁ ବହୁ ଚେଷ୍ଟାରେ ବିଫଳ ହୋଇ ପ୍ରଭୁ ଶ୍ରୀ ରାମଙ୍କୁ ପୂଜା କରି ତାଙ୍କରି ଶରଣରେ ପଡ଼ି ରହିଛନ୍ତି ପ୍ରଭୁ ଶ୍ରୀ ରାମ ଚାହିଁଲେ ସେ ନିଶ୍ଚିନ୍ତ ପୁତ୍ର ସନ୍ତାନ ପ୍ରାପ୍ତି ହେବେ।ରମେଶ ବାବୁ ସୁଲତାଙ୍କୁ ଡାକି କହିଲେ ଆଜି ପରା ଶ୍ରୀ ରାମ ନବମୀ ମୁଁ ଶୀଘ୍ର ଅଫିସ ରୁ ଫେରିଲେ ରାମ ମନ୍ଦିର ଯିବା ପରା, ସୁଲତା ନିଦରୁ ଉଠି ସାମ୍ନା ଦ୍ୱାରା ଖୋଲି ବାହାରକୁ ଆସିଲେ ଏହା ତାଙ୍କର ନୀତି ଦିନିଆ କାମ।ବାହାରେ ଆସି ବଗିଚାରୁ ଫୁଲ ତୋଳିବା ,ଫୁଲ କଣ ଆଉ ତୋଳିବେ ଦେଖନ୍ତିତ ସାତ ଆଠ ବର୍ଷର ଛୋଟ ପିଲାକୁ ଦେଖି ଚମକି ପଡ଼ିଲା ସୁଲତା।ବାହାରେ ଛୋଟ ପିଲାଟି ଶୋଇଛି, ବିକଳ ଲାଗିଲା ସୁଲତାକୁ ତାକୁ ନିଦରୁ ଉଠାଇ ପଚାରିଲେ ପୁଅ ତୋ ନାଁ କଣ ? ତୁ ଏଠି ଏକୁଟିଆ କାହିଁକି ଶୋଇଛୁ ?ତୋର ଘର, ବାପା ମାଆ କୋଉଠି ଅଛନ୍ତି ରେ। ପିଲାଟି ପ୍ରଥମେ ଡରି ଗଲା ଓ କହିଲା ମାଆ ମୋର କେହି ନାହାଁନ୍ତି ମୋର ଘର ବି ନାହିଁ, ଏମିତି ବୁଲି ବୁଲି ଯୋଉଠି ଯାହା ମିଳିଲା ଖାଉଛି, ଯେଉଁଠି ନିଦ ଲାଗିଲା ସେଇଠି ଶୋଇ ପଡୁଛି। ଚାକର ରାମୁକୁ ଡାକ ପକେଇଲେ ସୁଲତା ଦେଖିବ ଆସ ପ୍ରଭୁ ଶ୍ରୀ ରାମ ମୋ କୋଳ ପୂରଣ କରିଦେଇଛନ୍ତି। ଆଜି ଶ୍ରୀ ରାମ ନବମୀ ରେ ପ୍ରଭୁ ମତେ ଏ ପୁଅ ଟିକୁ ଦେଇଛନ୍ତି। ରମେଶ ବାବୁ ସୁଲତା ର ପାଟି ଶୁଣି ବାହାରକୁ ଦଉଡ଼ି ଆସିଲେ ଆସି ଦେଖନ୍ତି ତ ସୁଲତା ଛୋଟ ଛୁଆକୁ ଧରି ବସିଛନ୍ତି।ଖୁସି ହୋଇଗଲେ ରମେଶ ବାବୁ କହିଲେ, ତୁମ କୋଳ ପୂରଣ କରିଦେଲେ ପ୍ରଭୁ !ମୁଁ କହୁ ନ ଥିଲି ସୁଲତା ,ପ୍ରଭୁ ଶ୍ରୀ ରାମ ତୁମ ଡାକ ନିଶ୍ଚୟ ଶୁଣିବେ। ସେ ପରା ଅନ୍ତର୍ଯ୍ୟାମୀ ଅନ୍ତରର କଥା ଶୁଣି ପାରନ୍ତି ସେ ପରା ପୁରୁଷୋତ୍ତମ ! ଧନ୍ୟ ତୁମେ ପ୍ରଭୁ ଧନ୍ୟ ତୁମର ଲୀଳା। ରାମୁ କାକା ସେ ପିଲାଟିକୁ ନେଇ ଗାଧୁଆ ପାଧୁଆ କରି ଦେଲେ। ଆଉ ଅଫିସ କଣ ଯିବେ ରମେଶ ବାବୁ ବଜାରକୁ ଯାଇ ରାଜୁ ପାଇଁ ନୂଆ ପୋଷାକ କିଣି ଆଣିଲେ। ଖାଇବା ପିଇବା ଦେଇ ଘରେ ପୁଅ ପରି ରଖିଲେ। ସୁଲତା ଦେବୀ ଆଉ ରମେଶ ବାବୁ ଏତେ ଖୁସି ଯେ ରାଜୁ କୁ ନେଇ ପାଖ ସ୍କୁଲ ରେ ନାମ ଲେଖାଇ ଦେଲେ। ରାଜୁ ଭଲ ପାଠ ପଢ଼ି ଶ୍ରେଣୀ ରେ ପ୍ରଥମ ହେଉଥାଏ। କିଛି ଦିନ ପରେ ରାଜୁ ର ମେଟ୍ରିକ୍ ପରୀକ୍ଷା ପାଖେଇ ଆସିଲା ମାଷ୍ଟର୍ ମାନେ ମଧ୍ୟ ରାଜୁକୁ ଖୁବ ଭଲ ପାଉ ଥାଆନ୍ତି। ପ୍ରତିଦିନ ଘରକୁ ଆସି ରାଜୁର ପାଠପଢ଼ା ତଦାରଖ କରି ଯାଉଥାନ୍ତି। ରାଜୁ ସମସ୍ତଙ୍କର ଆଦର ଯତ୍ନ ପାଇ ରାଜୁ ମେଟ୍ରିକ୍ ରେ ପ୍ରଥମ ଶ୍ରେଣୀରେ ଉର୍ତିନ ହୋଇଛି ରମେଶ ବାବୁ ଓ ସୁଲତା ଦେବୀ ବହୁତ ଖୁସି ରେ ରାଜୁ କୁ ଭଲ କଲେଜରେ ନାମ ଲେଖାଇ ଦେଲେ। ସୁନା ଚିହ୍ନେ ବଣିଆ ! ରମେଶ ବାବୁ ସୁଲତା ଦେବୀ ରାଜୁ କୁ ନେଇ ବହୁତ ଖୁସିରେ ଦିନ ବିତି ଯାଉଥାଏ। ପୁଅ ରାଜୁକୁ ଅଧିକ ପାଠ ପଢେଇବା ପାଇଁ ବିଦେଶ ପଠାଇ ଦେଲେ। କିନ୍ତୁ ଏଥିରେ ସୁଲତା ରାଜି ନ ଥିଲେ। ସୁଲତା ଦେବୀ ଗୋଟିଏ ମୂହୁର୍ତ୍ତ ରାଜୁ କୁ ପାଖରୁ ଛାଡ଼ିବାକୁ ରାଜି ନ ଥିଲେ। ରମେଶ ବାବୁ କହିଲେ ରାଜୁ ପାଠ ପଢ଼ି ଆସିଲେ ସେ ମୋ କମ୍ପାନୀ କଥା ବୁଝିବ। ନୀରବ ରହିଲେ ସୁଲତା ରାଜୁ ପାଠ ପଢିବା ପାଇଁ ବିଦେଶ ଚାଲିଗଲା। ଘରେ ରହିଲେ ରମେଶ ବାବୁ ଓ ସୁଲତା ଦେବୀ, ଏକା ରହିବାରୁ ସୁଲତା ଦେବୀ ଙ୍କର ଦେହ ଅସୁସ୍ଥ ହେବାକୁ ଲାଗିଲା ତେଣୁ ସେ ରମେଶ ବାବୁ ଙ୍କୁ ବାଧ୍ୟ କଲେ, ପୁଅ ରାଜୁକୁ ବିଦେଶ ରୁ ଫେରାଇ ଆଣିବାକୁ କିନ୍ତୁ ରମେଶ ବାବୁ ତାହା ଚାହିଁଲେ ନାହିଁ। ରମେଶ ବାବୁ ସୁଲତାକୁ କହିଲେ - କିଛି ଦିନ ରହିଯାଅ, ସେ ପାଠ ପଢ଼ି ଆସିଗଲେ ତା ଦାୟିତ୍ୱ ରେ ସବୁ ଦେଇ ଆମେ ନିଶ୍ଚିନ୍ତ ରେ ରହିବା। ସୁଲତା ଦେବୀ ଯେମିତି ରାଜୁକୁ ଝୁରୁଥାନ୍ତି ବିଦେଶରେ ମଧ୍ୟ ରାଜୁ ,ରମେଶ ବାବୁ ଓ ସୁଲତା ଦେବୀଙ୍କୁ ଝୁରୁଥାଏ। ରମେଶ ବାବୁ ଓ ସୁଲତା ଦେବୀ ଅନନ୍ତ ବିଶ୍ୱର ବୈଚିତ୍ର୍ୟ ମଧ୍ୟ ରୁ ଗୋଟିଏ ଦୁର୍ମୂଲ୍ୟ ମୁକ୍ତା ପାଇଛନ୍ତି ,ତେଣୁ ତାକୁ ଛାଡ଼ି ରହିବା କଷ୍ଟକର ବ୍ୟାପାର। ମନର ଅସରନ୍ତି ଇଚ୍ଛା , କାମନା ଆଶାରେ ବାନ୍ଧି ରହିଥାନ୍ତି।

ରାଜୁକୁ ଝୁରି ଝୁରି ସୁଲତା ଙ୍କ ଶରୀର ଅସୁସ୍ଥ ହେବାରେ ଲାଗିଛି। ରମେଶ ବାବୁ ବହୁତ ଡାକ୍ତର ଦେଖେଇ ସାରିଲେଣି କିନ୍ତୁ ଦେହ ଭଲ ହେବା ପରିବର୍ତ୍ତେ ଅଧିକ ଖରାପ ହେବାରେ ଲାଗିଛି।ରମେଶ ବାବୁ ବିଶ୍ରାମ ନେଉ ଥାଆନ୍ତି ,ହଠାତ୍ ବେଲ ବାଜି ଉଠିଲା ,ରମେଶ ବାବୁ କହିଲେ ,ରାମୁ ଦେଖ୍ ତ !ଏ ଅସମୟ ରେ କିଏ ଆମ ଘରକୁ ଆସିଛନ୍ତି ?ରାମୁ କବାଟ ଖୋଲି ଦେଖେତ ରାଜୁ ଠିଆ ହୋଇଛି। ରାମୁ ଡାକିଲା ଭିତରକୁ ଆସ ସାନ ବାବୁ ,ତୁମେ କେମିତି ଜାଣିଲ ଯେ ମାଆଙ୍କ ଦେହ ଖରାପ ବୋଲି ,କଣ କହିଲ ରାମୁ କାକା ମାଙ୍କ ଦେହ ଖରାପ ? ମୁଁ ଜାଣିନି ରେ ରାମୁ କାକା ମତେ ସେଠି କିଛି ଭଲ ଲାଗିଲାନି ବୋଲି ମୁଁ ସେଠାରୁ ପାଠ ପଢ଼ା ଛାଡ଼ି ମୋ ବାପା ମାଆଙ୍କ ପାଖକୁ ଚାଲି ଆସିଲି। ଏହା କହି ମାଆ ଙ୍କ ରୁମକୁ ପଶି ଯାଇ ମା ର ପାଦ ତଳେ ପଡିଯାଇ କହିଲା,ଏତେ ଦେହ ଖରାପ ମତେ କେହି ଜଣେଇଲନି। ସେଠି ମୁଁ କିଛି ପଢ଼ି ପାରିଲି ନାହିଁ। ବହି ର ପୃଷ୍ଠା ଲେଉଟାଇଲେ ଖାଲି ମୋ ମାଆ ବାପା ଙ୍କ ମୁହଁ ଦେଖାଗଲା। ତେଣୁ ମୁଁ ସେଠିକା ପାଠ ପଢ଼ା ଛାଡ଼ି ପଳେଇ ଆସିଲି। ଯେଉଁ ବିଶ୍ୱାସ ନେଇ ରାସ୍ତା ଉପରୁ ସାଉଁଟି ଆଣି ମତେ ମଣିଷ ପରି ମଣିଷ କରି ଗଢ଼ି ତୋଳିଛନ୍ତି ସେହି ବିଶ୍ୱାସ ଭିତ୍ତିକ ବାପା ମାଆ ଙ୍କ ପାଦ ତଳେ ହିଁ ରହି ତାଙ୍କରି ସେବାରେ ଜୀବନ ବିତେଇ ଦେବି। ରମେଶ ବାବୁ ଓ ସୁଲତା ଦେବୀ ରାଜୁ କୁ କୋଳ ରେ ଧରି ଗେଲ କରି କହୁଥାନ୍ତି ଆରେ ଧନ ତୁ ସାଉଁଟା ଦ୍ରବ୍ୟ ନୁହଁ। ତୁ ଆମ ଦୁଇ ଜଣ ଙ୍କ ର ବିଶ୍ୱାସ ର ଫୁଲ ! ତୋ ସ୍ଥାନ ପାଦ ତଳେ ନୁହେଁ ରେ ଆମ ହୃଦୟରେ...।

ଭୁବନେଶ୍ୱର, ମୋବାଇଲ୍‌: ୯୩୩୮୨୯୪୬୫୭



## ମା ମାଟି ମୋ ମଥା ଚନ୍ଦନ

ଡ଼ଃ ଅନୁପମା ବିଶ୍ୱାଳ

ମାଆ ମାଟି କୋଳେ ହୋଇଲି ଜନମ
ହସି ଉଠିଲା ଜୀଓ୍ୱନ
ତା' ଦେହର ଧୂଳି ମୋ ଦେହରେ ଲାଗି
ଜଗାଇଲା ମୋ ସ୍ପନ୍ଦନ
ମା ମାଟି ମୋ ମଥା ଚନ୍ଦନ
କେହି ନୁହେଁ ତା' ସମାନ।
ତା' ଓଠର ଭାଷା ଆହା କି ମଧୁର
ତା' ଗୀତ ନଚାଏ ମନ
ତା' ନଈର ଜଳ କେଡେ ନିରୀମଳ
ଆଦରେ କରେ ମୁଁ ପାନ
ମା ମାଟି ମୋ ମଥା ଚନ୍ଦନ
କେହି ନୁହେଁ ତା' ସମାନ।
ତା ଦେହର ଫଳ ଦିଏ ମୋତେ ବଳ
ଫୁଲ ହସାଏ ପରାଣ
ତା' ଗଛର ଛାଇ ଦେଇଛି ଆଶ୍ରୟ
ରଖିଛି ମୋହର ମାନ
ମା ମାଟି ମୋ ମଥା ଚନ୍ଦନ
କେହି ନୁହେଁ ତା' ସମାନ।
ତା' ଦେହରେ ଫଳେ ସୁନାର ଫସଲ
ପାଏ ମୁଁ ମିଠା ଭୋଜନ
ସଂସ୍କାର ସଂସ୍କୃତି ପରବ ପର୍ବାଣି
ସବୁତ ତାହାରି ଦାନ
ମା ମାଟି ମୋ ମଥା ଚନ୍ଦନ
କେହି ନୁହେଁ ତା' ସମାନ।
ମୋ ମାଟି ଅଟଇ ବୀର ପ୍ରସବିନୀ
ତ୍ରିରଙ୍ଗା ଅଟେ ପ୍ରମାଣ
ତାହାରି ସମ୍ମାନ କରେ ହୃଦୟରୁ
ଗାଇ ତା'ର ଗୁଣ ଗାନ
ମା ମାଟି ମୋ ମଥା ଚନ୍ଦନ
କେହି ନୁହେଁ ତା' ସମାନ।
ତା'ର ଜୟ ଧ୍ୱନି ଗାଉଥିବି ସଦା
ଥିବା ଯାଏ ପିଣ୍ଡେ ପ୍ରାଣ
ମରିବା ବେଳକୁ ଲୋଟିବି ତା କୋଳେ
କରି ଜଗାକୁ ଦର୍ଶନ
ମା ମାଟି ମୋ ମଥା ଚନ୍ଦନ
କେହି ନୁହେଁ ତା' ସମାନ।

ସମ୍ବଲପୁର





## ତିନି ରଙ୍ଗର ବାନା

ପୁଷ୍ପଲତା ମିଶ୍ର

ଅଗଷ୍ଟ ପନ୍ଦର ଶୋଭା ତ ବଢଇ
ତିନି ରଙ୍ଗେ ବାନା ଉଡେ,
ଉପରେ ନାରଙ୍ଗୀ ତା ରଙ୍ଗ ର ଭଙ୍ଗୀ
ମନ ରେ ସାହସ ମାଡେ।।
ତିନି ରଙ୍ଗ ମଧ୍ୟେ ଧବଳ ମୂରତି
ବର୍ଣ୍ଣନା ତୀତ ମୋ ପକ୍ଷେ,
ଗାଏ ଇତିହାସ ଗଉରବ ଗାଥା
ସବୁଠି ପ୍ରମାଣ ରଖେ ।।
ସତ୍ୟ ର ପୂଜାରୀ ଅଟେ ତ ଧବଳ
ତା ମଧ୍ୟେ ଅଶୋକ ଚକ୍ର,
ମହାନ୍ ବାରତା ଦିଏ ମଧ୍ୟେ ରହି
ଗାଏ ଅଂହିସା ର ମନ୍ତ୍ର ।।
ସବୁଜ ସଙ୍କେତ ଶେଷ ଅଗଣା ର
ଶ୍ୟାମଳ ତାହାର କ୍ଷେତ୍ର ,
ବିଶ୍ୱାସ ବୀରତ୍ୱ ପ୍ରଗତିର ଧାରା
ଶତ୍ରୁ କରେ ମଥା ନତ।।
କୃଷି ର ସମ୍ପଦ ଦେଶ ର ସମୃଦ୍ଧ
ବାରତା ଦିଏ ସବୁଜ ,
ମାଆର ପଣତ ତ୍ରିରଙ୍ଗା ନେତ
ଘୁଙ୍ଗୁର ବାନ୍ଧଇ ଆଜ।।
ଭାରତ ମାତା ର ଜୟ ଗାନ କରି
ବାଣ୍ଟିବା ସେନେହ ପ୍ରୀତି ,
ଏକତା ମନ୍ତ୍ର ରେ ଡୋରି ରେ ବାନ୍ଧିବା
ଛାତି ରେ ମିଶାଇ ଛାତି ।।

ଭୁବନେଶ୍ୱର,
ମୋବାଇଲ୍‌: ୯୩୩୮୨୯୪୬୫୭







## ପ୍ରେମ

ଜୟଶ୍ରୀ ପଟ୍ଟନାୟକ

କୃଷ୍ଣଚୂଡ଼ାକୁ ପଚାରନା କେବେ କାହିଁକି ଜଳେ ସୁରୁଯେ
ପଚାରନା କେବେ ରଜନୀଗନ୍ଧା କୁ ମହକେ କାହିଁକି ସଞ୍ଜେ
କେବେ ପଚାରନା କୁହୁଡି ପରଶେ କାହିଁ ଜଳେ ପଦ୍ମବନ
ପଚାରନା କେବେ ଭଲ ପାଇବାରେ କେମିତି ହଜିଲା ମନ।

ଗୋଲାପ ପୁଷ୍ପରେ ଶୁଭେଚ୍ଛା ଜଣାଇ ହୃଦୟକୁ କିଣିନିଏ
ରଜନୀଗନ୍ଧାର ମହକ ଚଖାଇ ଅନ୍ତରଙ୍ଗ ବନି ଯାଏ
ପ୍ରେମ ମାନସାଙ୍କ ଜଟିଳ ଲାଗେନା ଲାଗେ ଜୀବନ ଜ୍ୟାମିତି
ଇଚ୍ଛା ସବୁ ଯେବେ ଅଣାୟତ୍ତ ହୁଏ ଅସ୍ଥିର ଲାଗଇ ଛାତି।

ପ୍ରେମ ସେ ତ ଏକ ମାୟାର ମିରିଗ ସିଏ ଧରା ଦିଏନାହିଁ
ପ୍ରୀତିର ସେତୁ ରେ ଚଢିବାକୁ ହେଲେ ପାରି ହୁଅ ଦୁଃଖ ନଈ
ମିଳିଗଲେ ସେ ତ ଉଛୁଳା ଯମୁନା ନ ମିଳିଲେ ମଲା ନଈ
ସପନ ଦେଖିଲେ ସତ ଲାଗୁଥାଏ ଆଖି ଖୋଲିଦେଲେ ନାହିଁ।

ମଧୁସୂଦନ ନଗର, ଜଟଣୀ, ଖୋର୍ଦ୍ଧା
ମୋବାଇଲ୍‌:୭୯୭୮୧୧୦୪୭୪



## ରଙ୍ଗାଜୀବ ଗଙ୍ଗାଧର

ଡ. ଶୁଭେନ୍ଦୁ ମେହେର

ପଶ୍ଚିମରେ ଉଇଁ ଶ୍ରାବଣ ଆକାଶେ
ପୂର୍ଣ୍ଣିମା ଅଲୋକେ ଆଜି ।
ବିଶ୍ୱେ ମଧୁମୟ ସାଗରେ ଅମୃତ
ବିକଶିତ ବନରାଜି ।।

ଅମୃତ ସନ୍ତାନ ଅମୃତ ସାଗରେ
ଅମୃତ ଜୀବନ ଧରି ।
ଅମୃତ ସନ୍ଧାନୀ ଅମୃତ ପରଶ
ଅମୃତ ମୟ ବାରି ।

ଦରିଦ୍ରର କଷାଘାତରୁ ବାହାରି
ପ୍ରକୃତିର ବର୍ଣ୍ଣ ଭେଦ ।
ସୂକ୍ଷ୍ମାତିସୂକ୍ଷ୍ମର ମରମର ଗାଥା
କହେ ଖଦ୍ୟୋତର ଖେଦ ।।

ଚିର ସ୍ମରଣୀୟ ଚିର ବନ୍ଦନୀୟ
ଅପୂର୍ବ ସେ କୀର୍ତ୍ତିରାଜି ।
ମାନବୀୟ ବଳେ ଦୁର୍ବଳତା ଏଡି
ଭାଷାର ପ୍ରହରୀ ସାଜି ।।

କାବ୍ୟର ଆକାଶେ ଜ୍ୟୋତି ପରସାଇ
ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ।
ଅନ୍ତରୀକ୍ଷ ଠାରୁ ଅଭେଦ୍ୟ ଅରଣ୍ୟ
ମାତୃଭାଷାର ମହତ୍ତ୍ୱ ।।

ଭାଷା ସାହିତ୍ୟର ସୁଦକ୍ଷ ବିନ୍ଧାଣି
ସୃଜନର ଯାଦୁଗର ।
ସ୍ମିତସିକ୍ତ ମଧୁ ପରସି ଦେଇଛ
ସାହିତ୍ୟର କାରିଗର ।।

ଶୁଦ୍ଧ ସଚେତନ ଚେତନା ମଧ୍ୟରେ
ସୂକ୍ଷ୍ମ ଗଗନ ବିହାରୀ ।
ସ୍ନିଗ୍ଧ ସାଧକହେ ତୁମ ସ୍ମୃତି ଧୃତି
ଝରାଏ ଅମୃତ ବାରି ।।

କାଳଜୟୀ କାବ୍ୟ କବିତା ପରସି
ମହିମାନ୍ୱିତ ବାରିଧି ।
ଘୋର ଅମାବାସ୍ୟା ଅନ୍ଧକାର କିବା
ରଖିବ ତୁମକୁ ବାନ୍ଧି ।

ଆସ ଅବତରି ଆହେ ଗଙ୍ଗାଧାରୀ
ଅଜ୍ଞାନ ଅନ୍ଧାର ତେଜି ।
ରଙ୍ଗାଜୀବ ତୁମ ରଙ୍ଗର ପସରା
ଜଗତ ଝୁରଇ ଆଜି ।।

ଯାଲୋଏ, ସୁବର୍ଣ୍ଣପୁର
ମୋବାଇଲ୍‌:୯୯୩୮୪୩୩୬୭୪





## ରାକ୍ଷୀ

ଡ. ଭାରତୀ ହୋତା

ରାକ୍ଷୀ ଆସୁଛି
ନୂଆ ସମ୍ଭାର ଧରି
ମେଘ ସଓ୍ୱାରୀରେ,
ଶ୍ରାବଣର ଝିପି ଝିପି ବର୍ଷାରେ
ଧରଣୀ ରାଣୀର ସବୁଜ ପଣତରେ,
ରଙ୍ଗ ବେରଙ୍ଗ ସୁମନର ସୁଗନ୍ଧରେ ,
ଶିବ ଭକ୍ତଙ୍କ ବୋଲବମ, ବୋଲବମ ନାରାରେ ।।
ହେଇ ଦେଖ
ଆସୁଛି ରାକ୍ଷୀ,
ମୋ ନିଆରା ସହରରେ
ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ
ରାଜପଥର ହୋ ହଲ୍ଲାରେ
ଦୋକାନ ବଜାରରେ
ଭଳି କି ଭଳି ରାକ୍ଷୀର ପସରାରେ ।।
ରାକ୍ଷୀ ଆସୁଛି
ଭଉଣୀ ହାତର
ଚିତ୍ରିତ ମେହେନ୍ଦିର ମହ ମହ ବାସ୍ନାରେ ,
ଭାଇ ଉପହାରର ପରମ୍ପରାରେ,
ହୋଟେଲ ସମୂହରେ ସଜ୍ଜିତ
ଭଳିକି ଭଳି ମିଠାଇରେ ।।
କିନ୍ତୁ
ରାକ୍ଷୀ ଆସି ପାରୁନି
ସୀମାନ୍ତରେ ସହୀଦ ହୋଇଥିବା
ଭାଇର ସ୍ମୃତିଚିତ୍ରରେ,
କି ବିଗତ ମହାମାରୀରେ ସ୍ମୃତି ହୋଇ
ଟଙ୍ଗା ହୋଇଥିବା ତୈଳ ଚିତ୍ର ରେ,
କାହା ଅସହାୟପଣର
ଅବ୍ୟକ୍ତ ବେଦନାରେ,
ଆଉ କାହା ଅସମର୍ଥ ବାର୍ଦ୍ଧକ୍ୟରେ ।।
ରାକ୍ଷୀ ଆ'
ମୋ ସହରକୁ
ପୋଛିନେ କୋହ ଓ ଲୁହକୁ
ଭରିଦେ' ହସର ଜୁଆର ,
ଜାଳିଦେ 'ସଞ୍ଜବତୀ ପ୍ରତି ଅଗଣାରେ
ସ୍ଥାପନା ହେଉ ରାମ ରାଇଜ
ବଦଳି ଯାଉ ଚେହେରା
ବାନ୍ଧି ଦେ ସ୍ନେହ ଆଉ ବିଶ୍ୱାସର ଡୋରି
ମୈତ୍ରୀପଣର
ମାନବତାର ମାନପଣର
ଏକତାର ସୁଗନ୍ଧରେ,
ବାସି ଉଠୁ ବସୁଧା
ଦୂରେଇ ଯାଉ ଦୈନ୍ୟ
ପର -ଆପଣାପଣ
ତୁଟି ଯାଉ ଶତ୍ରୁତା
ହଟିଯାଉ ତାଚ୍ଛଲ୍ୟ ।।
ରାକ୍ଷୀ ଆସୁଛି
ମୋ ସହରରେ ,
ଅମୃତର ବାର୍ତ୍ତା ନେଇ
ଘରେ ଘରେ ପୁରେ ପୁରେ ।।

ଖରିଆର ରୋଡ଼, ନୂଆପଡା



## କାଳର କପାଳେ ଆମେ ଲଢ଼ିବା ଶିଖିଛୁ

ସ୍ୱାଗତିକା ସାହୁ

ବିପ୍ଲବ ରକ୍ତର ପାଟ ପରିହିତା
ଜାଗ୍ରତ ପ୍ରହରୀର ଲୌହ ମାନବ
ସ୍ୱାଧୀନତାର ଚୁକ୍ତି ନାମାଟେ....
ସେ ନୁହେଁ ପରାହତ....!
ଅମର ଶୀଳ ଲିପିରେ ସତେଜ ଦିଶେ
ଲୌହ - ଜଞ୍ଜିର ସେପଟେ...
ମହାକାଳ ମହା ଲିଖନୀର ନାୟକ
ସହିଛି ପ୍ରଳୟର ଚାବୁକ....
କନା - ଦାନା - ବାନା ର ଦାଉ
ସମୟର ପରିମାପ ଶିଖାଇଛି
ସ୍ଥିତିର ସ୍ଥିତିଥା, କ୍ଷତିର ଜବାବ୍
କାଳର କପାଳେ ଆମେ ଲଢ଼ିବା ଶିଖିଛୁ....!
ଦୃଷ୍ଟିର ଦିବ୍ୟୁରେ ଭରିଥିଲା
ସ୍ୱାଧୀନତାର ଉଷ୍ଣ ଭାସ୍ୱରିତ ରବି ।
ପରାଧୀନତାର ମହାନ୍ଧକାର ଗର୍ଭେ
ହାରିନଥିଲା ଝୁଣ୍ଟି ପଡ଼ି,ଆଣ୍ଠୁ ମାଡ଼ି...
ଅନ୍ଧକାରର ବାକ୍ୟ ଚିରି ଜରାୟୁର
ସଂଚିଛି ବିଶ୍ୱାସ, ଲଢ଼ିଛି ଖୁବ୍
ସଂଗ୍ରାମର ମହା ଯଜ୍ଞରେ...
ଅଖଣ୍ଡ ପ୍ରଜ୍ଜ୍ୱଳକ ସାଜି
ଦେଇଛି ଅର୍ପିତ ଘୃତାହୃତି ନିଜ ମୁଣ୍ଡର
ଜଳି ଜଳାଇବାର ଅଘୋଷିତ ନିଧାର୍ଯ୍ୟ
ବୋଧେ ଭାରତ ମାଁ ର ସଂକଳ୍ପ....!

ଉଦୟ ମୁଁ , ଅସ୍ତି ଯିବା ଅଙ୍ଗୀକାର
ନାହିଁ ମୋ ଜଠରାଗ୍ନିରେ...
ଏଇ ପୁଣ୍ୟତୋୟା ମାଟି - ମୋହ
ରହିଛି ରହିବ ପ୍ରାପ୍ତିର ମୟୁଖେ...
ଫଳିତ ଆକାଂକ୍ଷା ମାଁ ମାତୃଭୂମି ପାଇଁ
ଗୋଟିଏ ତୃଷ୍ଣା - ବ୍ୟାକୁଳତା...
ତିରିଶି ପାଉଣ୍ଡ ନେଇ ବ୍ୟବସାୟ କରେ
ଇଁରେଜ ବଣିକ....!
ବୁଣିଥିଲା ଆଶାର ମେଞ୍ଚାଏ କିରଣ
କରିଥିଲା କରାୟତ ଅର୍ଯ୍ୟ ଭୂମିକୁ
ଥିଲା ସ୍ଥିତି - ଅନ୍‌ୱେଷୋର ଜିଜ୍ଞାସା
ପ୍ରଭୁତ୍ୱର ଅନାହତ ନାଦ...!
କିନ୍ତୁ ହେଲାନି ଫଳବତୀ ସେଇ
ସତ୍ୟ ନ୍ୟାୟ ପରମ୍ପରାର
ସଂସ୍କାର ଖଣି ମୋ ଭାରତ ଭୂମା ପାଖେ...!

ଉମରକୋଟ, ନବରଙ୍ଗପୁର

## ଫେରି ଆସନ୍ତାକି ପୁରୁଣା ଦିନ

ଶାନ୍ତିଲତା ପଣ୍ଡା

ସୁନାଝରା ରୂପା ଝରା
ସେଇ ପୁରୁଣା ଦିନ
ମନେ ପଡ଼ିଗଲେ କେବେ
ହୃଦେ ଉଠେ କମ୍ପନ
ସୁନାଝରା ରୂପା ଝରା
ସେଇ ପୁରୁଣା ଦିନ
ସେନେହ ସୂତାରେ ବନ୍ଧା
ଥିଲା ସବୁରି ମନ
ନ ଥିଲା ସ୍ୱାର୍ଥରେ ଛନ୍ଦା
କାହାରି ପରାଣ
ସ୍ମୃତିରୁ ସାଇତା ତଳୁ
ଉଠଇ କମ୍ପନ
ସୁନା ଝରା ରୂପା ଝରା
ସେଇ ପୁରୁଣା ଦିନ
ଜେଜେ ମାଆ ଗପପେଡି
ଆଈମାଆ ଶରଧା
ମାମୁଁ ମାଇଁ କୋଳୁ ଝରେ
ଆନନ୍ଦର ସୁଧା
ବାପା ମାଆ ଗାଳି ଲାଗେ
ଅମୃତ ସମାନ
ସୁନା ଝରା ରୂପା ଝରା
ସେଇ ପୁରୁଣା ଦିନ
ବରଷା ପାଣିରେ ଭସା
କାଗଜର ଡଙ୍ଗା
ଆଜି ଲାଗୁଅଛି ତାହା
ମହଙ୍ଗାରେ ମହଙ୍ଗା
ଜହ୍ନ ରାତି ଭରୁଥିଲା
କେତେ ନୂଆ ସପନ
ସୁନା ଝରା ରୂପା ଝରା
ସେଇ ପୁରୁଣା ଦିନ
ଗାଆଁ ଦାଣ୍ଡ ଧୂଳି ଖେଳ
ଯାନି ଓ ଯାତରା
କୁଆଁର ପୁନେଇଁ ସାଥେ
ରଜଦୋଳି ନିଆରା
ଆଜି ସବୁ ଫିକା ଫିକା
ଅଧିର ପରାଣ
ଫେରନ୍ତା କି ସେଦିନର
ଖିଆଲି ଜୀବନ
ସୁନା ଝରା ରୂପା ଝରା
ସେଇ ପୁରୁଣା ଦିନ



# ଦୁଇ ମାସ ହେଲା ଅନ୍ଧାରରେ ଗ୍ରାମବାସୀ



**କନ୍ଧମାଳ,୨୫।୮ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ବ୍ଲକ ଅନ୍ତର୍ଗତ କରୁଡୁକୁପା ପଞ୍ଚାୟତର ବଲ୍‌କି ଗ୍ରାମବାସୀ ପ୍ରାୟ ଦୁଇ ମାସ ହେଲା ବିଦ୍ୟୁତ ସେବାରୁ ବଞ୍ଚିତ ହୋଇ ଅନ୍ଧାରରେ ରହୁଥିବା ଅଭିଯୋଗ ହୋଇଛି। ଟ୍ରାନ୍ସଫର୍ମର ଅଚଳ ହେବା ପରେ ଆଜି ପର୍ଯ୍ୟନ୍ତ ନୂତନ ଟ୍ରାନ୍ସଫର୍ମର ସ୍ଥାପନ ହୋଇନଥିବାରୁ ଗ୍ରାମବାସୀ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ପ୍ରତିବାଦରେ ସୋମବାର ପୂର୍ବାହ୍ନରେ ଅଞ୍ଚଳବାସୀ ତୁମୁଡ଼ିବନ୍ଧ ବ୍ଲକ ଆମ୍ବେଦକର ଛକ ଠାରେ ବିଦ୍ୟୁତ କାର୍ଯ୍ୟାଳୟ ଘେରାଉ କରିଥିଲେ।ସୂଚନା ଅନୁଯାୟୀ, ବଲ୍‌କି ଗ୍ରାମରେ ପ୍ରାୟ ୩୦ ଆଦିବାସୀ ପରିବାର ବସବାସ କରନ୍ତି। ପ୍ରାୟ ଦୁଇ ମାସ ତଳେ ଗାଁର ଟ୍ରାନ୍ସଫର୍ମର ଅଚଳ ହୋଇଯାଇଥିଲା। ସେହି ଦିନଠାରୁ ବିଦ୍ୟୁତ ସେବା ବନ୍ଦ ରହିଥିବାରୁ ଗ୍ରାମବାସୀ ଅନ୍ଧାରରେ ରହୁଛନ୍ତି। ଏବେ କାଠ ଜୁଳାଇ ନିଆଁ ହିଁ ରାତିରେ ସେମାନଙ୍କ ପାଇଁ ଆଲୋକର ଏକମାତ୍ର ଭରସା ପାଲଟିଛି। ବିଦ୍ୟୁତ ନଥିବାରୁ ଛାତ୍ରଛାତ୍ରୀଙ୍କ ପାଠପଢ଼ା ବାଧାପ୍ରାପ୍ତ ହେଉଛି। ବର୍ଷା ଦିନ ଅନ୍ଧାର ରାତିରେ ବିଷଧର ସାପ ଓ ବିଛାର ଭୟ ମଧ୍ୟ ରହୁଛି। ଏହାସହ ମୋବାଇଲ ଚାର୍ଜ କରି ନପାରିବାରୁ ଯୋଗାଯୋଗ ବ୍ୟବସ୍ଥା ମଧ୍ୟ ପ୍ରଭାବିତ ହୋଇଛି। ଗାଁରେ କେହି ଅସୁସ୍ଥ ହେଲେ ୧୦୮ ଆମ୍ବୁଲାନ୍ସ ସହ ଯୋଗାଯୋଗ କରିବାରେ ସମସ୍ୟା ହେଉଥିବା ଗ୍ରାମବାସୀ କହିଛନ୍ତି। ଗ୍ରାମବାସୀ ସୁବାଷ ମାଝୀଙ୍କ କହିବାନୁସାରେ, ଟ୍ରାନ୍ସଫର୍ମର ଖରାପ ହେବା ପରେ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଭାବେ ଅଭିଯୋଗ କରାଯାଇଥିଲେ ମଧ୍ୟ ପ୍ରଶାସନ କର୍ଣ୍ଣପାତ କରୁନାହାନ୍ତି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି।ତଥାପି ସମସ୍ୟାର ସମାଧାନ ନହେବାରୁ ବାଧ୍ୟ ହୋଇ ସୋମବାର ଦିନ ଗ୍ରାମବାସୀ ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ କରିଥିଲେ। ଏ ସମ୍ପର୍କରେ ତୁମୁଡ଼ିବନ୍ଧ ବିଦ୍ୟୁତ ବିଭାଗ ଯନ୍ତ୍ରୀ ପ୍ରଭୁଦତ୍ତ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ବର୍ଷା ଯୋଗୁଁ ଟ୍ରାନ୍ସଫର୍ମର ସ୍ଥାପନ କରାଯାଇପାରୁନାହିଁ। ପାଗ ଶୁଖିଲା ହେଲେ ଶୀଘ୍ର ଟ୍ରାନ୍ସଫର୍ମର ସ୍ଥାପନ କରାଯାଇ ଗାଁରେ ବିଦ୍ୟୁତ ସେବା ସ୍ୱାଭାବିକ କରାଯିବ ବୋଲି କହିଛନ୍ତି। ଦେଖିବାକୁ ବାକି ରହିଲା ଖବର ପ୍ରକାଶ ପରେ ପ୍ରଶାସନ କେବେ କୁମ୍ଭକର୍ଣ୍ଣ ନିଦ୍ରାରୁ ଉଠି ଏହି ସମସ୍ୟାର ସମାଧାନ କରୁଛନ୍ତି।

## ଏନସିସି ଆର୍ମି ୱିଙ୍ଗର କ୍ୟାଡେଟ ଚୟନ ଶିବିର

● ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୃଦ୍ଧି ପାଉଛି ଆଗ୍ରହ



**ଭଞ୍ଜନଗର,୨୫।୮ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲା ଭଞ୍ଜନଗରସ୍ଥିତ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ମଙ୍ଗଳବାର ଏନସିସି ଆର୍ମି ୱିଙ୍ଗର କ୍ୟାଡେଟ ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଗଗନ ବିହାରୀ ପୁରୋହିତଙ୍କ ନିର୍ଦ୍ଦେଶକ୍ରମେ ଏନସିସି ସିଟିଓ ଅର୍ପଣ ପ୍ରଧାନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ବ୍ରହ୍ମପୁରସ୍ଥିତ ଏନସିସି ଓଡ଼ିଶା ବାଟାଲିୟନ-୨ର ନାଏବ ସୁବେଦାର ଗଜେନ୍ଦ୍ର ଗୁରୁଙ୍ଗ ଓ ସିଏଚଏମ ଜଗଦୀଶ ସିଂ ଶିବିରରେ ଯୋଗଦେଇ ବିଭିନ୍ନ ପର୍ଯ୍ୟାୟରେ ଛାତ୍ରଛାତ୍ରୀଙ୍କ ଚୟନ କରିଥିଲେ। ଏହି ଶିବିରରେ ଶତାଧିକ ଛାତ୍ରଛାତ୍ରୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ସୂଚନାଯୋଗ୍ୟ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର ଗର୍ବ ଓ ଗୌରବ ଭାବେ ଏନସିସି ଆର୍ମି ଓ ନାଭାଲ ୟୁନିଟ୍‌ସ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପ୍ରତିବର୍ଷ ଏହି ୟୁନିଟ୍‌ରୁ ଅନେକ ଛାତ୍ରଛାତ୍ରୀ ଏନସିସି ତାଲିମ ଓ ଅଭିଜ୍ଞତା ମାଧ୍ୟମରେ ନିଯୁକ୍ତିର ସୁଯୋଗ ପାଇଆସୁଛନ୍ତି। ଏହି ଫଳରେ ଏନସିସି କ୍ୟାଡେଟ ଭାବେ ନାମ ଲେଖାଇବା ପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଗ୍ରହ ବୃଦ୍ଧି ପାଉଛି।

## ଲଗାଣ ବର୍ଷାରେ ଅସହାୟଙ୍କୁ ରାସନ ବାଣ୍ଟିଲେ ବରୁଣ



**କନ୍ଧମାଳ,୨୫।୮ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା କ. ନୂଆଗାଁ ବ୍ଲକ ଅନ୍ତର୍ଗତ ସାରଙ୍ଗଡ଼ ପଞ୍ଚାୟତ ଅଞ୍ଚଳରେ ଲଗାଣ ବର୍ଷା ଯୋଗୁଁ ଜନଜୀବନ ପ୍ରଭାବିତ ହୋଇଥିବା ବେଳେ ଅସହାୟ ଓ ଆବଶ୍ୟକତା ଥିବା ପରିବାରଙ୍କ ନିକଟରେ ନିଜସ୍ୱ ଖର୍ଚ୍ଚରେ ଚାଉଳ, ଡାଲି, ବିସ୍କୁଟ ସାମଗ୍ରୀ ପହଞ୍ଚାଇ ମାନବିକତାର ନିଦର୍ଶନ ସୃଷ୍ଟି କରିଛନ୍ତି ସାରଙ୍ଗଡ଼ ସରପଞ୍ଚ ବରୁଣ କହଁର। ରାଜ୍ୟର ବିଭିନ୍ନ ଅଞ୍ଚଳରେ ଲଘୁଚାପଜନିତ ଲଗାଣ ବର୍ଷା ଜାରି ରହିଥିବାରୁ ସାରଙ୍ଗଡ଼ ପଞ୍ଚାୟତର ବିଭିନ୍ନ ଗ୍ରାମ କୁ ଯାଇ ୨୦ ରୁ ଉର୍ଦ୍ଧ୍ୱ ଅସହାୟ ପରିବାର କୁ ବଣ୍ଟନ କରିଛନ୍ତି। ବର୍ଷା ଓ ଖରାପ ପାଗ ଯୋଗୁଁ ଅନେକ ଲୋକ ଘରୁ ବାହାରି ଆବଶ୍ୟକୀୟ ଖାଦ୍ୟ ସାମଗ୍ରୀ ଆଣିବାରେ ଅସୁବିଧା ଭୋଗୁଥିଲେ। ଏପରି ପରିସ୍ଥିତିରେ ଅସୁବିଧାରେ ଥିବା ପରିବାରଗୁଡ଼ିକୁ ସହାୟତା କରିବା ପାଇଁ ସରପଞ୍ଚ ବରୁଣ କହଁର ନିଜେ ଅଞ୍ଚଳରେ ବାହାରି ଘରକୁ ଘର ଯାଇ ରାସନ ସାମଗ୍ରୀ ବଣ୍ଟନ କରିଥିଲେ। ବର୍ଷାକୁ ଖାତିର ନକରି ସରପଞ୍ଚଙ୍କ ଏଭଳି ପଦକ୍ଷେପ ଫଳରେ ଆବଶ୍ୟକତା ଥିବା ଲୋକମାନେ ଘରେ ବସି ରାସନ ସାମଗ୍ରୀ ପାଇପାରିଥିଲେ। ଜନପ୍ରତିନିଧି ଭାବେ କେବଳ କାର୍ଯ୍ୟାଳୟରେ ବସି ନରହି ବିପଦ ସମୟରେ ଅସହାୟ, ବିଧବା ଓ ବେସାହାରା ଲୋକଙ୍କ ନିକଟରେ ପହଞ୍ଚି ସହଯୋଗର ହାତ ବଢ଼ାଇବା ତାଙ୍କର ଏହି ପ୍ରୟାସକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

### ନିଶାମୁକ୍ତ ଓଡିଶା ଅଭିଯାନ କାର୍ଯ୍ୟକ୍ରମ

## ନିଶା ସେବନ ବିରୋଧରେ ଶପଥ ପାଠ କଲେ ଛାତ୍ରୀଛାତ୍ର



**ଦିଗପହଣ୍ଡି,୨୫।୮ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଦିଗପହଣ୍ଡି ସ୍ଥିତ ବଡଖେମୁଣ୍ଡି ହାଇସ୍କୁଲ ପରିସରରେ ମଙ୍ଗଳବାର ଦିଗପହଣ୍ଡି ଥାନା ପକ୍ଷରୁ ନିଶାମୁକ୍ତ ଓଡିଶା ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁନିଲ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦିଗପହଣ୍ଡି ଥାନା ଆଇଆଇସି କିଶୋର କୁମାର ସାମଲ ମୁଖ୍ୟ ଅତିଥି ଏବଂ ଏସଆଇ ରାଜକିଶୋର ପାତ୍ର, ବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ସଭାପତି ଉଦୟନାଥ ସାମନ୍ତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ ପ୍ରକାର ନିଶା ମୋହରେ ବଶବର୍ତ୍ତୀ ହୋଇ ଆଧୁନିକ ଯୁବ ଛାତ୍ର ସମାଜ ପଥଭ୍ରଷ୍ଟ ହେବା ସହିତ ସେମାନଙ୍କୁ ନେଇ ମାତାପିତା ଦେଖିଥିବା ସ୍ୱପ୍ନ ମଧ୍ୟ ଚୁରମାର ହୋଇଯାଉଥିବା ଅତିଥିବୃନ୍ଦ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅବକାରୀ ଏବଂ ଏନଡିପିଏସ ଆକ୍ଟ ଭଳି ବିଭିନ୍ନ ନିଶା ବିରୋଧୀ ଆଇନରେ ରହିଥିବା ପ୍ରାବଧାନ ସମ୍ପର୍କରେ ଉପସ୍ଥିତ ଛାତ୍ର ମାନଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ହାଇସ୍କୁଲର ସହକାରୀ ଶିକ୍ଷୟତ୍ରୀ ତୃପ୍ତି ସାମଲ, ସୁନିତା ମହାଙ୍କୁଡ଼, ଶିବାନୀ ସାହୁ, ରଚିତା ସାହୁ, ସୋନାଲି ସାହୁ, ସୁଚିସ୍ମିତା ନାୟକ, ଶିକ୍ଷକ ଲୋକନାଥ ସେଠୀ, ସିମାଞ୍ଚଳ ରେଡ୍ଡୀ, ଗୌରୀଶଙ୍କର ପ୍ରଧାନ, ସାଇରାଜ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଛାତ୍ର ବୃନ୍ଦ ନିଶା ସେବନ ବିରୋଧରେ ଶପଥପାଠ କରିଥିଲେ। ସେହିପରି ସ୍ଥାନୀୟ ଖେମୁଣ୍ଡି କଲେଜରେ ଆୟୋଜିତ କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ଡ଼. ଅସିତ କୁମାର ଷଡଙ୍ଗୀଙ୍କ ସଭାପତିତ୍ୱରେ ଆୟୋଜିତ ସଚେତନତା ସଭାରେ ଥାନା ଆଇଆଇସି, ଏସ.ଆଇଙ୍କ ସମେତ ଅଧ୍ୟାପିକା ଡ଼.ଅନିତା ପାଣି,ଅଧ୍ୟାପକ ଭବାନୀ ପାଣିଗ୍ରାହୀ, ଅନିଲ ସାହୁ ଯୋଗଦେଇ 'ଆମ ସଂକଳ୍ପ ନିଶା ନୁହେଁ ଜୀବନ' ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ।

## ବ୍ୟବସାୟୀଙ୍କ ଘରୁ ଚୋରି ଘଟଣାରେ ୬ ଗିରଫ: ସୁନା-ରୁପା ଜବତ

**କେସିଙ୍ଗା,୨୫।୮ (ସଂଚାର ବ୍ୟୁରୋ):** କେସିଙ୍ଗା ସହର ୱାର୍ଡ ନଂ-୩ର ବ୍ୟବସାୟୀ ପୁନମ ଜୈନଙ୍କ ଘରୁ ଗତ ଜୁଲାଇ ୨୧ ତାରିଖରେ ତାଲା ଭାଙ୍ଗି ସୁନା, ରୁପା ଓ ନଗଦ ଟଙ୍କା ଚୋରି ଘଟଣାରେ କେସିଙ୍ଗା ପୋଲିସ ୬ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ରାୟଗଡ଼ା ଓ କେସିଙ୍ଗା ଅଞ୍ଚଳର ବୋଲି ପୋଲିସ ସୂଚନା ଦେଇଛି। ଗିରଫ ହୋଇଥିବା ଚୋରମାନେ ହେଲେ ରାୟଗଡା ସହରର ଆର କେ ନଗରର ରବି ଶଙ୍କର ମହାଣ୍ଡିଆ (୩୩), ରାହୁଲ ସାମଲ(୨୩), ପର୍ମି ଶ୍ରୀକାନ୍ତ (୩୨), ତେଜପ ନାୟକ(ଅଜିତ)୨୭,ରାୟଗଡା ର କୋଟପେଟା ଗ୍ରାମର ହୁଙ୍କା ଦୁତିଆ(୨୯),କଳାହାଣ୍ଡି ଜିଲା କେସିଙ୍ଗା ସହରର ୱାର୍ଡ ନ ୩ର ନରେଶ ତାଣ୍ଡି(୨୭)କୁ କେସିଙ୍ଗା ପୋଲିସ ଧରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନଙ୍କ ଠାରୁ ୭୨ ଗ୍ରାମ ସୁନା, ୧ କେଜି ୧୩୮ ଗ୍ରାମ ରୁପା ଓ ୨ ଲକ୍ଷ ୭୦ ହଜାର ଟଙ୍କା ନଗଦ ଜବତ ହୋଇଛି। ଚୋରି ସମ୍ପତ୍ତିର ମୋଟ ମୂଲ୍ୟ ପ୍ରାୟ ୧୮ ଲକ୍ଷ ଟଙ୍କା ବୋଲି ଜଣାପଡ଼ିଛି। ଜିଲା ଆରକ୍ଷୀ ଅଧୀକ୍ଷକ ନାଗରାଜ ଦେବରକୁଣ୍ଡା ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଥିଲେ।

## ଅଙ୍ଗନୱାଡି ସଂଘର ଅନଶନ ଆରମ୍ଭ, ଉପଜିଲ୍ଲାପାଳଙ୍କୁ ଦେଲେ ଦାବିପତ୍ର



**ଗୁଣପୁର,୨୫।୮ (ସଂଚାର ବ୍ୟୁରୋ):** ରାୟଗଡ଼ା ଜିଲା ଗୁଣପୁର ଅଙ୍ଗନୱାଡି କର୍ମୀମାନେ ଅନଶନ ଆରମ୍ଭ କରିଛନ୍ତି । ବିଭିନ୍ନ ଦାବି ନେଇ ମଙ୍ଗଳବାର ଠାରୁ ଏହି ବିକ୍ଷୋଭ ଆରମ୍ଭ କରିଛନ୍ତି । ଅନଶନ ଆରମ୍ଭ ପୂର୍ବରୁ କର୍ମୀ ଏବଂ ସହାୟିକାମାନେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଠାରୁ ଶୋଭାଯାତ୍ରାରେ ବାହାରି ସିଡିପିଓଙ୍କ କାର୍ଯ୍ୟାଳୟରେ ପହଞ୍ଚି ଅନଶନ ଆରମ୍ଭ କରିଛନ୍ତି। ସିଡିପିଓଙ୍କ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠନ କିମ୍ବା ବଦଳି ନ ହେବା ଯାଏ ଅନଶନ ଏୱଂ ଅନ୍ୟାନ୍ୟ ଦାବି ନେଇ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ସେମାନଙ୍କର ଦାବି ପୂରଣ ନ ହେବାରୁ ଅନଶନ ଆରମ୍ଭ କରିଛନ୍ତି ଅଙ୍ଗନୱାଡି କର୍ମୀ ଏବଂ ସହାୟିକା ।

## ଜିପିଏଲ୍ଏଫ୍, ସିଆର୍‌ପି ନିଯୁକ୍ତିରେ ଅନିୟମିତତା ଅଭିଯୋଗ

**ଲୋଇସିଂହା,୨୫।୮ (ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(ଖ) ପଞ୍ଚାୟତରେ ଜିପିଏଲ୍ଏଫ୍ ଓ ସିଆର୍‌ପି ମେମ୍ବର ନିଯୁକ୍ତିରେ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ହୋଇଛି। ଏନେଇ ନଅଗାଁ(ଖ) ଗ୍ରାମର ମା' ମଙ୍ଗଳା ସ୍ୱୟଂ ସହାୟକ ଦଳର ସଦସ୍ୟା ଲିଲି ବେଲଘରିଆ ସୋମବାର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରି ନିଯୁକ୍ତି



ପ୍ରକ୍ରିୟାରେ ତଦନ୍ତ ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ, କିଛିମାସ ପୂର୍ବରୁ ଜିପିଏଲ୍ଏଫ୍ ଓ ଏସ୍ଏଚ୍‌ଜି ଆକ୍ଟିଭ ମେମ୍ବର ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଏଥିପାଇଁ ଲିଲିଙ୍କ ସମେତ ଅନେକ ପ୍ରାର୍ଥୀ ଆବେଦନ କରିଥିଲେ। ତେବେ ନିଯୁକ୍ତି ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଅନ୍ୟ ଏକ ସ୍ୱୟଂ ସହାୟକ ଦଳର ୨ଜଣ ସଦସ୍ୟାଙ୍କୁ ସମ୍ପୃକ୍ତ ପଦବୀରେ ନିଯୁକ୍ତି ଦିଆଯାଇଛି।

### ଧାନ ବିକ୍ରି ପଞ୍ଜୀକରଣବେଳେ ଚାଷୀଙ୍କୁ ବିଭ୍ରାନ୍ତ କରିଥିବା ଅଭିଯୋଗ

## ଜିଲ୍ଲାପାଳଙ୍କୁ ଫେରାଦ ହେଲେ ଚାଷୀ



**ଲୋଇସିଂହା,୨୫।୮ (ସଂଚାର ବ୍ୟୁରୋ):** ଖରିଫ ୨୦୨୬-୨୭ ଧାନ ବିକ୍ରି ପାଇଁ ପାକ୍ସଗୁଡ଼ିକରେ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଚାଲିଥିବାବେଳେ ଆଗଲପୁର ବ୍ଲକ ମୁରୁଶୁଣ୍ଡି ପାକ୍ସରେ ଧାନ କିଣାବିକାକୁ ନେଇ ଏକ ଭିନ୍ନ ବିବାଦ ଦେଖାଦେଇଛି। ବ୍ଲକ ଅନ୍ତର୍ଗତ ଡୁଙ୍ଗୁରିପାଲି ଓ ତେନ୍ତୁଳି ଗ୍ରାମର କିଛି ଚାଷୀ ପାକ୍ସ ସମ୍ପାଦକଙ୍କ ବିରୋଧରେ ଅଭିଯୋଗ କରି ଜିଲାପାଳଙ୍କ ନିକଟରେ ଫେରାଦ ହୋଇଛନ୍ତି। ଅଭିଯୋଗର ତଦନ୍ତ କରି ଦୋଷୀଙ୍କ ବିରୋଧରେ ଆବଶ୍ୟକ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି। ଏଡିଏମ ବିଜୟାନନ୍ଦ ସେଠୀ ଅଭିଯୋଗ ଗ୍ରହଣ କରି ଡ଼ିଆରସିଏସଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିବା ଅଭିଯୋଗକରୀ ଚାଷୀଙ୍କଠାରୁ ପ୍ରକାଶ। ଚାଷୀଙ୍କ ଅଭିଯୋଗ ଅନୁସାରେ, ରାଜ୍ୟ ସରକାର ଚାଷୀଙ୍କଠାରୁ ପାକ୍ସ ସମେତ ବିଭିନ୍ନ ସ୍ଥାନରେ ଏସଏଚ୍‌ଜି ମାଧ୍ୟମରେ ଖରିଫ ଓ ରବି ସମୟରେ ଧାନ କ୍ରୟ କରୁଛନ୍ତି। କିନ୍ତୁ ଚଳିତ ଖରିଫ ଋତୁରୁ ଏସଏଚ୍‌ଜି ଧାନ କ୍ରୟ କରିବେ ନାହିଁ ବୋଲି ସରକାରୀ ଭାବେ ନିଷ୍ପତ୍ତି ହୋଇଥିବା ଚାଷୀମାନେ ଜାଣିବାକୁ ପାଇଛନ୍ତି। ପୂର୍ବରୁ ଧାନ ବିକ୍ରି କରୁଥିବା ପାକ୍ସରେ ପୁଣି ଚାଷୀ ପଞ୍ଜୀକରଣ କରି ଧାନ ବିକ୍ରି କରିପାରିବେ ବୋଲି ଜଣାପଡ଼ିଛି। ଏହି ପରିପ୍ରେକ୍ଷୀରେ ଡୁଙ୍ଗୁରିପାଲି ଓ ତେନ୍ତୁଳି ଗ୍ରାମର ଚାଷୀମାନେ ୨୦୨୬-୨୭ ଖରିଫ ଧାନ ବିକ୍ରି ପାଇଁ ମୁରୁଶୁଣ୍ଡି ପାକ୍ସକୁ ଯାଉଛନ୍ତି। ଅଭିଯୋଗ ଅନୁସାରେ, ପାକ୍ସ ସମ୍ପାଦକ ପଞ୍ଜୀକରଣ ପାଇଁ ଯାଉଥିବା ଚାଷୀଙ୍କୁ ହଇରାଣ କରିବା ସହ ବିଭ୍ରାନ୍ତିକର ମନ୍ତବ୍ୟ ଦେଉଛନ୍ତି। ଏହା ସହ ଗତବର୍ଷ ଧାନ କିଣା କରିଥିବା ଏସଏଚ୍‌ଜି ବିରୋଧରେ ଚାଷୀଙ୍କଠାରୁ ଦରଖାସ୍ତ ଲେଖାଇ ନେବା ଏବଂ ପାକ୍ସ ସମ୍ପାଦକ ନିଜ କ୍ଷମତାର ଦୁରୁପଯୋଗ କରୁଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି। ଏସଏଚ୍‌ଜିକୁ ଧାନ କିଣାରୁ ବାଦ ଦେବା ପ୍ରକ୍ରିୟା ସରକାରୀ ନିଷ୍ପତ୍ତି ଅନୁଯାୟୀ ଚାଲିଛି ବୋଲି ସ୍ଥାନୀୟ ଚାଷୀ ସମ୍ପାନ ଜଣାଇଛନ୍ତି।

## ସିନିଅର ଫୁଟବଲ୍ ଲିଗ୍‌ର ମ୍ୟୁନିସପାଲିଟି ଜୋନ୍‌ରେ ଚାମ୍ପିଅନ ହେଲା ରାମଧୂନ କ୍ଲବ୍



**ସୁବର୍ଣ୍ଣପୁର,୨୫।୮ (ସଂଚାର ବ୍ୟୁରୋ):** ମ୍ୟୁନିସିପାଲିଟି ଜୋନ୍ ସୁବର୍ଣ୍ଣପୁର ସିନିୟର୍ ଫୁଟବଲ ଲିଗ୍ ର ଫାଇନାଲ ମ୍ୟାଚ ରାମଧୁନ୍ କ୍ଲବ୍ ଓ ରିଜର୍ଭ ପୋଲିସ ପୋଲିସ ଟିମ୍ ମଧ୍ୟ ରେ ଅନୁଷ୍ଠିତ ହୋଇଯାଇଛି। ରିଜର୍ଭ ପୋଲିସ ଦଳ କୁ -୬ ୦ ଗୋଲ ରେ ହରାଇ ରାମ ଧୂନ୍ କ୍ଲବ୍ ମ୍ୟୁନିସିପାଲଟି ଜୋନ୍ ର ଚମ୍ପିଆନ ହୋଇଛି। ଏହି ଫାଇନାଲ ଖେଳ ରେ ମୁଖ୍ୟ ଅତିଥି ଭାବରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼ ନୃପରାଜ ସାହୁ ଯୋଗ ଦେଇ ଖେଳାଳି ଓ ଆୟୋଜକ କମିଟି ଜିଲ୍ଲା କ୍ରୀଡା ସଂଘ କୁ ଉତ୍ସାହିତ କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ ଭାବେ ବିଜୟୀ ଦଳ ର ପରେସ ଜର୍ସି ନମ୍ବର ୧୩, କିରଣ ନାଏକ୍ ଙ୍କୁ ବେଷ୍ଟ ଡିଫେନ୍ସ, ଏମାର୍ଜିଂ ଖେଳାଳି ଭାବେ ଚନ୍ଦନ ବେହେରା ଙ୍କୁ ଅତିଥି ଙ୍କ ଦ୍ୱାରା ପୁରସ୍କୃତ କରା ଯାଇଥିଲା। ରାଜେଶ୍ ଥନାପତି ମୁଖ୍ୟ ରେଫରୀ ଭାବେ, ସୁଶାନ୍ତ ବାଗ, ସୁଦାମ ଜଗଦଲା, ଓ ସଞ୍ଜୀବ ସାହୁ ଖେଳ ପରିଚାଳନା କରିଥିଲେ। ମ୍ୟାଚ କମିସନର ଭାବେ ଭୁକୁଲୁ ବକ୍ସି ଦାୟିତ୍ୱ ନିର୍ବାହ କରିଥିଲେ। ସମ୍ମାନିତ ଅତିଥି ଭାବେ ତାମସୀ ତାମସ୍ମିତା ନାଏକ, ଭେଟରାନ ଖେଳାଳି ଗୋରେଖନାଥ ସାହୁ, କର୍ମ ଯୋଗୀ ଗୋବିନ୍ଦ ମହାରଣା, କ୍ରୀଡ଼ାବିତ ରାମ କୁମାର ସାହୁ ଯୋଗ ଦେଇ ଖେଳାଳି ଙ୍କୁ ପୁରସ୍କୃତ କରିଥିଲେ। କ୍ରୀଡ଼ା ସଂଘ ବରିଷ୍ଠ ସଦସ୍ୟ ମନୋରଞ୍ଜନ ତ୍ରିପାଠୀ ସଭା ପରିଚାଳନା କରିଥିବା ବେଳେ ଦିଗାମ୍ବର ଶତପଥୀ ଖେଳ ର ଧାରା ବିବରଣୀ ପ୍ରଦାନ କରିଥିଲେ।

## ଜିଲ୍ଲାସ୍ତରୀୟ ବ୍ୟାଙ୍କ ପରାମର୍ଶଦାତା ସମିତି ବୈଠକ



**ସୁବର୍ଣ୍ଣପୁର,୨୫।୮ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାପାଳ ଙ୍କ ସମ୍ମିଳନୀ କକ୍ଷ ରେ ଜିଲ୍ଲା ସ୍ତରୀୟ ବ୍ୟାଙ୍କ ପରାମର୍ଶ ଦାତା ସମିତି ର ତ୍ରୈମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଡ଼ ନୃପ ରାଜ ସାହୁ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଏହି ସଭାରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ ମେହେର, ଜିଲ୍ଲା ଅଗ୍ରଣୀ ବ୍ୟାଙ୍କ୍ ଅଧିକାରୀ କାର୍ତ୍ତିକେଶ୍ୱର ପଣ୍ଡା, ଏସ.ବି.ଆଇ.ଆଞ୍ଚଳିକ ପ୍ରବନ୍ଧକ ଶ୍ରୀକାନ୍ତ ସାହୁ, ଭରତୀୟ ରିଜର୍ଭ ବ୍ୟାଙ୍କ ଅଧିକାରୀ, ନାୱାର୍ଡ ର ଜିଲ୍ଲା ଉନ୍ନୟନ ପ୍ରବନ୍ଧକ, ଜିଲ୍ଲା ସ୍ତରୀୟ ଅନ୍ୟ ଅଧିକାରୀ ଓ ବ୍ୟାଂକ ସଂଯୋଜକ ଗଣ ଯୋଗ ଦେଇଥିଲେ। ବ୍ୟାଙ୍କ ମାନଂକ ର ସମୀକ୍ଷା କରାଯିବା ସହିତ ପ୍ରଧାନ ମନ୍ତ୍ରୀ ଫସଲ ବୀମା ଅବଧି ବଢ଼ି ଥିବାରୁ ସମସ୍ତ କୃଷି ଋଣ କୁ ବୀମାଭୁକ୍ତ କରିବା ପାଇଁ ଜିଲ୍ଲାପାଳ ଡ଼ ସାହୁ ନିର୍ଦ୍ଦେଶ ଦେଇଥିଲେ। ବ୍ୟାଙ୍କ ମାନଙ୍କର ସର୍ଭିସ ପ୍ରତ୍ୟେକ କାର୍ଯ୍ୟ କଳାପ ଅନ୍ୟ ଜାଗା ରୁ ଖୁବ୍ ଆଗରେ ବୋଲି ଡ଼ ସାହୁ କହିଥିଲେ। ଆସନ୍ତା ଅଗଷ୍ଟ ୩୧ ତାରିଖ ରେ ଜିଲ୍ଲାପାଳ ଚାକିରି ରୁ ଅବସର ନେଉ ଥିବାରୁ ସବ ଏସ ବି ଆଇ ର ଆଞ୍ଚଳିକ ପ୍ରବନ୍ଧକ ଜିଲ୍ଲାପାଳ ଙ୍କୁ ଉପ ଢୌକନ୍ ଫୁଲ ତୋଡା ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଷ୍ଟେଟ ବ୍ୟାଙ୍କ ର ମୁଖ୍ୟ ପରିଚାଳକ ଧନ୍ୟବାଦ ପ୍ରସ୍ତାବ ଦେବା ସହିତ ସଭା କାର୍ଯ୍ୟ ସମାପ୍ତ ହୋଇଥିଲା।

## କିରିକୁଟିରେ 'ଆମ ଗାଁ ଆମ ତହସିଲ: ଅଭିଯୋଗ ଶୁଣିଲେ

**ଦାରିଙ୍ଗବାଡ଼ି,୨୫।୮ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ତହସିଲ ଅଧୀନ କିରିକୁଟି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର 'ଆମ ଗାଁ ଆମ ତହସିଲ' ଶିବିର ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ଧୀରଜ ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ସ୍ଥାନୀୟ ଲୋକଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରାଯାଇଥିଲା। ଏହି ଅବସରରେ ତହସିଲଦାର ଧୀରଜ ପାତ୍ର ୭ଟି ଅଭିଯୋଗର ଶୁଣାଣି କରିଥିଲେ। ସେଥିମଧ୍ୟରୁ ୩ଟି ଅଭିଯୋଗର ତତ୍କାଳ ସମ୍ପର୍କିତ ଅଭିଯୋଗର ସମାଧାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସରପଞ୍ଚ ମଧୁସ୍ମିତା ପ୍ରଧାନ, ସମିତିସଭ୍ୟା ଜ୍ଞାନି ସୁନ୍ଦର ନାୟକ, ସୁପରଭାଇଜର ବିପିନ ବିହାରୀ ପ୍ରଧାନ, ରାଜସ୍ୱ ନିରୀକ୍ଷକ ଚାନ୍ଦିନୀ ଦିଗାଲଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଗାଁରେ ଜନସାଧାରଣଙ୍କ ନିକଟରେ ତହସିଲ ସେବାକୁ ପହଞ୍ଚାଇବା ପାଇଁ ରାଜ୍ୟ ସରକାର ନେଇଥିବା ଏହି ପଦକ୍ଷେପ ଯୋଗୁ ଲୋକମାନେ ଉପକୃତ ହେଉଥିବା ସ୍ଥାନୀୟ ଲୋକେ ପ୍ରତିକ୍ରିୟାରେ କହିଛନ୍ତି। ତହସିଲ କାର୍ଯ୍ୟାଳୟକୁ ଦୂରରୁ




ସମାଧାନ କରାଯାଇଥିଲା। ସେହିପରି କଲମ-୨ର ସଂଶୋଧନ କରାଯାଇଥିବା ୧୪ଟି ଜମି ପଟ୍ଟା ବଣ୍ଟନ କରାଯାଇଥିଲା। ଏଥିସହ ଜଙ୍ଗଲ ଜମି ଅଧିକାର ଆଇନ ଅନୁଯାୟୀ ୯ଟି ଜମି ପଟ୍ଟା ପ୍ରଦାନ କରାଯାଇଥିଲା। ଏହାବ୍ୟତୀତ ୮ଟି ଜବରଦଖଲ ମାମଲା ରୁଜୁ କରାଯାଇଥିବା ବେଳେ ଗୋଟିଏ ସୀମା ନିର୍ଦ୍ଧାରଣ ଯିବାର ଆବଶ୍ୟକତା ନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଏହି ଶିବିରକୁ ନେଇ ସନ୍ତୋଷ ପ୍ରକାଶ ପାଉଛି। ରିଙ୍ଗବାଡ଼ି ବ୍ଲକ୍‌ର ୨୫ଟି ପଞ୍ଚାୟତର ସମସ୍ତ ରାଜସ୍ୱ ଗ୍ରାମରେ ପର୍ଯ୍ୟାୟକ୍ରମେ ଏଭଳି ଶିବିର ଆୟୋଜନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିବା ତହସିଲଦାର ଧୀରଜ ପାତ୍ର ସୂଚନା ଦେଇଛନ୍ତି।

## ମୁଖ୍ୟ ଚିକିତ୍ସାଳୟରେ ଏଟିଏମ, ଉଦ୍‌ଘାଟନ କଲେ ଜିଲ୍ଲାପାଳ



**ସୁବର୍ଣ୍ଣପୁର,୨୫।୮ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ପକ୍ଷରୁ ଏକ ନୂତନ ଏଟିଏମ୍ ର ଶୁଭାରମ୍ଭ ହୋଇଯାଇଛି। ରୋଗୀ, ଡାକ୍ତର ତଥା କର୍ମଚାରୀଙ୍କ ସୁବିଧା ପାଇଁ ଜିଲ୍ଲାପାଳଙ୍କ ଉଦ୍ୟମ ତଥା ପରାମର୍ଶ କ୍ରମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପରିସରରେ ଏହି ଏଟିଏମ୍ ର ଶୁଭାରମ୍ଭ ହୋଇଛି। ଏହାକୁ ଜିଲ୍ଲାପାଳ ନୃପରାଜ ସାହୁ ଉଦଘାଟନ କରିଥିବା ବେଳେ ଏସବିଆଇ ର ଆଞ୍ଚଳିକ ପ୍ରବନ୍ଧକ ଶ୍ରୀକାନ୍ତ ସାହୁ, ଏଲଡିଏମ କାର୍ତ୍ତିକେଶ୍ୱର ପଣ୍ଡା, ସୋନପୁର ଶାଖା ଚିଫ ମ୍ୟାନେଜର ଲକ୍ଷ୍ମଣ ମାଝୀ ଓ ବ୍ୟାଙ୍କ ଅଧିକାରୀ ଏବଂ ସିଡିଏମଓ ଉଷାରାଣୀ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଚିକିତ୍ସାଳୟ ପାଖରେ ପୂର୍ବରୁ କୌଣସି ଏଟିଏମ୍ ସୁବିଧା ନ ଥିବା ବେଳେ ଏହାଦ୍ୱାରା ଚିକିତ୍ସାଳୟକୁ ଆସୁଥିବା ରୋଗୀଙ୍କ ସମ୍ପର୍କୀୟ ମାନେ ଏଟିଏମ୍ ରୁ ସହଜରେ ଟଙ୍କା ଉଠାଣ କରିପାରିବେ ଏବଂ ଲୋକଙ୍କ ସୁବିଧା ଅସୁବିଧା ଦୂର ହେବ।

## ନିଶାମୁକ୍ତ ସମାଜ ଗଠନ ପାଇଁ ଆହ୍ୱାନ

**ରମ୍ଭା,୨୫।୮ (ସଂଚାର ବ୍ୟୁରୋ):** ସୁବଳୟା ସ୍ଥିତ ଗୋପାଳ କୃଷ୍ଣ ଉଚ୍ଚ ମାଧ୍ୟମିକ ମହାବିଦ୍ୟାଳୟରେ ରମ୍ଭା ପୋଲିସ ପକ୍ଷରୁ ସାଇବର୍ ଅପରାଧ ଓ ନିଶା ନିବାରଣ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସି.ଏଚ. ସୁଧାକରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଛତ୍ରପୁର ଏସଡିପିଓ ଚନ୍ଦନ କୁମାର ଘଡ଼ାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଗଞ୍ଜାମ ପୋଲିସ ଜିଲ୍ଲା ସାଇବର୍ ଅପରାଧ ନିୟନ୍ତ୍ରଣ ଅଧିକାରୀ ଜ୍ୟୋତି ରଞ୍ଜନ ବେହେରା ଡିଜିଟାଲ୍ ସାଇବର୍ ଠକେଇ ଓ ମୋବାଇଲ ବ୍ୟବହାର ସମୟରେ ସତର୍କତା ସମ୍ପର୍କରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ସୁବଳୟା ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ରମ୍ଭା ଥାନା ଆଇଆଇସି କୁମାର ମୁଦୁଲି ଏବଂ ବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ ଉପସ୍ଥିତ ଥିଲେ।

## ବିଭିନ୍ନ ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମ ସଭା ଏକ ପ୍ରହସନ ପାଲଟିଛି

**ବୈଶିଙ୍ଗା,୨୫।୮ (ସଂଚାର ବ୍ୟୁରୋ):** ପ୍ରତି ପଞ୍ଚାୟତରେ ଉନ୍ନତି ମୂଳକ କାର୍ଯ୍ୟକ୍ରମ କରାଯିବା ପାଇଁ ପଲ୍ଲୀସଭା ଏବଂ ପରେ ଗ୍ରାମସଭା କରାଯାଇ ବିଭିନ୍ନ ପ୍ରକଳ୍ପ ମଞ୍ଜୁରୀ କରାଯିବା ସହିତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଅନୁମୋଦନ ପ୍ରାପ୍ତ କରାଯାଇ ଥାଏ। ପଲ୍ଲୀ ସଭାର ସିଦ୍ଧାନ୍ତ ଅନୁଯାଇ ଗ୍ରାମରେ ବଛାଯାଇଥିବା ବ୍ୟକ୍ତିବିଶେଷ କ୍ରମାନ୍ୱୟରେ କାର୍ଯ୍ୟାଦେଶ ପାଇ ପ୍ରକଳ୍ପ କାର୍ଯ୍ୟ କରିଥାନ୍ତି। ମାତ୍ର ବିଡମ୍ବନାର ବିଷୟ ଯେ ଗତ ପଞ୍ଚାୟତ ନିର୍ବାଚନ ପର ଠାରୁ ଆଜି ପର୍ଯ୍ୟନ୍ତ ଗ୍ରାମମାନଙ୍କରେ ପଲ୍ଲୀସଭା ଅନୁଷ୍ଠିତ ହୋଇ ପାରି ନାହିଁ। କେବଳ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତବାସୀ ଙ୍କ ଅଗୋଚରରେ ନିଜ ଇଚ୍ଛା ମୁତାବକ ପ୍ରକଳ୍ପ ଦିଆଯାଉଥିବାର ଅଭିଯୋଗ ହୋଇ ଆସୁଛି। ଏହା ବାଦ୍ ପ୍ରତି ଗ୍ରାମ ମାନଙ୍କରେ କ୍ରମାନ୍ନୟରେ ହିତାଧିକାରୀ ଚୟନ କରା ନ ଯାଇ କେବଳ ନିର୍ଦ୍ଦିଷ୍ଟ ରାଜନୈତିକ ପୃଷ୍ଠପୋଷକ ବ୍ୟକ୍ତିମାନେ ହି ଏହି କାର୍ଯ୍ୟ କରୁଥିବା ଯୋଗୁଁ ଅସନ୍ତୋଷ ବଢ଼ି ଚାଲିଛି। କେବଳ ସରକାରଙ୍କ ଗାଇଡଲାଇନ ଅନୁଯାଇ ଗାନ୍ଧି ଜୟନ୍ତୀ ଓ ସ୍ୱାଧୀନତା ଦିବସ ଅବସରରେ ରାଜ୍ୟର ପ୍ରତି ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା କରାଯିବା ସହିତ ପ୍ରକଳ୍ପ ଗୁଡ଼ିକର ସିଦ୍ଧାନ୍ତ ନିଆଯିବା ର ସରକାରୀ ବ୍ୟବସ୍ଥା ରହିଛି। ଏଥିପାଇଁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଏକ ଡେଙ୍ଗୁରା ଦିଆ ଯିବାର ବ୍ୟବସ୍ଥା ରହିଥିଲେ ମଧ୍ୟ ଡେଙ୍ଗୁରା ନ ଦେବା ଯୋଗୁଁ କୌଣସି ଗ୍ରାମବାସୀ ଜାଣି ନଥିବା ପ୍ରକାଶ କରିଛନ୍ତି। ଏଥିପାଇଁ ଜନ ସାଧାରଣଙ୍କ ମଧ୍ୟରେ ଅସନ୍ତୋଷର ଦାନା ବାନ୍ଧିବାରେ ଲାଗିଛି।

## ଲାଞ୍ଜିଗଡ଼ରେ ଭିମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



**ଲାଞ୍ଜିଗଡ଼,୨୫।୮ (ସଂଚାର ବ୍ୟୁରୋ):** ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରରେ ଆଜି ବ୍ଲକ ପ୍ରଶାସନ, ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗର ମିଳିତ ଆନୁକୂଲ୍ୟରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି।ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥିଭାବେ ଲାଞ୍ଜିଗଡ଼ ପଞ୍ଚାୟତ ସମିତି ଅଧ୍ୟକ୍ଷା କମଳା ପାତ୍ର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାୟକ, ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀ ରୁଷିଆ ମେହେର ପ୍ରମୁଖ ମଞ୍ଚାସିନ ଥିଲେ। ଶିବିରକୁ ଆସିଥିବା ସମସ୍ତ ଭିନ୍ନକ୍ଷମ ଭାଇଭଉଣୀଙ୍କୁ ଆଶ୍ୱସନା ଦେବା ସହିତ ସରକାରୀ ସୁବିଧାର ସୁଯୋଗ ନେବା ପାଇଁ ସମସ୍ତ ଯୋଜନା ଉପରେ ଆଲୋକପାତ କରିଥିଲେ। ଏହି ସାମର୍ଥ୍ୟ ଶିବିରରେ ସମୁଦାୟ ୨୩୯ ଜଣ ନିଜ ନାମ ପଞ୍ଜିକରଣ କରିଥିଲେ। ଏହି ଶିବିରରେ ଅସ୍ଥି ଶଲ୍ୟ ବିଶେଷଜ୍ଞ ଡା.ଏସ. ପି. ସରାବନ,ମାନସିକ ରୋଗ ବିଶେଷଜ୍ଞ ଡା.ଅନନ୍ତ ଚରଣ ମେହେର, ନାକ, କାନ, ଗଳା ରୋଗ ବିଶେଷଜ୍ଞ ଡା.ସନତ କୁମାର ଶତପଥୀ, ଚକ୍ଷୁ ରୋଗ ବିଶେଷଜ୍ଞ ଡା.ନିବେଦିତା ମହାରଣା, ଟେଲି ଟେକ୍ନିସିଆନ ନିବେଦିତା ସାହୁ, କ୍ଲିନିକାଲ୍ ମନୋବିଜ୍ଞାନୀ ଅନାୟତ ମହମ୍ମଦ, ଶ୍ରବଣ ପରୀକ୍ଷା ବିଶେଷଜ୍ଞ ଆରାଧନା ବେହୁରା, ମୋବିଲିଟି ପ୍ରଶିକ୍ଷକ ନିବାସ ଚନ୍ଦ୍ର ସାହୁ, ଫିଜିଓଥେରାପି ବିଶେଷଜ୍ଞ ଡା.ପ୍ରଣବ କୁମାର ମେହେର, କୃତ୍ରିମ ଅଙ୍ଗ ବିଶେଷଜ୍ଞ ଡା. ରାଜଶ୍ରୀ ପ୍ରିୟଦର୍ଶିନୀ, ଜିଲ୍ଲା ଦିବ୍ୟାଙ୍ଗ ସହାୟକ ଶେଷଦେବ ନାଏକ, ବ୍ୟକ୍ତିଗତ ସହାୟକ ଲକ୍ଷ୍ୟପତି ପୂଜାରୀ, ଡାଟା ଏଣ୍ଟ୍ରି ଅପରେଟର ଆଶୁତୋଷ ପ୍ରଧାନ,ସହାୟକ କର୍ମଚାରୀ ରୋହିତ ଗୌଡ଼ ପ୍ରମୁଖ ଉପସ୍ଥିତ ରହି ଭିନ୍ନକ୍ଷମ ମାନଙ୍କ ସ୍ୱାସ୍ଥ୍ୟ ପରିକ୍ଷା କରିଥିଲେ।